


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-248 ♦SATURDAY ♦07 MARCH 2026 ♦PAGE-12 ♦₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୨୪୮ •ଶନିବାର •୦୭ ମାର୍ଚ୍ଚ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


## ଇରାନକୁ ଆମେରିକାର ଚେତାବନୀ

# ଆତ୍ମସମର୍ପଣ ହିଁ ଶେଷ ରାସ୍ତା

■ ୱାଶିଂଟନ, ୬।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା-ଇସ୍ରାଏଲ ଆରମ୍ଭ କରିଥିବା ଯୁଦ୍ଧ ଥମିବାର ନା ଧରୁନି। ଇରାନ ଉପରେ ଦୁଇ ଦେଶ କ୍ରମାଗତ ଭାବେ ଆକ୍ରମଣ କରି ଚାଲିଛନ୍ତି। ଅସ୍ତ୍ରଶସ୍ତ୍ର ଭଣ୍ଡାରଠାରୁ ନେଇ ରାଷ୍ଟ୍ରପତି ଭବନକୁ ବି ଇସ୍ରାଏଲ ଛାଡୁନାହିଁ। ମାତ୍ର ଇରାନ ଏହି ଦୁଇ ଦେଶକୁ ଦୃଢ଼ ଜବାବ ଦେଉଛି। ମଧ୍ୟାପ୍ରାଚ୍ୟର ବିଭିନ୍ନ ଦେଶରେ ଥିବା ଆମେରିକାର ସେନା ଘାଟୀକୁ ନିଶାଣ କରି ତୁହାକୁ ତୁହା ଆକ୍ରମଣ ଜାରି ରଖିଛି। ଏଭଳି ଆକ୍ରମଣ ଉପସାଗରୀୟ ଦେଶ ଗୁଡ଼ିକ ପାଇଁ ସୁରକ୍ଷା ସଙ୍କଟ ସୃଷ୍ଟି କରିଛି। ବିଶ୍ୱରେ ଶକ୍ତି ସୁରକ୍ଷା ଘନଉ ଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସ୍ଥିର ହୋଇଯାଇଛନ୍ତି। ଇରାନ ଆକ୍ରମଣ ପାଇଁ ନିଜ ଦେଶରେ ବିରୋଧର ସମ୍ମୁଖୀନ ହେଉଥିବା ଟ୍ରମ୍ପଙ୍କୁ ଉପସାଗରୀୟ ଦେଶ ଗୁଡ଼ିକ ବି ଭରସା କରିପାରୁ ନାହାନ୍ତି। ଏହି ଦେଶ ଗୁଡ଼ିକ ଆମେରିକାର କ୍ଷମତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସୁରକ୍ଷା ପ୍ରତିଶ୍ରୁତି ଦେଇଥିବା ୱାଶିଂଟନ ଏବେ ଇରାନ ଆକ୍ରମଣରେ ନୟାନ୍ତ ହୋଇଯାଇଛି। ଉପସାଗରୀୟ ଦେଶର ସୁରକ୍ଷା କରିବା ପରିବର୍ତ୍ତେ ହାତ ଟେକି ଦେଇଛି। ତେଣୁ ଏହି ଦେଶ ଗୁଡ଼ିକ ଆମେରିକାକୁ ଭରସା କରିପାରୁ ନାହାନ୍ତି। ଏହି ଦେଶ ଯୁଦ୍ଧ ବନ୍ଦ ପାଇଁ ଆମେରିକା ଉପରେ ଚାପ ପକାଇ ଚାଲିଛନ୍ତି। ଯଦି ଯୁଦ୍ଧ ତୁରନ୍ତ ବନ୍ଦ ନ ହୁଏ ତେବେ ଉପସାଗରୀୟ ଦେଶଗୁଡ଼ିକ ଉପରୁ ବିଶ୍ୱବାସୀ ଆସ୍ଥା ହରାଇ ଦେବେ। ଇରାନ ବିରୋଧରେ ଟ୍ରମ୍ପଙ୍କ ଯୁଦ୍ଧ ନିଷ୍ପତ୍ତିକୁ ପୂର୍ବରୁ ସିନେଟ୍ ସମର୍ଥନ ଦେଇଥିବା ବେଳେ ୟୁଏସ୍ କଂଗ୍ରେସ ମଧ୍ୟ ଏହି ନିଷ୍ପତ୍ତିକୁ କାଏମ ରଖିଛି।



### ▶ ଖାମନେଇଙ୍କ ପୁଅ ଗ୍ରହଣୀୟ ନୁହେଁ; ଶୀର୍ଷ ନେତା ମନୋନୟନରେ ଆମେରିକାର ଭୂମିକା ଜରୁରୀ

### ▶ ଇରାନ ବିରୋଧରେ ଟ୍ରମ୍ପଙ୍କ ଯୁଦ୍ଧ ନିଷ୍ପତ୍ତି ସପକ୍ଷରେ ସିନେଟ୍ ଓ ୟୁଏସ୍ କଂଗ୍ରେସ

ଅନ୍ୟପକ୍ଷରେ ଇରାନର ଶୀର୍ଷ ନେତୃତ୍ୱ ପଦରେ ଖାମନେଇଙ୍କ ପୁଅକୁ ଆମେରିକା ଅଗ୍ରାହ୍ୟ କରିଛି। ଟ୍ରମ୍ପ କହିଛନ୍ତି ଯେ ମୋ ବିନା ଇରାନ ନୂଆ ସର୍ବୋଚ୍ଚ ନେତା ବାଛିବା ଅନୁଚିତ। ଏପରି କହି ସେ ପୁଣିଥରେ ଇରାନକୁ ଧମକ ଦେଇଛନ୍ତି। ଅସ୍ତ୍ରବିରତି ପାଇଁ କହିବା ସହିତ ଆତ୍ମସମର୍ପଣ କର; ନଚେତ ମର ବୋଲି ଇରାନ ସେନା ଆଇଆରଜିସିକୁ ଟ୍ରମ୍ପ କହିବା ସହ ସ୍ଥଳ ଅଭିଯାନ ଆରମ୍ଭ କରିବାକୁ ମଧ୍ୟ ଚେତାବନୀ ଦେଇଛନ୍ତି। ମାତ୍ର ଟ୍ରମ୍ପଙ୍କ ଏହି ଧମକରେ ଇରାନ ଡରି ଯାଇନାହିଁ। ଯୁଦ୍ଧ ଆମେ ଆରମ୍ଭ କରିନୁ; ତେଣୁ ବନ୍ଦ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ଇରାନ ବିଦେଶମନ୍ତ୍ରୀ ଆବାସ ଅରାଗଛି କହିଛନ୍ତି। ସେ କହିଛନ୍ତି ଆମେ ଯେତେବେଳେ ଆଲୋଚନା ପାଇଁ ପ୍ରସ୍ତୁତ ଥିଲୁ, ସେତେବେଳେ ଟ୍ରମ୍ପ ▶ପୃଷ୍ଠା-୭

## ରାଇସିନା ଡାଇଲଗରେ ଇରାନ ଉପ-ବିଦେଶମନ୍ତ୍ରୀଙ୍କ ରଣହୁଙ୍କାର

# ଶେଷ ଗୁଳି ପର୍ଯ୍ୟନ୍ତ ଲଢ଼ିବୁ

■ ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଯୁଦ୍ଧ ମଧ୍ୟରେ ଦିଲ୍ଲୀରେ ଜାରି 'ରାଇସିନା ଡାଇଲଗ୍-୨୦୨୬'ରେ ସାମିଲ ହୋଇଛନ୍ତି ଇରାନ ଉପ ବିଦେଶମନ୍ତ୍ରୀ ସୈଇଦ ଖତିବଜାଦେହ। ସେ ଭାରତରୁ ରଣ ହୁଙ୍କାର ଦେଇ ଆମେରିକା ଉପରେ ବର୍ଷିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତୀବ୍ର ନିନ୍ଦା କରିଛନ୍ତି। ଶେଷ ଗୁଳି ଥିବା ପର୍ଯ୍ୟନ୍ତ ଇରାନ ଲଢ଼ିବ ବୋଲି ସେ ଦମ୍ଭ ଦେଖାଇଛନ୍ତି। ଦେଶର ସର୍ବୋଚ୍ଚ ନେତା ଚୟନରେ ହସ୍ତକ୍ଷେପ ଚାହୁଁଥିବା ଟ୍ରମ୍ପଙ୍କୁ ମଧ୍ୟ କଡ଼ା ବାର୍ତ୍ତା ଦେଇଛନ୍ତି। ନ୍ୟୁୟର୍କ ମେୟର ନିଯୁକ୍ତି କରିପାରୁ ନ ଥିବା ବ୍ୟକ୍ତି ଇରାନ କେମିତି ବାଛିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଖତିବଜାଦେହ କହିଛନ୍ତି ଯେ ଆମେରିକା-ଇସ୍ରାଏଲ ବିରୋଧରେ ଦେଶ ସାହସର ସହ ଲଢ଼ିବ। ଏହା ବ୍ୟତୀତ ଦେଶ ପାଖରେ ଆଉ କୌଣସି ବିକଳ୍ପ ନାହିଁ। ଦେଶରେ ଶେଷ ସୈନିକ ଏବଂ ଗୁଳି ଥିବା ପର୍ଯ୍ୟନ୍ତ ଲଢ଼ିବାକୁ ଆମେ ଶପଥ ନେଇଛୁ।



> "ନ୍ୟୁୟର୍କ ମେୟର ନିଯୁକ୍ତ କରିପାରୁ ନଥିବା ଟ୍ରମ୍ପ ଆମ ନେତା କେମିତି ବାଛିବେ"

ଟ୍ରମ୍ପଙ୍କୁ ନେଇ ଇରାନ ଉପବିଦେଶମନ୍ତ୍ରୀ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ନେତୃତ୍ୱ ପରିବର୍ତ୍ତନ କଥା ବାରମ୍ବାର କହି ଚାଲିଛନ୍ତି। ମାତ୍ର ସେ ନ୍ୟୁୟର୍କ ମେୟରଙ୍କୁ ବି ନିଯୁକ୍ତି କରିପାରୁନାହାନ୍ତି। ଏହା ଟ୍ରମ୍ପଙ୍କ ଉପନିବେଶବାଦର ଛବିକୁ ଦର୍ଶାଉଛି। ସେ ନିଜ ଦେଶର ଗଣତନ୍ତ୍ର କଥା କହୁଛନ୍ତି, କିନ୍ତୁ ଇରାନର ଗଣତାନ୍ତ୍ରିକ ସରକାର ଭୁଶୁଡ଼ାଇବାକୁ ଚାହୁଛନ୍ତି। ଏବେ ଇରାନ ସମ୍ପୂର୍ଣ୍ଣ ଯୁଦ୍ଧ ସ୍ଥିତି ଦେଇ ଗତି କରୁଛି। ଇରାନ ନାଗରିକଙ୍କ ଉପରେ ଆମେରିକା ଏବଂ ଇସ୍ରାଏଲ କ୍ରମାଗତ ଭାବେ ଆକ୍ରମଣ କରି ଚାଲିଛନ୍ତି। ଆକ୍ରମଣକାରୀଙ୍କୁ ସମ୍ପୂର୍ଣ୍ଣ କ୍ଷମତାର ସହ ଜବାବ ଦେଉ ବୋଲି ମୁଁ ଚାହୁଁଛି। ଯଦି କୌଣସି ଦେଶ ଅନ୍ୟ ଦେଶର ସର୍ବୋଚ୍ଚ ନେତାଙ୍କୁ ହତ୍ୟା କରେ ଏବଂ ଏହାର ସାଧାରଣ ପ୍ରକ୍ରିୟା ପାଲଟି ଯାଏ, ତେବେ ଦେଶ ଦେଶ ▶ପୃଷ୍ଠା-୭

# ବିକଶିତ ଓଡ଼ିଶା ଗଠନର ନୂତନ ଅଧ୍ୟାୟ ଆରମ୍ଭ: ଶାହ

## ସମବାୟ ନୀତି କାର୍ଯ୍ୟକାରିତାରେ ଓଡ଼ିଶା ପ୍ରଥମ ରାଜ୍ୟ



■ ଭୁବନେଶ୍ୱର, ୬।୩ (ସମିସ): ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ। ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ଏବଂ ଜାତୀୟ ସୁରକ୍ଷା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି । ଏହାସହ ପାରାଦ୍ୱୀପରେ ଇଫ୍‌କୋ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଲୋକାର୍ପଣ ସହ ୩୨୭୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଶ୍ରୀ ଶାହା ବଡ଼ମ୍ବା ଓ ନୟାଗଡ଼ ଚିନିକଳର ପୁନରୁଦ୍ଧାର ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟର

**୩୨୭୫ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର**

ବିଭିନ୍ନ ଜିଲ୍ଲାରେ ସାଇବର ଥାନାର ଶୁଭ ଉଦ୍‌ଘାଟନ ସହ ଓଡ଼ିଶାରେ ଫରେନ୍ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟ ଶିଳାନ୍ୟାସ କରିଛନ୍ତି ।

ଏହି ଅବସରରେ ଶ୍ରୀ ଶାହା କହିଛନ୍ତି ଯେ ଆଗାମୀ ▶ପୃଷ୍ଠା-୭


## ନେପାଳ ନିର୍ବାଚନରେ ଓଲିଙ୍କୁ ଝଟ୍‌କା

# ବାଲେନ୍ ଶାହାଙ୍କ ଆର୍‌ଏସ୍‌ପି ଆଗରେ

■ କାଠମାଣ୍ଡୁ, ୬।୩ (ଏଜେନ୍ସି): ନେପାଳ ସାଧାରଣ ନିର୍ବାଚନରେ ଫଳାଫଳ ଚକିତ କରିଦେଇଛି। ମାତ୍ର ୪ ବର୍ଷ ତଳେ ୨୦୨୨ରେ ଗଠନ ହୋଇଥିବା ଦଳ ସରକାର ଗଠନ ଦିଗରେ ଅଗ୍ରସର ହେଉଛି। ର୍‌ୟାପର ତଥା କାଠମାଣ୍ଡୁ ମେୟର ବାଲେନ ଶାହାଙ୍କ ଏହି ଦଳ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ନେତୃତ୍ୱ ନେଉଛନ୍ତି। ବିଳମ୍ବିତ ରାତି ସୁଦ୍ଧା ଭୋଟ ଗଣତି ଜାରି ରହିଥିବାବେଳେ ୧୬୫ରୁ ୧୫୦ ଆସନର ଫଳାଫଳ ଆସି ସାରିଛି। ଏଥିରୁ ୧୧୧ଟି ଆସନରେ ଆରଏସପି ଆଗୁଆ ରହିଛି। ବାଲେନ ଶାହା ଦେଶର ନୂଆ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ସେହିପରି ଗଗନ ଥାପାଙ୍କ ପାର୍ଟି ନେପାଳ କଂଗ୍ରେସ ୧୦ ସିଟ୍‌ରେ ଆଗୁଆ ଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ବିରୋଧୀ ▶ପୃଷ୍ଠା-୭

## ୟୁପିଏସ୍‌ସି ପରୀକ୍ଷା ଫଳ

# ଦେଶରେ ଅନୁଜ, ରାଜ୍ୟରେ ସାତ୍ତ୍ୱିକ୍ ଟପ୍ପର



ଅନୁଜ | ସାତ୍ତ୍ୱିକ୍

■ ଭୁବନେଶ୍ୱର, ୬।୩(ସମିସ): କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପରିଚାଳିତ ସିଭିଲ୍ ସର୍ଭିସ୍ ପରୀକ୍ଷା (ସିଏସ୍‌ଇ) ୨୦୨୫ ପରୀକ୍ଷା ଫଳ ପ୍ରକାଶ ପାଇଛି। ମୋଟ୍ ୯୫୮ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ସର୍ବଭାରତୀୟ ସ୍ତରରେ ଅନୁଜ ଅଗ୍ନିହୋତ୍ରୀ ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ରାଜେଶ୍ୱରୀ ସୁଭେ, ତୃତୀୟରେ ଅକାଂଶ ଧୂଲ୍, ଚତୁର୍ଥରେ ଇଶାନ ଭଟ୍ଟନାଗର, ପଞ୍ଚମରେ ଜିନିଆ ଅରୋରା ପ୍ରମୁଖ ସ୍ଥାନ ପାଇଛନ୍ତି। ସେହିପରି ଓଡ଼ିଶାର ସାତ୍ତ୍ୱିକ୍ ସତ୍ୟକାମ ଦେବତା ସର୍ବଭାରତୀୟ ସ୍ତରରେ ୧୦୦ତମ ସ୍ଥାନ ସହିତ ରାଜ୍ୟ ଟପ୍ପର ହୋଇଥିବାବେଳେ ରାଜ୍ୟରୁ ପ୍ରାୟ ୧୩ ଜଣ ପରୀକ୍ଷାର୍ଥୀ ମେଦା ତାଲିକାରେ ସ୍ଥାନ ପାଇଛନ୍ତି।


**ମାଧାବୀ ତାଲିକାରେ ଓଡ଼ିଶାରୁ ୧୩ ପରୀକ୍ଷାର୍ଥୀ**

ଏମ୍‌ସ ଯୋଧପୁରରୁ ଏମ୍‌ବିବିଏସ୍ କରିଥିବା ଅନୁଜ ତାଙ୍କର ତୃତୀୟ ପ୍ରୟାସରେ ଏହି ସଫଳତା ପାଇଛନ୍ତି। ସମ୍ପ୍ରତି ସେ ଦିଲ୍ଲୀ, ଆଣ୍ଡାମାନ ଓ ନିକୋବର ସିଭିଲ ସର୍ଭିସ୍ ପ୍ରୋବେସନର ଭାବେ କାର୍ଯ୍ୟରତ ଅଛନ୍ତି। ରାଜସ୍ଥାନର ମୂଳ ନିବାସୀ ଅନୁଜ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ୨୦୨୩ ମସିହାରେ ଏମ୍‌ବିବିଏସ୍ ସାରିବା ପରେ ୟୁପିଏସ୍‌ସି ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସେଠାରୁ ଏବେ ମଧ୍ୟରେ ତୃତୀୟ ପ୍ରୟାସରେ ଏହି ସଫଳତା ଅର୍ଜନ କରିଛନ୍ତି। ସିଭିଲ୍ ସର୍ଭିସ୍ ବାଛିବା ସମ୍ପର୍କରେ ସେ କହିଛନ୍ତି ଯେ ଏହି କାମର ସ୍ୱଭାବ ଭିନ୍ନ ରହିଛି। ସିଭିଲ୍ ସର୍ଭିସ୍ ଚାକିରିରେ ବିଭିନ୍ନ ପ୍ରକାର ଦାୟିତ୍ୱ ଓ ଶାସନ ବ୍ୟବସ୍ଥାର ଅନେକ କ୍ଷେତ୍ରରେ କାମ କରିବାର ସୁଯୋଗ ମିଳିପାରୁ ଥିବାରୁ ସେ ଆକୃଷ୍ଟ ହୋଇଥିଲେ ବୋଲି କହିଛନ୍ତି।

ଅନୁରୂପ ଭାବେ ଓଡ଼ିଶାରୁ ପ୍ରାୟ ୧୩ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ୧୦୦ତମ ସ୍ଥାନରେ ଥିବା ସାତ୍ତ୍ୱିକ୍ ସତ୍ୟକାମ ଦେବତା ଓଡ଼ିଶା ଗବେଷଣା ଓ ବୈଷୟିକ ବିଶ୍ୱବିଦ୍ୟାଳୟ ▶ପୃଷ୍ଠା-୭

## ଆସାମରେ ସୁଖୋଇ-୩୦ ଦୁର୍ଘଟଣାଗ୍ରସ୍ତ

# ବାୟୁସେନାର ଦୁଇ ପାଇଲଟ୍ ସହିଦ



■ ଗୌହାଟୀ,୬।୩(ଏଜେନ୍ସି): ଆସାମର କାର୍ବି ଅଙ୍ଗଲଙ୍ଗ ଅଞ୍ଚଳରେ ଭାରତୀୟ ବାୟୁସେନାର ଏକ ଏସ୍‌ୟୁ- ୩୦ଏମ୍‌କେଆଇ ଯୁଦ୍ଧ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏହି ଦୁର୍ଘଟଣାରେ ଦୁଇଜଣ ପାଇଲଟ ସ୍କ୍ୱାଡ୍ରନ ଲିଡର ଅନୁଜ ଏବଂ ଫ୍ଲାଇଟ୍ ଲେଫ୍ଟନାଣ୍ଟ ପୂର୍ବେଶ ଦୁରାଗକର ସହିଦ ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଯୋରହାଟ୍‌ରୁ ଉଡ଼ାଣ ଭରିବା କିଛି ସମୟମଧ୍ୟରେ ବିମାନଟି ରାଡ଼ାରରୁ ନିଖୋଜ ହୋଇଥିଲା। ଶେଷଥର ପାଇଁ ଯୋରହାଟ୍‌ରୁ ୬୦ କିମି ଦୂରରେ ଏହାର ସଙ୍କେତ ମିଳିଥିଲା। ଏକ ନିୟମିତ ତାଲିମ ମିଶନରେ ବାହାରି ଥିବା ବେଳେ ଏହି ବିମାନଟି ରାତି ପ୍ରାୟ ୭.୪୨ ସମୟରେ ଗ୍ରାଉଣ୍ଡ କଣ୍ଟ୍ରୋଲ ସହ ସମ୍ପର୍କ ହରାଇଥିଲା। ଶୁକ୍ରବାର ସକାଳେ ବାୟୁସେନାର ଦୁଇ ପାଇଲଟଙ୍କ ମୃତ୍ୟୁ ଖବର ନିଶ୍ଚିତ କରାଯାଇଛି। ଉଭୟ ପାଇଲଟଙ୍କ ମୃତଦେହ ଉଦ୍ଧାର କରାଯାଇଛି।

ବାୟୁସେନା ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ସେମାନଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇଛୁ ବୋଲି କହିଛି। ସୂଚନାଯୋଗ୍ୟ ଯେ, ସୁଖୋଇ ଏସ୍‌ୟୁ-୩୦ଏମ୍‌କେଆଇ ହେଉଛି ଭାରତୀୟ ବାୟୁସେନାର ଅନ୍ୟତମ ଶକ୍ତିଶାଳୀ ଆଗଧାଡ଼ିର ଯୁଦ୍ଧ ବିମାନ। ବର୍ତ୍ତମାନ ଭାରତୀୟ ବାୟୁସେନା ପାଖରେ ଏହି ଶ୍ରେଣୀର ପ୍ରାୟ ୨୦୦ରୁ ଅଧିକ ବିମାନ ରହିଛି। ଏହି ବିମାନ ଅତ୍ୟନ୍ତ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ଗତ କିଛି ବର୍ଷ ମଧ୍ୟରେ ଅନେକ ଦୁର୍ଘଟଣାର ସମ୍ମୁଖୀନ ହୋଇଛି।

# ଏପ୍ରିଲ ପହିଲାରୁ ଓଡ଼ିଶାରେ ଏସ୍‌ଆଇଆର୍

■ ଭୁବନେଶ୍ୱର, ୬।୩ (ସମିସ): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ୨୦୨୬ କାର୍ଯ୍ୟକ୍ରମ ଏପ୍ରିଲ ପହିଲାରୁ ଆରମ୍ଭ ହେବ। ଏହି ସମୟରେ ୨୦୦୨ ମସିହାର ଭୋଟର ତାଲିକା ସହିତ ମ୍ୟାପିଂ କରାଯାଇ ଭୋଟରମାନଙ୍କ ନାମ ବୈଧୀକରଣ କରାଯିବ। ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ୨୦୦୨ ଭୋଟର ତାଲିକାକୁ ଏକ ମୂଳ ଆଧାର (ବେସ୍‌ଲାଇନ) ଭାବେ ବ୍ୟବହାର କରି ୨୦୨୫ ଭୋଟର ତାଲିକା ସହିତ ମ୍ୟାପିଂ କରାଯିବ ଓ ମ୍ୟାପିଂ ସମୟରେ ଭୋଟରଙ୍କ ନାମ, ସମ୍ପର୍କୀୟଙ୍କ ନାମ, ବୟସ/ଜନ୍ମତାରିଖ, ମତଦାନ କେନ୍ଦ୍ର, ଭାଗ ସଂଖ୍ୟା ଓ ଏପିକ୍ ବିବରଣୀ ମିଳାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପାଳନ୍ କହିଛନ୍ତି।

**୨୦୦୨ ଭୋଟର ତାଲିକା ସହ ହେବ ମ୍ୟାପିଂ**

**୯୫ ପ୍ରତିଶତ ମ୍ୟାପିଂ ଲକ୍ଷ୍ୟ ରଖିଛନ୍ତି ସିଇଓ**

ଏହି ପ୍ରକ୍ରିୟାରେ ବୁଥ ସ୍ତରୀୟ ଅଧିକାରୀମାନେ କ୍ଷେତ୍ରସ୍ତରରେ ସହାୟତା କରିବେ ଏବଂ ଇସିଆଇନେଟ (ଇସିଆଇନେଟ୍) ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ୍, ସିଇଓ ଓଡ଼ିଶା ୱେବସାଇଟ୍ ଓ ଇସିଆଇନେଟ୍ ମୋବାଇଲ୍ ଆପ୍ ମାଧ୍ୟମରେ ଭୋଟରମାନେ ତଥ୍ୟ ଯାଞ୍ଚ କରିପାରିବେ। ନାଗରିକମାନଙ୍କୁ ନିଜ ନାମ ▶ପୃଷ୍ଠା-୭






# ମଧ୍ୟପ୍ରାଚ୍ୟ ଅସ୍ଥିରତା: ଟଙ୍କା ଦୁର୍ବଳ, ତେଲ ସଙ୍କଟ

## ବଜାରକୁ ୧.୧୦ ଲକ୍ଷ କୋଟି ଛାଡ଼ିଲା ଆର୍‌ବିଆଇ



■ ନୂଆଦିଲ୍ଲୀ,୬।୩ (ଏଜେନ୍ସି): ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଭାରତୀୟ ମୁଦ୍ରା ଟଙ୍କା ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ତଥାପି, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଟଙ୍କା ମୂଲ୍ୟରେ ଆହୁରି ଅଧିକ ହ୍ରାସକୁ ରୋକିବା ଲାଗି ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଆର୍‌ବିଆଇ ଏହି ସପ୍ତାହରେ ବଜାରକୁ ପ୍ରାୟ ୧୨ ବିଲିୟନ (ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କା) ଛାଡିଛି। ସୂଚନାନୁଯାୟୀ , ରିଜର୍ଭ ବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଡଲାର ବିକ୍ରି କରି ଟଙ୍କାର ହ୍ରାସକୁ ରୋକିବାକୁ ଚେଷ୍ଟା କରିଛି। ଆଜିର କାରବାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୬ ପଇସା ହ୍ରାସ ଘଟି ୯୧.୭୦ ଟଙ୍କାରେ ବନ୍ଦ ହୋଇଛି।

ଇରାନ ଉପରେ ଇସ୍ରାଏଲ ଏବଂ ଆମେରିକାର ଆକ୍ରମଣର ୭ମ ଦିନରେ ପହଞ୍ଚିଛି। ଏହି ଆକ୍ରମଣ ପରେ ଇରାନ ୟୁଏଇ ସମେତ ଅନେକ ଉପସାଗରୀୟ ଦେଶରେ ବଡ଼ ଧରଣର କ୍ଷୟକ୍ଷତି ହୋଇଛି। ଫଳସ୍ୱରୂପ, ମଧ୍ୟପ୍ରାଚ୍ୟରେ ଏହି ଉତ୍ତେଜନା ବିଶ୍ୱ ବଜାରରେ ପ୍ରତିଫଳିତ ହେଉଛି। ଯୁଦ୍ଧ ଯୋଗୁଁ ▶ପୃଷ୍ଠା-୭

## ଆମେରିକା ଦେଲା ଅନୁମତି: ରୁଷ୍‌ରୁ ତେଲ କିଣିବ ଭାରତ

■ ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧିର ସଙ୍କଟର ବର୍ତ୍ତମାନ ପାଇଁ ସମାଧାନ ହୋଇଛି। କାରଣ ଭାରତ ରୁଷରୁ ଅଶୋଧିତ ତୈଳ କ୍ରୟ ପାଇଁ ଆମେରିକାଠାରୁ ଏକ ସର୍ତ୍ତମୂଳକ ଛାଡ ପାଇଛି। ଆମେରିକାର ଟ୍ରେଜେରୀ ବିଭାଗ ଭାରତୀୟ ରିଫାଇନାରୀଗୁଡ଼ିକୁ ୩୦ ଦିନର ସ୍ୱତନ୍ତ୍ର ଲାଇସେନ୍ସ ପ୍ରଦାନ କରିଛି, ଯାହା ଏପ୍ରିଲ ୩ପର୍ଯ୍ୟନ୍ତ ବୈଧ। ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ ଆଜି କହିଛନ୍ତି ଯେ ଏହି ଅସ୍ଥାୟୀ ପଦକ୍ଷେପ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଶକ୍ତି ଏଜେଣ୍ଡାର ଏକ ଅଂଶ। ଯେହେତୁ ଭାରତ ଆମେରିକାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଏବଂ ବିଶ୍ୱ




ବଜାରରେ ସ୍ଥିର ତୈଳ ଯୋଗାଣ ବଜାୟ ରଖିବା ପାଇଁ ଏହି ଛାଡ ଦିଆଯାଇଛି। ଇରାନ୍ ଯୁଦ୍ଧ ପରିପ୍ରେକ୍ଷୀରେ ▶ପୃଷ୍ଠା-୭

## ଶାନ୍ତି ପାଇଁ ସୁଯୋଗ ଦିଆଯାଉ: ଜାତିସଂଘ

ନ୍ୟୁୟର୍କ, ୬।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧର ବିଭୀଷିକା ଓ ସଂଘର୍ଷକୁ ନେଇ ମିଳିତ ଜାତିସଂଘର ମାନବାଧିକାର ମୁଖ୍ୟ ଭୋଲକର ତୁର୍କ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ସଂଘର୍ଷରତ ଥିବା ସବୁ ଦେଶଗୁଡ଼ିକୁ ଉତ୍ତେଜନା ହ୍ରାସ କରି ଶାନ୍ତି ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଛନ୍ତି। ତୁର୍କ କହିଛନ୍ତି ଯେ ବର୍ତ୍ତମାନର ଏହି ଅଗ୍ନି ସଦୃଶ ସଂଘର୍ଷକୁ ନିୟନ୍ତ୍ରଣ କରିବା ଏବଂ ଲିଭାଇବା ପାଇଁ ବିଶ୍ୱକୁ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ ସଂଘର୍ଷ କମିବା ପରିବର୍ତ୍ତେ ଆମେ କେବଳ ଉତ୍ତେଜନାମୂଳକ ଭାଷଣ, ବୋମା ବିସ୍ଫୋରଣ, ବିନାଶ, ହତ୍ୟା ଓ ଯୁଦ୍ଧ ବଢ଼ାଇବା ଘଟଣା ଦେଖୁଛୁ। ସେ ସଂଘର୍ଷରତ ସବୁ ଦେଶଗୁଡ଼ିକୁ ତୁରନ୍ତ ଯୁଦ୍ଧ ଉନ୍ମାଦନା କମାଇବା ଓ ଶାନ୍ତି ପାଇଁ ଗୋଟିଏ ସୁଯୋଗ ଦେବାକୁ ନିବେଦନ କରିଛନ୍ତି। ସେହିପରି ସେ ଅନ୍ୟ ଦେଶଗୁଡ଼ିକୁ ସ୍ପଷ୍ଟ ଭାବେ କହିଛନ୍ତି ଯେ ସେମାନେ ସଂଘର୍ଷରେ ଜଡ଼ିତ ପକ୍ଷମାନଙ୍କୁ ଯୁଦ୍ଧରୁ ନିବୃତ୍ତ ରହିବା ପାଇଁ ସ୍ପଷ୍ଟ ଚେତାବନୀ ଦିଅନ୍ତୁ।

## ମଶହଦରେ ଖାମେନେଇଙ୍କୁ ସମାଧି ଦିଆଯିବ

ତେହେରାନ, ୬।୩(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ତାଙ୍କର ଅନ୍ତିମ ସଂସ୍କାର ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ତାଙ୍କୁ ମଶହଦ ସହରରେ ସାମାଧି ଦିଆଯିବ। ଇରାନର ସରକାରୀ ସମ୍ବାଦ ସଂସ୍ଥା 'ଫାର୍ସ' ଅନୁଯାୟୀ, ତାଙ୍କୁ ଇମାମ ରାଜାଙ୍କ ଦରଗାହ ନିକଟରେ କବର ଦିଆଯିବ। ତେବେ ସମାଧି ଦେବାର ଦିନ ଓ ତାରିଖ ଧାର୍ଯ୍ୟ ହୋଇନାହିଁ। ୧୯୩୯ରେ ଖାମେନେଇଙ୍କ ଜନ୍ମ ଏହି ସହରରେ ହୋଇଥିଲା। ଖାମେନେଇଙ୍କ ଅନ୍ତିମ ସଂସ୍କାର ପରେ ଇରାନର ପରବର୍ତ୍ତୀ ସର୍ବୋଚ୍ଚ ନେତାଙ୍କ ନାମ ଘୋଷଣା କରାଯିବ। ଇରାନର 'ଅସେମ୍ବ୍ଲି ଅଫ୍ ଏକ୍ସପର୍ଟସ' (୮୮ ଜଣିଆ ସଦସ୍ୟ ବିଶିଷ୍ଟ କମିଟି) ଦ୍ୱାରା ଏହି ଚୟନ ପ୍ରକ୍ରିୟା ଚାଲିଛି। କିଛି ରିପୋର୍ଟ ଅନୁଯାୟୀ, ଆଇଆରଜିସି ଚାପରେ ଖାମେନେଇଙ୍କ ପୁଅ ମୋଜତାବାଙ୍କୁ ପରବର୍ତ୍ତୀ ନେତା ଭାବେ ବଛାଯାଇଥିବା ଚର୍ଚ୍ଚା ହେଉଛି। ଗତ ୨୮ ତାରିଖରେ ଆମେରିକା- ଇସ୍ରାଏଲର ମିଳିତ ଆକ୍ରମଣରେ ଖାମେନେଇଙ୍କର ମୃତ୍ୟୁ ହୋଇଥିଲା।

## ଇୟୁର ବୈଠକ ବାତିଲ କିମ୍ବା ଆଭାସୀ ହେବ: ସାଇପ୍ରସ


ନୂଆଦିଲ୍ଲୀ, ୬।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଇରାନକୁ ନେଇ ଚାଲିଥିବା ଯୁଦ୍ଧ ଓ ବର୍ତ୍ତମାନର ଅସ୍ଥିରତା ଓ ସଙ୍କଟକୁ ଦୃଷ୍ଟିରେ ରଖି ସାଇପ୍ରସ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ମାର୍ଚ୍ଚ ମାସରେ ସାଇପ୍ରସରେ ହେବାକୁ ଥିବା ୟୁରୋପୀୟ ୟୁନିୟନ (ଇୟୁ)ର ସମସ୍ତ ବୈଠକ ଏବେ ଭର୍ଚୁଆଲ ଅର୍ଥାତ ଅନଲାଇନ୍ ବା ଆଭାସୀ ଭାବେ ହେବ କିମ୍ବା ସ୍ଥଗିତ ରଖାଯିବ ବୋଲି କୁହାଯାଇଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ କାରଣରୁ ବିମାନ ଚଳାଚଳରେ ବାଧା ସୃଷ୍ଟି ହୋଇଛି। ତେଣୁ ସମସ୍ତ ଅଂଶଗ୍ରହଣକାରୀ ସୁରକ୍ଷିତ ଭାବେ ଏହି ବୈଠକରେ ଯୋଗ ଦେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଥିପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଯେପରି ବାଧା ସୃଷ୍ଟି ନ ହୁଏ, ସେଥିପାଇଁ ବୈଠକଗୁଡ଼ିକୁ ଭର୍ଚୁଆଲ କିମ୍ବା ନୂତନ ତାରିଖରେ ଆୟୋଜନ କରିବାକୁ ଯୋଜନା କରାଯାଇଛି।

## ଇହୁଦି ସମ୍ପ୍ରଦାୟ ଉପରେ ଗୁଇନ୍ଦାଗିରି ସନ୍ଦେହରେ ବ୍ରିଟେନରେ ୪ ଇରାନ ଗିରଫ

ଲଣ୍ଡନ, ୬।୩(ଏଜେନ୍ସି): ଲଣ୍ଡନର ଇହୁଦି ସମ୍ପ୍ରଦାୟ ଉପରେ ଗୁଇନ୍ଦାଗିରି ଓ ସେମାନଙ୍କ ବିଭିନ୍ନ ସ୍ଥାନ ଉପରେ ନଜର ରଖିଥିବା ଅଭିଯୋଗରେ ବ୍ରିଟିଶ ପୁଲିସ ୪ ଜଣ ଇରାନୀ ମୂଳର ନାଗରିକଙ୍କୁ ଗିରଫ କରିଛି। ଏହି ୪ ଜଣଙ୍କ ମଧ୍ୟରୁ ଜଣେ ଇରାନୀ ନାଗରିକ ଏବଂ ଅନ୍ୟ ୩ଜଣ ବ୍ରିଟିଶ-ଇରାନୀ ଦ୍ୱୈତ ନାଗରିକତା ହାସଲ କରିଛନ୍ତି। ସେମାନଙ୍କ ବୟସ ୨୨ରୁ ୫୫ ବର୍ଷ ମଧ୍ୟରେ ରହିଛି। ଉତ୍ତର ଲଣ୍ଡନର ବାର୍ନେଟ ଓ ଲଣ୍ଡନଠାରୁ ୨୪ କିମି ଦୂରରେ ଥିବା ୱାଟଫୋର୍ଡ ନାମକ ସ୍ଥାନରୁ ସେମାନଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ସହଯୋଗ କରିଥିବା ଅଭିଯୋଗରେ ଆଉ ୬ ଜଣଙ୍କୁ ମଧ୍ୟ ପୁଲିସ ହେପାଜତକୁ ନେଇଛି ଓ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି। ପୁଲିସର କହିବା ଅନୁଯାୟୀ, ଏହା ଏକ ଦୀର୍ଘଦିନ ଧରି ଚାଲିଥିବା ତଦନ୍ତର ଅଂଶ। ସନ୍ଦେହ କରାଯାଉଛି ଯେ ଇହୁଦୀ ସ୍ଥାନ ଓ ବ୍ୟକ୍ତିବିଶେଷଙ୍କ ଉପରେ ଗୁଇନ୍ଦାଗିରି ମାମଲାଟି ଇରାନ ଉପରେ ହୋଇଥିବା ଆମେରିକା ଓ ଇସ୍ରାଏଲର ଆକ୍ରମଣ ପୂର୍ବରୁ ଆରମ୍ଭ ହୋଇଥିଲା।

## କାନାଡ଼ାରେ ପଞ୍ଜାବୀ ୟୁଟ୍ୟୁବର ନ୍ୟାନ୍ସି ଗ୍ରେୱାଲଙ୍କୁ ହତ୍ୟା

ନୂଆଦିଲ୍ଲୀ, ୬।୩(ଏଜେନ୍ସି): କାନାଡ଼ାରେ ଆଉ ଜଣେ ଭାରତୀୟ ହତ୍ୟାର ଶିକାର ହୋଇଛନ୍ତି। ୱିଣ୍ଡସର ସହରରେ ମଙ୍ଗଳବାର ରାତିରେ ପଞ୍ଜାବୀ ୟୁଟ୍ୟୁବର ନ୍ୟାନ୍ସି ଗ୍ରେୱାଲଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଛି। ନ୍ୟାନ୍ସିଙ୍କ ମା ଏହି ହତ୍ୟା ପଛରେ ଖଲିସ୍ତାନୀ ସମର୍ଥକ ହାତ ଥିବା ନେଇ ସନ୍ଦେହ ପ୍ରକଟ କରିଛନ୍ତି। ନ୍ୟାନ୍ସି ସାମାଜିକ ଗଣମାଧ୍ୟମରେ ନିହଙ୍ଗ ଓ ଖଲିସ୍ତାନୀ କାର୍ଯ୍ୟକଳାପକୁ ପ୍ରାୟତଃ କଡ଼ା ସମାଲୋଚନା କରୁଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ସେ ପ୍ରକୃତ ନିହଙ୍ଗମାନଙ୍କୁ ସମ୍ମାନ କରନ୍ତି, ମାତ୍ର ଅପରାଧିକ ମାନସିକତା ରଖିଥିବା ଏବଂ ଧର୍ମ ନାମରେ ଗୁଣ୍ଡାଗର୍ଦ୍ଦି କରୁଥିବା ଲୋକଙ୍କୁ ବିରୋଧ କରନ୍ତି। ସେହିପରି ଭାରତୀୟ ପତାକାକୁ ଅସମ୍ମାନ କରୁଥିବା ଖଲିସ୍ତାନୀଙ୍କୁ ସେ ଖୋଲାଖୋଲି ଭାବେ ବିରୋଧ କରୁଥିଲେ। ନ୍ୟାନ୍ସିଙ୍କ ପ୍ରକୃତ ନାମ ଥିଲା ମୋନିପ୍ରୀତ। ସେ ହରିୟାଣାର ସିରସାରେ ଜନ୍ମ ହୋଇଥିଲେ ଓ ପରେ ପରିବାର ସହ ପଞ୍ଜାବ ଚାଲିଆସିଥିଲେ। ସେ ପିଲା ଦିନରୁ ସଙ୍ଗୀତ ପ୍ରତି ଆଗ୍ରହୀ ଥିଲେ। ୨୦୧୫ରେ ସେ ନର୍ସିଂ ପଢ଼ିବାକୁ କାନାଡ଼ା ଯାଇଥିଲେ ଓ ପରେ ସେଠାରେ ସେ କାନାଡ଼ାର ନାଗରିକତା ହାସଲ କରିଥିଲେ। ସେ ବିବାହ କରିଥିଲେ ମଧ୍ୟ ଧାର୍ମିକ ମତଭେଦ ଓ ଆର୍ଥିକ ବିବାଦ କାରଣରୁ ସ୍ୱାମୀଙ୍କ ସହ ତାଙ୍କର ଛାଡ଼ପତ୍ର ହୋଇଥିଲା। ସୋସିଆଲ ମିଡ଼ିଆ ନିହଙ୍ଗମାନଙ୍କ ସହ ତାଙ୍କର ବିବାଦ ବଢ଼ିବା କାରଣରୁ ଶତ୍ରୁତା ବଢ଼ିଥିଲା ଓ ଏହା ଶେଷରେ ହତ୍ୟାର ରୂପ ନେଇଛି ବୋଲି କୁହାଯାଉଛି।



# ଥମୁନି ସଂଘର୍ଷ; ବଢୁଛି ସଙ୍କଟ

- ସପ୍ତମ ଦିନରେ ଯୁଦ୍ଧ; ଇରାନରେ ୧୩୩୨ ଜଣଙ୍କ ମୃତ୍ୟୁ
- ଇରାନରେ ୧୪ଟି ଚିକିତ୍ସା କେନ୍ଦ୍ର ସହ ୧୩୦୦ ସ୍ଥାନରେ ଆକ୍ରମଣ
- ୩୦୦ ଇରାନୀ କ୍ଷେପଣାସ୍ତ୍ର ଲଞ୍ଚର ନଷ୍ଟ
- ଅଧା ଇରାନ୍ ଅନ୍ଧାରରେ
- ୨୦ଟି ଆମେରିକୀୟ ଘାଟିରେ ଇରାନର ପାଲଟା ଆକ୍ରମଣ


ଚିନ୍ତିତ ଟ୍ରମ୍ପଙ୍କୁ ଆଶୀର୍ବାଦ ଦେଉଛନ୍ତି ପାଦ୍ରୀ

ନୂଆଦିଲ୍ଲୀ, ୬।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଆମେରିକା- ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ୭ ଦିନରେ ପହଞ୍ଚିଛି। ଏହି ଯୁଦ୍ଧ ବେଶ୍ ଭୟଙ୍କର ହେବାରେ ଲାଗିଛି। ଏହାର ନକାରାତ୍ମକ ପ୍ରଭାବ ସାରା ବିଶ୍ୱକୁ କବଳିତ କରିବାକୁ ଯାଉଛି। ପ୍ରଥମେ ଇରାନର ନେତୃତ୍ୱ ଓ ପରମାଣୁ କେନ୍ଦ୍ରକୁ ଟାର୍ଗେଟ କରି ଆରମ୍ଭ ହୋଇଥିବା ଏହି ସଂଘର୍ଷ ୧୪ଟି ଦେଶକୁ ବ୍ୟାପି ଯାଇଛି। ଇସ୍ରାଏଲ ଏବଂ ଇରାନ ଆକ୍ରମଣରେ କେବଳ ଇରାନରେ ୧୩୩୨ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଏଥିରେ ୧୬୫ ଜଣ ଛାତ୍ରୀ ଏବଂ ୨୦୦ ଶିଶୁ ସାମିଲ ଅଛନ୍ତି। ଏ ପର୍ଯ୍ୟନ୍ତ ଇରାନରେ ୧୩୦୦ ଠିକଣାକୁ ନିଶାଣ କରି ଆକ୍ରମଣ ହେଲାଣି। ୧୪ ମେଡିକାଲ କେନ୍ଦ୍ରକୁ ମଧ୍ୟ ନିଶାଣ କରାଯାଇଛି। ଏଥିଯୋଗୁଁ ଇରାନର ଅନେକ ସ୍ଥାନରେ ବିଦ୍ୟୁତ ଏବଂ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଇରାନର ୩୦୦ କ୍ଷେପଣାସ୍ତ୍ର ଲଞ୍ଚରକୁ ଇସ୍ରାଏଲ ଧ୍ୱଂସ କରିଦେଇଛି। ଏହାଛଡ଼ା ଭାରତ ମହାସାଗରରେ ଆମେରିକୀୟ ବୁଡ଼ାଜାହାଜ ଆକ୍ରମଣରେ ୮୭ ଜଣ ଇରାନୀ ନାବିକ ଓ ଅନ୍ୟ ସଂଘର୍ଷରେ ୬ଜଣ ଆମେରିକୀୟ ସୈନ୍ୟ ପ୍ରାଣ ହରାଇଛନ୍ତି। ଅନ୍ୟପଟେ ରକ୍ତମୁଖା ଇରାନର ଆକ୍ରମଣରେ ଆମେରିକାର ସହଯୋଗୀ ରାଷ୍ଟ୍ର ଥରି ଉଠିଛନ୍ତି। ଆଜି କୁଏତ-ବାହାରିନ ଏବଂ ଇରାନ ସମେତ ୨୦ଟି ଦେଶରେ ଥିବା ଆମେରିକା ଘାଟୀରେ ଆକ୍ରମଣ କରାଯାଇଛି। ଏଥିରେ ଅନେକ କ୍ଷୟକ୍ଷତି ହୋଇଛି।

ଇସ୍ରାଏଲ ଦାବି କରିଛି ଯେ ଇରାନର ୮୦ ପ୍ରତିଶତ ଏୟାର ଡିଫେନ୍ସ ସିଷ୍ଟମ ନଷ୍ଟ କରିଛି। ଯୁଦ୍ଧ ପାଇଁ ତୈଳ ଓ ଶକ୍ତି ସଙ୍କଟ ଦେଖା ଦେଇଛି। ବିଶ୍ୱର ୨୦ ପ୍ରତିଶତ ତୈଳ ପରିବହନ ହେଉଥିବା ହର୍ମୁଜ ପ୍ରଣାଳୀ ବନ୍ଦ ହେବା କାରଣରୁ ଆଶୋଧିତ ତୈଳ ମୂଲ୍ୟ ୧୦ ପ୍ରତିଶତ ବୃଦ୍ଧି ପାଇଛି। ପୁଣି ୧୧,୦୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ ହୋଇଛି। ଏଥିରେ ଇସ୍ରାଏଲର ଏଫ୍-୩୫, ଇରାନର ଏସ୍‌ୟୁ-୩୫ ବିମାନ ଧ୍ୱଂସ ହୋଇଛି। ଲେବାନନର ହିଜବୁଲ୍ଲା ଓ ହୁତି ବିଦ୍ରୋହୀ ଏହି ଯୁଦ୍ଧରେ ସାମିଲ ହେବା କାରଣରୁ ସ୍ଥିତି ଆହୁରି ସଙ୍ଗୀନ ହୋଇଛି। ଯୁଦ୍ଧ କେବେ ବନ୍ଦ ହେବ ସେ ନେଇ ଆମେରିକା ଓ ଇସ୍ରାଏଲ କୌଣସି ସ୍ପଷ୍ଟ ସମୟସୀମା ଦେଇନାହାନ୍ତି। ଟ୍ରମ୍ପଙ୍କ ମତ ବାରମ୍ବାର ପରିବର୍ତ୍ତନ ହେଉଥିବା ବେଳେ ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ କହିଛନ୍ତି ଯେ ଏହାର କୌଣସି ନିର୍ଦ୍ଦିଷ୍ଟ ଶେଷ ସମୟ ନାହିଁ। ବର୍ତ୍ତମାନ ଏହି ଯୁଦ୍ଧ ବିଶ୍ୱ ଅର୍ଥନୀତି ଓ ଶାନ୍ତି ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏପରି ସମୟରେ ଟ୍ରମ୍ପଙ୍କ ଏକ ଫଟୋ ଭାଇରାଲ ହେଉଛି। ଏଥିରେ ଟ୍ରମ୍ପ ମଝିରେ ବସିଥିବାବେଳେ ପାଦ୍ରୀ ତାଙ୍କୁ ଆଶୀର୍ବାଦ ଦେଉଥିବା ଦେଖାଯାଉଛି।





ଆଜି ଇରାନ ପକ୍ଷରୁ ଇସ୍ରାଏଲ ଓ ଆମେରିକା ସେନା ଆଡ଼କୁ ଲକ୍ଷ୍ୟ କରି ନୂତନ ମିସାଇଲ ଆକ୍ରମଣ କରାଯାଇଛି। ଫଳରେ ଇସ୍ରାଏଲ ରାଜଧାନୀ ତେଲ ଅଭିଭ୍ ସହରରେ ସତର୍କ ସୂଚକ ସାଇରାନ ବାଜିଥିଲା। ଇରାନର ମିସାଇଲ ଆକ୍ରମଣକୁ ଇସ୍ରାଏଲ ସେନା ମଝି ଆକାଶରେ ପ୍ରତିହତ କରିଛି। ଅନ୍ୟପକ୍ଷରେ, ଇସ୍ରାଏଲ ଲେବାନନରେ ଥିବା ହିଜବୁଲ୍ଲା ଠିକଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଯେଉଁଥିରେ ଅତିକମ୍‌ରେ ୮ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଲେବାନନରେ ୭୦ରୁ ଅଧିକ ଓ ଇସ୍ରାଏଲରେ ୧୨ଜଣ ମୃତ୍ୟୁବରଣ କରିଛନ୍ତି। ଏଥିସହ ୬ ଜଣ ଆମେରିକୀୟ ସୈନିକ ମଧ୍ୟ ପ୍ରାଣ ହରାଇଛନ୍ତି। କୁଏତ୍‌ରେ ଥିବା ଆମେରିକା ଦୂତାବାସକୁ ସୁରକ୍ଷା ଦୃଷ୍ଟିକୋଣରୁ ବନ୍ଦ କରିଦିଆଯାଇଛି। ଯୁଦ୍ଧ ଯୋଗୁଁ ବିଶ୍ୱ ବଜାର ଅସ୍ଥିର ହୋଇପଡ଼ିଛି, ତୈଳ ଦର ବୃଦ୍ଧି ପାଇଛି। ସବୁଠାର ବଡ଼ କଥା ହେଉଛି ବ୍ୟସ୍ତବହୁଳ ହର୍ମୁଜ ପ୍ରଣାଳୀ ହେଉଥିବା ଜାହାଜ ଚଳାଚଳ ମନ୍ଥର ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଭବିଷ୍ୟତ ନେତୃତ୍ୱକୁ ପ୍ରଭାବିତ କରିବା ନେଇ ଆଗ୍ରହ ପ୍ରକାଶ କରିଛନ୍ତି।

ଇରାନର ଡ୍ରୋନ୍ ମାଧ୍ୟମରେ ଆକ୍ରମଣ ହେବାର ଗୋଟିଏ ଦିନ ପରେ କେନ୍ଦ୍ର ଏସୀୟ ଦେଶ ଆଜରବାଇଜାନ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏହି ଦେଶ ଇରାନରୁ ନିଜର କୂଟନୀତିଜ୍ଞମାନଙ୍କୁ ଫେରାଇ ନେବାକୁ ନିଷ୍ପତ୍ତି ନେଇଛି। ଏହି ଘଟଣା ପରେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଇରାନରେ ହୋଇଥିବା ସାମରିକ ଉତ୍ତେଜନା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଜରବାଇଜାନ ନିଜର ଦୂତାବାସ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ପଦକ୍ଷେପ ନେଇଛି। ଇରାନରୁ ଆସିଥିବା ଏକ ଡ୍ରୋନ୍ ମାଧ୍ୟମରେ ଆଜରବାଇଜାନର ନାଖଜିଭାନ ଅଞ୍ଚଳରେ ଗୁରୁବାର ମଧ୍ୟାହ୍ନରେ ଆକ୍ରମଣ ହେବାର ଗୋଟିଏ ଦିନ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଡ୍ରୋନ୍ ନାଖଚିଭାନ ଅନ୍ତର୍ଜାତୀୟ ବିମାନବନ୍ଦର ଓ ଏକ ସ୍କୁଲ ନିକଟରେ ମାଡ଼ ହୋଇଥିଲା। ଏଥିରେ ଅତିକମ୍‌ରେ ୪ଜଣ ସାଧାରଣ ନାଗରିକ ଆହତ ହୋଇଥିବା ସୂଚନା ମିଳିଛି। ଆଜରବାଇଜାନ ରାଷ୍ଟ୍ରପତି ଇଲହାମ ଆଲିୟେଭ ଏହାକୁ ଏକ ଆତଙ୍କବାଦୀ କାର୍ଯ୍ୟ ବୋଲି ଅଭିହିତ କରିଛନ୍ତି। ସେ ସେନାକୁ ମଧ୍ୟ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ପଶ୍ଚିମବଙ୍ଗରେ ଏସ୍‌ଆଇଆର୍‌କୁ ବିରୋଧ

## ମମତାଙ୍କ ଧାରଣା; ମନଇଚ୍ଛା ନାମ କଟାଯାଉଛି



କୋଲକାତା, ୬।୩ (ଏଜେନ୍ସି): ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ବିରୋଧରେ ଲଢ଼େଇକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜୋରଦାର କରିଛନ୍ତି। ସୁପ୍ରିମକୋର୍ଟରୁ ନିରାଶ ହେବା ପରେ ମମତା ରାଜ୍ୟରେ ଚାଲିଥିବା ଏହି ପ୍ରକ୍ରିୟାରେ ଭୋଟରଙ୍କ ନାମ ହଟାଇବା ବିରୋଧରେ ଶୁକ୍ରବାର କୋଲକାତାରେ ଧାରଣା ଦେଇଛନ୍ତି। ଏସଆଇଆର ପ୍ରକ୍ରିୟା ପରେ ଭୋଟର ତାଲିକାରୁ ମନଇଚ୍ଛା ନାମ କଟାଯାଉଛି ବୋଲି ମମତା ଅଭିଯୋଗ କରିଛନ୍ତି। କୋଲକାତାର ଏସ୍‌ପ୍ଲାନେଡ ମେଟ୍ରୋ ଚ୍ୟାନେଲରେ ଆରମ୍ଭ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ମମତା କହିଛନ୍ତି ଯେ ବିଜେପି ଏବଂ ନିର୍ବାଚନ କମିଶନ (ଇସି) ମିଶି ରାଜ୍ୟର ବଙ୍ଗାଳୀ ଭୋଟର ଯେପରି ଭୋଟ ନ ଦେଇପାରିବେ ତାହାର ଷଡ଼ଯନ୍ତ୍ର କରୁଛନ୍ତି। ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରାଯିବ ବୋଲି ମମତା କହିଛନ୍ତି।

ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ ସଂଶୋଧିତ ଭୋଟର ତାଲିକାରେ ଅନେକ ଭୋଟରଙ୍କୁ ଅନୁଚିତ ଭାବେ ମୃତ ଘୋଷଣା କରାଯାଇଛି। ଏଭଳି ଲୋକଙ୍କୁ ବିକ୍ଷୋଭ ସ୍ଥଳକୁ ଆଣି ଦେଖାଇବୁ। ସୂଚନା ଅନୁଯାୟୀ, ଆଜି ଦ୍ୱିପହର ୨ଟା୧୫ରେ ଏହି ଧାରଣା ଆରମ୍ଭ ହୋଇଥିଲା। ରାଜ୍ୟକୁ ନିର୍ବାଚନ କମିଶନଙ୍କ ଗସ୍ତର ଦୁଇ ଦିନ ପୂର୍ବରୁ ଟିଏମ୍‌ସି ଏଭଳି ପଦକ୍ଷେପ ନେଇଛି। ପୂର୍ବରୁ ଟିଏମ୍‌ସିର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଏହାର ଘୋଷଣା କରିଥିଲେ। ଟିଏମ୍‌ସି ଅଭିଯୋଗ କରିଛି ଯେ ରାଜନୈତିକ ଉଦ୍ଦେଶ୍ୟ ରଖି ଏସଆଇଆର କରାଯାଉଛି। ହଟାଯାଇଥିବା ନାମରେ ସଂଖ୍ୟାଲଘୁ, ପ୍ରବାସୀ ଶ୍ରମିକ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ ସାମିଲ ଅଛନ୍ତି। ଭୋଟର ତାଲିକାରୁ କୋଟିଏ ଲୋକଙ୍କୁ ହଟାଇବା ପାଇଁ ପୂର୍ବରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ଏସଆଇଆରର ଚୂଡ଼ାନ୍ତ ତାଲିକାରେ ରାଜ୍ୟର ୬୩.୬୬ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଥିଲା।

**● ଦୁବାଇରେ କ୍ଷେପଣାସ୍ତ୍ର ଆକ୍ରମଣ ସତର୍କ ସୂଚନା**

## ଘରୁ ବାହାରକୁ ନ ବାହାରିବା ପାଇଁ ପରାମର୍ଶ

ଦୁବାଇ, ୬।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଓ ଇରାନର ପ୍ରତିଶୋଧମୂଳକ ଆକ୍ରମଣ ଯୋଗୁଁ ଦୁବାଇରେ ଆତଙ୍କ ସୃଷ୍ଟି ହୋଇଛି। ଶୁକ୍ରବାର ଦୁବାଇର ବାସିନ୍ଦାମାନେ ସେମାନଙ୍କ ଫୋନ୍‌ରେ କ୍ଷେପଣାସ୍ତ୍ର ଆକ୍ରମଣ ହେବାର ସତର୍କ ସୂଚନା ପାଇଛନ୍ତି। ଲୋକଙ୍କୁ ଘରୁ ନ ବହାରିବାକୁ ପରାମର୍ଶ ଦିଆଯାଇଛି ଏବଂ ଜରୁରୀକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି। ଅନେକ ଲୋକ ନିଜର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହ ପ୍ରସ୍ତୁତ ରହିଛନ୍ତି। ଫେବୃଆରୀ ୨୮ ରୁ ଆମେରିକା ଓ ଇସ୍ରାଏଲର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଇରାନ ଏହାର ପ୍ରତିଶୋଧ ନେଉଛି। ଇରାନ ତା'ର ପଡୋଶୀ ଦେଶଗୁଡ଼ିକରେ ଥିବା ଆମେରିକୀୟ ସେନା ଆଡ୍ଡାକୁ ଲକ୍ଷ୍ୟ କରି ମିସାଇଲ ଓ ଡ୍ରୋନ ଆକ୍ରମଣ କରୁଛି। ଦୁବାଇରେ ଥିବା ଆମେରିକୀୟ ଦୂତାବାସ ଏବଂ ଆବୁଧାବିର ଅଲ୍ ଧଫ୍ରା ଏୟାର ବେସ୍ ମଧ୍ୟ ଏହି ଆକ୍ରମଣର ଟାର୍ଗେଟ ହୋଇଥିବା ରିପୋର୍ଟ ମିଳିଛି। ଦୁବାଇ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଟ୍ରାନ୍ସିଟ ହବ୍ ହୋଇଥିବାରୁ, ଏଠାରେ ବ୍ୟାପକ ବିମାନ ଚଳାଚଳ ବାଧାପ୍ରାପ୍ତ ହେବା ବହୁ ସମସ୍ୟା ସୃଷ୍ଟି କରିଛି। ଅନେକ ଭାରତୀୟ ସେଠାରେ ଫସି ରହିଛନ୍ତି। ସୋମବାରଠାରୁ ସେଠାରୁ ଭାରତୀୟମାନେ ଫେରିବା ଆରମ୍ଭ କରିଛନ୍ତି। ସେପଟେ ୟୁଏଇ ଇରାନ ବିରୋଧରେ ଆମେରିକା- ଇସ୍ରାଏଲର ସାମରିକ ଅଭିଯାନରେ ସାମିଲ ହେବା ନେଇ ଆସିଥିବା ଖବରକୁ ଖଣ୍ଡନ କରିଛି।


## ୧୬ ବର୍ଷରୁ କମ୍ ପିଲାଙ୍କୁ ସାମାଜିକ ଗଣମାଧ୍ୟମ ମନା: ସିଦ୍ଧରମୈୟା

ବେଙ୍ଗାଲୁରୁ, ୬।୩(ଏଜେନ୍ସି): ୧୬ ବର୍ଷରୁ କମ୍ ପିଲାମାନଙ୍କ ହିତକୁ ଦୃଷ୍ଟିରେ ରଖି କର୍ଣ୍ଣାଟକ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ୧୬ ବର୍ଷରୁ କମ୍ ବୟସ୍କ ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ ନିଷିଦ୍ଧ ଲଗାଇବାକୁ ସରକାର ଯୋଜନା କରୁଛନ୍ତି। ଶୁକ୍ରବାର ୨୦୨୬-୨୭ ଆର୍ଥିକ ବର୍ଷର ରାଜ୍ୟ ବଜେଟ ଉପସ୍ଥାପନ କରିବା ସମୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏହି ବଡ଼ ଘୋଷଣା କରିଛନ୍ତି। ଛୋଟ ପିଲାମାନଙ୍କ ମଧ୍ୟରେ ବଢୁଥିବା ସ୍ମାର୍ଟଫୋନ ନିଶା, ଅତ୍ୟଧିକ ସ୍କ୍ରିନ ସମୟ ଏବଂ ଅନ୍‌ଲାଇନ୍ ସୁରକ୍ଷା ଜନିତ ବିପଦକୁ ରୋକିବା ପାଇଁ ସରକାର ଏହି ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏଥିସହ କର୍ଣ୍ଣାଟକ ଦେଶର ପ୍ରଥମ ରାଜ୍ୟ ଭାବେ ଛୋଟ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ନିଷିଦ୍ଧ କରିବାକୁ ସ୍ପଷ୍ଟ ଭାବେ ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ ଓ ଗୋଆ ମଧ୍ୟ ଏପରି ପଦକ୍ଷେପ ନେବା ବିଷୟରେ ପୂର୍ବରୁ ବିଚାର କରୁଥିବା ଜଣାଯାଇଛି। ବିଶ୍ୱସ୍ତରରେ ଅଷ୍ଟ୍ରେଲିଆ, ବ୍ରିଟେନ ଓ ଫିନଲ୍ୟାଣ୍ଡ ଭଳି ଦେଶଗୁଡ଼ିକରେ ପିଲାମାନଙ୍କ ପାଇଁ ସୋସିଆଲ ମିଡ଼ିଆ ନିୟନ୍ତ୍ରଣ ଉପରେ ଚାଲିଥିବା ଚର୍ଚ୍ଚାକୁ ଦୃଷ୍ଟିରେ ରଖି ଏହିଭଳି ନିଷ୍ପତ୍ତି ନିଆଯାଇଛି। ସେହିପରି ଫ୍ରାନ୍ସ ଓ ସ୍ପେନ୍‌ର ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଫୋନ୍ ବ୍ୟବହାର ଉପରେ କଟକଣା ଲାଗୁ ହୋଇଛି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଅତ୍ୟଧିକ ସୋସିଆଲ ମିଡ଼ିଆ ବ୍ୟବହାର ଦ୍ୱାରା ପିଲାମାନଙ୍କ ମଧ୍ୟରେ ଅନିଦ୍ରା, ମାନସିକ ଚିନ୍ତା, ଏକାଗ୍ରତା ହ୍ରାସ ଓ ଶିକ୍ଷା କ୍ଷେତ୍ରରେ ଚାପ ବୃଦ୍ଧି ପାଇବା ଭଳି ସମସ୍ୟା ଦେଖାଯାଉଛି। ଏହା ବ୍ୟତୀତ ଅନଲାଇନ୍ ପ୍ରାଇଭେସି ଓ ସାଇବର ଅପରାଧର ଭୟ ମଧ୍ୟ ରହିଛି ବୋଲି କୁହାଯାଇଛି। ତେବେ ଏନେଇ କେତୋଟି ଆହ୍ୱାନ ରହିଛି। କେବଳ ନିଷେଧାଦେଶ ଜାରି କରିବା ଯଥେଷ୍ଟ ହେବ ନାହିଁ। କାରଣ ପିଲାମାନେ ଭିପିଏନ୍ କିମ୍ବା ଅନ୍ୟାନ ମାଧ୍ୟମରେ ଏହାକୁ ବ୍ୟବହାର କରିବାର ସମ୍ଭାବନା ରହିଛି। ସେଥିପାଇଁ ଡିଜିଟାଲ ସାକ୍ଷରତା ଓ ଅଭିଭାବକଙ୍କ ନିୟନ୍ତ୍ରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି।

## ମଧ୍ୟପ୍ରାଚ୍ୟ ଯୁଦ୍ଧ; ସଙ୍କଟରେ ଏମ୍‌ପିର କଦଳୀ ଚାଷୀ

ଭୋପାଳ, ୬।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ମଧ୍ୟପ୍ରଦେଶର କଦଳୀ ଚାଷୀ ସଙ୍କଟଜନକ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ମଧ୍ୟପ୍ରଦେଶର ବାରୱାନୀର କଦଳୀ ନିଜର ସ୍ୱାଦ ଓ ଆକାର ପାଇଁ ଭାରତ ସମେତ ବିଦେଶରେ ବେଶ୍ ପରିଚିତ। କିନ୍ତୁ ବର୍ତ୍ତମାନର ଯୁଦ୍ଧ ପରିସ୍ଥିତି ଏହି ବ୍ୟବସାୟ ଉପରେ ଗୁରୁତର ପ୍ରଭାବ ପକାଇଛି। ପ୍ରତିବର୍ଷ ବାରୱାନୀରୁ ଇରାକ, ଇରାନ, ଇସ୍ରାଏଲ, ବାହରିନ, ତୁର୍କୀ ଓ ୟୁଏଇ ଭଳି ଦେଶକୁ ଶହଶହ ଟନ୍ କଦଳୀ ରପ୍ତାନୀ କରାଯାଏ। ମାତ୍ର ବର୍ତ୍ତମାନ ଓ ଅସ୍ଥିରତା ଯୋଗୁଁ ଏହି ରପ୍ତାନୀ ପ୍ରାୟତଃ ବନ୍ଦ ହୋଇଯାଇଛି। ଫଳରେ କଦଳୀ ଦର ଭୟଙ୍କର ଭାବେ ହ୍ରାସ ପାଇଛି। କିଛି ସପ୍ତାହ ପୂର୍ବରୁ ଯେଉଁ କଦଳୀର ଦର କିଲୋ ପିଛା ୨୫ ଟଙ୍କା ଥିଲା, ତାହା ଏବେ ୮ରୁ ୯ ଟଙ୍କାକୁ ଖସି ଯାଇଛି। ଏହି ଦର ଉତ୍ପାଦନ ଖର୍ଚ୍ଚଠାରୁ ମଧ୍ୟ କମ୍। ଫଳରେ ଚାଷୀଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଛି। ରପ୍ତାନି ବନ୍ଦ ହେବା କାରଣରୁ ଚାଷୀମାନେ ନିଜର ଅମଳକୁ ଦିଲ୍ଲୀ ଓ ଗ୍ୱାଲିୟର ଭଳି ସ୍ଥାନୀୟ ବଜାରକୁ ପଠାଉଛନ୍ତି। ଫଳରେ ସେଠାରେ ଯୋଗାଣ ବଢ଼ିବାରୁ ଦର ଆହୁରି କମି ଯାଇଛି। ହଜାର ହଜାର ଏକର ଜମିରେ କଦଳୀ ଅମଳ ପାଇଁ ପ୍ରସ୍ତୁତ, କିନ୍ତୁ କ୍ରେତାଙ୍କ ଅଭାବରୁ ଚାଷୀମାନେ ନିଜର ପୁଞ୍ଜି ଫେରିପାଇବାକୁ ସଂଘର୍ଷ କରୁଛନ୍ତି। ଯଦି ସ୍ଥିତି ନ ସୁଧୁରେ ତେବେ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି।

# ନୂଆ ଏପଷ୍ଟିନ ଫାଇଲ୍‌ରେ ଖୋଲିଲା ଟ୍ରମ୍ପଙ୍କ ଗୁମର



ୱାଶିଂଟନ, ୬।୩(ଏଜେନ୍ସି): ଆମେରିକା ନ୍ୟାୟ ବିଭାଗ ନିକଟରେ ଏଫ୍‌ବିଆଇର କିଛି ଗୁପ୍ତ ତଥ୍ୟ ସାର୍ବଜନୀନ କରିଛି ଓ ଏବେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଫାଇଲଗୁଡ଼ିକ ପୂର୍ବରୁ ଡୁପ୍ଲିକେଟ୍ ବା ନକଲ ଭାବେ ଚିହ୍ନିତ ହୋଇ ଭୁଲବଶତଃ ଅଟକି ରହିଥିଲା। ପ୍ରକାଶିତ ଦଲିଲ ଅନୁଯାୟୀ, ଜଣେ ଅଜ୍ଞାତ ମହିଳା ଅଭିଯୋଗ କରିଛନ୍ତି ଯେ, ୧୩ରୁ ୧୫ ବର୍ଷ ବୟସରେ ତାଙ୍କୁ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍ ଡୋନାଲ୍ଡ ଟ୍ରମ୍ପଙ୍କ ସହ ଭେଟ୍ କରାଇଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ନ୍ୟୁୟର୍କ କିମ୍ବା ନ୍ୟୁଜର୍ସିରେ ଟ୍ରମ୍ପ ତାଙ୍କୁ ଯୌନ ନିର୍ଯାତନା ଦେବାକୁ ଚେଷ୍ଟା କରିଥିଲେ। ଟ୍ରମ୍ପ ତାଙ୍କୁ ମୁଖ ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କରିବାକୁ ଚେଷ୍ଟା କରିଥିଲେ ବୋଲି ମହିଳା ଜଣକ କହିଛନ୍ତି। ଆମେରିକା ନ୍ୟାୟ ବିଭାଗ ଏହି ଅଭିଯୋଗଗୁଡ଼ିକୁ ଅସମର୍ଥିତ ବୋଲି କହିଛି ଏବଂ ପୂର୍ବରୁ କହିଥିଲା ଯେ ଏହି ଦଲିଲଗୁଡ଼ିକରେ କିଛି ଅସତ୍ୟ ଓ ସମ୍ବେଦନଶୀଳ ଦାବି ରହିଛି। ଟ୍ରମ୍ପ ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି। ହ୍ୱାଇଟ୍ ହାଉସ୍‌ର ମତ ଅନୁଯାୟୀ, ୨୦୦୭ ମସିହାରେ ଏପଷ୍ଟିନଙ୍କ ବ୍ୟବହାରକୁ ନେଇ ଟ୍ରମ୍ପ ତାଙ୍କୁ ନିଜର ମାର୍-ଏ- ଲାଗୋ କ୍ଲବରୁ ବାହାର କରିଦେଇଥିଲେ। ଏପଷ୍ଟିନ ଫାଇଲ ଟ୍ରାନ୍ସପରେନ୍ସି ଆକ୍ଟ ଅର୍ଥାତ ସ୍ୱଚ୍ଛତା ଆଇନ ଅନୁଯାୟୀ ୨୦୨୫ ଡିସେମ୍ବର ସୁଦ୍ଧା ସମସ୍ତ ତଥ୍ୟ ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଥିଲା। ଏପର୍ଯ୍ୟନ୍ତ ୩୫ ଲକ୍ଷ ପୃଷ୍ଠାର ଦଲିଲ୍ ପ୍ରକାଶ ପାଇସାରିଛି। କିନ୍ତୁ ଏହାର ମୋଟ୍ ପରିମାଣ ପ୍ରାୟ ୬୦ ଲକ୍ଷ ପୃଷ୍ଠା ହେବ ବୋଲି ଅନୁମାନ କରାଯାଉଛି। ଏହି ଘଟଣାକୁ ନେଇ ଆମେରିକାରେ ରାଜନୈତିକ ସରଗରମ ବୃଦ୍ଧି ପାଇଛି। କଂଗ୍ରେସ ଓ ଅନ୍ୟ ଦଳଗୁଡ଼ିକ ତଥ୍ୟ ଗୋପନ ରଖିବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏବେ ଏହି ଘଟଣା ଆଗକୁ କି ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା।

ଏପଷ୍ଟିନ ଫାଇଲ ମାମଲାରେ ଦିଲିଲଗୁଡ଼ିକୁ ଆମେରିକା ନ୍ୟାୟ ବିଭାଗ କିପରି ପରିଚାଳନା କରୁଛି, ସେ ନେଇ ଆମେରିକା ସଂସଦରେ କଡ଼ା ଯାଞ୍ଚ ଚାଲିଛି। ଏହି ବିଷୟରେ ପଚରାଉଚରା ପାଇଁ ସାଂସଦମାନେ ଆଟର୍ଣ୍ଣି ଜେନେରାଲ ପାମ ବୋଣ୍ଡିଙ୍କ ବିରୋଧରେ ସମନ ଜାରି କରିବାକୁ ଭୋଟ ଦେଇଛନ୍ତି। କିନ୍ତୁ ହ୍ୱାଇଟ୍ ହାଉସର ପ୍ରେସ ସଚିବ କାରୋଲିନ ଲିଭିଟ ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ କୌଣସି ବିଶ୍ୱସନୀୟ ପ୍ରମାଣ ନଥିବା ଦାବି ବୋଲି କହିଛନ୍ତି। ପୂର୍ବରୁ ଟ୍ରମ୍ପ କହିଛନ୍ତି ଯେ, ୨୦୦୦ ଦଶକ ମଧ୍ୟଭାଗରୁ ଏପଷ୍ଟିନଙ୍କ ସହ ତାଙ୍କର ସମ୍ପର୍କ ଶେଷ ହୋଇଯାଇଥିଲା। ଏପଷ୍ଟିନ ନାବାଳିକାମାନଙ୍କୁ ଯୌନ ନିର୍ଯାତନା ଦେଉଥିଲେ ବିଷୟରେ ସେ କିଛି ଜାଣି ନଥିଲେ ବୋଲି ସ୍ପଷ୍ଟ କରିଛନ୍ତି।









କଟକ ମୁଣ୍ଡଳୀସ୍ଥିତ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର (ସିଆଇଏସ୍ଏଫ୍)ର ୫୭ ତମ ପ୍ରତିଷ୍ଠା ଦିବସ

### ରାଜ୍ୟସଭା ନିର୍ବାଚନ

# ୫ ପ୍ରାର୍ଥୀଙ୍କ ନାମାଙ୍କନ କାଏମ୍

- ଜଣେ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ
- ସଂତୃପ୍ତ ମିଶ୍ର ସବୁଠୁ ଧନୀ ପ୍ରାର୍ଥୀ
- ଦିଲ୍ଲୀପଙ୍କ ସମ୍ପତ୍ତି ୩୦୦ କୋଟି

**ଭୁବନେଶ୍ୱର,୬।୩(ସମିସ):** ରାଜ୍ୟସଭା ନିର୍ବାଚନ ପାଇଁ ଓଡ଼ିଶାରୁ ୬ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୫ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଏହାସହିତ ଜଣେ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହୋଇଛି। ନାମାଙ୍କନ ଯାଞ୍ଚ ପରେ ଏହା ଜଣାପଡ଼ିଛି। ବିଜେପି ପ୍ରାର୍ଥୀ ଭାବେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ କୁମାରଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ବେଳେ ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ଓ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ପ୍ରାର୍ଥିପତ୍ର ମଧ୍ୟ କାଏମ ରହିଛି। ତେବେ ତେଲଙ୍ଗାନାର କାନ୍ତେ ସାୟାନାଙ୍କ ନାମାଙ୍କନରେ ଆବଶ୍ୟକ ସଂଖ୍ୟକ ପ୍ରସ୍ତାବକ ଓ ସମର୍ଥକ ରହି ନ ଥିବାରୁ ତାଙ୍କର ପ୍ରାର୍ଥିପତ୍ର ନାକଚ ହୋଇଥିବା ଜଣାପଡ଼ିଛି।

ଅନ୍ୟପଟେ ପ୍ରାର୍ଥିପତ୍ର ଯାଞ୍ଚ ଶେଷ ପରେ ୫ ଜଣ ରାଜ୍ୟସଭା ପ୍ରାର୍ଥୀଙ୍କର ସମ୍ପତ୍ତି ତାଲିକା ପ୍ରକାଶ ପାଇଛି। ସତ୍ୟପାଠରେ ଦାଖଲ କରିଥିବା ତଥ୍ୟ ଅନୁଯାୟୀ ବିଜେଡି ପ୍ରାର୍ଥୀ ସଂନ୍ତୃପ୍ତ ମିଶ୍ର ସବୁଠୁ ଧନୀ ପ୍ରାର୍ଥୀ ହୋଇଥିବା ବେଳେ ବିଶିଷ୍ଟ ବ୍ୟବସାୟୀ ତଥା ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ନିର୍ବାଚନ କମିସନଙ୍କ ନିକଟରେ ଦାଖଲ କରିଥିବା ସମ୍ପତ୍ତି ତାଲିକା ଅନୁଯାୟୀ, ତାଙ୍କ ନିକଟରେ ପ୍ରାୟ ୫୧୨.୯୦ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସେହିପରି ତାଙ୍କ ପତ୍ନୀଙ୍କ ନିକଟରେ ପ୍ରାୟ ୨୦.୪୮ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ଅଛି। ଏହାସହିତ ତାଙ୍କର ନିଜସ୍ୱ ସ୍ଥାବର ସମ୍ପତ୍ତିର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫୩.୦୬ କୋଟି ଟଙ୍କା ହେବା ସହ ତାଙ୍କ ପତ୍ନୀଙ୍କ ନାମରେ ପ୍ରାୟ ୮.୬୮ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ସଂତୃପ୍ତ ମିଶ୍ରଙ୍କ ପାଖରେ ୧୦,୦୦୦ ନଗଦ ଟଙ୍କା ରହିଥିବା ବେଳେ ତାଙ୍କ ପତ୍ନୀଙ୍କ ପାଖରେ ୧୫,୦୦୦ ଟଙ୍କା ନଗଦ ଆକାରରେ ରହିଛି। ସେହିପରି ରାଜ୍ୟସଭା ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ଦ୍ୱାରା ପ୍ରଦତ୍ତ ସତ୍ୟପାଠ ଅନୁଯାୟୀ ତାଙ୍କର ନିକଟରେ ୩୯୧.୬୨ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସେହିପରି ତାଙ୍କ ପତ୍ନୀ ପୂଜା ରାୟଙ୍କ ନାମରେ ପ୍ରାୟ ୧୧.୧୬ କୋଟି ଟଙ୍କାର ସମ୍ପତ୍ତି ରହିଛି। ସେହିପରି ତାଙ୍କର ମୋଟ ସ୍ଥାବର ସମ୍ପତ୍ତିର ଆନୁମାନିକ ବଜାର ମୂଲ୍ୟ ୪୫.୫୦ କୋଟି ଟଙ୍କା ହେବ ବୋଲି ସେ ଦର୍ଶାଇଛନ୍ତି।

ସେହିପରି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦ୍ୱାରା ପ୍ରଦତ୍ତ ସତ୍ୟପାଠ ଅନୁଯାୟୀ ତାଙ୍କ ପାଖରେ ପ୍ରାୟ ୪୩,୯୦,୯୭୪ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ପତ୍ନୀ ପ୍ରଣତୀ ସାମଲଙ୍କ ନାମରେ ପ୍ରାୟ ୨,୮୬,୦୨,୫୮୮ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସ୍ଥାବର ସମ୍ପତ୍ତିର ଆନୁମାନିକ ବଜାର ମୂଲ୍ୟ ୧,୩୦,୦୦,୦୦୦ ଟଙ୍କା ରହିଥିବା ସତ୍ୟପାଠରେ ଦର୍ଶାଯାଇଛି। ସେହିପରି ବିଜେପିର ଅନ୍ୟତମ ପ୍ରାର୍ଥୀ ସୁଜିତ କୁମାରଙ୍କର ୩ କୋଟି ୮୫ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଥିବା ବେଳେ ତାଙ୍କ ପତ୍ନୀଙ୍କ ପାଖରେ ୧ କୋଟି ୩ ଲକ୍ଷ ୯୬ ହଜାର ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କର ଅସ୍ଥାବର ସମ୍ପତ୍ତି ଭାବେ ୪ କୋଟି ୯୨ ଲକ୍ଷ ଟଙ୍କା ଥିବା ବେଳେ ତାଙ୍କ ପତ୍ନୀଙ୍କ ନିକଟରେ ୨ କୋଟି ୭୧ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଥିବା ଜଣାପଡ଼ିଛି।

ସୂଚନା ଥାଉ କି, ନାମାଙ୍କନପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ମାର୍ଚ୍ଚ ୯ ପରେ ଚଳିତ ନିର୍ବାଚନରେ ୪ ଜଣରୁ ଅଧିକ ପ୍ରାର୍ଥୀ ରହିଲେ ମାର୍ଚ୍ଚ୧୬ ତାରିଖ ସକାଳ ୯ଟାରୁ ଅପରାହ୍ଣ ୪ଟା ଯାଏ ଭୋଟ୍ ଗ୍ରହଣ କରାଯିବ ଏବଂ ସେହିଦିନ ଅପରାହ୍ଣ ୫ଟାରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

### ସିଆଇଏସ୍ଏଫ୍‌ର ପ୍ରତିଷ୍ଠା ଦିବସରେ ଅମିତ ଶାହଙ୍କ ଘୋଷଣା

# ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହେବ ଭାରତ

**କଟକ, ୬।୩(ସମିସ):** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର କଟକର ମୁଣ୍ଡଳୀଠାରେ ଆୟୋଜିତ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ)ର ୫୭ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶକୁ ନକ୍ସଲ ମୁକ୍ତ କରିବା ପାଇଁ ସରକାରଙ୍କ ଦୃଢ଼ ସଂକଳ୍ପ ଦୋହରାଇଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଭାରତ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତି ପାଇବ ବୋଲି ସେ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶା, ଛତିଶଗଡ଼ ଓ ତେଲଙ୍ଗାନା ଭଳି ରାଜ୍ୟରେ ନକ୍ସଲବାଦକୁ ପ୍ରତିହତ କରିବାରେ ସିଆଇଏସଏଫ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତିରୁପତିରୁ ପଶୁପତି ପର୍ଯ୍ୟନ୍ତ 'ଲାଲ୍ କରିଡର'ର ସ୍ୱପ୍ନ ଦେଖୁଥିବା ଶକ୍ତିମାନଙ୍କୁ ସୁରକ୍ଷା ବାହିନୀ ସମ୍ପୂର୍ଣ୍ଣ ପରାସ୍ତ କରି ସାରିଥିବା ସେ ପ୍ରକାଶ କରିଥିଲେ।

ସେ ଆହୁରି କହିଥିଲେ ଯେ ଶିଳ୍ପାୟନ ବିନା ଦେଶର ଅର୍ଥନୀତି ସଶକ୍ତ ହେବା ସମ୍ଭବ ନୁହେଁ ଏବଂ ଏହି ଅଭିବୃଦ୍ଧିକୁ ସୁରକ୍ଷା ଦେବାରେ ସିଆଇଏସଏଫ ଏକ ପ୍ରମୁଖ ସ୍ତମ୍ଭ ସାଜିଛି। ବର୍ତ୍ତମାନ ଏହି ବାହିନୀ ଦେଶର ୭୦ଟି ବିମାନ ବନ୍ଦର ଏବଂ ୩୬୧ଟି ପ୍ରମୁଖ ପ୍ରତିଷ୍ଠାନକୁ ସୁରକ୍ଷା ପ୍ରଦାନ କରୁଛି। ୫୬ବର୍ଷ ମଧ୍ୟରେ ସିଆଇଏସଏଫ କେବଳ ପାରମ୍ପରିକ ଶୈଳୀରେ ସୁରକ୍ଷା ଦେଇନାହିଁ, ବରଂ ଆଧୁନିକ ଅସ୍ତ୍ରଶସ୍ତ୍ର ଓ ପ୍ରଯୁକ୍ତିବିଦ୍ୟାକୁ ଆପଣାଇ ସମସ୍ତ ପ୍ରକାର ଆହ୍ୱାନର ସଫଳ ମୁକାବିଲା କରିଛି ବୋଲି ଶ୍ରୀ ଶାହ କହିଥିଲେ। ଏହି ଅବସରରେ ସେ ଓଡ଼ିଶାର ବୀର ସଂଗ୍ରାମୀ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ ଏବଂ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଉପସ୍ଥିତ ରହି ଯବାନମାନଙ୍କ ମନୋବଳ ବଢ଼ାଇଥିଲେ। ସିଆଇଏସ୍ଏଫ୍ ଡିଆଇଜି ଗଙ୍ଗା ଶଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯବାନମାନଙ୍କ ଦ୍ୱାରା ଚିତ୍ତାକର୍ଷକ ପରେଡ୍ ଓ ସାହସିକ ଯୁଦ୍ଧ କୌଶଳ ପ୍ରଦର୍ଶନ କରାଯାଇଥିଲା। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନରେ ସିଆଇଏସଏଫର ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

### ପଶ୍ଚିମା ଘୂର୍ଣ୍ଣିବଳୟ ସକ୍ରିୟ

# ଆଜିଠୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା

**ଭୁବନେଶ୍ୱର,୬।୩(ସମିସ):** ରାଜ୍ୟରେ ଶନିବାରଠାରୁ ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ଆଶଙ୍କା କରିଛି ପାଣିପାଗ ବିଭାଗ। ବର୍ତ୍ତମାନ ଏକ ପଶ୍ଚିମା ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ବଙ୍ଗୋପସାଗର ପଟୁ ଜଳୀୟବାଷ୍ପ ବାୟୁର ପ୍ରବାହ ବୃଦ୍ଧି ନେଇ ପାଗ ଅନୁକୂଳ ରହୁଛି। ଏହ ବାୟୁ ରାଜ୍ୟର ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସିବା ଯୋଗୁଁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ବୃଦ୍ଧି ପାଇଛି। ବର୍ଷା ସାଙ୍ଗକୁ ଅନେକ ସ୍ଥାନରେ ପବନର ବେଗ ମଧ୍ୟ ୩୦-୪୦ କିମି ପର୍ଯ୍ୟନ୍ତ ପହଞ୍ଚିବା ସହ କିଛି କିଛି ସ୍ଥାନରେ କୁଆପଥର ପଡ଼ିବା ନେଇ ମଧ୍ୟ ଆଶଙ୍କା କରାଯାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ୩ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବାକୁ ଥିବାବେଳେ ରବିବାର ଦିନ ଏହାର ପ୍ରଭାବ ସବୁଠୁ ଅଧିକ ରହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ ଶନିବାର ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା ଓ ପୁରୀରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ମଧ୍ୟ ୩୦-୪୦ କିମି ପର୍ଯ୍ୟନ୍ତ ପହଞ୍ଚିବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ବର୍ଷା ଓ ବିଜୁଳି ଘଡ଼ଘଡ଼ି ବଢ଼ିବା ସହ ପବନର ବେଗ ବୃଦ୍ଧି ପାଇ ଘଣ୍ଟା ପ୍ରତି ୪୦-୫୦ କିମି ପହଞ୍ଚିବା ଆଶଙ୍କା କରାଯାଉଛି। ଏହି ସ୍ଥିତିକୁ ଦୃଷ୍ଟିରେ ରଖି ଲୋକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

### ଯାଜପୁର ଶିକ୍ଷା ବିଭାଗରେ ମହାଲୁଟ୍

# ମୃତ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ନାଁରେ ୫କୋଟି ଚଲୁ

**ସ୍ପେଶାଲ ଅଡିଟ୍‌ରେ ଧରାପଡ଼ିଲା କଳା କାରନାମା**

**ଯାଜପୁର,୬।୩(ସମିସ):** ଯାଜପୁର ଜିଲ୍ଲା ଶିକ୍ଷା ବିଭାଗରେ ମହାଲୁଟ୍ ହୋଇଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଜିଲ୍ଲାରେ କାର୍ଯ୍ୟରତ ବହୁ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଏପରିକି ମୃତ କର୍ମଚାରୀଙ୍କୁ ଜୀବିତ ଦର୍ଶାଇ କୋଟି କୋଟି ଟଙ୍କା ହଡ଼ପ ହୋଇଥିବା ଧରାପଡ଼ିଛି। ବିଭାଗ ପକ୍ଷରୁ କରାଯାଇଥିବା ସ୍ପେଶାଲ ଅଡିଟ୍ ରିପୋର୍ଟରେ ଏଭଳି କଳା କାରନାମା ପଦାରେ ପଡ଼ିଛି।

ସୂଚନା ମୁତାବକ, କୋରେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ୧୯ଜଣ ଶିକ୍ଷକ ଯେଉଁମାନେ ବହୁ ବର୍ଷ ପୂର୍ବରୁ ଅବସର ନେଇ ସାରିଛନ୍ତି, ସେମାନଙ୍କ ଏଚ୍ଆର୍ଏମ୍ଏସ୍ ଆଇଡିକୁ ବ୍ୟବହାର କରି ସେମାନଙ୍କ ଅବସର କାର୍ଯ୍ୟକାଳ ବଢ଼ାଇ ଦିଆଯାଇଥିଲା। ସେମାନଙ୍କ ନାମରେ ପୁନଃ ଚାକିରି ଥିବା ଦର୍ଶାଇ ଅଫିସରେ କାର୍ଯ୍ୟରତ କର୍ମଚାରୀମାନେ ୪୮୦ ଥର ମିଥ୍ୟା ବିଲ୍ ପ୍ରସ୍ତୁତ କରି ନିଜ ନିଜର ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦରମା ବାବଦ ଅର୍ଥ ପାଖପାଖି ୪ କୋଟି ୯୭ ଲକ୍ଷ ୫୫ ହଜାର ଟଙ୍କା ଟ୍ରେଜେରୀ କାର୍ଯ୍ୟାଳୟ ମାଧ୍ୟମରେ ଟଙ୍କା ଉଠାଣ କରିଛନ୍ତି। ଏହି ଜାଲିଆତି ଜଣାପଡ଼ିବା ପରେ କୋରେଇ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଶିକ୍ଷା ଅଧିକାରୀ ସୁଦର୍ଶନ ମଲିକଙ୍କ ସମେତ ୧୧ ଜଣଙ୍କ ନାମରେ ଭିଜିଲାନ୍ସରେ ମାମଲା ରୁଜୁ କରିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ। ଏଥିସହିତ ସେ ଯାଜପୁର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରି ଏହି ଆର୍ଥିକ ଅନିୟମିତତାରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଏଭଳି ଜାଲିଆତି ଘଟଣାରେ ସଂପୃକ୍ତ ଥିବା ପୂର୍ବକୋଟ ୟୁଜିଏମ୍‌ଇର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତିଙ୍କ ସମେତ ତାଙ୍କ ପୁଅ ମାତୃପ୍ରସାଦ ମହାନ୍ତି, ପତ୍ନୀ ଗୀତାରାଣୀ ମହାନ୍ତି, ସମ୍ପର୍କୀୟ ମୋନାଲିସା ପାଣି ଓ ତାଙ୍କର ସହଯୋଗୀ ଦିଲୀପ କୁମାର ମହାପାତ୍ରଙ୍କ ଆକାଉଣ୍ଟକୁ ୫କୋଟି ଟଙ୍କା ଦରମା ଅର୍ଥ ଟ୍ରାନ୍ସଫର କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି।

ପ୍ରଦୀପଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ଥିବା ଦୁଇଟି ଆକାଉଣ୍ଟକୁ ଦୁଇ କୋଟି ୬୩ ଲକ୍ଷ ଟଙ୍କା ଟ୍ରାନ୍ସଫର୍ ହୋଇଥିବା ବେଳେ ତାଙ୍କ ପୁଅ ମାତୃପ୍ରସାଦ ମହାନ୍ତି, ଯେ କି ଜଣେ ଘରୋଇ ବ୍ୟାଙ୍କ କର୍ମଚାରୀ ଅଟନ୍ତି; ତାଙ୍କ ଆକଉଣ୍ଟକୁ ପାଖାପାଖି ୧ କୋଟି ୪୫ ଲକ୍ଷ ଟଙ୍କା ଦରମା ବାବଦ ଅର୍ଥ ପ୍ରଦାନ କରାଯାଇଛି। ଏପରିକି, ପ୍ରଦୀପଙ୍କ ପତ୍ନୀ ଗୀତାରାଣୀ ଓ ତାଙ୍କ ଘରେ ପୂର୍ବରୁ କାର୍ଯ୍ୟ କରୁଥିବା ଜନୈକ କର୍ମଚାରୀଙ୍କ ଆକାଉଣ୍ଟକୁ ମଧ୍ୟ ୮୫ ଲକ୍ଷ ଟଙ୍କା ପଠାଯାଇଛି।

ବିଡ଼ମ୍ବନାର ବିଷୟ, ଜିଲ୍ଲା ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଆର୍ଥିକ ଅନିୟମିତତାରେ ସାମିଲ ଥିବା ୪ ଜଣ ବ୍ଲକ୍ ଶିକ୍ଷା ଅଧିକାରୀ ଓ ଅଫିସରେ କାର୍ଯ୍ୟରତ କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ ଓ ପୁଲିସ ନିକଟରେ ଅଭିଯୋଗ ଦେଇଥିଲେ ହେଁ ଅଦ୍ୟାବଧି ସେମାନଙ୍କ ବିରୋଧରେ କୌଣସି ବିଭାଗୀୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଏଠାରେ ପ୍ରଶ୍ନ ଉଠୁଛି, କିପରି ୨୦୧୮ ନଭେମ୍ବର୍ ମାସରୁ ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ୫ବର୍ଷ ଧରି ଅବସରପ୍ରାପ୍ତ ଓ ମୃତ କର୍ମଚାରୀଙ୍କ ନାମରେ ଚାକିରିରେ ଥିବା ଦର୍ଶାଇ ସେମାନଙ୍କୁ ଦରମା ଦିଆଯାଉଥିଲେ ହେଁ କିଭଳି ଜଣାପଡ଼ି ନଥିଲା। ପେନସନ୍ ପାଉଥିବା କର୍ମଚାରୀଙ୍କ ନାମରେ କିଭଳି ଭାବେ ପୁନଶ୍ଚ ଦରମା ବିଲ୍ ପ୍ରସ୍ତୁତ କରି ବ୍ଲକ ଶିକ୍ଷା ଅଧିକାରୀ ଦେଉଥିଲେ, ତାହା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଏଥିରେ ସମ୍ପୃକ୍ତି ଥିବା ସ୍ପଷ୍ଟ ଅନୁମେୟ। ଏବେ ଏହି ଘଟଣାରେ ଭିଜିଲାନ୍ସ ଡିଏସ୍‌ପି ସୁନୀଲ ଏକ୍କା ଅନ୍ୟ ସହଯୋଗ ଅଧିକାରୀଙ୍କ ସହ କୋରେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ଯାଜପୁର ରୋଡ୍ ଟ୍ରେଜେରୀ ଓ ଏଚ୍ଆର୍ଏମଏସ୍ ସେକ୍ସନ୍‌କୁ ଯାଇ ତଦନ୍ତ କରିଛନ୍ତି। ଏଥିସହ ଯେଉଁ ଯେଉଁ ବ୍ୟକ୍ତିଙ୍କ ଆକଉଣ୍ଟକୁ ଟଙ୍କା ଯାଇଛି, ସେସବୁ ତଥ୍ୟ ସଂଗ୍ରହ ପାଇଁ ବିଭିନ୍ନ ବ୍ୟାଙ୍କର ସହାୟତା ନିଆଯାଉଛି। ତେବେ ଏତେ ବଡ଼ ଠକେଇ ଘଟଣାର କ୍ରାଇମବ୍ରାଞ୍ଚ କିମ୍ବା ସିବିଆଇ ତଦନ୍ତ କରାଗଲେ, ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଇନ୍-ଚାର୍ଜ ଖଣି ଅଧିକାରୀଙ୍କ ଦ୍ୱାରା ଲିଜ୍ ରଦ୍ଦ ନିଷ୍ପତ୍ତି ବେଆଇନ ନୁହେଁ: ହାଇକୋର୍ଟ

**କଟକ, ୬।୩ (ସମିସ):** ଓଡ଼ିଶା ମାଇନର୍ ମିନେରାଲ କନସେନସନାଲ୍ ରୁଲ୍ ୨୦୧୬ (ଓଏମଏମସି) ଅନୁଯାୟୀ ଜଣେ 'ଇନ୍-ଚାର୍ଜ' ଖଣି ଅଧିକାରୀଙ୍କ ଦ୍ୱାରା ସଇରାତ ଲିଜ୍ ରଦ୍ଦ କରାଯାଇଥିବା ଆଧାରରେ ନିଷ୍ପତ୍ତିକୁ ବେଆଇନ କୁହାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ନରେନ୍ଦ୍ର ନାଥ ସିଂହଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ବିଭାଗର କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇପାରିବ ନାହିଁ। ଜଣେ ଅଫିସରଙ୍କ ଅନୁପସ୍ଥିତିରେ ଅନ୍ୟ ଜଣଙ୍କୁ ଦାୟିତ୍ୱ ଦିଆଯାଇ ନିଷ୍ପତ୍ତି ନିଆଯିବା ପ୍ରଶାସନିକ ବ୍ୟବସ୍ଥାରେ ସ୍ୱୀକୃତିପ୍ରାପ୍ତ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଖଣି ଲିଜ୍ ରଦ୍ଦକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଖୋର୍ଦ୍ଧା ସର୍କଲର ଏକ ଖଣିଜ ସଇରାତ ଉତ୍ସର ନିଲାମ ନେଇ ଆବେଦନକାରୀ ସର୍ବୋଚ୍ଚ ବିଡର୍ ଭାବେ ୨୦୨୦ ମସିହାରେ ୫ବର୍ଷ ପାଇଁ ଚୁକ୍ତି କରିଥିଲେ। କିନ୍ତୁ, ୨୦୨୦-୨୧ ଆର୍ଥିକ ବର୍ଷ ପରେ ସେ ବୈଧାନିକ ଅର୍ଥ ଜମା କରିବାରେ ଖିଲାପ କରିଥିଲେ। ଖଣି ଉପ-ନିର୍ଦ୍ଦେଶକ ଓ 'ଇନ୍-ଚାର୍ଜ' ଖଣି ଅଧିକାରୀଙ୍କ ପକ୍ଷରୁ ବାରମ୍ବାର କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ଆବେଦନକାରୀ କୌଣସି ଉତ୍ତର ଦେଇନଥିଲେ। ଫଳସ୍ୱରୂପ, ଓଏମଏମସି ନିୟମର ୨୭(୧୪) ଅନୁଯାୟୀ ଲିଜ୍ ରଦ୍ଦ କରାଯିବା ସହ ଜମା ହୋଇଥିବା ସିକ୍ୟୁରିଟି ଅର୍ଥକୁ ଜବତ କରାଯାଇଥିଲା। ଆବେଦନକାରୀ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ 'ଇନ-ଚାର୍ଜ' ଅଧିକାରୀଙ୍କ ପାଖରେ ଏଭଳି ନିଷ୍ପତ୍ତି ନେବାର କ୍ଷମତା ନାହିଁ। ତେବେ ହାଇକୋର୍ଟ ଏହି ଯୁକ୍ତିକୁ ଖାରଜ କରି ଆବେଦନକୁ ଖାରଜ କରିଦେଇଛନ୍ତି।

# 'ଆହାର'ରେ ଆହାର ନିଅଣ୍ଟ

**ରାଇରଙ୍ଗପୁର, ୬।୩ (ସମିସ)**




ଗରିବ ଲୋକଙ୍କ ଭୋକିଲା ପେଟକୁ ଦାନା ଗଣ୍ଡେ ଯୋଗାଇବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହାର କେନ୍ଦ୍ର ଏକ ଲୋକାଭିମୁଖୀ ଯୋଜନା। କିନ୍ତୁ, ରାଇରଙ୍ଗପୁରରେ ସଠିକ୍ କାର୍ଯ୍ୟକାରିତା ଅଭାବରୁ ଭୋକିଲା ଲୋକଙ୍କ ପେଟ ପୂରୁନାହିଁ। ପ୍ଲେଟ୍‌ସଂଖ୍ୟା ବୃଦ୍ଧି କରାଯାଉନଥିବାରୁ ଖାଦ୍ୟ ଅଭାବ ଦେଖିବାକୁ ମିଳୁଛି। ଲୋକେ ଖାଦ୍ୟ ନପାଇ ଭୋକିଲା ପେଟରେ ଫେରୁଛନ୍ତି। ଏହା ଗରିବ ହିତାଧିକାରୀଙ୍କ ପେଟକୁ ପ୍ରହାର ସଦୃଶ ହୋଇଛି। ରାଇରଙ୍ଗପୁର ସହରର ଉପଖଣ୍ଡ ହସ୍ପିଟାଲ ନିକଟରେ ଥିବା ଏକମାତ୍ର ଆହାର କେନ୍ଦ୍ରରେ ପ୍ରତିଦିନ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି।

ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଏହି ଆହାର କେନ୍ଦ୍ରର ପରିଚାଳନା ଦାୟିତ୍ୱ ନେଇଛନ୍ତି। ଦି' ପହରେ ୬୦୦ ପ୍ଲେଟ୍ ଓ ସନ୍ଧ୍ୟା ସମୟରେ ୨୦୦ ପ୍ଲେଟ୍ ଖାଦ୍ୟ ପ୍ରସ୍ତୁତ ହୋଇ ଲୋକଙ୍କୁ ପ୍ରଦାନ କରାଯାଉଛି। ପ୍ରତି ପ୍ଲେଟ୍ ପିଛା ୨୮ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଲୋକଙ୍କଠାରୁ ୫ ଟଙ୍କା ଓ ସରକାର ୨୩ଟଙ୍କା ପ୍ରଦାନ କରୁଛନ୍ତି। ରାଇରଙ୍ଗପୁର ସହରକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା କିମ୍ବା ସ୍ଥାନୀୟ ଗରିବ ହିତାଧିକାରୀ ଏଠାରେ ଖାଦ୍ୟ ଖାଇବା ପାଇଁ ବ୍ୟବସ୍ଥା ହୋଇଛି। ବାହାର ହୋଟେଲରେ ଅଧିକ ଦାମ୍ ଦେଇ ଗରିବ ଲୋକେ ଖାଦ୍ୟ ନଖାଇ ଏଠାରେ ୫ ଟଙ୍କାରେ ଖାଇପାରୁଛନ୍ତି। କିନ୍ତୁ, ଦୁଇ ଘଣ୍ଟା ମଧ୍ୟରେ ଖାଦ୍ୟ ସରିଯାଉଥିବାରୁ ବହୁ ଗରିବ ଲୋକ ଉପାସ ଓ ନିରାଶରେ ଫେରୁଛନ୍ତି।

ଦ୍ୱିପ୍ରହର ଓ ସନ୍ଧ୍ୟା ଉଭୟ ସମୟରେ ଭାତ, ଡାଲମା ମିଳୁଥିବା ବେଳେ ଦ୍ୱିପ୍ରହରରେ ଅଧିକ ଲୋକଙ୍କ ଭିଡ଼ ଜମିଥାଏ। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଏହି କେନ୍ଦ୍ର ଖୋଲା ରହୁଥିଲେ ସୁଦ୍ଧା ପ୍ରାୟତଃ ଅପରାହ୍ଣ ୧ଟା ପରେ ଖାଦ୍ୟ ସରିଯାଉଛି। ଦିନରେ ୮୦୦ ପ୍ଲେଟ୍ ଖାଦ୍ୟ ପ୍ରସ୍ତୁତ ହେଉଥିବା ବେଳେ ତାହା ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ତିଳେ ହେଲେ ମନ ଦେଉନାହାନ୍ତି। ଏବେ ବି ଉକ୍ତ କେନ୍ଦ୍ରରେ ୮୦୦ ଲୋକ ଖାଉଛନ୍ତି। ନିତି ୧୦୦ରୁ ଊର୍ଦ୍ଧ୍ୱ ଲୋକେ ଖାଲି ପେଟରେ ଫେରୁଛନ୍ତି।

ଆହାର କେନ୍ଦ୍ରରେ ବାସନ ସଫା କରିବା ପାଇଁ ଏକ ମେସିନ ଥିବା ବେଳେ ତାହା ମଧ୍ୟ ଅନେକ ଦିନ ହେବ ମରାମତି ଅଭାବରୁ ଖରାପ ହୋଇପଡ଼ିଛି। ମରାମତି ହେଉ ନଥିବାରୁ ବାସନ ସଫା ହୋଇପାରୁନାହିଁ। ବିଡ଼ମ୍ବନାର କଥା ଯେ ଯେତିକି ଲୋକ ଖାଉଛନ୍ତି, ଖାଦ୍ୟ ଅଭାବ ପାଇଁ ପେଟପୂରା ପରିବର୍ତ୍ତେ ସେମାନେ ଅଧା ପ୍ଲେଟ୍ ଖାଉଛନ୍ତି। ଆହାର କେନ୍ଦ୍ରରେ ଖାଦ୍ୟ ପ୍ଲେଟ୍ ସଂଖ୍ୟା ବୃଦ୍ଧି କରିବାକୁ ନିହାତି ଆବଶ୍ୟକତା ଥିବା ବେଳେ ସ୍ଥାନୀୟ ସାଂସଦ, ବିଧାୟକ, ନଗରପାଳ, ଜନପ୍ରତିନିଧି ତିଳେ ହେଲେ ମନ ଦେଉନାହାନ୍ତି। ସୁଷମ ଖାଦ୍ୟ ଯୋଗାଇବା ପାଇଁ ବ୍ୟବସ୍ଥା ଥିବା ବେଳେ ମନ୍ତ୍ରୀ କିମ୍ବା ଅଧିକାରୀ କେବେକେମିତି ଲୋକଦେଖାଣିଆ ଯାଇ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି। ଲୋକଙ୍କ କହିବାନୁଯାୟୀ, ଖାଦ୍ୟ ଅଭାବ ବାବଦରେ କେବେ ବି ଅନୁଧ୍ୟାନ ହେଉନାହିଁ। ପ୍ରାୟ ୨୦୦ ପ୍ଲେଟ୍ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ପ୍ଲେଟ୍ ସଂଖ୍ୟା ବୃଦ୍ଧି କରାଗଲେ ଦୂରଦୂରାନ୍ତରରୁ ଆସୁଥିବା ଲୋକେ ଉପକୃତ ହେବା ସହ ଯୋଜନାର ସଫଳ ରୂପାୟନ ହେବ।

# ପୁଣି ରାଜପଥ ନେଲା ୨ ମୁଣ୍ଡ

**ପିପିଲି,୬।୩(ସମିସ):** ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥ ପୁଣି ମୁଣ୍ଡ ନେଇଛି। ଦାଣ୍ଡମୁକୁନ୍ଦପୁର ବାଇପାସ୍ ରାସ୍ତାରେ ଏକ ହାଇୱା ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ପିପିଲି ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତକଦ୍ୱୟଙ୍କ ମଧ୍ୟରୁ ଜଣଙ୍କର ପରିଚୟ ମିଳିଛି। ସେ ହେଲେ, ସନ୍ତୋଷ କୁମାର ସାହୁ। ତାଙ୍କ ଘର ଜଗତସିଂହପୁର ଜିଲ୍ଲା ବିରିଡ଼ି ଅଞ୍ଚଳର ମଧ୍ୟଶାସନ ଗ୍ରାମରେ ହୋଇଥିବା ବେଳେ ସେ ପୁରୁଣା ଭୁବନେଶ୍ୱର କେଉଟସାହି ଛକରେ ଥିବା ଏକ ତେଜରାତି ଦୋକାନରେ କାମ କରୁଥିଲେ। ଅନ୍ୟ ମୃତକଙ୍କ ପରିଚୟ ମିଳିପାରିନାହିଁ। ସେହିପରି, ଆହତ ଯୁବକଜଣଙ୍କ ହେଲେ, ପୁରୁଣା ଭୁବନେଶ୍ୱର ଡାକବଙ୍ଗଳା ଛକ ଅଞ୍ଚଳର ସାଗର ମୁଳି(୧୭)। ତାଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ୩ଜଣ ଯାକ ଗତକାଲି ବିଳମ୍ବିତ ରାତିରେ ଏକ ବାଇକ୍‌ରେ ପୁରୀ ଆଡ଼କୁ ଯାଉଥିବା ବେଳେ ଦାଣ୍ଡମୁକୁନ୍ଦପୁର ବାଇପାସ୍ ନିକଟରେ ଏକ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ରାତି ପ୍ରାୟ ୨ଟାରେ କିଛି ବ୍ୟକ୍ତି ସଂକୀର୍ତ୍ତନ ସାରି ଘରକୁ ଫେରୁଥିବା ବେଳେ ଦାଣ୍ଡମୁକୁନ୍ଦପୁର ବାଇପାସ୍‌ଠାରେ ୩ ଯୁବକ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ପିପିଲି ପୁଲିସ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ।

# ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ



କେନ୍ଦୁଝର,୬।୩(ସମିସ): ପିଏମ୍‌ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଯୋଡ଼ା ବ୍ଲକ୍ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା, ପାଟଣା ବ୍ଲକ୍ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ହରିଚନ୍ଦନପୁର ବ୍ଲକ୍ ଶିକ୍ଷାଧିକାରୀ ଚିନ୍ମୟ ରାଉତ, ଝୁମ୍ପୁରା ବ୍ଲକ୍ ଶିକ୍ଷାଧିକାରୀ ଭଗବାନ ମିଶ୍ର, ଘଷିପୁରା ବ୍ଲକ୍ ଶିକ୍ଷାଧିକାରୀ ସଦ୍ୟସ୍ନାନ ପଣ୍ଡା, ବାଂଶପାଳ ବ୍ଲକ୍ ଶିକ୍ଷାଧିକାରୀ ଦାଶରଥୀ ଶୁଣ୍ଠି, ଘଟଗାଁ ବ୍ଲକ୍ ଶିକ୍ଷାଧିକାରୀ ହରେକୃଷ୍ଣ ନାୟକ, ପିଏମ୍‌ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି, ପଞ୍ଚସଖା ଶିକ୍ଷାସେତୁର ଜିଲ୍ଲା ସହାୟକ ଅଧିକାରୀ ପରମେଶ୍ୱର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ୧୯ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆକାଂକ୍ଷୀ ମେଳା, ଟ୍ୟାଲେଣ୍ଟ ଗ୍ୟାଲେରୀ, ଦୋକାନ ଯାତ୍ରା, କ୍ୟାରିଅର ମେଳାରେ ୧୯ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ପ୍ରାୟ ୮୩୫ ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବିଚାରକ ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଅର୍ଥନୀତିର ଆସିଷ୍ଟାଣ୍ଟ ପ୍ରଫେସର ଡ଼ ଦାମୋଦର ସାହୁ, ପଦାର୍ଥ ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ଡ଼ କୃଷ୍ଣଚନ୍ଦ୍ର ପ୍ରଧାନ, ରସାୟନ ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ଡ଼ ପ୍ରକାଶଚନ୍ଦ୍ର ପାଲ, ଉଦ୍ଭିଦ ବିଜ୍ଞାନର କନିଷ୍ଠ ଅଧ୍ୟାପକ ରାଜେନ୍ଦ୍ର କର ବିଭିନ୍ନ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଶିକ୍ଷୟିତ୍ରୀ ସୋମ୍ୟାଶ୍ରୀ ଚାଟାର୍ଜୀ ମଞ୍ଚ ପରିଚାଳନା କରିଥିବା ବେଳେ ପଞ୍ଚସଖା ଶିକ୍ଷାସେତୁ ଜିଲ୍ଲା ନୋଡାଲ ଅଫିସର ତଥା ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର ଶିକ୍ଷା କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ତଥା ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ଉତ୍ସବର ବିଭିନ୍ନ କମିଟିରେ ଥିବା ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଆରଟିଓ ଚଢ଼ଉ

# ୨୦ ଗାଡ଼ିରୁ କଟିଲା ଇ-ଚାଲାଣ; ୩୧ ପର୍ଯ୍ୟନ୍ତ ଯାଞ୍ଚ କଡ଼ାକଡ଼ି

କେନ୍ଦୁଝର,୬।୩ (ସମିସ): କେନ୍ଦୁଝର ଜିଲ୍ଲାରେ ଫିଟନେସ, ବୀମା ନଥାଇ ଚାଲିଛି ବହୁ ସଂଖ୍ୟାରେ ଅଟୋ ଓ ଟ୍ରାକ୍ଟର। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କେନ୍ଦୁଝର ଏବଂ ଆଖପାଖ ଅଞ୍ଚଳରେ ଯାଞ୍ଚ ବେଳେ ୨୦ଟି ଗାଡିର ଇ-ଚାଲାଣ କଟାଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି କୌଣସି ଅବହେଳାକୁ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଆରଟିଓ କହିଛନ୍ତି। ଆଗକୁ ସଡକ ଦୁର୍ଘଟଣା ହ୍ରାସ କରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସହ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଯାଞ୍ଚ ଜାରି ରହିବ ବୋଲି ଆରଟିଓ ଇଂ ମାନସ ରଞ୍ଜନ ସାହୁ ସୂଚନା ଦେଇଛନ୍ତି। ବେପରୁଆ ଏବଂ ଆଇନ ଉଲ୍ଲଘନକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ। କେନ୍ଦୁଝର ସହର ଏବଂ ଆଖପାଖ ଅଞ୍ଚଳରେ ଥିବା ସରକାରୀ ଏବଂ ବେସରକାରୀ ବିଦ୍ୟାଳୟକୁ ଅନେକ ଛାତ୍ରଛାତ୍ରୀ ଅଟୋରେ ସ୍କୁଲ ଯିବାଆସିବା କରୁଛନ୍ତି। ଅଧିକାଂଶ ଡ୍ରାଇଭରଙ୍କ ଲାଇସେନ୍ସ ନାହିଁ। ଅଟୋରେ ମାତ୍ରାଧିକ ସ୍କୁଲ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି। ଗୋଟିଏ ଗୋଟିଏ ଅଟୋରେ ୧୨ରୁ ୧୫ଜଣ ସ୍କୁଲ ଛାତ୍ରଛାତ୍ରୀ ଅସୁରକ୍ଷିତ ଭାବେ ଯାଉଛନ୍ତି। ସେହିପରି କେନ୍ଦୁଝର ସହରରୁ ବାଂଶପାଳ ବ୍ଲକ ଏବଂ ହରିଚନ୍ଦନପୁର ବ୍ଲକର ବିଭିନ୍ନ ହାଟକୁ ବ୍ୟବସାୟୀ ଏବଂ ଚାଷୀ ଅଟୋରେ ଯିବା ଆସିବା କରୁଛନ୍ତି। ଗୋଟିଏ ଅଟୋରେ ୧୦ରୁ ଉର୍ଦ୍ଧ୍ୱ ଲୋକ ନିଜ ଜିନିଷପତ୍ର ସହ ବିପଦପୂର୍ଣ୍ଣ ଭାବେ ଯାଉଛନ୍ତି। ଟ୍ରାକ୍ଟର ଗୁଡିକର ଫିଟନେସ, ଇନ୍ସୁରାନ୍ସ, ପଲ୍ୟୁସନ ସାର୍ଟିଫିକେଟ ନ ଥାଇ ବର୍ଷ ବର୍ଷ ଧରି ରାସ୍ତାରେ ଗଡୁଛି। ମାଲ ପରିବହନ କରୁଥିବା ଅଧିକାଂଶ ଟ୍ରାକ୍ଟରରେ ନମ୍ବର ପ୍ଲେଟ ନାହିଁ। ଟ୍ରାକ୍ଟର ଡ୍ରାଇଭରମାନଙ୍କର ଲାଇସେନ୍ସ ନଥିବାବେଳେ ମଦ ପିଇ ଗାଡି ଚାଳନା କରୁଛନ୍ତି। ଟ୍ରାକ୍ଟରେ ବାଲି, ମୋରମ, ପଥର, ଧାନ ପରିବହନ ହେଉଛି।



ବେପରୁଆ ଗାଡି ଚାଳନା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ମୃତାହତଙ୍କୁ ଇନ୍ସୁରାନ୍ସ ବାବଦ ଅର୍ଥ ମିଳୁନାହିଁ। ପରିବହନ ଗାଡି ବା ଟାକ୍ସିରେ ବ୍ୟବହୃତ ବ୍ୟବସାୟିକ ଗାଡିରେ ଏଣିକି କଡାକଡି ଯାଞ୍ଚ କରାଯିବ ବୋଲି ଆରଟିଓ ପ୍ରକାଶ କରିଛନ୍ତି। ଅଧିକାଂଶ ଟ୍ରାକ୍ଟର ଗାଡିରେ ନମ୍ବର ପ୍ଲେଟ ନାହିଁ। ବାଲି,ମାଟି ଓ ମୋରମ ଚୋରା କାର୍ଯ୍ୟରେ ଏହି ଗାଡିଗୁଡିକୁ ନିୟୋଜିତ କରାଯାଉଛି। ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ। ସଡକରେ ଅନ୍ୟ ବ୍ୟବହାରୀଙ୍କ ପାଇଁ ବିପଦ ସାଜିଥିବା ଏଭଳି ଗାଡିଗୁଡିକର ପଞ୍ଜୀକରଣ ସାର୍ଟିଫିକେଟ(ଆରସି) ରଦ୍ଦ ପାଇଁ ପଦକ୍ଷେପ ନିଆଯିବ। ଫିଟ୍‌ନେସ ନଥିଲେ ଗାଡି ସିଜ୍ ହେବ। କେବଳ ଜରିମାନା ନୁହେଁ ଆଇନ ଅନୁଯାୟୀ ଏଣିକି ଗାଡି ଜବତ୍ କରିବା ଓ ମାମଲା ରୁଜୁ କରିବା ଭଳି କଠୋର ପଦକ୍ଷେପ ନିଆଯିବ। ବୈଧ ଫିଟନେସ ଓ ପଞ୍ଜୀକରଣ ସାର୍ଟିଫିକେଟ ବିନା ଚାଲୁଥିବା ଗାଡି ଦୁର୍ଘଟଣାଗସ୍ତ ହେଲେ ବୀମା କମ୍ପାନୀ ପକ୍ଷରୁ ବୀମାରାଶି ମଧ୍ୟ ପ୍ରଦାନ କରିବାର ନିୟମ ନାହିଁ। ତେଣୁ ସଡକ ସୁରକ୍ଷା ଦୃଷ୍ଟିକୋଣରୁ ଆଇନ ଉଲ୍ଲଙ୍ଘନକାରୀଙ୍କ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯାତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ପରିବହନ କରୁଥିବା ଅଟୋ, ବସ ଓ ଅନ୍ୟାନ୍ୟ ଗାଡି କ୍ଷେତ୍ରରେ ଆହୁରି ଅଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ



ଆନନ୍ଦପୁର, ୬।୩ (ସମିସ): ଆନନ୍ଦପୁର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଆଇଏମଏମଟି, ଭୁବନେଶ୍ୱର ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡକ୍ଟର ବିକାଶ ଜେନା, ସମ୍ମାନିତ ଅତିଥି ଭାବେ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର, ପ୍ରାଧ୍ୟାପକ ପ୍ରଫୁଲ୍ଲ ପଣ୍ଡା, ଆଦ୍ୟଦେବ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀପ୍ରିୟା ନାୟକ ଓ ସଞ୍ଜୟ ସାହୁଙ୍କ ସଂଯୋଜନାରେ ବିଭାଗର ମୁଖ୍ୟ ଡକ୍ଟର ନିମାଇଁ ଚରଣ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସେମିନାର ଉପଦେଷ୍ଟା ଅଧ୍ୟାପକ ବିଶ୍ୱରଂଜନ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ ଓ ସେମିନାର ସମ୍ପାଦକ ସନ୍ଦୀପ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବେଷ୍ଟ ସେମିନାର ଟକ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ସମ୍ପାଦିକା ଲକ୍ଷ୍ମୀପ୍ରିୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସହାୟ ମୋହନଙ୍କ ଦୁଃଖ ବୁଝୁନି ପ୍ରଶାସନ

ତେଲକୋଇ, ୬।୩(ସମିସ): ବର୍ତ୍ତମାନ ଦୁନିଆରେ ଯେଉଁଠି ଦେଖିବେ ଏକାଧିକ ମାନସିକ ଭାରସାମ୍ୟ ହରାଇଥିବା ଭିନ୍ନକ୍ଷମ ଅସହାୟ ବୃଦ୍ଧବୃଦ୍ଧା ଭିକ୍ଷାବୃତ୍ତି କରି ଚଳୁଥିବା ବେଳେ ଏଥିପ୍ରତି ସରକାରୀ ଯୋଜନା ରହିଥିବା ସତ୍ତ୍ୱେ ପ୍ରଶାସନ ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ଏପରି ଏକ ଦୃଷ୍ଟାନ୍ତ ତେଲକୋଇ ବ୍ଲକ୍ ଅଞ୍ଚଳରେ ଦେଖିବାକୁ ମିଳୁଛି। ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ ଯୋଜନାର ସଫଳ ରୂପାୟନ ହୋଇ ପାରିନାହିଁ। କିଏ ପେଟ ଚାଖଣ୍ଡେ ପାଇଁ ଭିକ୍ଷା ବୃତ୍ତିକୁ ଆପଣେଇଛି ତ ଆଉ କିଏ ଅସହାୟ ଅବସ୍ଥାରେ ଘର ଅଗଣାରେ ସାହିପଡ଼ିଶାଙ୍କ ହାତକୁ ଅପେକ୍ଷା କରି ପଡ଼ି ରହିଛି। ଏପରିକି ଅନେକ ବୟସର



ଅପରାହ୍ନରେ ପହଞ୍ଚିଥିଲେ ସୁଦ୍ଧା ଆଜିବି ସାମାଜିକ ସୁରକ୍ଷାରେ ସାମିଲ ହୋଇପାରି ନାହାଁନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଗରିବ ଅସହାୟଙ୍କ ଏହି ବିକଳ ଚିତ୍ର ପ୍ରଶାସନର କର୍ତ୍ତବ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଲକୋଇ ବ୍ଲକ ଓରିଆ ପଞ୍ଚାୟତ ଓରିଆ ଗ୍ରାମ ମୁଣ୍ଡା ସାହିର ମୋହନ ମୁଣ୍ଡା (୭୦) ସରକାରଙ୍କ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ପରିବାର କହିଲେ ନିଜର ବୋଲି କେହି ନାହିଁ। କୌଣସି କାରଣବଶତଃ ଗୋଟିଏ ଗୋଡ ଚାଲିବାକୁ ଅକ୍ଷମ ହୋଇ ପଡ଼ିଛି। ନିଜେ ବାଉଁଶରେ ଦୁଇଟି ଆଶା ବାଡ଼ି ତିଆରି କରି ତାହାରି ଭରସାରେ ଜୀବନ ଜିଉଁଛନ୍ତି। କେବଳ ଖାଦ୍ୟ ସୁରକ୍ଷା ଯୋଜନାରେ ୫ କେଜି ଚାଉଳ ପାଉଛନ୍ତି। ସେଥିରେ ମାସ ଯାକ ଚଳିବା କଷ୍ଟକର ହୋଇ ପଡୁଛି। କେତେଦିନ ଭୋକ ଉପାସରେ ଦିନ କଟିବ। ହାତ ତିଆରି ଦୁଇ ଆଶା ବାଡ଼ିକୁ ସାହାରା କରି ପେଟ ପାଇଁ ଆହାର ଯୋଗାଡ଼ କରିବାକୁ ଭିକ୍ଷା ବୃତ୍ତିକୁ ଆଦରି ନେଇଛନ୍ତି। ରାତି କାଟିବା ପାଇଁ କାନ୍ଧରେ ଏକ ପୁଟୁଳି ଧରିଥିବା ବେଳେ ଗୋଟିଏ ହାତରେ ଷ୍ଟିଲ କେନ୍‌ଟିଏ ଧରି ଜୀବନ ଯୁଦ୍ଧରେ ଆଗକୁ ଆଗକୁ ମାଡି ଚାଲିଛନ୍ତି। ଯେଉଁଠି ସନ୍ଧ୍ୟା ହୋଇଯାଏ ସେଇଠି ପୁଟୁଳି ଖୋଲି ଆଶ୍ରୟ ନେଉଛନ୍ତି। ଭିନ୍ନକ୍ଷମ ହୋଇଥିଲେ ସୁଦ୍ଧା ଅକ୍ଷମତା ତାଙ୍କୁ କେବେ ଦୁର୍ବଳ କରି ପାରିନାହିଁ। ନିଜ ପେଟ ପାଇଁ ନିଜେ ଆହାର ଯୋଗାଡ କରିବାରେ କେବେ ହାର ମାନି ନାହାନ୍ତି। ଘର ଖଣ୍ଡିଏ ନଥିବାରୁ ଯାଯାବର ଜୀବନ ବିତାଉଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ମୋହନଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବା ସହିତ ଘର ଖଣ୍ଡିଏ ଏବଂ ସାମାଜିକ ସୁରକ୍ଷାରେ ସାମିଲ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ବନ୍ଧରେ ତେଲକୋଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କହିଛନ୍ତି, ତର୍ଜମା କରାଯାଇ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ।

# ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ

ତୁରୁମୁଙ୍ଗା, ୬।୩(ସମିସ): ତୁରୁମୁଙ୍ଗା ଥାନା ହୀରାପଶି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବୃଦ୍ଧଙ୍କୁ ଗାଁ ସଭାକୁ ଡ଼କାଇବା ପରେ ସେଠାରେ ଏକ ଠେଙ୍ଗା ସହାୟତାରେ ସଙ୍ଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି।



ଗୁରୁତର ବୃଦ୍ଧ ହେଲେ ହୀରାପଶି ଗ୍ରାମର ଲାଲମୋହନ ମାଝୀ (୬୨)। ଗୁରୁବାର ଅପରାହ୍ନରେ ଗାଁରେ ଏକ ବିବାହ ଘଟଣାକୁ ନେଇ ସଭା ହୋଇଥିଲା। ସେଠାକୁ ଲାଲମୋହନ ଯାଇଥିବା ସମୟରେ ତାଙ୍କୁ ୫ ଜଣ ମିଶି ଏକ ବାଉଁଶ ଠେଙ୍ଗା ସାହାଯ୍ୟରେ ତାଙ୍କ ମୁଣ୍ଡକୁ ମାଡ଼ ମାରିଥିଲେ। ଫଳରେ ଲାଲମୋହନଙ୍କ ମୁଣ୍ଡ ଫାଟିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖିରେଇଟାଙ୍ଗିରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅଭିଯୋଗ ପରେ ତୁରୁମୁଙ୍ଗା ପୁଲିସ ୫୧/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଛିଡ଼ା ହୋଇଥିବା ଟ୍ରକ୍‌କୁ ଧକ୍କାଦେଲା ଟ୍ରକ୍



ତୁରୁମୁଙ୍ଗା, ୬।୩(ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ନିକଟରେ ଶୁକ୍ରବାର ଭୋରରୁ ଦୁର୍ଘଟଣା ଘଟିଛି। ରାଜପଥ ଉପରେ ଛିଡ଼ା ହୋଇଥିବା ଟ୍ରକ ପଛରେ ଆଉ ଏକ ତରଭୁଜ ବୋଝେଇ ଟ୍ରକ ଧକ୍କା ଦେବା ଫଳରେ ପଛ ଗାଡ଼ିର ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇ ଗୁରୁତର ହୋଇଥିଲେ।

**ଡ୍ରାଇଭର ଗୁରୁତର**

ଗୁରୁତର ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏନ୍‌ଏଚଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଛନ୍ତି। ଗୁରୁତର ଡ୍ରାଇଭର ହେଲେ ବିହାର ଅଞ୍ଚଳର ମହମଦ ଆକବର (୩୧)। ଗତକାଲିଠାରୁ ଏକ ବ୍ରେକଡାଉନ ଟ୍ରକ ରାଜପଥ ଉପରେ ଛିଡା ହୋଇ ରହିଥିଲେ ମଧ୍ୟ ଏନଏଚଆଇ କିମ୍ବା ସ୍ଥାନୀୟ ପୁଲିସ ପକ୍ଷରୁ ଗାଡିକୁ ରାସ୍ତା ଉପରୁ ହଟାଇବାକୁ କୌଣସି ପଦକ୍ଷେପ ନିଆ ଯାଇ ନଥିବାରୁ ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ରାଜପଥ ଉପରେ ବେଆଇନ ପାର୍କିଂ ଯୋଗୁଁ ଦୈନିକ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି।

# ମଲଦା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର, ୬।୩(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ମଲଦା ସରକାରୀ ଉଚ୍ଚବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ବିଦ୍ୟାଳୟ ପାଳିତ ହୋଇଯାଇଛି। ସରକାରୀ ମହାବିଦ୍ୟାଳୟ, କେନ୍ଦୁଝରର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ଡକ୍ଟର ପ୍ରୀତିମଞ୍ଜରୀ ମିଶ୍ର ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମିତ୍ରଭାନୁ ବାରିକ ମୁଖ୍ୟବକ୍ତା ଏବଂ ମଲଦା ସରପଞ୍ଚ ଦିବାକର ନାଏକ, ସମିତିସଭ୍ୟା ଗୀତା ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମହାନ୍ତ ସଭାପତିତ୍ୱ କରିଥିବାବେଳେ ସଂସ୍କୃତ ଶିକ୍ଷକ ସୁରେଶଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ଦୀପକ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କୁ କଳାଶିକ୍ଷକ ପ୍ରଫୁଲ୍ଲଚନ୍ଦ୍ର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ



ପ୍ରକାର ଆଞ୍ଚଳିକ ନୃତ୍ୟକୁ ବିଦ୍ୟାଳୟର କଳା ଶିକ୍ଷକ ବାବୁଲା ଜେନା, ବିଜ୍ଞାନ ଶିକ୍ଷୟିତ୍ରୀ ସେବତୀ ମୁର୍ମୁ ଓ ଖେଳ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମାଝୀ ନିର୍ଦ୍ଦେଶନା ଦେଇଥିଲେ। ପଞ୍ଚ୍‌ଶଖା ଶିକ୍ଷା ସେତୁର କର୍ମକର୍ତ୍ତା ଓ ବିଦ୍ୟାଳୟର ଉନ୍ନୟନ ଓ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ସହଯୋଗ କରିଥିଲେ।

# ହନୁମାନଙ୍କ ବାର୍ଷିକ ମହାଯଜ୍ଞ



ଆନନ୍ଦପୁର, ୬।୩ (ସମିସ): ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଅନ୍ତର୍ଗତ ରୁଦ୍ରନାରାୟଣପୁର ଗ୍ରାମରେ ଶ୍ରୀ ଶ୍ରୀ ହନୁମାନଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ପାଳିତ ହୋଇଯାଇଛି। ପଣ୍ଡିତ ସୁମନ୍ତ ତ୍ରିପାଠୀ, ପଣ୍ଡିତ ତ୍ରିଲୋଚନ ପଣ୍ଡା ଓ ପଣ୍ଡିତ ଅଭିନାଶ ପଣ୍ଡାଙ୍କ ନେତୃତ୍ୱରେ ଏବଂ ନୀତି ପୂଜକ ଲକ୍ଷ୍ମୀଧର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ୧୦୮ ଜଣ ବ୍ରତଧାରୀ ଗ୍ରାମସ୍ଥିତ ଦୁର୍ଗା ପୁଷ୍କରିଣୀରୁ କଳସ ବୁଡାଇ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ପରେ ପୂଜା ଓ ମହାଯଜ୍ଞ ଆରମ୍ଭ ହୋଇଥିଲା। ଏହି ଯଜ୍ଞରେ କର୍ତ୍ତା ଭାବେ ତପନ ତ୍ରିପାଠୀ ଓ ପତ୍ନୀ ପିନୁ ତ୍ରିପାଠୀ, ବାସୁଦେବ ନନ୍ଦ ଓ ପତ୍ନୀ ସୋନିତା ନନ୍ଦ, ମନୋରଞ୍ଜନ ବେହେରା ଓ ପତ୍ନୀ ସସ୍ମିତା ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟା ୭ଟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିବା ବେଳେ ମନ୍ଦିର ସମ୍ମୁଖରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ସମସ୍ତ ଗ୍ରାମବାସୀ ଓ ଭକ୍ତମାନଙ୍କ ସହଯୋଗରେ ଉତ୍ସବ ସଫଳ ହୋଇଥିଲା। ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ପୌରାଞ୍ଚଳରେ ରହିବ ୱାଟର କିଓସ୍କ

ଆନନ୍ଦପୁର, ୬।୩ (ସମିସ): ୱାଟକୋ ପକ୍ଷରୁ ଆନନ୍ଦପୁର ପୌରାଞ୍ଚଳର ବିଭିନ୍ନ ୧୦ଟି ୱାଟର କିଓସ୍କ ପ୍ରତିଷ୍ଠା ହେବ ବୋଲି ୱାଟକୋ କନିଷ୍ଠ ଯନ୍ତ୍ରୀ ଉଦୟାପନା ଦାଶଙ୍କଠାରୁ ସୂଚନା ମିଳିଛି। ଏନେଇ ଆନନ୍ଦପୁର ପୌର ନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ସହିତ ଆଲୋଚନା କରିବା ପରେ ଆନନ୍ଦପୁର କଚେରି ଛକ, ପୋଷ୍ଟାଲ ଛକ, ବଡଦାଣ୍ଡ ବ୍ରିଜ ଛକ, ସିନେମାହଲ ଛକ, ଫକୀରପୁର ସପ୍ତାବଜାର କାଳିବଜାର ହାଟଛକ, ସୁଦୁସୁଡ଼ିଆ ବାଇପାସ, ଘସିପୁରା ବସଷ୍ଟାଣ୍ଡ ଶାଳପଡା ଛକ, ଶୈଳଙ୍ଗ ଛକଠାରେ ଏହି ଅତ୍ୟାଧୁନିକ ପାନୀୟ ଜଳସେବା ଖୁବଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଆଗାମୀ ଗ୍ରୀଷ୍ମ ଋତୁରେ ରାସ୍ତାରେ ଯାତାୟାତ ବେଳେ ବାଟୋଇଙ୍କ ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିଆଯାଇଥିବା ଏପରି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।



## ମେଗା ପାନୀୟଜଳ ଯୋଗାଣରେ ଚଞ୍ଚକତା

# ମାଠିଆନେଣ୍ଡି ନାଁରେ ଅନ୍ୟତ୍ର ଗ୍ରାମସଭାରୁ ଉତ୍ତେଜନା

ଆନନ୍ଦପୁର, ୬।୩ (ସମିସ): ମେଗା ପାନୀୟଜଳ ଯୋଗାଣରେ ଚଞ୍ଚକତା ଯୋଗୁଁ ଉତ୍ତେଜନା ପ୍ରକାଶ ପାଇଛି। ମାଠିଆନେଣ୍ଡି ଗାଁ ନାଁରେ ଅନ୍ୟତ୍ର ଗ୍ରାମସଭା କରିବା ନେଇ ମହିଳାମାନେ ଏହାର ପ୍ରତିବାଦ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତିନି ମାସ ହେବ ଟ୍ୟାପରେ ଆସୁନି ପାଣି। ପ୍ରହସନ ପାଲଟିଛି ପାନୀୟ ଜଳ ସେବା। ଗୋଟିଏ ପଟେ ସରପଞ୍ଚଙ୍କ ସ୍ୱାମୀ କହିଛନ୍ତି ଯେ ଆଠ-ଦଶ ଦିନ ହେବ ମିଟିଙ୍ଗ ହୋଇ ସାରିଛି ଓ ଆମେ ଦସ୍ତଖତ କରିସାରିଛୁ। ଅନ୍ୟପଟେ ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ପରିଡା କହିଛନ୍ତି ଯେ ମାଠିଆନେଣ୍ଡିରେ କୌଣସି ମିଟିଙ୍ଗ ହୋଇନାହିଁ। ଫଳରେ ସରପଞ୍ଚ ଓ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟାରେ କୌଣସି ତାଳମେଳ ରହୁନାହିଁ। ଏହାକୁ ନେଇ ପ୍ରକଳ୍ପରେ ଦୁର୍ନୀତି ହେଉଥବା



ଗ୍ରାମବାସୀ ସନ୍ଦେହ କରୁଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ତରତରା ପଞ୍ଚାୟତର ମାଠିଆନେଣ୍ଡି ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ 'ହର ଘର ଜଳ' ଯୋଜନା ଅଧୀନରେ ମେଗା ପ୍ରକଳ୍ପ ମାଧ୍ୟମରେ ପାଇପ ସଂଯୋଗୀକରଣ କରାଯାଇଥିଲେ ମଧ୍ୟ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ମାଠିଆନେଣ୍ଡି ଗ୍ରାମରେ ସମସ୍ତ ପ୍ରସ୍ତୁତି ସରିଥିବା ସତ୍ତ୍ୱେ ମଧ୍ୟ କୌଣସି ଟ୍ୟାପରୁ ପାଣି ଆସୁ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିୟମ ଅନୁଯାୟୀ, ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ପୂର୍ବରୁ ଗ୍ରାମସଭା ଡାକି ସରପଞ୍ଚ ଓ ୱାର୍ଡ ସଦସ୍ୟଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ସହ ବୈଠକ କରି ଅନୁମୋଦନ ନେବା ଦରକାର ଥିଲେ ମଧ୍ୟ ମାଠିଆନେଣ୍ଡି ଗାଁରେ ଏଭଳି କୌଣସି ବୈଠକ ହୋଇ ନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ, ଅଧିକାରୀମାନେ ମାଠିଆନେଣ୍ଡି ଗାଁ ନାମରେ ଏକ ବ୍ୟାନର ପ୍ରସ୍ତୁତ କରି ମେଗା କାର୍ଯ୍ୟାଳୟ ନିକଟରେ 'ମକ ଡ୍ରିଲ' ହୋଇଥିବା ଦାବି କରୁଥିବା କଥା ମଧ୍ୟ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମକ ଡ୍ରିଲର ଆବଶ୍ୟକତା ନଥିବା ସତ୍ତ୍ୱେ ଏନେଇ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଘଟଣାର ସଠିକ୍ ତଦନ୍ତ କରି ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ରାଜପଥରୁ ହଟିଲା ପରିବା ହାଟ

ଯୋଡ଼ା, ୬।୩(ସମିସ): ଯୋଡ଼ା ପୌରପାଳିକା ଦେଇ ଲମ୍ବିଥିବା ବିଜୁ ପଟନାୟକ ରାଜ୍ୟ ରାଜପଥ ୨ ଉପରେ ପରିବା ହାଟକୁ ନେଇ କିଛି ଦିନ ପୂର୍ବରୁ ପ୍ରତିଷ୍ଠିତ ଖବରକାଗଜ 'ସକାଳ'ରେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ସ୍ଥାନୀୟ ପ୍ରଶାସନ ଜନସାଧାରଣଙ୍କ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାର ସୁଧାର ନିମନ୍ତେ ପରିବା ହାଟ ସ୍ଥାନାନ୍ତରକୁ ନେଇ ତତ୍ପରତା ଦେଖାଇ ଶୁକ୍ରବାର ଏହାକୁ ସ୍ଥାନାନ୍ତର କରିଛି। ସକାଳୁ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ ନିଜେ ପରିବା ହାଟ ବୁଲି ଦେଖିବା ସହ ଆଗକୁ ଖରା ପାଇଁ ଚାଷୀଙ୍କ ସୁରକ୍ଷା ନିମନ୍ତେ ଉଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏହାକୁ ନେଇ ଯୋଡ଼ା ବୁଦ୍ଧିଜୀବୀ ଓ ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ସମ୍ପାଦକ ସୁଶାନ୍ତ ବାରିକ, ସାଂସଦ ପ୍ରତିନିଧି ବିଚିତ୍ରାନନ୍ଦ ଦାଶ, ସଞ୍ଜୟ ପାତ୍ର, ସରକାରୀ ଓକିଲ ନରେଶ ପାତ୍ର କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କୁ ସାଧୁବାଦ ଜଣାଇଛନ୍ତି। ଆଗକୁ ରାସ୍ତା ଉପରେ ପରିବା ହାଟ ନ ହେବାପାଇଁ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ୱେତାପଦ୍ମା ଧଳ ନିଷ୍ପତ୍ତି ନେଇ ଜନସାଧାରଣ ଓ ପରିବା ବିକ୍ରେତାଙ୍କ ଉଦ୍ଦିଷ୍ଟରେ ଏକ ଆଦେଶନାମା ଜାରି କରିଥିବା ଜଣାପଡିଛି। ଦୁଇ ନମ୍ବର ୱାର୍ଡ ମୂର୍ତ୍ତି ବିସର୍ଜନ ପୋଖରୀ ନିକଟରେ ଥିବା ବୁଦ୍ଧ ପାର୍କଠାରେ ପରିବା ବଜାର ବସିବା ନିମନ୍ତେ ସ୍ଥିର ହୋଇଛି। ଏହି ସ୍ଥାନାନ୍ତର ବ୍ୟବସ୍ଥା ଦ୍ୱାରା ଚାଷୀ, ବେପାରୀ ଓ ଗ୍ରାହକ ସୁରକ୍ଷିତ ରହିବେ ବୋଲି ଏପରି ନିଷ୍ପତ୍ତି ନିଆଯାଇଛି। ବୁଦ୍ଧ ପାର୍କ ନିକଟରେ ସୁନା ନଦୀ ବୋହିଯାଉଥିବା ବେଳେ ଏକ ଗୋଷ୍ଠୀ ଶୌଚାଳୟ ମଧ୍ୟ ରହିଛି। ମଟରସାଇକଲ ପାର୍କିଙ୍ଗ ପାଇଁ ଯଥେଷ୍ଟ ସ୍ଥାନ ମଧ୍ୟ ରହିଛି। ଯାହା ଜନସାଧାରଣ, ଚାଷୀ ଓ ବେପାରୀଙ୍କ ବ୍ୟବହାରରେ ଆସିପାରିବ। ଆଗକୁ ଖରା ଟାଣ ହେବାକୁ ଥିବା ବେଳେ ଚାଷୀଙ୍କ ପାଇଁ ସେଡ ପ୍ରଭୃତି ତିଆରି କରିବାର ପ୍ରକ୍ରିୟା ରହିଛି ବୋଲି ପୌରପାଳିକା ପକ୍ଷରୁ ଜଣାପଡିଛି।





# ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ପଦ୍ମିନୀ ମନୋନୀତ



ବାଲେଶ୍ୱର, ୬।୩(ସମିସ): ଅନ୍ତର୍ଜାତୀୟ ଦୃଷ୍ଟିବାଧିତ ମହିଳା ଫୁଟବଲ ଚାମ୍ପିୟନସିପ୍ ରେ ଭାଗ ନେବା ପାଇଁ ଜାତୀୟ ଦଳର ଖେଳାଳି ମନୋନୟନ ଶିବିର ଫେବୃଆରୀ ୧୧ ରୁ ୧୩ ପର୍ଯ୍ୟନ୍ତ ଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀ ପଦ୍ମିନୀ ଟୁଡୁ ଓ ସୁମିତ୍ରା ସିଂ ଅଂଶଗ୍ରହଣ କରିଥିଲେ। ଦୁଇ ଜଣଙ୍କ ମଧ୍ୟରୁ ମନୋନୟନ ବୋର୍ଡ, ଭାରତୀୟ ଦଳରେ ପଦ୍ମିନୀ ଟୁଡୁଙ୍କୁ ଓଡିଶାରୁ ଏକମାତ୍ର ପ୍ରାର୍ଥୀନୀ ଭାବରେ ଚୟନ କରିଥିବାରୁ ରାଜ୍ୟ କ୍ରୀଡା ଯୁବ ବ୍ୟାପାର ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବାସଭବନରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପଦ୍ମିନୀ ଏକ ଧାରାରେ ଜଣେ ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟର ସହିତ ଜାତୀୟ ମହିଳା ଦୃଷ୍ଟିବାଧିତ ଫୁଟବଲ ଖେଳାଳି ଭାବରେ ଭାରତୀୟ ଦଳରେ ଏକମାତ୍ର ଓଡିଶାର ଝିଅ ଭାବରେ ସ୍ଥାନ ପାଇଥିବାରୁ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଥିବାରୁ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ ଆଗାମୀ ଏପ୍ରିଲ ମାସରେ ଜାପାନରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଫୁଟବଲ ଚାମ୍ପିୟାନସିପରେ ଭାରତର ବିଜୟ କାମନା କରିଛନ୍ତି।

# ସମସ୍ୟା ଘେରରେ ଆରଏମ୍ଏସ୍ କାର୍ଯ୍ୟାଳୟ

ବାଲେଶ୍ୱର, ୬।୩(ସମିସ)




୧୭୧ବର୍ଷର ଗୌରବମୟ ଐତିହ୍ୟ ମଧ୍ୟରେ ସମଗ୍ର ଦେଶର ୧.୫ଲକ୍ଷରୁ ଅଧିକ ଡାକଘର ସହିତ ଭାରତୀୟ ଡାକ ବିଭାଗ ବିଶ୍ୱର ସର୍ବାଧିକ ବିସ୍ତୃତ ଡାକ ବ୍ୟବସ୍ଥା। ସରକାରଙ୍କ ପକ୍ଷରୁ ଡାକ ବିଭାଗକୁ ଅଧିକ କ୍ରିୟାଶୀଳ ପାଇଁ ଗୁରୁତ୍ୱ ଦିଆଯାଉଥିବା ବେଳେ ବାଲେଶ୍ୱରରେ ଆରଏମଏସ କାର୍ଯ୍ୟାଳୟ ସମସ୍ୟା ଘେରରେ ପଡିଥିବା ଜଣାପଡିଛି। ବାଲେଶ୍ୱର ରେଳଷ୍ଟେସନରେ ପରିଚାଳିତ ଆରଏମଏସ କାର୍ଯ୍ୟାଳୟ ପ୍ରାୟ ୧୨୮ବର୍ଷର ପୁରୁଣା। ଏଯାବତ ରେଳଷ୍ଟେସନର ଦୁଇନମ୍ବର ପ୍ଲାଟଫର୍ମସ୍ଥିତ ପୁରୁଣା ଭବନରେ ପ୍ରାୟ ୨୮୦ବର୍ଗ ମିଟର ଅର୍ଥାତ ପ୍ରାୟ ୩ହଜାର ବର୍ଗ ଫୁଟ ସ୍ଥାନରେ ଏହା କାର୍ଯ୍ୟ କରୁଥିଲା। ମାତ୍ର ଅମୃତ ଭାରତ ଷ୍ଟେସନ ଯୋଜନାରେ ପୁନଃ ବିକଶିତ ହେଉଥିବା ବାଲେଶ୍ୱର ରେଳ ଷ୍ଟେସନର ନବ ନିର୍ମିତ ଭବନରେ କେବଳ୧୮୫ ବର୍ଗ ମିଟର ଅର୍ଥାତ ପ୍ରାୟ ଦୁଇହଜାର ବର୍ଗ ଫୁଟ ସ୍ଥାନ ଆରଏମଏସ କାର୍ଯ୍ୟାଳୟ ପାଇଁ ବ୍ୟବସ୍ଥା କରାଯାଇଛି। ଦିନକୁ ଦିନ କାର୍ଯ୍ୟଭାରରେ ଚାପଗ୍ରସ୍ତ ଆରଏମଏସ ପାଇଁ ଅଧିକ ସ୍ଥାନର ଆବଶ୍ୟକତା ନେଇ ଦୀର୍ଘ ଦିନରୁ ରେଳ କର୍ତ୍ତୃପକ୍ଷଙ୍କୁ ଅଗବତ କରାଯାଇଥିବା ସତ୍ତ୍ୱେ ୧୨୮ ବର୍ଷ ପୂର୍ବରୁ ଯେତିକି ସ୍ଥାନ ଦିଆଯାଇଥିଲା, ନୂତନ ଭବନରେ ତାହା ଠାରୁ କମ ସ୍ଥାନର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟର ଚାପ ଅନୁଯାୟୀ ଅଧିକ ସ୍ଥାନ ଦେବା ପାଇଁ ରେଳ କର୍ତ୍ତୃପକ୍ଷ କୁଣ୍ଠାବୋଧ ପ୍ରକାଶ କରୁଥିବା ଜଣାପଡିଛି। ଅତ୍ୟନ୍ତ ପକ୍ଷେ ପୂର୍ବରୁ ଦିଆଯାଇଥିବା ୩ହଜାର ବର୍ଗ ଫୁଟ ଅନୁସାରେ ନୂତନ ସ୍ଥାନ ଦେବା ନେଇ ବାରମ୍ବାର ଅନୁରୋଧକୁ ଅଗ୍ରାହ୍ୟ କରାଯାଉଛି। ବୃଦ୍ଧିଶୀଳ କାର୍ଯ୍ୟ ସମ୍ପାଦନ ପାଇଁ ଅତିରିକ୍ତ ହଜାରେ ବର୍ଗ ଫୁଟ ଆବଶ୍ୟକ ହେଉଥିବା ସତ୍ତ୍ୱେ ରେଳ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଚାଲିଛନ୍ତି। ନୂତନ ଭବନରେ କାର୍ଯ୍ୟାଳୟ ପାଇଁ ଆବଂଟିତ ଦୁଇହଜାର ବର୍ଗ ଫୁଟ ସ୍ଥାନ ଆରଏସଏସର ଦୈନିନ୍ଦିନ କାର୍ଯ୍ୟଧାରାରେ ଘୋର ସମସ୍ୟା ସୃଷ୍ଟି କରିବ। ନୂତନ କାର୍ଯ୍ୟାଳୟରେ ଅବ୍ୟବସ୍ଥିତ ବିଶ୍ରାମ କକ୍ଷରେ ଦୁଇଟି ସିଙ୍ଗଲ ବେଡ ରଖିବା ପାଇଁ ସ୍ଥାନ ନଥିବା ବେଳେ ପ୍ରାକୃତିକ ବାୟୁ ଚଳାଚଳ ପାଇଁ ଝରକା ନଥିବାରୁ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେବେ। ଡାକ ସେବା ପାଇଁ ଉଦ୍ଦିଷ୍ଟ ଜରୁରୀ କାଉଣ୍ଟରକୁ ଅତ୍ୟନ୍ତ ସଂକୁଚିତ ଓ ଅସୁବିଧାଜନକ ସ୍ଥିତିରେ ନିର୍ମାଣ କରାଯାଇଛି ଯେଉଁଥିରେ କାର୍ଯ୍ୟ ସମ୍ପାଦନରେ ଜଣେମାତ୍ର କର୍ମଚାରୀଙ୍କ ପାଇଁ ବି ନାନାଦି ସମସ୍ୟା ସୃଷ୍ଟି ହେବ।

## ଆନ୍ଦୋଳନର ଚେତାବନୀ ଦେଲେ କର୍ମକର୍ତ୍ତା

ସେହିପରି ଆରଏମଏସ କାର୍ଯ୍ୟାଳୟରୁ ଡାକ ପରିବହନ ପାଇଁ ପ୍ଲାଟଫର୍ମ ସହିତ ସୁବିଧାଜନକ ରାସ୍ତା ନିର୍ମାଣ ହୋଇନଥିବାରୁ ସର୍ବଦା ଡାକ ଚଳାଚଳରେ ବିଳମ୍ବ ହେବା ସମ୍ଭାବନା ରହିଛି। ଡାକସେବା କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା କମ୍ପ୍ୟୁଟର ପାଇଁ ଆବଶ୍ୟକୀୟ ସ୍ୱିଚ ବୋର୍ଡ ଲଗାଯାଇନାହିଁ କି ୟୁପିଏସ ପାଇଁ ପୃଥକ ୱାୟାରିଂ ବ୍ୟବସ୍ଥା ନାହିଁ। କାର୍ଯ୍ୟାଳୟର ପୁରୁଷ ଓ ମହିଳା କର୍ମଚାରୀମାନଙ୍କ ପାଇଁ ପୃଥକ ଶୌଚାଳୟ ବ୍ୟବସ୍ଥା ନ ଥିବା ଆରଏମଏସ ପ୍ରତି ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାକୁ ସ୍ପଷ୍ଟ ପ୍ରମାଣିତ କରିଛି। କେନ୍ଦ୍ର ସରକାର ଡାକ ବିଭାଗକୁ ଆଧୁନିକ ଓ ସୁଦୃଢ଼ କରିବା ଦିଗରେ ପତିବଦ୍ଧତା ପ୍ରଦର୍ଶନ କରୁଥିବା ବେଳେ ରେଳ କର୍ତ୍ତୃପକ୍ଷଙ୍କ ଏହିଭଳି ଅବହେଳା ଅତ୍ୟନ୍ତ ଦୁଃଖଦାୟକ। ବାଲେଶ୍ୱର ଆରଏମଏସ କାର୍ଯ୍ୟାଳୟ ପାଇଁ ଆବଶ୍ୟକୀୟ ସଂଶୋଧନ ସହିତ ନୂତନ ଭବନରେ ଅନୁନ୍ୟ ୪ହଜାର ବର୍ଗ ଫୁଟ ସ୍ଥାନ ସହିତ ଭବିଷ୍ୟତର ଆବଶ୍ୟକତା ପାଇଁ ଅତିରିକ୍ତ ହଜାରେ ବର୍ଗ ଫୁଟ ସ୍ଥାନର ବ୍ୟବସ୍ଥା ପାଇଁ ପଦକ୍ଷେପ ନେବା ଲାଗି ଆରଏମଏସର କର୍ମକର୍ତ୍ତା ଦାବି ଜଣାଇଛନ୍ତି। ସମ୍ପ୍ରତି ରେଳ ବିଭାଗର ଉଦାସୀନତା ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟାକୁ ଶୀଘ୍ର ସମାଧାନ କରାନଗଲେ ଆଗାମୀ ଦିନରେ ରେଳ ଡାକ ସେବାର ସୁପରିଚାଳନା ବ୍ୟାହତ ହେବା ସହିତ ସାଧାରଣ ଲୋକଙ୍କ ପାଇଁ ଡାକ ସେବା ପ୍ରଭାବିତ ହେବା ନିଶ୍ଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଯଦି ଏହି ସମସ୍ୟାର ସମାଧାନ ନହୁଏ ତେବେ ଆଗାମୀ ଦିନରେ ରେଳବାଇ କର୍ତ୍ତୃପକ୍ଷଙ୍କ ବିରୋଧରେ ଜନସାଧାରଣଙ୍କ ସହିତ ଏକତ୍ରିତ ହୋଇ ଏକ ବୃହତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ମୁଖ୍ୟ ଅଭିଯୁକ୍ତ ସହ ଦୁଇ ଗିରଫ, ୫ ନାବାଳକ ଅଟକ

ବାଲେଶ୍ୱର, ୬।୩(ସମିସ): ବାଲେଶ୍ୱରରେ ଗତ ୪ତାରିଖରେ ହୋଲି ଖେଳକୁ କେନ୍ଦ୍ରକରି ରକ୍ତପାତ ହୋଇଥିଲା। ଏପରିକି ଗାଡି ସ୍ପିଡରେ ଯିବାକୁ ନେଇ ବଚସା ହେବା ପରେ ଧାରୁଆ ଅସ୍ତ୍ରରେ ଯୁବକଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ହେଲେ ଚିକିତ୍ସାଧିନ ଅବସ୍ଥାରେ ଟାଉନଥାନା ଅର୍ନ୍ତଗତ ବାରବାଟି ଅଂଚଳର ସୁରଜ ସିଂଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ବାଲେଶ୍ୱର ଫେରିବା ପରେ ବଙ୍କାଖଜୁରୀ ଛକ ଠାରେ ମୃତ ଦେହ ରଖି ରାସ୍ତାରେ ଟାୟାର ଜାଳି ଶତାଧିକ ଲୋକେ ରାସ୍ତା ଅବରୋଧ କରିଥିଲେ। ଏହି ଘଟଣାକୁ ପୁଲିସ ୯୫/୨୬ନମ୍ବରରେ ଏକ ମାମଲା ରୁଜୁ କରିବା ସହ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସହ ଦୁଇ ଜଣଙ୍କୁ ଗିରଫ କରିଥିବା ବେଳେ ୫ଜଣ ନାବାଳକଙ୍କୁ ମଧ ଅଟକ ରଖିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଟାଉନଥାନା ଅର୍ନ୍ତଗତ ଆକତପୁର ଅଞ୍ଚଳର କ୍ଷୀତିଶ କୁମାର ଦାସ (୨୨) ଏବଂ ସଦର ଥାନା ଅର୍ନ୍ତଗତ ଜୟଦେବକସବା ଅଞ୍ଚଳର ସଚିନ ଗୋଛାୟତ ବୋଲି ଟାଉନଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସପି ନିର୍ମଳା ଗୋଛାୟତ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ବୁଧବାର ହୋଲି ଦିନ ବାରବାଟୀ ଅଂଚଳର ସୁରଜ ଆକତପୁର ସ୍ଥିତ ଦୁର୍ଗାମଣ୍ଡପ ଠାରେ ସାଙ୍ଗମାନଙ୍କ ସହ ହୋଲି ଖେଳିସାରି ଫେରୁଥିବା ବେଳେ ଦୁଇଜଣ ଯୁବକ ବାଇକରେ ଜୋରରେ ଯାଉଥିବା ନେଇ ବଚସା ହୋଇଥିଲା। ଏହି ବଚସା ସମୟରେ ଯୁବକମାନେ ସେମାନଙ୍କର ଅନ୍ୟ ସହଯୋଗୀମାନଙ୍କୁ ଫୋନ ଯୋଗେ ଘଟଣା ସ୍ଥଳକୁ ଡାକିଥିଲେ। ଏହି ସମୟରେ କ୍ଷୀତିଶ ଓ ସଚିନଙ୍କ ସହ ଅନ୍ୟ ୫ ଜଣ ନାବାଳକଙ୍କୁ ମିଶାଇ ମୋଟ ୭ ଜଣ ଘଟଣାସ୍ଥଳରେ ପହଁଚି ସୁରଜଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ କ୍ଷୀତିଶ ଉତକ୍ଷିପ୍ତ ହୋଇ ଭୁଜାଲିରେ ସୁରଜଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିବାରୁ




## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା ଘଟଣା

ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବା ତାଙ୍କ ସହାୟତାରେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠା ଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହି ଘଟଣାରେ ମୃତ ସୁରଜଙ୍କ ପତ୍ନୀ ଟାଉନ ଥାନାରେ କ୍ଷୀତିଶ ଓ ଅନ୍ୟମାନଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଉଭୟଙ୍କୁ ଗିରଫ କରିବା ସହ ଘଟଣାରେ ଜଡିତ ଥିବା ୫ ଜଣ ନାବାଳକଙ୍କୁ ଅଟକ ରଖିଛି ବୋଲି ସୂଚନା ଦେଇଛି। ଏହାସହ ହତ୍ୟାରେ ବ୍ୟବହୃତ ହୋଇଥିବା ଧାରୁଆ ଅସ୍ତ୍ରକୁ ମଧ ଜବତ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟାଉନଥାନା ଅଧିକାରୀ ବିଜୟ ଦାସ ଉପସ୍ଥିତ ଥିଲେ।

# ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଦାବିପତ୍ର

ବାଲେଶ୍ୱର, ୬।୩(ସମିସ): ଜାତି ଜନଗଣନା ଓ ସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ଏବଂ ଓବିସିମାନଙ୍କର ଜାତି ଆଧାରିତ ଜନଗଣନା ଉପରେ ବିଜେପି ସରକାର ଦ୍ୱାରା ଓବିସି ସହିତ କରାଯାଉଥିବା ଧୋକାବାଜୀ ବିରୋଧରେ ଏସସି, ଏସଟି, ଓବିସିମାନଙ୍କର ସମର୍ଥନରେ କଠୋର ୟୁଜିସି ବିଲ ଲାଗୁ କରାଯିବା ସମର୍ଥନ ଏବଂ ୨୦୧୧ପୂର୍ବରୁ ନିଯୁକ୍ତ ଶିକ୍ଷକମାନଙ୍କୁ ଶିକ୍ଷକ ଯୋଗ୍ୟତା ପରୀକ୍ଷାରୁ ମୁକ୍ତ କରିବାର ସମର୍ଥନରେ ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ରାଷ୍ଟ୍ରବ୍ୟାପି ଆନ୍ଦୋଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରର୍ଦାନ କରାଯିବା ସହ ଜିଲ୍ଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କରାଯାଇଥିବା ଦାବି ଅନୁସାରେ, ଓଡ଼ିଶାରେ ରିଜରଭେସନ ଆଇନକୁ ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରାଯାଉ ନଥିବାରୁ ହଜାର ହଜାର ଏସସି, ଏସଟି, ଓବିସି ଉଚ୍ଚ ଶିକ୍ଷିତ ଯୁବକ ଯୁବତୀମାନେ ଚାକିରି ପାଇବାରୁ ବଂଚିତ ହେଉଛନ୍ତି, ଟେକନିକାଲ ଏଜୁକେସନରେ ଓବିସି ବର୍ଗଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା ଲାଗୁ ନ କରିବା, ଜାତିଭିତ୍ତିକ ଜନଗଣନା ଓ ସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ନ କରିବାରୁ ଓବିସି ବର୍ଗଙ୍କ ପ୍ରତି ରାଜନୈତିକ ଅନ୍ୟାୟ ହେଉଛି ଯାହାଫଳରେ ଗ୍ରାମପଂଚାୟତ ନିର୍ବାଚନ ଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ଓବିସିଙ୍କ ଭାଗ ରହୁନାହିଁ ଆଦି ଦାବି ସହ ଅନ୍ୟାନ୍ୟ ଦାବି କରାଯାଇଛି। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ବିଦ୍ୟାର୍ଥି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ଆଢ଼୍ୟ, ଭାରତ ମୁକ୍ତି ମୋର୍ଚ୍ଚାର ବାଲେଶ୍ୱର ଜିଲ୍ଲା ପ୍ରଭାରୀ ସାଧୁଚରଣ ମଲ୍ଲିକ, ରାଷ୍ଟ୍ରୀୟ କ୍ରିଷ୍ଟିଆନ ମୋର୍ଚ୍ଚାର ରାଷ୍ଟ୍ରୀୟ ନେତୃତ୍ୱ ଡି ବି ହୃଦୟ, ବାଇଧର ସିଂ, ଗୌତମ ସିଂ ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ଥିଲେ।




# ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ମାନିତ ହେବେ ୪ ବିଶିଷ୍ଟ ମହିଳା

ବାଲେଶ୍ୱର, ୬।୩(ସମିସ): ନୃତ୍ୟ, କଳା ଓ ଐତିହ୍ୟର ଅଗ୍ରଣୀ ଅନୁଷ୍ଠାନ 'ନାଚ୍' ପକ୍ଷରୁ ପ୍ରତିବର୍ଷ ପାଳିତ ହୋଇ ଆସୁଥିବା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୨୦୨୬ ମସିହା ପାଇଁ ସମ୍ମାନିତ ହେବାକୁଥିବା ମହିଳାମାନଙ୍କ ନାମ ଘୋଷଣା କରାଯାଇଛି। ଗତ ପାଞ୍ଚ ବର୍ଷ ଧରି ଆୟୋଜିତ ହେଉଥିବା ଏହି ଉତ୍ସବରେ ସମାଜରେ ବିଭିନ୍ନ ବର୍ଗର କିଛି ପ୍ରତିଭା ସମ୍ପନ୍ନ ମହିଳାଙ୍କୁ ପୁରସ୍କୃତ କରାଯାଇଥାଏ। ଏହି କ୍ରମରେ ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ସ୍ୱକୀୟ ସଫଳତା ଓ ଅବଦାନ ପାଇଁ ଚାରି ଜଣ ପ୍ରତିଭାଶାଳୀ ମହିଳାଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି 'ନାଚ୍'ର ଅଧକ୍ଷା ରୋନାଲିସା ପଣ୍ଡା ଏବଂ କବି ଶ୍ରୀଦେବ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଚଳିତବର୍ଷ ବିଶିଷ୍ଟ ଲେଖିକା ଏବଂ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ରସମ୍ପାଦିକା ସୈରିନ୍ଧ୍ରୀ ସାହୁ (ବାଲେଶ୍ୱର), ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ପାରମିତା ସିରକାର (କୋଲକତା), ଶିକ୍ଷାବିତ ଓ ସୋରସ୍ଥିତ ପୁରୁବାଇ କନ୍ୟା ଆଶ୍ରମର ସମ୍ପାଦିକା ତଥା ସମାଜସେବୀ ସୁମତି ମହାନ୍ତି, ଏବଂ ଯୁବ ସାମ୍ବାଦିକା ଓ ଗାଳ୍ପିକା ସ୍ମୃତିଲଗ୍ନା ନନ୍ଦ 'ନାଚ୍ ମହିଳା ଉତ୍କର୍ଷ ସମ୍ମାନ' ଲାଭ କରିବା ପାଇଁ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଆସନ୍ତା ମାର୍ଚ୍ଚ ୮ ତାରିଖ ଅପରାହ୍ନରେ 'ନାଚ୍' ପ୍ରେକ୍ଷାଳୟରେ ଆୟୋଜିତ ଅନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ତଥା 'ରେବତୀ'ର ସମ୍ପାଦିକା ସୁବାସିନୀ ଜେନା ଯୋଗ ଦେଉଥିବା ବେଳେ ବାଲେଶ୍ୱର ପୌରପାଳିକାର ଅଧକ୍ଷା ସବିତା ସାହୁ ବରେଣ୍ୟ ଅତିଥି ଭାବେ ଉପସ୍ଥିତ ରହିବେ।




# ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ହୋଲି ଉତ୍ସବ



ବାଲେଶ୍ୱର, ୬।୩ (ସମିସ): ସହଦେବଖୁଣ୍ଟାସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲ ପରିସରରେ ଦୋଳ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ଡାଇରେକ୍ଟର-କମ୍-ପ୍ରିନ୍ସିପାଲ୍ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ ହୋଲିକା ଦହନର ମାହାତ୍ମ୍ୟ ଓ ଦୋଳ ପୂର୍ଣ୍ଣିମାର ଆଧିକ ଗୁରୁତ୍ୱ ବିଷୟରେ ଉଦ୍‌ବୋଧନ ରଖିଥିଲେ। ସେ କହିଥିଲେ, ଦୋଳ ପୂର୍ଣ୍ଣିମା ଆମକୁ ଅହଂକାର ଉପରେ ଦିବ୍ୟ ପ୍ରେମର ବିଜୟ, ଗର୍ବ ଉପରେ ଭକ୍ତିର ବିଜୟ ଓ ଦୁଃଖ ଉପରେ ଆନନ୍ଦର ବିଜୟର ସନ୍ଦେଶ ଦେଇଥାଏ। ଶିକ୍ଷକ ଚନ୍ଦ୍ରକାନ୍ତ ରାଉତ, ରତନ କୁମାର ଘୋଷ, କରିଶ୍ମା ମୁର୍ମୁ, ସସ୍ମିତା ପାହାଡ଼ସିଂହ, ଦଳାଇ, ରିତିକା ସୋମ, ମନିଷା ସୋ, ଲଳିତା ପାଣ୍ଡେ ଓ ସହାୟକ କର୍ମଚାରୀ କଳ୍ପନା ବେହେରାଙ୍କ ସମନ୍ୱୟରେ କାର୍ଯ୍ୟକ୍ରମଟି ସଫଳତାର ସହ ଆୟୋଜିତ ହୋଇଥିଲା। ପରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ବିଭିନ୍ନ ରଙ୍ଗର ଅବିର ଲଗାଇ ହୋଲି ଖେଳିଥିଲେ।

# ଭାଷା ବିକାଶ ଭାଷାପକ୍ଷର ଦଶମ ଓ ଏକାଦଶ ଦିବସରେ ହୋଲି କବିତା ପାଠ

ବାଲେଶ୍ୱର, ୬।୩(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଭାଷାପକ୍ଷ ଓ ପୁସ୍ତକମେଳାର ଦଶମ ଓ ଏକାଦଶ ଦିବସ ପାଳିତ ହୋଇଯାଇଛି। ଦଶମ ଦିବସରେ ପବିତ୍ର ହୋଲି ଉପଲକ୍ଷେ ସଂଗଠନ ସଂପାଦକ ତପନ ରାୟଙ୍କ ପୌରୋହିତ୍ୟରେ ହୋଲି କବିତା ପାଠ ଅନୁଷ୍ଠିତ ହୋଇଥିଲା। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଓ ଅନ୍ୟତମ ଯୁଗ୍ମ ସଂପାଦିକା ଶାନ୍ତିଲତା ପଣ୍ଡାଙ୍କ ମିଳିତ ସଂଯୋଜନାରେ କୋଡ଼ିଏରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ଏକାଦଶ ଦିବସରେ ବରିଷ୍ଠ ସାରସ୍ୱତ ସାଧକ ଡ. ହରିଶ୍ଚନ୍ଦ୍ର ବେହେରା ସାହିତ୍ୟ ସନ୍ଧ୍ୟା ଡ. ରମାକାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବ ଆଲୋଚକ ରାଜଗୁରୁ ସିଅ ଓ ଗୀତା ରାଉତ କବି ଡ. ବେହେରାଙ୍କ କବିତା ସଂପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଡ. ବେହେରାଙ୍କ ଉପରେ ସ୍ୱରଚିତ କବିତା ପାଠ କରିବା ସହିତ ଏହି ଭାଷାପକ୍ଷ ପାଳନର ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ତାଙ୍କ ରଚିତ ଏକ ସଙ୍ଗୀତକୁ କଲ୍ୟାଣୀ ନନ୍ଦ ଗାନ କରିଥିଲେ। କବି ଡ. ହରିଶ୍ଚନ୍ଦ୍ର ବେହେରା ତାଙ୍କର ଦୀର୍ଘ ସାରସ୍ୱତ ଯାତ୍ରାର ଅନୁଭୂତି ବଖାଣିଥିଲେ। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




# ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁଥ ପାର୍ଲାମେଣ୍ଟ'

## ରାଜ୍ୟ ସ୍ତର ପାଇଁ ୫ ପ୍ରତିଯୋଗୀ ଚୟନ




ବାଲେଶ୍ୱର, ୬।୩(ସମିସ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ପ୍ରତ୍ୟକ୍ଷ କ୍ରିୟାନୁଷ୍ଠାନରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାଲେଶ୍ୱର ଜିଲ୍ଲା ସ୍ତରୀୟ "ବିକଶିତ ଭାରତ ଯୁଥ ପାର୍ଲାମେଣ୍ଟ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ତଥା ବାଲେଶ୍ୱର ନେହେରୁ ଯୁବ କେନ୍ଦ୍ର ପରିଷଦର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ପ୍ରାୟ ୩୮ ଜଣ ପ୍ରତିଯୋଗୀ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ନିଜର ବକ୍ତୃତା ପ୍ରଦାନ କରିଥିଲେ ଓ ଆମନ୍ତ୍ରିତ ବିଚାରକମଣ୍ଡଳୀଙ୍କ ଦ୍ୱାରା ସେଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା। ଜିଲ୍ଲାର ୧୮ ରୁ ୨୫ ବର୍ଷ ବୟସର ଛାତ୍ରଛାତ୍ରୀ ଓ ଯୁବବର୍ଗ "ମାଇଁ ଭାରତ' ପୋର୍ଟାଲ ମାଧ୍ୟମରେ ନିବନ୍ଧନ କରି ଏହି ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ଏନଏସଏସ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡିପିଓ ଡ଼କ୍ଟର ପ୍ରତିମା ପ୍ରଧାନ ଓ ଡ଼କ୍ଟର ଗୌରାଙ୍ଗ ପଣ୍ଡା ପ୍ରମୁଖ ଅତିଥିମାନଙ୍କ ଗହଣରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନେ ହେଲେ କଶିଶ ଦାଶ, ବିଶ୍ୱରଞ୍ଜନ ନାୟକ, ମଧୁସ୍ମିତା ବଳ, ଭବଶ୍ରୀ ଜେନା, ସୁଷମା ଦାଶ। ଏହି ପ୍ରତିଯୋଗିତାରୁ ଚୟନିତ ୫ ଜଣ ପ୍ରତିଭାଶାଳୀ ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପର୍ଯ୍ୟାୟକୁ ଅଂଶଗ୍ରହଣ କରିବେ ଏବଂ ସେଠାରୁ ୩ ଜଣ ପ୍ରତିଯୋଗୀ କେନ୍ଦ୍ର ସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବାର ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମ ପାଇଁ ଗଠିତ ସମନ୍ୱୟ କମିଟିରେ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଶ୍ରୀ ଏମ. ବିଘ୍ନେଶ, ଡ଼କ୍ଟର ପ୍ରତିମା ପ୍ରଧାନ, ଗୌରାଙ୍ଗ ପଣ୍ଡା, ଅଭୟ ନାୟକ ସହିତ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।



# ସମ୍ପାଦକୀୟ



ଯୁଦ୍ଧରେ ମହିଳାମାନେ ହିଁ ସବୁବେଳେ ଓ ସର୍ବପ୍ରଥମେ ପୀଡ଼ିତ ହୁଅନ୍ତି।
-ହିଲାରି କ୍ଲିଣ୍ଟନ୍

ସକାଳ
THE SAKALA

## ବୈଶ୍ୱିକ ଇନ୍ଧନ ସଙ୍କଟ

ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ଘଟିବାକୁ ଯାଉଛି। ଇରାନ୍ ବିରୋଧରେ ଆମେରିକା-ଇସ୍ରାଏଲ୍‌ର ମିଳିତ ଯୁଦ୍ଧର ପ୍ରଭାବ ସାରା ବିଶ୍ୱକୁ ବ୍ୟାପିବାରେ ଲାଗିଛି। ବିଶେଷକରି ମଧ୍ୟପ୍ରାଚ୍ୟରେ ଇନ୍ଧନ ସଙ୍କଟ ଭାରତ, ଚୀନ୍, ୟୁରୋପ ଏପରିକି ଆମେରିକାକୁ ମଧ୍ୟ ପ୍ରତ୍ୟକ୍ଷ ପ୍ରଭାବିତ କରିଛି। ସ୍ଥିତିରେ ଯଥାଶୀଘ୍ର ସୁଧାର ନ ଆସିଲେ ଏହା ସାରା ବିଶ୍ୱକୁ କବଳିତ କରିବାର ଆଶଙ୍କା ସୃଷ୍ଟି ହୋଇଛି। ଆଣବିକ ଅସ୍ତ୍ର ନିରସ୍ତ୍ରୀକରଣ ଆଳରେ ଇରାନ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନରେ ନିଜକୁ ନାୟକ ଭୂମିକାରେ ଉପସ୍ଥାପିତ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହିଁ ଏବେ ବୈଶ୍ୱିକ ଇନ୍ଧନ ସଙ୍କଟ ପାଇଁ ଖଳନାୟକ ହୋଇସାରିଛନ୍ତି।

ଇରାନ୍ ଅକ୍ତିଆରରେ ଥିବା ସାମୁଦ୍ରିକ ବାଣିଜ୍ୟ ପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଦେଇ ବିଶ୍ୱ ଇନ୍ଧନ(ପେଟ୍ରୋଲିୟମ ଓ ଏଲ୍‌ଏନ୍‌ଜି) ବାଣିଜ୍ୟର ଏକ-ପଞ୍ଚମାଂଶ କାରବାର ହେଉଥିବା ବେଳେ ଏବେ ସେହି ପଥକୁ ଇରାନ୍ ସମ୍ପୂର୍ଣ୍ଣ ଅବରୋଧ କରିଦେଇଛି। ଏହାଫଳରେ ଶହଶହ ତୈଳବୋଝେଇ ଜାହାଜ ଅଟକି ରହିଛନ୍ତି। ଏଥିରେ ଭାରତ ସର୍ବାଧିକ ପ୍ରଭାବିତ ହେବାକୁ ଯାଉଛି। ଭାରତ ଇନ୍ଧନ ଚାହିଦାର ୮୮ ପ୍ରତିଶତ ପର୍ଯ୍ୟନ୍ତ ଆମଦାନୀ ଉପରେ ନିର୍ଭର କରୁଥିବା ବେଳେ ଏହାର ୪୦ ପ୍ରତିଶତ ଏବଂ ଏଲ୍‌ଏନ୍‌ଜି ଆମଦାନୀର ୮୦ ପ୍ରତିଶତ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଦେଇ ଆସୁଛି। କିନ୍ତୁ ଏହି ରାସ୍ତା ଏବେ ବନ୍ଦ ହୋଇଯାଇଥିବାରୁ 'କେପ୍ ଅଫ୍ ଗୁଡ୍ ହୋପ୍' ଉପରେ ନିର୍ଭର କରିବାକୁ ପଡ଼ିବ, ଯାହା ପରିବହନ ଖର୍ଚ୍ଚକୁ ଅତିମାତ୍ରାରେ ବୃଦ୍ଧି କରିବ। ଅଶୋଧିତ ତୈଳରେ ଯଦି ବ୍ୟାରେଲ୍ ପିଛା ୧୦ ଡଲାର ମଧ୍ୟ ବଢ଼େ ତେବେ ଭାରତରେ ତାହା ୨୦ ବିଲିୟନ ଡଲାର ମହଙ୍ଗା ହେବ। ଏହାଦ୍ୱାରା ଭାରତର ଚାଲୁ ଖାତା ନିଅଣ୍ଟ ପରିମାଣ ୦.୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିବ ଏବଂ ଜିଡିପି ଅଭିବୃଦ୍ଧିରେ ହ୍ରାସ ଘଟିବ। ପୁଣି ତାହା ପାଇକାରୀ ମୁଦ୍ରାସ୍ଫୀତିକୁ ୩୦ ରୁ ୩୫ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ବୃଦ୍ଧି କରିବ ଏବଂ ଭାରତୀୟ ଖାଉଟିଙ୍କ ସଞ୍ଚୟ ଜମାକୁ ୨୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ହ୍ରାସ କରିବ।

ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର। ଏକପକ୍ଷରେ ଆମେରିକା ସହିତ ବାଣିଜ୍ୟ ବୁଝାମଣା ଯୋଗୁଁ ଭାରତ ରୁଷ୍‌ରୁ ଅଶୋଧିତ ପେଟ୍ରୋଲିୟମ୍ କିଣିବା ବନ୍ଦ କରିଦେଇଛି। ଅପରପକ୍ଷରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସେଠାରୁ ମଧ୍ୟ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଯୋଗାଣ-ଚାହିଦା ସଙ୍କଟ ଯୋଗୁଁ ବିଶ୍ୱ ତୈଳ ବଜାରରେ ଦର ଊର୍ଦ୍ଧ୍ୱମୁଖୀ ହେଉଛି। ଆମେରିକା ମଧ୍ୟ ଏଥିରୁ ବର୍ତ୍ତିପାରିନାହିଁ। ଉପରମୁହାଁ ତୈଳ ଦରର ପ୍ରଭାବ ଆମେରିକାର ଆଭ୍ୟନ୍ତରୀଣ ଖାଉଟି ବଜାର ଉପରେ ପଡ଼ି ମୁଦ୍ରାସ୍ଫୀତି ଉତ୍କଟ କରିବାର ଆଶଙ୍କା ସୃଷ୍ଟି ହେଲାଣି। ଆମେରିକା ଅର୍ଥନୀତିକୁ ଖୁବ୍ ଶୀଘ୍ର ପ୍ରଭାବିତ କରିବାକୁ ଯାଉଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଟ୍ରମ୍ପଙ୍କ ବିରୋଧରେ ଆରୋପର ସ୍ୱର ଦାନା ବାନ୍ଧିଲାଣି। ଆଗକୁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଏହି ଜନଅସନ୍ତୋଷ ପ୍ରତିଫଳିତ ହେବା ନିଶ୍ଚିତ। ତେଣୁ ବ୍ୟତିବ୍ୟସ୍ତ ଟ୍ରମ୍ପ ରୁଷ୍‌ରୁ ତୈଳ ଆମଦାନୀ ପାଇଁ ଭାରତ ଉପରେ ଜାରି କରିଥିବା କଟକଣାକୁ ମାସେ କୋହଳ କରିଛନ୍ତି। ଅର୍ଥାତ୍ ଆଗାମୀ ମାସେ ପର୍ଯ୍ୟନ୍ତ ଟ୍ରମ୍ପଙ୍କ ଦୟା ଓ ଅନୁଗ୍ରହରୁ ଭାରତ ରୁଷ୍‌ରୁ ଇନ୍ଧନ କିଣିପାରିବ। ଏହାଦ୍ୱାରା ବିଶ୍ୱ ବଜାରରେ ଇନ୍ଧନର ଚାହିଦା-ଯୋଗାଣ ଅସମାନତା ଉପରେ ଭାରତର ଚାପକୁ କିଛି ପରିମାଣରେ ନିୟନ୍ତ୍ରଣ କରିବାକୁ ଟ୍ରମ୍ପ ଉଦ୍ୟମ କରୁଛନ୍ତି।

ଆମେରିକାର ମନମୁଖି କାରବାରରେ ଇନ୍ଧନ ମୂଲ୍ୟ ମହଙ୍ଗା ହେଲେ ତାହାର ପରୋକ୍ଷ ଓ ପ୍ରତିକୂଳ ପ୍ରଭାବ କୃଷି କ୍ଷେତ୍ର ଉପରେ ମଧ୍ୟ ପଡ଼ିବ। ୟୁରିଆ ଉତ୍ପାଦନରେ ପ୍ରାକୃତିକ ବାଷ୍ପର ଏକ ପ୍ରମୁଖ ଅବଦାନ ଥିବାରୁ ସାର ଦର ବଢ଼ିବ ଏବଂ କୃଷି ଉତ୍ପାଦ ଆହୁରି ମହଙ୍ଗା ହେବ। ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତ ପରି କୃଷିପ୍ରଧାନ ଦେଶର କୃଷିବଜାର ଉପରେ ପଡ଼ିବ ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନ ଓ ବଜାର ଆହୁରି ମହଙ୍ଗା ହେବ। ଭାରତ ପାଇଁ ଆହୁରି ଏକ ଚିନ୍ତା ହେଉଛି ସାରସଙ୍କଟ, ଯାହା ଆମେ ଗତକାଲି ଏହି ସ୍ତମ୍ଭରେ ସବିଶେଷ ଆଲୋଚନା କରିଥିଲୁ। ଏହାବାଦ୍ ଭାରତର ବହିର୍ବାଣିଜ୍ୟ ମଧ୍ୟ ଗୁରୁତର ପ୍ରଭାବିତ ହେବାକୁ ଯାଉଛି। ଆମେରିକାର ଉଚ୍ଚ ଶୁଳ୍କ ଧାର୍ଯ୍ୟ ପରେ ଉପସାଗରୀୟ ବଜାରରେ ପଦାର୍ପଣ ପାଇଁ ଗତବର୍ଷଠାରୁ ଭାରତ ଉଦ୍ୟମ କରି ଆସୁଛି ଏବଂ କେତେକାଂଶରେ ସଫଳ ମଧ୍ୟ ହୋଇଛି। ଗତବର୍ଷ ଭାରତ-ଉପସାଗରୀୟ ସହଯୋଗ ପରିଷଦ ସହିତ ବାଣିଜ୍ୟ କାରବାର ୧୭୮ ବିଲିୟନ୍ ଡଲାର ହୋଇଛି। ମୁଖ୍ୟତଃ ଭାରତୀୟ ବୟନ, ରସାୟନ, ଇଞ୍ଜିନିୟରିଂ ସାମଗ୍ରୀର ଚାହିଦା ଉପସାଗରୀୟ ବଜାରରେ ବଢ଼ୁଥିବା ବେଳେ ଯୁଦ୍ଧସ୍ଥିତି ଯୋଗୁଁ ପଣ୍ୟବାହୀ ଜାହାଜ ପରିଚାଳନା ସଂସ୍ଥାମାନେ ପରିବହନ ଖର୍ଚ୍ଚକୁ ପ୍ରାୟ ଦୁଇଗୁଣା ବଢ଼ାଇ ଦେଇଛନ୍ତି। ଏହାର ପ୍ରତ୍ୟକ୍ଷ ପ୍ରଭାବ ସେଠାରେ ଭାରତୀୟ ସମାଗ୍ରୀ ଉପରେ ପଡ଼ିଛି ଏବଂ ଆଗାମୀ ଦିନରେ ଭାରତ ବଜାରରେ ପଡ଼ିବାକୁ ଯାଉଛି।

ଏହି ପୃଷ୍ଠଭୂମିରେ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ଚୀନ୍ କଥା ସଂକ୍ଷେପରେ ଆଲୋଚନା କରାଯାଉ। ଇରାନ୍ ସହିତ ଚୀନ୍ ୪୦୦ ବିଲିୟନ ଡଲାରର ଏକ ୨୫ବର୍ଷିଆ ଚୁକ୍ତି ୨୦୨୧ରେ ସ୍ୱାକ୍ଷର କରିଛି ଏବଂ ୨୦୨୬ ସୁଦ୍ଧା ସେଠାରେ ୪.୭ ବିଲିୟନ୍ ଡଲାର ନିବେଶ କରିସାରିଛି। ଏହି ଚୁକ୍ତି ବଳରେ ଇରାନ୍‌ର ମୋଟ ତୈଳ ରପ୍ତାନିର ୮୦% ରିହାତି ଦରରେ ଚୀନ୍ ପାଇବାକୁ ଆଶା ରଖିଛି। ଏହାଛଡ଼ା ସାଉଦି ଆରବରେ ୧୫ ବିଲିୟନ ଡଲାର ନିବେଶ କରିଛି। ଏହି ଯୁଦ୍ଧରେ ଯଦି ଇରାନ୍ କିମ୍ବା ସାଉଦୀ ଆରବର ତୈଳ ଉତ୍ତୋଳନ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୁଏ ତେବେ ଚୀନ୍ ବିପୁଳ କ୍ଷତିସହିବ ଏବଂ ତୈଳ ଯୋଗାଣ-ଚାହିଦା ପ୍ରଭାବିତ ହେବ। ଭାରତ ଓ ଚୀନ୍ ଜରିଆରେ ସମଗ୍ର ଦକ୍ଷିଣ ଏସିଆର ଅର୍ଥନୀତି କ୍ଷତିଗ୍ରସ୍ତ ହେବା ଏକପ୍ରକାର ନିଶ୍ଚିତ। ଉପରୋକ୍ତ ତୈଳ ଉପଭୋକ୍ତା ଦେଶ ସମେତ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକର ଆର୍ଥିକ ସ୍ଥିତି ମଧ୍ୟ ଗୁରୁତର ପ୍ରଭାବିତ ହେବାକୁ ଯାଉଛି। ତେଣୁ ଏହି ଯୁଦ୍ଧରେ ଇରାନ୍ ଯେତିକି କ୍ଷତିସହିବ ସମପରିମାଣର ପରୋକ୍ଷ କ୍ଷତି ଆମେରିକା ମଧ୍ୟ ସହିବ ଏବଂ ସାରା ବିଶ୍ୱ ପ୍ରଭାବିତ ହେବ।

## ଇଭିଏମରେ ଟିପଚିହ୍ନର ଆବଶ୍ୟକତା

ଡ ପଦ୍ମଲୋଚନ ରାଉତ

ଭାରତ ଭଳି ବିଶାଳ ଗଣତାନ୍ତ୍ରିକ ଦେଶରେ ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁ ଓ ପାରଦର୍ଶୀ ରଖିବା ଅତ୍ୟନ୍ତ ଜରୁରୀ। ଏହି ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗ ଦ୍ୱାରା ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ବ୍ୟବହାର କରାଯାଉଛି। ଏହାଦ୍ୱାରା ନିର୍ବାଚନ ପ୍ରକ୍ରିୟା ଦ୍ରୁତ, ସରଳ ଓ ସହଜ ହୋଇଛି। ତଥାପି କେତେକ ସମୟରେ ଭୋଟ ଜାଲିଆତି, ମିଥ୍ୟା ଭୋଟଦାନ ଓ ପରିଚୟ ଜଟିଳତା ସମସ୍ୟା ଦେଖାଦେଉଛି। ଏହି ପରିସ୍ଥିତିରେ ଇଭିଏମ୍ ସହିତ ଅଙ୍ଗୁଳି ଛାପ(ଫିଙ୍ଗରପ୍ରିଣ୍ଟ) ପ୍ରଣାଳୀ ଯୋଡ଼ାଯିବା ଏକ ସମୟୋଚିତ ପଦକ୍ଷେପ ହୋଇପାରେ। ଫିଙ୍ଗରପ୍ରିଣ୍ଟ ପ୍ରଣାଳୀ ଦ୍ୱାରା ଭୋଟଦାତାଙ୍କର ପରିଚୟ ସଠିକ ଭାବରେ ନିଶ୍ଚିତ କରାଯାଇପାରିବ ଏବଂ ମିଥ୍ୟା ଭୋଟଦାନର ଆଶଙ୍କା କମିଯିବ। ଯେତେବେଳେ ଲୋକେ ନିଶ୍ଚିତ ହେବେ ଯେ କେହି ତାଙ୍କର ନାମରେ ଭୋଟ ଦେଇ ପାରିବେ ନାହିଁ, ସେତେବେଳେ ସେମାନେ ଭୋଟଦାନ ପ୍ରତି ଅଧିକ ଆଗ୍ରହୀ ହେବେ। ଏହା ଲୋକତନ୍ତ୍ରକୁ ଅଧିକ ଶକ୍ତିଶାଳୀ କରିବ। ତଥାପି ଏହି ପ୍ରଣାଳୀ ଆରମ୍ଭ କରିବା ପାଇଁ ପ୍ରଚୁର ପ୍ରାଯୁକ୍ତିକ ସୁବିଧା, ତଥ୍ୟ ସୁରକ୍ଷା ଓ ଗୋପନୀୟତାର ସୁରକ୍ଷା ଆବଶ୍ୟକ। ଗ୍ରାମାଞ୍ଚଳରେ ଯଥେଷ୍ଟ ବ୍ୟବସ୍ଥା ଓ ପ୍ରଶିକ୍ଷଣ ଦେବା ମଧ୍ୟ ଜରୁରୀ। ଯଥୋଚିତ ପରିକଳ୍ପନା ଓ ପ୍ରୟୋଗ ମାଧ୍ୟମରେ ଏହା ଭାରତୀୟ ଗଣତନ୍ତ୍ରକୁ ଆହୁରି ଶକ୍ତିଶାଳୀ କରିପାରିବ।

ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଉତ୍ସ ହେଉଛନ୍ତି ଜନସାଧାରଣ। ଲୋକମାନେ ନିଜର ପ୍ରତିନିଧିଙ୍କୁ ଚୟନ କରି ସରକାର ଗଠନ କରନ୍ତି। ନିର୍ବାଚନ ମାଧ୍ୟମରେ ନାଗରିକମାନେ ଶାସକମାନଙ୍କୁ ଦାୟୀ କରିପାରନ୍ତି। ଯଦି ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା, ଜାଲିଆତି କିମ୍ବା ପକ୍ଷପାତ ଥାଏ, ତେବେ ଗଣତନ୍ତ୍ର ଦୁର୍ବଳ ହୋଇପଡ଼େ। ଆମ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟ ନିର୍ବାଚନକୁ ବିଶେଷ ଗୁରୁତ୍ୱ ଦେଇଛି। ନିର୍ବାଚନ ଆୟୋଗକୁ ସ୍ୱାଧୀନ ସଂସ୍ଥା ଭାବେ ଗଠନ କରାଯାଇଛି, ଯାହା ନିର୍ବାଚନକୁ ସୁଚାରୁ ଓ ନିରପେକ୍ଷ ଭାବେ ପରିଚାଳନା କରେ। ତଥାପି ଆଜିକାଲି କେତେକ ରାଜନୈତିକ ଦଳ ଓ ସାଧାରଣଲୋକଙ୍କ ମଧ୍ୟରେ ଏହାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠୁଥିବା ଦେଖାଯାଉଛି। ଏହା ଗଣତନ୍ତ୍ର ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ।

ପ୍ରଥମତଃ, ଭୋଟ ଜାଲିଆତି ସମ୍ବନ୍ଧୀୟ ଅଭିଯୋଗ ନିର୍ବାଚନ ପ୍ରକ୍ରିୟାକୁ ସନ୍ଦେହର ଛାୟାକୁ ଆଣୁଛି। କେତେକ ସ୍ଥାନରେ ମିଥ୍ୟା ଭୋଟଦାନ, ଭୋଟର ତାଲିକାରେ ଅନିୟମିତତା ଇତ୍ୟାଦି ଅଭିଯୋଗ ଶୁଣିବାକୁ ମିଳୁଛି। ଏସବୁ ଅଭିଯୋଗଗୁଡ଼ିକୁ ଅନ୍ଧ ଭାବେ ଭିତ୍ତିହୀନ କୁହାଯାଇପାରିବ ନାହିଁ। ଏହାର ସତ୍ୟତା ପରୀକ୍ଷା କରାଯିବା ଉଚିତ୍। ତଥାପି ଏହା ଲୋକମାନଙ୍କ ମନରେ ଅବିଶ୍ୱାସ ସୃଷ୍ଟି କରୁଛି। ଦ୍ୱିତୀୟତଃ, କେତେକ ସମୟରେ ରାତିରେ ଇଭିଏମ୍ ସ୍ଥାନାନ୍ତରଣ କିମ୍ବା ଚୋରି ସମ୍ବନ୍ଧୀୟ ଖବର ଚର୍ଚ୍ଚାରେ ଆସିଥାଏ। ଯଦି ଏପରି ଘଟଣା ଘଟେ, ତେବେ ନିର୍ବାଚନର ପାରଦର୍ଶିତା ଉପରେ ସନ୍ଦେହ ଜନ୍ମ ନିଏ। ଯଦିଓ ନିର୍ବାଚନ ଆୟୋଗ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାର କଥା କହେ, ତଥାପି ସାଧାରଣ ଲୋକଙ୍କ ମନରେ ସନ୍ଦେହ ଦୂର କରିବା ଆବଶ୍ୟକ। ତୃତୀୟତଃ, କେତେକ ଆଲୋଚକ କହନ୍ତି ଯେ ଦେଶର 'ଜନାଦେଶ' ଏବେ 'ଯନ୍ତ୍ରାଦେଶ'ରେ ପରିଣତ ହେଉଛି। ଅର୍ଥାତ୍ ମେସିନ୍(ଯନ୍ତ୍ର)ର ଫଳାଫଳ ଉପରେ ଅଧିକ ନିର୍ଭରଶୀଳତା ଲୋକମତକୁ ଅନ୍ଧକାରରେ ରଖୁଛି। ଏହି ଧାରଣା ସେତେବେଳେ ବଳବନ୍ତ ହୁଏ, ଯେତେବେଳେ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସାଧୁତା, ସଚେତନତା ଓ ପାରଦର୍ଶିତା ନ ଥାଏ। ତେଣୁ ଏହି ପରିସ୍ଥିତିରେ ଆବଶ୍ୟକ ହେଉଛି ନିର୍ବାଚନ ଆୟୋଗ ଅଧିକ ପାରଦର୍ଶିତା, ପ୍ରଯୁକ୍ତିଗତ ସୁରକ୍ଷା ଓ ସାଧାରଣ ଲୋକଙ୍କ ସହ ସଂଯୋଗ ବୃଦ୍ଧି କରନ୍ତୁ। ଲୋକଙ୍କ ଆସ୍ଥା ହେଉଛି ଗଣତନ୍ତ୍ରର ଭିତ୍ତି। ଯେପର୍ଯ୍ୟନ୍ତ ଲୋକମାନେ ନିର୍ବାଚନ ପ୍ରକ୍ରିୟା ଉପରେ ପୂର୍ଣ୍ଣ ଆସ୍ଥା ରଖିଥିବେ, ସେପର୍ଯ୍ୟନ୍ତ ଗଣତନ୍ତ୍ର ମଜବୁତ ରହିବ।

ସେହିପରି ଇଭିଏମ୍‌ର ଉଦ୍ଦେଶ୍ୟ ହେଉଛି ନିର୍ବାଚନକୁ ସହଜ, ଦ୍ରୁତ ଓ ପାରଦର୍ଶୀ କରିବା। କିନ୍ତୁ ବିଗତ କିଛି ସାଧାରଣ ନିର୍ବାଚନରେ ଇଭିଏମ୍ ସମ୍ପର୍କରେ ବିଭିନ୍ନ ଅଭିଯୋଗ ଉଠୁଛି। ଅଭିଯୋଗ ହେଉଛି ଯେ କେତେକ ସ୍ଥାନରେ ମେସିନ୍‌ର ତ୍ରୁଟି, ଭୋଟ ରେକର୍ଡ ହେବାର ଅସମନ୍ୱୟ କିମ୍ବା ଗଣନା ସମୟରେ ସନ୍ଦେହଜନକ ପରିସ୍ଥିତି ଦେଖା ଯାଇଛି। ଏହାସହିତ କେହି କେହି ଏହାମଧ୍ୟ କହିଥାନ୍ତି ଯେ ନିର୍ବାଚନ ପ୍ରକ୍ରିୟାରେ ପାରଦର୍ଶିତା ଓ ସ୍ୱଚ୍ଛତାର ଅଭାବ ଥିଲେ ଜନମତକୁ ପ୍ରଭାବିତ କରିବାର ଆଶଙ୍କା ରହେ। ତଥାପି ଏହି ସମସ୍ତ ଅଭିଯୋଗ ସନ୍ଦର୍ଭରେ ନିର୍ବାଚନ ଆୟୋଗ ସଦା ଏହା ଦାବି କରିଆସିଛି ଯେ ପ୍ରଣାଳୀ ସୁରକ୍ଷିତ ଏବଂ ଅନଧିକୃତ ହସ୍ତକ୍ଷେପ ସମ୍ଭବ ନୁହେଁ। ଆୟୋଗ ଭିଭିପାଟ୍ ବ୍ୟବସ୍ଥା ମାଧ୍ୟମରେ ମେସିନ୍‌ର ପରିଣାମକୁ ଯାଞ୍ଚ କରିବାର ବ୍ୟବସ୍ଥା ମଧ୍ୟ କରିଛି, ଯାହା ଭୋଟରଙ୍କୁ ତାଙ୍କର ଭୋଟ ସଠିକ ଭାବେ ରେକର୍ଡ ହେବାର ନିଶ୍ଚିତତା ଦେଇଥାଏ ସତ, କିନ୍ତୁ ଏହାର ସତ୍ୟତା ସନ୍ଦେହଘେରରେ।

ଗଣତନ୍ତ୍ରରେ ଅଭିଯୋଗ ଓ ଆଲୋଚନା ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ 'ସତ୍ୟ ହାରିଯାଉଛି, ଜାଲିଆତି ବିଜୟ ଘୋଷିତ ହେଉଛି' ଭଳି ଧାରଣା ସୃଷ୍ଟି ହେବା ଗଣତନ୍ତ୍ର ପାଇଁ ଶୁଭସଙ୍କେତ ନୁହେଁ। ଏହିପରି ସନ୍ଦେହ ଦୂର କରିବା ପାଇଁ ଆବଶ୍ୟକ ହେଉଛି ଅଧିକ ପାରଦର୍ଶିତା, ସ୍ୱାଧୀନ ନିରପେକ୍ଷ ଯାଞ୍ଚ ବ୍ୟବସ୍ଥା ଓ ସମସ୍ତ ରାଜନୈତିକ ଦଳଙ୍କ ସହଭାଗିତା। ସରକାରୀ ଦଳର ଅନଧିକୃତ ହସ୍ତକ୍ଷେପ ଗଣତନ୍ତ୍ରକୁ ବିପଥଗାମୀ କରୁଥିବା ଅଭିଯୋଗ ହେଉଛି। ତେଣୁ ଇଭିଏମ୍‌ର ସଠିକ ବ୍ୟବହାର ଓ ତଦାରଖ ହେଲେ ଗଣତନ୍ତ୍ର ମଜବୁତ ହେବ। ଯଦି କୌଣସି ତ୍ରୁଟି ଥାଏ ତାହାକୁ ସୁଧାରିବା ଓ ଲୋକମାନଙ୍କ ଆସ୍ଥା ପୁନଃସ୍ଥାପନ କରିବା ସମସ୍ତଙ୍କର ସାମୂହିକ ଦାୟିତ୍ୱ।

ଭାରତର ନିର୍ବାଚନ ଆୟୋଗ ସାଧାରଣତଃ ପ୍ରତ୍ୟେକ ନିର୍ବାଚନ ପରେ ଫଳାଫଳ, ମତଗଣନା ତଥ୍ୟ, ଭୋଟ ପ୍ରତିଶତ, ପ୍ରାର୍ଥୀଙ୍କ ମତ ଇତ୍ୟାଦି ସର୍ବସାଧାରଣଙ୍କ ପାଇଁ ପ୍ରକାଶ କରନ୍ତି। ତଥାପି କେତେକ ସମୟରେ ସୁରକ୍ଷା ଓ ସାଇବର ସୁରକ୍ଷା ସମସ୍ୟା ଓ ପ୍ରଚଳିତ ଆଇନ ପ୍ରକ୍ରିୟାର ଗୋପନୀୟତା କାରଣରୁ ସମସ୍ତ ପ୍ରାୟୋଗିକ ତଥ୍ୟ ସାର୍ବଜନିନ କରାଯାଇ ପାରୁନାହିଁ। ତେଣୁ ଆୟୋଗ ଏସବୁ ଅଭିଯୋଗ ପ୍ରତି ଆଖି ବୁଜି ଦେଉଛନ୍ତି ଏବଂ ଶାସକ ଦଳର ହାତବାରିସି ସାଜୁଥିବା ଅଭିଯୋଗ ହେଉଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଇଭିଏମ୍ ଓ ଭିଭିପାଟ୍ ସମ୍ପର୍କିତ ଅନେକ ମାମଲାରେ ଶୁଣାଣି କରିଛନ୍ତି। ଅଦାଲତ ମଧ୍ୟ ଅନେକ ସମୟରେ ନିର୍ବାଚନ ଆୟୋଗଙ୍କୁ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଆୟୋଗ ବିଭିନ୍ନ ଆଳ ଦେଖାଇ ଉପଯୁକ୍ତ ତଥ୍ୟ ଦାଖଲ କରୁନାହାନ୍ତି। ଏହାଫଳରେ ଦେଶବାସୀ ଅନ୍ଧାରରେ ରଖୁଛନ୍ତି। ଗଣତନ୍ତ୍ରରେ ସନ୍ଦେହ ହେବା ସ୍ୱାଭାବିକ। କିନ୍ତୁ କୌଣସି ପ୍ରମାଣ ବିନା ରହସ୍ୟ କିମ୍ବା ଷଡ଼ଯନ୍ତ୍ର ଧାରଣା ସୃଷ୍ଟି ହେଲେ ଲୋକମାନଙ୍କ ଆସ୍ଥା କମି ପାରେ।

ତେଣୁ ଗଣତନ୍ତ୍ରର ସୁରକ୍ଷା ପାଇଁ ନିର୍ବାଚନର ସ୍ୱାଧୀନ ଓ ନିରପେକ୍ଷ ଯାଞ୍ଚ, ନ୍ୟାୟିକ ନିରୀକ୍ଷଣ, ପ୍ରଯୁକ୍ତିଗତ ସମୀକ୍ଷା, ଇଭିଏମର ନିରପେକ୍ଷ ପରିଚାଳନା ଏବଂ ନିର୍ବାଚନ ସମ୍ପର୍କିତ ସମସ୍ତ ତଥ୍ୟର ସତ୍ୟତା ଅବଲମ୍ବନର ଆବଶ୍ୟକତା ରହିଛି। ନିର୍ବାଚନ ସମ୍ପର୍କିତ ତଥ୍ୟ ସୁରକ୍ଷା କରିବା ଦାୟିତ୍ୱ ନିର୍ବାଚନ ଆୟୋଗର। ନିର୍ବାଚନ ପ୍ରଣାଳୀ ଉପରେ ପ୍ରଶ୍ନ ଉଠିବା ଗଣତନ୍ତ୍ରର ଅଂଶ। କିନ୍ତୁ ସନ୍ଦେହ ଦୂର କରିବା ପାଇଁ ପ୍ରମାଣ, ଆଇନଗତ ପଦକ୍ଷେପ ଓ ପାରଦର୍ଶିତା ଆବଶ୍ୟକ। ଲୋକମାନଙ୍କ ଆସ୍ଥା ହେଉଛି ଗଣତନ୍ତ୍ରର ମୂଳ ଶକ୍ତି। ଏହାକୁ ସୁଦୃଢ଼ ରଖିବା ପାଇଁ ସମସ୍ତ ପକ୍ଷଙ୍କ ଦାୟିତ୍ୱ।

ଆଜିର ଡିଜିଟାଲ୍ ଯୁଗରେ ସାଧାରଣ ନାଗରିକଙ୍କୁ ଅନେକ ସରକାରୀ ସୁବିଧା ପାଇବା ପାଇଁ ବାୟୋମେଟ୍ରିକ୍ ଟିପ ଚିହ୍ନ ଦେବାକୁ ପଡୁଛି। ଯଦି ଜଣେ ସାଧାରଣ ଲୋକକୁ ୫ କେଜି ଚାଉଳ କିମ୍ବା ଗହମ ପାଇବାକୁ ଫିଙ୍ଗର୍ ପ୍ରିଣ୍ଟ ଦେବାକୁ ପଡୁଛି, ତେବେ ଦେଶର ସରକାର ଚୟନ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାୟୋମେଟ୍ରିକ୍ ବ୍ୟବସ୍ଥା କାହିଁକି ଲାଗୁ କରାଯାଉ ନାହିଁ? ଏହାର କିଛି ସମସ୍ୟା ମଧ୍ୟ ଅଛି। ଭୋଟ ଗୋପନୀୟତା ଗଣତନ୍ତ୍ରର ମୂଳ ଆଧାର। ଯଦି ବାୟୋମେଟ୍ରିକ୍ ତଥ୍ୟକୁ ଭୋଟ ସହିତ ସିଧାସଳଖ ଯୋଡ଼ା ଯାଏ, ତେବେ ଗୋପନୀୟତା ସମ୍ପର୍କିତ ପ୍ରଶ୍ନ ଉଠିପାରେ। ତେଣୁ ପ୍ରଯୁକ୍ତିଗତ ଭାବେ ଏମିତି ବ୍ୟବସ୍ଥା ଆବଶ୍ୟକ, ଯେଉଁଠାରେ ପରିଚୟ ସତ୍ୟାପନ ହେବ, କିନ୍ତୁ କାହାକୁ କେଉଁ ଭୋଟ ଦେଲେ ତାହା ଗୋପନୀୟ ରହିବ। ଫିଙ୍ଗର୍‌ପ୍ରିଣ୍ଟ ବ୍ୟବସ୍ଥା ଏକ ବିକଳ୍ପ ହୋଇପାରେ, କିନ୍ତୁ ତାହାକୁ ସାମ୍ବିଧାନିକ ମୂଲ୍ୟବୋଧ ଓ ଭୋଟର ଗୋପନୀୟତା ସହ ସମନ୍ୱୟ କରିବା ଅତ୍ୟାବଶ୍ୟକ।

ଗଣତନ୍ତ୍ରରେ ଭାବନା ନୁହେଁ, ପ୍ରମାଣ ଓ ପ୍ରକ୍ରିୟା ଶେଷ କଥା କହେ। କିନ୍ତୁ ପ୍ରମାଣ କରିବ କିଏ କାହା ହାତରେ କ୍ଷମତା ଅଛି? ଇଭିଏମ୍ ନିର୍ବାଚନ ପ୍ରଣାଳୀକୁ ଆଧୁନିକ କରିଛି, କିନ୍ତୁ ଏହା ସହିତ ଜନଆସ୍ଥା ଅତୁଟ ରହିବା ଅତ୍ୟାବଶ୍ୟକ। ଏହି ପରିପ୍ରେକ୍ଷୀରେ ଭୋଟରଙ୍କ ଫିଙ୍ଗର୍‌ପ୍ରିଣ୍ଟକୁ ବାଧ୍ୟତାମୂଳକ କରିବା ବିଷୟଟି ଗଭୀର ଚର୍ଚ୍ଚା ଯୋଗ୍ୟ। ନିର୍ବାଚନର ପବିତ୍ରତା ରକ୍ଷା କରିବା ସମସ୍ତଙ୍କର ସାମୂହିକ ଦାୟିତ୍ୱ। ପ୍ରଯୁକ୍ତିକୁ ସଠିକ ଭାବେ ବ୍ୟବହାର କରି ନାଗରିକଙ୍କ ମତକୁ ସୁରକ୍ଷିତ କରାଯାଇ ପାରିଲେ ସେଠାରେ ଗଣତନ୍ତ୍ରର ସଫଳତା ମିଳିବ। ନିର୍ବାଚନର ସ୍ୱଚ୍ଛତା, ସାଧୁତା ଓ ନିରପେକ୍ଷତା ପାଇଁ ଇଭିଏମରେ ଭୋଟରଙ୍କ ଫିଙ୍ଗରପ୍ରିଣ୍ଟକୁ ନିର୍ବାଚନ ଆୟୋଗ ସୁନିଶ୍ଚିତ କରିବାର ଆବଶ୍ୟକତା ବିଷୟରେ ବିଚାରବିମର୍ଶ କରିବା ଏକାନ୍ତ ଅପରିହାର୍ଯ୍ୟ।

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

## ଅଧର୍ମ ବିତ୍ତ...

ଜଗନ୍ନାଥ ବେହେରା

ଓଡ଼ିଆରେ ଗୋଟିଏ ପ୍ରବାଦ ଅଛି - 'ବାଡ଼ ଯଦି କିଆରି ଖାଇବ, କହିବା କାହାକୁ?' ସାଧାରଣତଃ ଫସଲକୁ ଗାଈ ଗୋରୁ ଓ ପକ୍ଷୀ ମୁହଁରୁ ବଞ୍ଚାଇବା ନିମନ୍ତେ ଆମେ କିଆରି ଚାରିଦିଗରେ ବାଡ଼ ଦେଇଥାଉ। ସେମିତି କିଛି ଶିକ୍ଷିତ ମଣିଷକୁ ବିଭିନ୍ନ ପଦପଦବୀ ଦେଇ ଆମେ ବିଭିନ୍ନ ବିଭାଗ ବା ସାମଗ୍ରୀର ସୁରକ୍ଷା ଦାୟିତ୍ୱ ଦେଇଥାଉ। କିନ୍ତୁ ସେହି ମଣିଷ ଯଦି ସାମଗ୍ରୀ ବିକି ଭାଙ୍ଗି ନଷ୍ଟ କରିବ ତେବେ କାହାକୁ କହିବା? ଆଜିକାଲି ଯାହାକୁ ବିଶ୍ୱାସ ରଖି ଲକ୍ଷ ଲକ୍ଷ ଟଙ୍କା ଦେଇ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଉଛି ସେହି ଲୋକ ହିଁ ବାଟମାରଣା କରିବାରେ ଲାଗିଛନ୍ତି।

ଏବେ ଦୁର୍ନୀତି ନିବାରଣ ବିଭାଗର ଚଢ଼ଉ ଜୋର ହୋଇଛି। କିନ୍ତୁ ଏବେ ବିଭାଗର ଅଧିକାରୀମାନେ ଚଢ଼ଉ ବେଳେ ଯେଉଁଭଳି ଟଙ୍କା ଓ ସାମଗ୍ରୀ ଦେଖୁଛନ୍ତି ଆଗରୁ ସାରା ଜୀବନକାଳ ମଧ୍ୟରେ କେବେ ବି ଦେଖି ନଥିବା କହୁଛନ୍ତି। ଭିଜିଲାନ୍ସ ଜାଲରେ ପ୍ରତିଦିନ ଏମିତି ଅନେକ ଛୋଟ ଛୋଟ ମାଛଠାରୁ ଆରମ୍ଭ କରି ବଡ଼ ବଡ଼ ମାଛ ଧାରାପଡ଼ି ଚାକିରି ହରାଇ ଜେଲ ଯାଉଛନ୍ତି। ଶ୍ମଶାନ ବୈରାଗ ପରି କିଛି ଲୋକ ଦିନଟିଏ ପାଇଁ ଭାବିଦିଏ ନା ଆଉ ସେ ଭୁଲ କରିବି ନାହିଁ। କିନ୍ତୁ ନୋଟ୍ ଦେଖିଲେ ତାଙ୍କ ମୁଣ୍ଡରେ ଭୂତ ଶବାରି ହୋଇଯାଏ। ପୁଣି ସେହି ଭୁଲ କରି ବସେ। ଜଣେ ଚଷା ଓ ଜଣେ ଦିନ ମଜୁରିଆ ୨୪ ଘଣ୍ଟାରୁ ୧୮ ଘଣ୍ଟା ଝାଳ ବୁହା ପରିଶ୍ରମ କରି ଗଧ ଖଟଣି ପରେ ମଧ୍ୟ ଭଲରେ ମୁଠାଏ ଖାଇବାକୁ ପାଉ ନଥିବା ବେଳେ କିଛି କାଗଜ ଉପରେ ଦସ୍ତଖତ କରି କିଛି ଲୋକ ଏତେ ଟଙ୍କା କୁଆଡୁ ଯେ ରୋଜଗାର କରୁଛନ୍ତି ବର୍ତ୍ତମାନ ଏହା ହିଁ ସମସ୍ତଙ୍କର ପ୍ରଶ୍ନ। ଏମାନଙ୍କ ପଛରେ କିଛି ଅସାଧୁ ବ୍ୟବସାୟୀ ଏବଂ ନେତା ମନ୍ତ୍ରୀ ନିଶ୍ଚୟ ଥିବେ, ଯାହା ଧୀରେ ଧୀରେ ଲୋକଲୋଚନକୁ ଆସିବ।

ଜଣେ ଜିଲ୍ଲାପାଳ ଜିଲ୍ଲାର ଓ ଲୋକଙ୍କ ମୌଳିକ ଅଧିକାରର ସୁରକ୍ଷା ପ୍ରତି ସଜାଗ ରହିଥାଆନ୍ତି। ଜଣେ ଆରକ୍ଷୀ ଅଧୀକ୍ଷକ ଜିଲ୍ଲାର ଆଇନଶୃଙ୍ଖଳାକୁ ଠିକ୍ ରଖି ଥାଆନ୍ତି। ଜଣେ ବନ ଅଧିକାରୀ ଜଙ୍ଗଲ ସୁରକ୍ଷା, ଚାରାରୋପଣ, ବୃକ୍ଷ ସୁରକ୍ଷାକୁ ତଦାରଖ କରିଥାଆନ୍ତି। ଯଦି ଜଣେ ବନ ଅଧିକାରୀ ବନକୁ ସୁରକ୍ଷା ଦେବା ବଦଳରେ ସେହି ଜଙ୍ଗଲରୁ ବହୁ ମୂଲ୍ୟବାନ ଗଛ କାଟି ନିଅନ୍ତି ତେବେ କାହାକୁ କହିବା? ଜଣେ ଜଣେ ବନ ଅଧିକାରୀ ସ୍ୱଳ୍ପ ବେତନରେ ଶତାଧିକ ପ୍ଲଟ କିଣୁଛନ୍ତି। ଦଶବାର ବର୍ଷ ଭିତରେ କୋଟି କୋଟି ଟଙ୍କାର ମାଲିକ ହୋଇପାରୁଛନ୍ତି। ଚଢ଼ଉ ବେଳେ ଘର ଭିତରୁ ନଗଦ କୋଟି କୋଟି ଟଙ୍କାର ବଣ୍ଡଲ ମିଳୁଛି। କେଜି କେଜି ସୁନା ସହିତ ଚାରି ପାଞ୍ଚଟା ଦାମିକିଆ ଗାଡ଼ି ଜବତ ହେଉଛି। ଅହୁରି ଅଧିକ ଜମା ଥିବା ମଧ୍ୟ ଜଣାପଡୁଛି। ସେହିପରି ଜଙ୍ଗଲ ବିଭାଗରେ ଚାରା ସୃଷ୍ଟି କରିବାଠାରୁ ଆବଣ୍ଟନ ଓ ରୋପଣରେ ମାତ୍ରାଧିକ ଟଙ୍କା ଖର୍ଚ୍ଚ ହେଉଛି। ପିଡ଼ିଆ, ଖତ, ଔଷଧ ସ୍ପ୍ରେ ନାଁରେ ମଧ୍ୟ ଟଙ୍କା ପାଣି ପରି ଖର୍ଚ୍ଚ ହେଉଛି। କିନ୍ତୁ ସେହି ପରିମାଣରେ ଜଙ୍ଗଲ ସୃଷ୍ଟି ହେଉ ନଥିବାର ପରିଲକ୍ଷିତ ହେଉଛି।

ବର୍ତ୍ତମାନ ଓଡ଼ିଶା କାହିଁକି ସମଗ୍ର ଭାରତ ବର୍ଷରେ ଖଣି ବିଭାଗର ଦୁର୍ନୀତି ଚହଳ ସୃଷ୍ଟି କରିଛି। ବେଳେ ବେଳେ ହାତୀ ଖସି ଯାଉଛି। କେବଳ ଛୋଟ ଛୋଟ ପିମ୍ପୁଡ଼ି ହିଁ ଧରା ପଡୁଛନ୍ତି। ବିଭାଗୀୟ ମୁରବି ଯଦି ଏତେ ବଡ଼ ଘଟଣାରେ ସମ୍ପୃକ୍ତ, ତେବେ ସେହି ବିଭାଗରେ ନିୟୋଜିତ ତଳିଆ କର୍ମଚାରୀ ମଧ୍ୟ ଊଣାଅଧିକେ କେତେ ଧୁରନ୍ଧର୍ ନ ଥିବେ? ଭଗବାନଙ୍କ ଅବତାର ଡାକ୍ତର, ଦିଗଦର୍ଶନ ଦେଉଥିବା ଶିକ୍ଷକ, ଚାକିରିରେ ପଦୋନ୍ନତି ଦେଉଥିବା ଅଫିସର ସମସ୍ତେ ଏବେ ଦୁର୍ନୀତିରେ ବୁଡିଛନ୍ତି।

ଦୁର୍ନୀତି ଶାଖାପ୍ରଶାଖା ମେଲି ବିରାଟ ଦ୍ରୁମହୋଇ ଯାଇଛି। କାରଣ ବାରମ୍ବାର ଅଫିସ ଧାଇଁ ଧାଇଁ ନୟାନ୍ତ ହେବ ଅପେକ୍ଷା କିଛି ହାତଗୁଞ୍ଜା ଦେଇ କାମଟି କରିଦେବା ଶ୍ରେୟସ୍କର ବୋଲି ମଣୁଛନ୍ତି ସାଧାରଣ ଲୋକେ। ତେଣୁ ଆଜି ଜଣେ ଅଧିକାରୀଙ୍କୁ ଦେଖିଲେ ସନ୍ଦେହ ସୃଷ୍ଟି ହେଉଛି। ବିଶ୍ୱାସ ହେଉନାହିଁ ଯେ ଅଫିସର୍‌ଟି ସଚ୍ଚୋଟ ନା ବେଇମାନ୍।

ଜନତା ଜାଗ୍ରତ ନ ହେଲେ ବିଭାଗୀୟ ମନ୍ତ୍ରୀ, ଅଫିସର୍, ଇଞ୍ଜିନିଆରମାନେ ଦୁର୍ନୀତି କରି ଚାଲିବେ। ପି ସି କାରବାରରେ ଲିପ୍ତ ରହି କୋଟିକୋଟି ଟଙ୍କା ବାଟମାରଣ କରି ଦେଶର ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରିଦେବେ। ଅବାଟରେ ପାଦ ଥାପି ଥିବା ବାଟୋଇକୁ ବାଟ ଦେଖାଇବା ଭିଜିଲାନ୍ସ ଅପେକ୍ଷା ଦେଶର ସୁନାଗରିକ ହିସାବରେ ଆମର କର୍ତ୍ତବ୍ୟ ଯଥେଷ୍ଟ ଅଧିକ। ଦେଶରୁ ଦୁର୍ନୀତି ଚେର ଉପାଡ଼ିଲେ ହିଁ ଦେଶର ଶିରି ଫେରିବ। ଅବଶ୍ୟ ଏ 'ଅଧର୍ମ ବିତ୍ତ ବଢ଼େ ବହୁତ ଗଲା ବେଳେ ଯାଏ ମୂଳ ସହିତ' ରୂଢ଼ିଟି ଆଜି ଓଡ଼ିଶାରେ ସତ୍ୟ ହୋଇଯାଇଛି।

ନବରଙ୍ଗପୁର, ମୋ: ୯୪୩୭୭୭୫୧୫୮

## କଳିଙ୍ଗରେ ବୌଦ୍ଧଧର୍ମର ପ୍ରସାର

ପ୍ରବୀର କୁମାର ପଟ୍ଟନାୟକ


*ପୂର୍ବପ୍ରକାଶିତ ଉତ୍ତାରୁ...*

କଳିଙ୍ଗ ଯୁଦ୍ଧ ଓ ଏହାର ପ୍ରଭାବ: ବୌଦ୍ଧ ଧର୍ମର ଇତିହାସରେ କଳିଙ୍ଗ ଯୁଦ୍ଧ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଏଇଥିପାଇଁ ଯେ ସମ୍ରାଟ ଅଶୋକଙ୍କ ବୌଦ୍ଧଧର୍ମ ଗ୍ରହଣ ଏହାରି ଯୋଗୁଁ ହି ସମ୍ଭବ ହୋଇପାରିଥିଲା। ତ୍ରୟୋଦଶ ଶିଳାଲେଖରେ ଅଶୋକ ଯୁଦ୍ଧର ବିଭୀଷିକା ତଥା ଏହା ଯୋଗୁଁ ଘଟିଥିବା ବ୍ୟାପକ କ୍ଷୟକ୍ଷତି ସଂପର୍କରେ ଉଲ୍ଲେଖ କରିଛନ୍ତି -ଏକ ଲକ୍ଷ ଲୋକଙ୍କର ପ୍ରାଣହାନି ଘଟିବା ସହ ଦେଢ଼ ଲକ୍ଷ ଲୋକଙ୍କୁ ବନ୍ଦୀ କରି ନେଇ ଯାଇଥିବା ଏବଂ ଯୁଦ୍ଧ ପରବର୍ତ୍ତୀ ଖାଦ୍ୟାଭାବ, ମହାମାରୀ ତଥା ଦୁର୍ଭିକ୍ଷ ଆଦି ବ୍ୟାପକ କ୍ଷୟକାରୀ ଘଟଣା ସବୁ ଯୋଗୁଁ ଅକଳନ ଧନଜନର କ୍ଷୟକ୍ଷତି ଘଟିଥିବା ଆଦି। ଏହିସବୁ ଉତ୍ପାଟକ, ବିଧ୍ୱଂସକାରୀ ଓ ଅକଳ୍ପନୀୟ ମାନବୀୟ ଦୁଃଖକଷ୍ଟ ସୃଷ୍ଟିକାରୀ ତଥା ନୃଶଂସ ଅତ୍ୟାଚାର ଏବଂ ହିଂସା ତଥା ବିନାଶକାରୀ କ୍ରିୟାକଳାପ ସବୁ ଏକ ସରଳ ଓ ଶାନ୍ତିପ୍ରିୟ ଜନତା ଉପରେ ଲଦି ଦିଆଯାଇଥିଲା, ଯେଉଁମାନଙ୍କର ଏକ ମାତ୍ର ଦୋଷ ଥିଲା ସେମାନେ ସ୍ୱାଧୀନଭାବେ ବଞ୍ଚିବା ଓ ଶାନ୍ତିରେ ବସବାସ କରିବାକୁ ଚାହୁଁଥିଲେ ନିଜ ଦେଶରେ ଓ ନିଜ ନିଜର ଭିଟାମାଟିରେ। ଏହି ବିନାଶକାରୀ ଘଟଣାକ୍ରମ ଅଶୋକଙ୍କ ପ୍ରଭାବଶୀଳ ମନରେ ଏକ ଅସାଧାରଣ ପରିବର୍ତ୍ତନ ଆଣିପାରିଥିଲା। ଏହା ତାଙ୍କ ମନରେ ଘୋର ଅନୁଶୋଚନା, ଗଭୀର ଦୁଃଖ ଓ ପରିତାପର ଭାବ ମଧ୍ୟ ଜାଗ୍ରତ କରାଇଥିଲା। ଅଶୋକ ସର୍ବସାଧାରଣରେ ସ୍ୱୀକାର କରିବା ସହ ଘୋଷଣା କରିଥିଲେ ଯେ କଳିଙ୍ଗ ବିଜୟ ପରେ ତାଙ୍କଠାରେ ଧର୍ମ ଭାବ ସବୁ ଉଦ୍‌ବେଳିତ ହୋଇଥିଲା। ସେଗୁଡ଼ିକ ହେଲା - ଧମ୍ମଶୀଳନ (ଧର୍ମପରାୟଣତାର ନୀତି ଓ ଅଭ୍ୟାସ), ଧମ୍ମକାମତା (ଧର୍ମକୁ ସମ୍ମାନ କରିବା ତଥା ଭଲ ପାଇବା) ଏବଂ ଧମ୍ମାନୁଶସ୍ତି (ସେହି ଧର୍ମକୁ ମନରେ ଗଭୀର ଭାବେ ଧାରଣ କରିବା, ତାହାର ବୋଧଗମ୍ୟତା ତଥା ପ୍ରଚାର ଓ ଶିକ୍ଷା)।

ଏହିଭଳି କଳିଙ୍ଗଯୁଦ୍ଧ ପ୍ରତ୍ୟକ୍ଷ ତଥା ସ୍ପଷ୍ଟ ଭାବରେ ଅଶୋକଙ୍କ ଜୀବନରେ ଏକ ନିର୍ଣ୍ଣାୟାତ୍ମକ ମୋଡ଼ ଆଣିଥିଲା ଏବଂ ଏହା ତାଙ୍କୁ ସିଧାସଳଖ ଭାଗବାନ ବୁଦ୍ଧଙ୍କ ଶିକ୍ଷା, ଉପେଦେଶ ଏବଂ ବାଣୀ ଆଡ଼କୁ ଆକର୍ଷିତ କରିପାରିଥିଲା। ଅଶୋକ ବୌଦ୍ଧ ଉପାସକ ହେବାର ଅଢ଼େଇ ବର୍ଷ ପରେ ତାଙ୍କର କ୍ଷୁଦ୍ର ଅଭିଲେଖଗୁଡ଼ିକ ଜାରି କରାଯାଇଥିଲା। ଷଷ୍ଠ ସ୍ତମ୍ଭ ଅଭିଲେଖରେ ଲିପିବଦ୍ଧ ବିବରଣୀରୁ ଜଣାଯାଏ ଯେ ଏହି କ୍ଷୁଦ୍ର ଅଭିଲେଖମାନ ସେ ଅଧିଷ୍ଠିତ ହେବାର ବାରବର୍ଷ ପରେ ପ୍ରକାଶିତ କରାଯାଇଥିଲା। ଏଣୁ ସମ୍ରାଟଙ୍କର ବୌଦ୍ଧ ଧର୍ମରେ ପ୍ରବେଶ କରିବା ଘଟଣାକୁ ନିଶ୍ଚିତ ଭାବେ କଳିଙ୍ଗ ଯୁଦ୍ଧର ପରବର୍ତ୍ତୀ ସମୟର ବୋଲି ଧରାଯିବ। କାରଣ ଅଶୋକ ସିଂହାସନ ଆରୋହଣ କରିବାର ଆଠ ବର୍ଷ ପରେ ହିଁ କଳିଙ୍ଗ ଯୁଦ୍ଧ ହୋଇଥିଲା। କଳିଙ୍ଗ ଯୁଦ୍ଧ ତାଙ୍କୁ 'ଚଣ୍ଡାଶୋକ'ରୁ 'ଧର୍ମାଶୋକ'ରେ ପରିଣତ କରିପାରିଥିଲା ଏବଂ ତାଙ୍କର ଧର୍ମନୀତିରେ ଏକ ବିରାଟ ତଥା ଦୂରଗାମୀ ପ୍ରଭାବ ସୃଷ୍ଟି କରିପାରିଥିଲା। ସର୍ବୋପରି ଏହା ଫଳରେ ତାଙ୍କର ଧର୍ମବିଜୟ ଭାରତ ତଥା ବିଶ୍ୱ ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣାକ୍ରମ ହୋଇପାରିଥିଲା। ଏହା ରକ୍ତରଞ୍ଜିତ ସାମରିକ ବିଜୟର ଯୁଗ ସ୍ଥାନରେ ପ୍ରେମଭରା ଆଧ୍ୟାତ୍ମିକ ସାମ୍ରାଜ୍ୟବାଦର ଏକ ଯୁଗ ଆରମ୍ଭ କରିଥିଲା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ଓଡ଼ିଶାର ବୌଦ୍ଧ ପରମ୍ପରା



## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଆତ୍ମସମର୍ପଣ ହିଁ...

ରାଜି ନ ଥିଲେ। ଆମେ ବି ଅସ୍ତ୍ରବିରତି ପାଇଁ ଅନୁରୋଧ କରିନୁ। ତେଣୁ ଆଲୋଚନାର ପ୍ରଶ୍ନ ଉଠୁନାହିଁ। ଆମେରିକାକୁ ଜବାବ ଦେବାକୁ ଆମେ ପ୍ରସ୍ତୁତ ଅଛୁ। ସ୍ଥଳ ଅଭିଯାନ ଆରମ୍ଭ କଲେ ଅତ୍ୟନ୍ତ ଭୟଙ୍କର ହେବ। ଏହା ଆମେରିକା ସେନା ପାଇଁ ବିପଜ୍ଜନକ ସାବ୍ୟସ୍ତ ହେବ।

ଏହା ପୂର୍ବରୁ ଟ୍ରମ୍ପ ଏକ ସାକ୍ଷାତକାରରେ କହିଛନ୍ତି ଯେ ନୂଆ ନେତା ଚୟନରେ ଆମେରିକାର ଭୂମିକା ରହିବା ଜରୁରୀ। ଯଦି ଆମେରିକାର ସହଯୋଗରେ ଏପରି କରା ନ ଯିବ ତେବେ ତାହା ସମୟର ଅପଚୟ ହେବ। କେହି ଏହାକୁ ମାନିବେ ନାହିଁ। ଏଭଳି ସର୍ବୋଚ୍ଚ ନେତାର କୌଣସି ମୂଲ୍ୟ ରହିବ ନାହିଁ। ଅୟତୁଲ୍ଲା ଅଲି ଖାମନେଇଙ୍କ ପୁଅ ମୁଜତବା ଖାମନେଇଙ୍କୁ ସମ୍ଭାବ୍ୟ ଉତ୍ତରାଧିକାରୀ ଧରାଯାଉଛି। ମାତ୍ର ଆମେରିକା ଏହାକୁ ସ୍ୱୀକାର କରିବ ନାହିଁ। ଟ୍ରମ୍ପ ଚେତାବନୀ ଦେଇ କହିଛନ୍ତି ଯେ ଯଦି ନୂଆ ନେତା ପୁରୁଣା ନେତୃତ୍ୱଙ୍କ ନୀତି ଜାରି ରଖିବେ, ତେବେ ଆମେରିକା ଏବଂ ଇରାନ ମଧ୍ୟରେ ଆଗାମୀ ଦିନରେ ପୁଣି ମୁହାଁମୁହିଁ ସ୍ଥିତି ସୃଷ୍ଟି ହେବ। ଆମେରିକା ଏଭଳି ନେତାଙ୍କୁ ଚାହୁଁଛି, ଯିଏ ଇରାନରେ ଶାନ୍ତି ଏବଂ ସ୍ଥିରତା ଆଣି ପାରୁଥିବ ବୋଲି ଟ୍ରମ୍ପ କହିଛନ୍ତି। ସେହିପରି ତୁରନ୍ତ ଆତ୍ମସମର୍ପଣ କରିବାକୁ, ନଚେତ ମରିବାକୁ ଆମେରିକା ରାଷ୍ଟ୍ରପତି ଇରାନ ସେନା ଆଇଆରଜିସିକୁ ଧମକ ଦେଇଛନ୍ତି। ଇରାନ କ୍ଷେପଣାସ୍ତ୍ର ଘାଟୀ, ଡ୍ରୋନ ଭଣ୍ଡାର ଆଦି ଆମେରିକା ଉଡ଼ାଇ ଦେଇଥିବା ଦାବି କରିଛନ୍ତି। ଇରାନର ୨୦୦ରୁ ଅଧିକ ଠିକଣାରେ ଆକ୍ରମଣ କରି ଲଢୁଆ ବିମାନ ଧ୍ୱଂସ କରଦିଆଯାଇଛି।

## ଶେଷ ଗୁଳି ପର୍ଯ୍ୟନ୍ତ...

ମଧ୍ୟରେ କୂଟନୈତିକ ସମ୍ବନ୍ଧ ରଖିବା କଠିନ ହୋଇଯିବ। ଆମେରିକାର ସମ୍ଭାବ୍ୟ ସ୍ଥଳସେନାର ଆକ୍ରମଣକୁ ନେଇ ଖତିବଜାଦେହ କହିଛନ୍ତି ଯେ କୌଣସି ବି ଉପନିବେଶ ଅଭିଯାନକୁ ରୋକିବା ପାଇଁ ପ୍ରସ୍ତୁତ। ନିଜ ଦେଶର ରାଜନୈତିକ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ହେଉଥିବା ଯେକୌଣସି ପ୍ରୟାସକୁ ଇରାନ ଜୋରଦାର ବିରୋଧ କରିବ। ଇରାନର କୁର୍ଦ୍ଦ ସମୁଦାୟକୁ ବିଚ୍ଛିନ୍ନତାବାଦୀଙ୍କ ସହ ଯୋଡ଼ି ଦେଖିବା ଅନୁଚିତ।

## ବିକଶିତ ଓଡ଼ିଶା...

ଦିନରେ ଆମ ଦେଶ ଭାରତକୁ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ମଧ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ମଧ୍ୟ ନୂତନ ସରକାର ଗଠନ ହେବା ପରେ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ କାର୍ଯ୍ୟ କରାଯାଉଛି । ଧାନ ଚାଷୀମାନଙ୍କୁ ୩୧୦୦ ଟଙ୍କାର ଏମ୍ଏସପି ପ୍ରଦାନ କରିବା ଠାରୁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରତି ବର୍ଗର ପ୍ରତିଟି ବ୍ୟକ୍ତିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ୍ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛି ସେ କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି । ଏହି ଦଳ ଦେଶକୁ ନିନ୍ଦିତ କରୁଛି ଓ ଆଗାମୀ ନିର୍ବାଚନରେ ୧୦୦ ଆସନ ବି ଟପିବ ନାହିଁ ବୋଲି ଶ୍ରୀ ଶାହା କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆଜି ଗୋଟିଏ ଦିନରେ ୩୨୭୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାସହିତ ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେଇଛି। ଏହାମାଧ୍ୟମରେ ଓଡିଶାର ଚାଷୀ ସମୃଦ୍ଧ ହେବ, ଓଡିଶାର ଯୁବକ ସମୃଦ୍ଧ ହେବେ, ଓଡିଶାର ମା'ମାନେ ସମୃଦ୍ଧ ହେବେ ଏବଂ ସାରା ଓଡିଶା ସମୃଦ୍ଧ ହେବ । ଓଡ଼ିଶା ପୋଲିସକୁ ଶକ୍ତିଶାଳୀ, ପ୍ରଭାବଶାଳୀ ଏବଂ ବୃତ୍ତିଗତ କରିବାରେ ଶ୍ରୀ ଶାହଙ୍କ ଅବଦାନ ଅତୁଳନୀୟ। ଏହାଦ୍ୱାରା ୨୦୨୫ ର ପ୍ରଥମ ଛଅ ମାସରେ, ଓଡ଼ିଶାରେ ମହିଳା ବିରୋଧୀ ଅପରାଧରେ ଦଣ୍ଡ ହାର ୪୧ ପ୍ରତିଶତ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ବଡ଼ମ୍ବା ଚିନିକଳ ପୁନରୁଦ୍ଧାର ପାଇଁ ଇଣ୍ଡିଆନ ପଟାସ ଲିମିଟେଡ୍ ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗିରେ ନୂଆ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଦର୍ଶନୀ ପଡିଆ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାବେଶରେ ଯୋଗ ଦେବା ଅବସରରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଶାହ ପ୍ରଥମେ ନାଗରିକ କୈନ୍ଦ୍ରିକ ନୂତନ ନ୍ୟାୟ ସଂହିତାର ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି । ଓଡ଼ିଶା ପୋଲିସ ସହ ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି, ଭୁବନେଶ୍ୱର ମଧ୍ୟରେ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ରାଜ୍ୟର ୨୦ ଜିଲ୍ଲାରେ ୨୦ ଟି ନୂତନ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ପୋଲିସ ଥାନାର ଆଭାସୀ ଲୋକାର୍ପଣ ସହ୨୪ ଟି ନୂତନ ଥାନାର ଲୋକାର୍ପଣ ମଧ୍ୟ କରାଯାଇଛି।

ଆଜି ସକାଳେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶାହ କଟକ ଜିଲ୍ଲା ମୁଣ୍ଡଳୀ ଠାରେ ଥିବା ସିଆଇଏସଏଫ୍ ର ପ୍ରତିଷ୍ଠା ଦିବସରେ ଯୋଗଦେଇଥିଲେ ଏବଂ ପରେ ପରେ ପାରାଦ୍ୱୀପଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଇଫକୋର ପାରାଦୀପ ପ୍ଲାଣ୍ଟରେ ସ୍ଥାପିତ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ (ଏସଏପି-ଥ୍ରୀ) କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । କାର୍ଯ୍ୟକ୍ରମରେ ୧୪୧ଟି ପ୍ୟାକ୍ସ ପାଇଁ ଆବଶ୍ୟକତା-ଭିତ୍ତିକ ଭିତ୍ତିଭୂମିର ଆଭାସୀ ଉଦଘାଟନ, ସମବାୟ ନିବନ୍ଧକ (ଆରସିଏସ) ଅଫିସ୍ ପୋର୍ଟାଲ୍ ଆରମ୍ଭ, ନ୍ୟାସନାଲ୍ କୋଅପରେଟିଭ୍ ଅର୍ଗାନିକ୍ସ ଲିମିଟେଡ୍ ର ଡାଇରେକ୍ଟ-ଟୁ-କଞ୍ଜ୍ୟୁମର୍ (ଡିଟୁସି) ପୋର୍ଟାଲ୍ ଆରମ୍ଭ, ଏବଂ ନେସନାଲ୍ କୋଅପରେଟିଭ୍ ଏକ୍ସପୋର୍ଟ୍ସ ଲିମିଟେଡ୍ ଦ୍ୱାରା ବିକଶିତ 'କୁପ୍ ମାର୍କ' ଏବଂ ଏକ ଏଆଇ ଆଧାରିତ ବହୁଭାଷୀ ଡିଜିଟାଲ୍ ଶିକ୍ଷଣ ପ୍ଲାଟଫର୍ମ 'ସାବିଦ୍ୟା'ର ଶୁଭାରମ୍ଭ କରାଯାଇଛି। ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଓମଫେଡ୍ ସହ ଜଡିତ ପଦକ୍ଷେପଗୁଡ଼ିକ ମଧ୍ୟ ଶୁଭାରମ୍ଭ କରାଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେନ୍ ଶାହାଙ୍କ...

ଆଭିମୁଖ୍ୟ ଭାବେ ପରିଚିତ କେପି ଶର୍ମା ଓଲିଙ୍କ କମ୍ୟୁନିଷ୍ଟ ପାର୍ଟି ଅଫ ନେପାଳ ମାତ୍ର ୧୧ଟି ଆସନରେ ଆଗରେ ଅଛି। କେପି ନିଜେ ବାଲେନ ଶାହାଙ୍କଠାରୁ ପରାସ୍ତ ହୋଇପାରନ୍ତି। ଝାପା-୫ ଆସନରୁ ଓଲି ୫,୨୬୧ ଭୋଟରେ ପଛରେ ଅଛନ୍ତି। ୨୦୧୭ ଏବଂ ୨୦୨୨ରେ ସେ ଏହି ଆସନରୁ ବିଜୟୀ ହୋଇଥିଲେ।

ଗତ ବର୍ଷ ହୋଇଥିବା ହିଂସ୍ରକ ବିକ୍ଷୋଭ ପ୍ରଦର୍ଶନ ପରେ ଗୁରୁବାର ନେପାଳରେ ନିର୍ବାଚନ ହୋଇଥିଲା। ଏଥିରେ ୬୦ ପ୍ରତିଶତରୁ ଅଧିକ ଲୋକ ଭୋଟ ଦେଇଥିଲେ। ଏହି ଭୋଟ ଗଣତି ଶେଷ ହେବାକୁ ତିନିରୁ ଚାରି ଦିନ ସମୟ ଲାଗିପାରେ। ୯ ତାରିଖ ସୁଦ୍ଧା ଗଣତି ଶେଷ କରିବାକୁ ପ୍ରୟାସ କରାଯାଉଛି ବୋଲି ନିର୍ବାଚନ କମିଶନ କହିଛନ୍ତି।

## ଦେଶରେ ଅନୁଜ...

(ଓୟୁଟିଆର୍)ର ଛାତ୍ର ହୋଇଥିବାବେଳେ ଏହି ଶିକ୍ଷାନୁଷ୍ଠାନର ଅମ୍ରିତ ମହାପାତ୍ର ୧୨୧, ବିଶାଳ ପଟ୍ଟନାୟକ ୩୪୧ ଏବଂ ଦେବବ୍ରତ ପ୍ରମାଣିକ ୪୬୭ତମ ସ୍ଥାନରେ ରହି ଏହି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ସେହିପରି ଓଡ଼ିଶାରୁ ଅନ୍ୟମାନଙ୍କ ମଧ୍ୟରେ ୨୧୧ତମ ସ୍ଥାନରେ ଓଡ଼ିଶାର ତନିଶା ମିଶ୍ର ସ୍ଥାନ ପାଇଥିବାବେଳେ ୪୨୩ ରେ ଶୁଭମ୍ ମିଶ୍ର, ୪୨୮ ରେ ଅନିମେଶ ମିଶ୍ର, ୪୪୫ରେ ଅନିଲ୍ ମିଶ୍ର ପ୍ରମୁଖ ସ୍ଥାନ ପାଇଛନ୍ତି।

ସର୍ବଭାରତୀୟ ସ୍ତରରେ ୧୦୦ତମ ସ୍ଥାନରେ ଥିବା ଓଡ଼ିଶାର ସାତ୍ତ୍ୱିକ୍ ସତ୍ୟକାମ ଦେବତା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଷଷ୍ଠ ବା ଶେଷ ସୁଯୋଗରେ ସଫଳତା ପାଇଛନ୍ତି। ପ୍ରଥମ ତିନୋଟି ପରୀକ୍ଷା ପାଇଁ ପୂର୍ଣ୍ଣକାଳୀନ ପ୍ରସ୍ତୁତି କରୁଥିଲେ। ଏହାପରେ ସେ ଚାକିରି କରିବା ସହ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ଲୋକଙ୍କ ସହ ଯୋଡ଼ିହୋଇ ସେମାନଙ୍କ ସମସ୍ୟାକୁ ବୁଝି ସମାଧାନ କରିବାକୁ ଅଗ୍ରାଧିକାର ଦେବେ ବୋଲି କହିଛନ୍ତି। ସେହିପରି ୧୨୧ତମ ସ୍ଥାନରେ ଥିବା ପୁରୀର ଅମ୍ରିତ ମହାପାତ୍ର କହିଛନ୍ତି ଯେ ନିୟମିତ ଭାବେ ଅଧ୍ୟୟନ କରିବାର ଫଳ ପାଇଛନ୍ତି। ପୂର୍ବରୁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ ହେବାକୁ ମନୋନୀତ ହୋଇଥିଲେ ମଧ୍ୟ ଚାକିରିରେ ଯୋଗଦେଇ ନ ଥିଲେ; ବରଂ ଅନ୍ୟ ସ୍ଥାନରେ ଚିକିରି କରି ୟୁପିଏସ୍‌ସି ପାଇଁ ପ୍ରସ୍ତୁତି କରୁଥିଲେ ଯାହା ତାଙ୍କୁ ସଫଳତା ଦେଇଛି ବୋଲି ସେ କହିଛନ୍ତି।

## ଏପ୍ରିଲ ପହିଲାରୁ...

୨୦୨୫ ଓ ୨୦୦୨ ଭୋଟର ତାଲିକାରେ ଯାଞ୍ଚ କରି ସମ୍ବନ୍ଧିତ ବିବରଣୀ ବୁଥସ୍ତରୀୟ ଅଧିକାରୀଙ୍କୁ ଦେବାକୁ ଅନୁରୋଧ କରାଯାଇଛି। ଯଦି ୨୦୦୨ ତାଲିକାରେ ନାମ ନ ମିଳେ, ତେବେ ନିଜ ପିତା/ମାତାଙ୍କ ବିବରଣୀ ଦେଇ ମ୍ୟାପିଂ କରାଯାଇପାରିବ। ଯଦି୨୦୦୨ ଭୋଟର ତାଲିକାରେ ନିଜର, ପିତା/ମାତାଙ୍କର ନାମ ନ ଥିବ ତେବେ ନିଜର ଜେଜେବାପା/ଜେଜେମାଙ୍କ ବିବରଣୀ ଦେଇ ମ୍ୟାପିଂ କରାଯାଇପାରିବ। ଯଦି ସେମାନଙ୍କର ମଧ୍ୟ ୨୦୦୨ ତାଲିକାରେ ନାମ ନ ଥିବ ତେବେ ଏସ୍ଆଇଆର୍ ଆରମ୍ଭ ହେବା ପରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ ବୋଲି ଶ୍ରୀ ଗୋପାଳନ୍ ସ୍ପଷ୍ଟ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ଏହି ମ୍ୟାପିଂ ପ୍ରକ୍ରିୟା ପାଇଁ କୌଣସି ଦସ୍ତାବିଜ କିମ୍ବା ଆଧାର କାର୍ଡ ଦେବା ଆବଶ୍ୟକ ନୁହେଁ ଏବଂ ଏସଆଇଆର ଆରମ୍ଭ ହେଲେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ନାମ ପଞ୍ଜିକରଣ କରାଯିବ। ବିଏଲ୍‌ଓମାନଙ୍କ ପାଖରେ ୨୦୦୨ ମସିହାଲ ଭୋଟର ତାଲିକା ହାର୍ଡ କପି ରହିଛି। କେଉଁ ନିର୍ବାଚନ ମଣ୍ଡଳୀରେ ନାଁ ଥିଲା, କେଉଁ ବୁଥ୍ ଓ ସିରିଏଲ୍ ନଂ କହିଦେଲେ ବିଏଲ୍‌ଓମାନେ ଆପ୍‌ରେ ମ୍ୟାପିଂ କରିଦେବେ। ରାଜ୍ୟରେ ପ୍ରାୟ ୯୫ ପ୍ରତିଶତ ଲୋକଙ୍କର ମ୍ୟାପିଂ ଟାର୍ଗେଟ୍ ରହିଛି। ୯୦ ପ୍ରତିଶତ ମ୍ୟାପିଂ ଲକ୍ଷ୍ୟ ହାସଲ ହୋଇସାରିଥିବା ବେଳେ ଆଉ ୫-୮ ପ୍ରତିଶତ ହାସଲ କରିଦେଲେ ଅନେକ ସୁବିଧ ହୋଇଯିବ ବୋଲି ଶ୍ରୀ ଗୋପାଳନ୍ କହିଛନ୍ତି। ତେବେ ଆଜିର ସ୍ଥିତିରେ ଓଡ଼ିଶାରେ ୯୦ ପ୍ରତିଶତ ଲୋକଙ୍କର କୌଣସି ସମସ୍ୟା ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି।

## ମଧ୍ୟପ୍ରାଚ୍ୟ ଅସ୍ଥିରତା...

ଚଳିତ ସପ୍ତାହରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୧୬% ବୃଦ୍ଧି ପାଇଛି। ମଧ୍ୟପ୍ରାଚ୍ୟରେ ଏହି ସଂଘର୍ଷର ପ୍ରଭାବ ସେୟାର ବଜାର ଉପରେ ମଧ ଦେଖାଯାଉଛି। ଏହି ପରିସ୍ଥିତିରେ, ଟଙ୍କା ମଧ ଅଧିକ ଚାପଗ୍ରସ୍ତ ହେବାରେ ଲାଗିଛି। ଭାରତ ନିକଟରେ ବର୍ତ୍ତମାନ ୭୨୩ ବିଲିୟନ ଡଲାରରୁ ଅଧିକ ବୈଦେଶିକ ମୁଦ୍ରା ଭଣ୍ଡାର ବାକି ରହିଛି, ଯାହା ବିଶ୍ୱର ସବୁଠାରୁ ବଡ଼ ମଧ୍ୟରୁ ଗୋଟିଏ। ଏହି ଶକ୍ତି ବ୍ୟବହାର କରି, ରିଜର୍ଭ ବ୍ୟାଙ୍କ ବଜାରରେ ଡଲାରକୁ ବଡ଼ ପରିମାଣରେ ବିକ୍ରି କରି ଟଙ୍କାକୁ ସ୍ଥିର କରିବାକୁ ଚେଷ୍ଟା କରିଥିଲା।

## ରୁଷରୁ ତେଲ କିଣିବ...

ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ଆଜି ୪% ବୃଦ୍ଧି ପାଇ ପ୍ରତି ବ୍ୟାରେଲ ୮୯.୧୮ ଡଲାରରେ ପହଞ୍ଚିଛି, ଯାହା ୨୦୨୪ ଏପ୍ରିଲ ପରଠାରୁ ଏହାର ସର୍ବୋଚ୍ଚ ସ୍ତର। ଏମିତିକି ଏହି ପରିସ୍ଥିତିରେ ଆମେରିକାରୁ ତୈଳ କ୍ରୟ ମଧ୍ୟ ବୃଦ୍ଧି ପାଇବାର ଆଶା କରାଯାଉଛି। ବେସାଣ୍ଟ କହିଛନ୍ତି ଯେ ଇରାନ ବିଶ୍ୱ ଶକ୍ତି ବଜାରକୁ ବନ୍ଧକ ରଖିବାକୁ ଚେଷ୍ଟା କରୁଛି। ଏହି ଚାପକୁ କମ୍ କରିବା ପାଇଁ ଆମେ ଭାରତକୁ ରୁଷରୁ ତେଲ ଆମଦାନୀ ଲାଗି ୩୦ ଦିନର ଛାଡ ପ୍ରଦାନ କରୁଛୁ। ସେ କହିଛନ୍ତି, ଆମେ ଆଶା କରୁଛୁ ଯେ ଏହାପରେ ଭାରତ ଆମେରିକୀୟ ତୈଳ କ୍ରୟକୁ ତ୍ୱରାନ୍ୱିତ କରିବ। ଆମେରିକା ବିଶ୍ୱାସ କରେ ଯେ ଏହି ପଦକ୍ଷେପ ବିଶ୍ୱ ବଜାରରେ ତୈଳ ଅଭାବକୁ ରୋକିବ। ଆମେରିକୀୟ ଟ୍ରେଜେରୀ ବିଭାଗର ବୈଦେଶିକ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ ତେଲ କ୍ରୟ ପାଇଁ ଏହି ଲାଇସେନ୍ସ ଜାରି କରିଛି। ଏହା ଅଧୀନରେ, ମାର୍ଚ୍ଚ ୫ ସୁଦ୍ଧା ଜାହାଜରେ ଲୋଡ୍ ହୋଇଥିବା କେବଳ ରୁଷୀୟ ଅଶୋଧିତ ତେଲ ଭାରତକୁ ଆସିପାରିବ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଆହୁରି ଖରାପ ହେବାରେ ଲାଗିଛି। ଇରାନ ବିଶ୍ୱର ୨୦% ତେଲ ଯୋଗାଣ କରୁଥିବା ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିଛି। ବର୍ତ୍ତମାନ ସାଉଦି ଆରାମକୋର ରାସ୍ ଟାନୁରା ରିଫାଇନାରୀ ଏବଂ ଇରାକର ରୁମାଇଲା ତୈଳ କ୍ଷେତ୍ର ଭଳି ପ୍ରମୁଖ ପ୍ଲାଣ୍ଟରେ ଉପରେ ଇରାନ୍ ଆକ୍ରମଣ କରିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଭାରତ ବର୍ତ୍ତମାନ ଭାରତ ମହାସାଗର ନିକଟରେ କିମ୍ବା ଏସୀୟ ଜଳସାଗରରେ ଅବସ୍ଥିତ ରୁଷୀୟ ତୈଳ କାର୍ଗୋ କିଣିବା ଉପରେ ବିଚାର କରୁଛି। ଗତବର୍ଷ ନଭେମ୍ବରରେ, ୟୁକ୍ରେନ ସହ ଯୁଦ୍ଧ ଯୋଗୁଁ ଟ୍ରମ୍ପ ପ୍ରଶାସନ ରୁଷୀୟ ତୈଳ କମ୍ପାନୀ ଲୁକୋଏଲ ଏବଂ ରୋସନେଫ୍ଟ ଉପରେ କଠୋର କଟକଣା ଲଗାଇଥିଲା। ପରବର୍ତ୍ତୀ ସମୟରେ ଜାନୁଆରୀରେ ଭାରତର ରୁଷୀୟ ତୈଳ ଆମଦାନି ପ୍ରତିଦିନ ୧.୧ ନିୟୁତ ବ୍ୟାରେଲକୁ ହ୍ରାସ ପାଇଲା, ଯାହା ୨୦୨୨ ନଭେମ୍ବର ପରଠାରୁ ସର୍ବନିମ୍ନ। ତଥାପି, ଫେବୃଆରୀରେ ଏହି ଅଂଶ ପୁଣି ଥରେ ୩୦%କୁ ବୃଦ୍ଧି ପାଇଛି। ଭାରତ ତାର ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ କ୍ରମାଗତ ଭାବରେ ରିଆତି ମୂଲ୍ୟରେ ରୁଷୀୟ ତୈଳ କିଣୁଛି।


**OFFICE OF DISTRICT MANAGER** 7001/33/2526
**ODISHA STATE CIVIL SUPPLIES CORPORATION LTD., KHORDHA**
**District Website: www.khordha.odisha.gov.in**

Tender No. 992 Dt. 05.03.2025

District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of **Handling Contractor** (Lobour works) for Handling of Foodgrains(Rice, Wheat etc.) at all the Rice Receiving Centres (RRCs) of Khordha District. |
| 2 | Availability of bid document in the portal | From 06.03.2026 |
| 3 | Last Date / Time for receipt of bids in the Portal | Dt. 20.03.2026 up to 12.00 Noon |
| 4 | Date/Time of Opening of Technical Bid | Dt 20.03.2026 up to 3.00 PM |
| 5 | Name and address of the Officer Inviting Tender | CSO-cum-District Manager, O.S.C.S.C Ltd., Khordha (District) |

Tender Documents& other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments /corrigendum/cancellation/ retenders etc. if anyshall be published only in above websites.

District Manager
O.S.C.S.C Ltd., Khordha

OIPR-7001/7007/1/25-26/0001

E-Mail:rw.kamakhyanagar@yahoo.co.in 25001/291/2526

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal.**
**Kamakhyanagar**

e-procurement Notice No.30 /Building Work / 2025-26.

| | | |
|---|---|---|
| 1. | Name of the work | : Building Work |
| 2. | Total No. of Works | : 1 (One) No. |
| 3. | Tender Cost | : Rs.6.20 Lakhs |
| 4. | Class Contractor | : "D" & "C" Class |
| 5. | Period of Completion | : 2 Calendar months |
| 6. | Availability of Tender online for bidding | : 12.03.2026 at 11.00 A.M to 18.03.2026 up to 5.00 P.M |
| 7. | Last Date & Time of seeking tender clarification | : 17.03.2026 upto 4.00 PM |
| 8. | Date & Time of opening of Bid | : 19.03.2026. at 11.00 AM |

Other Details can be seen from the website http://tendersorissa.gov.in.

Superintending Engineer
R.W. Division-II, Dhenkanal.
Kamakhyanagar

OIPR-25001/25094/1/25-26/0019

**INVITATION FOR BIDS (IFB)** 25001/287/2526
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI – 41 OF 2025-26**
(06752) 251276 Fax - (06752) 251276 E-mail – eerwsspuri@gmail.com

The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Execution of electrical installation work for providing Power supply to different RWSS Points for the purpose of supply of drinking water in Puri District. |
|---|---|---|
| 1. | No. of works: | 01 (One) |
| 2. | Estimated Cost: | Rs. 8.64 Lakh(app.) |
| 3. | Time for completion: | 02(Two)Months |
| 4. | Cost of bidding document: | Rs.4000/- |
| 5. | Class of Contractors eligible: | Holder of HT Licenses of ELBO |
| 6. | Availability of bids on-line: | From 11.00 hour of 09.03.2026 to 17.00 hours of 19.03.2026 |
| 7. | Last date and time for seeking clarification: | 17.00 hours of 16.03.2026 |
| 8. | Date & time of opening of technical bids: | On dt 20.03.2026 at 11.30 Hours in the office of the Superintending Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | Does not arise. |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the web site.

Sd/- Superintending Engineer,
RWS&S Division, Puri

OIPR-25001/25017/1/25-26/0003

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଇ-ମେଲ: 0815samd@iob.in

**ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ଦ୍ୱାରା ବାରମ୍ବାର ନୋଟିସ୍ ଜାରି ହେବା ସତ୍ତ୍ୱେ ମଧ ସେମାନେ ସେମାନଙ୍କର ବ୍ୟାଙ୍କ ଦେୟ ପୈଠ କରୁନାହାଁନ୍ତି। ତେଣୁ ଆଇନ ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଗାଡି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ନିମ୍ନଲିଖିତ ଶାଖା ଦ୍ୱାରା ଜବତ କରାଯାଇଅଛି। ଏହି ନୋଟିସ୍ ଦ୍ୱାରା ସୂଚିତ କରାଯାଉଛି କି, ସ୍ଥିର କରାଯାଇଥିବା ନିଲାମ ତାରିଖ ପୂର୍ବରୁ ସେମାନେ ସେମାନଙ୍କର ସମ୍ପୂର୍ଣ୍ଣ ବକେୟା ଦେୟ ପୈଠ କରନ୍ତୁ ନଚେତ ଗାଡିକୁ ସର୍ବସାଧାରଣ ନିଲାମରେ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ଆଇନ ଅନୁଯାୟୀ ସେମାନଙ୍କ ଠାରୁ ଆଦାୟ କରାଯିବ।

**ନିଲାମ ଏବଂ ବିଡ୍ ଫର୍ମ ଖୋଲିବା ତାରିଖ : ତା.୨୬.୦୩.୨୦୨୬ରିଖ ଅପରାହ୍ନ ୩.୦୦ ଘଟିକାରେ ।**

| ଶାଖାର ନାମ ସହିତ ଫୋନ ନମ୍ବର | ଋଣଗ୍ରହୀତାମାନଙ୍କ ନାମ ସହିତ ଋଣ ଆକାଉଣ୍ଟ ନଂ. | ଗାଡିର ପ୍ରକାର / ନିର୍ମାଣ ବର୍ଷ | ପଞ୍ଜିକୃତ ନମ୍ବର / ଇଞ୍ଜିନ୍ ନଂ. / ଚେଚିସ୍ ନଂ. | ସଂରକ୍ଷିତ ମୂଲ୍ୟ |
|---|---|---|---|---|
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୫ | SML ISUZU LTD / 04-2023 | OD05BM5727 / SLT6CM289227 / MBUZT54ADM0298055 | ଟ.୪,୦୦,୦୦୦/- |
| **ଷ୍ଟକ୍‌ୟାର୍ଡ- ପାତ୍ରପଡା ଷ୍ଟକୟାର୍ଡ, ଉଦୟଗିରି ବିହାର, ପାତ୍ରପଡା, ଯୋଗାଯୋଗ ବ୍ୟକ୍ତି : ଜିତେନ୍ଦ୍ର ନାୟକ, ମୋ.: ୯୯୩୮୧୬୧୪୧୫** | | | | |
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୩ | SML ISUZU LTD / 04-2023 | OD02CK5727 / SLT6DM289831 / MBUZT54ADM0298563 | ଟ.୪,୦୦,୦୦୦/- |
| **ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକୟାର୍ଡ, ଲକ୍ଷେଶ୍ୱର ମନ୍ଦିର ନିକଟ, ପାହାଲ, ଭୁବନେଶ୍ୱର, ପିନ୍-୭୫୪୦୦୧, ଯୋଗାଯୋଗ ବ୍ୟକ୍ତି : ଉମାକାନ୍ତ ମହାନ୍ତି, ମୋ.: ୯୪୩୭୮୮୯୭୪୧** | | | | |
| ସିଉଲା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ରାଜେନ୍ଦ୍ର ସାହୁ ୩୦୫୦୦୩୭୦୭୦୦୦୦୧୧ | ZOOMLION FH SPEEDSTER 88 COMBINE HARVESTER | NA / Q210991452G / ZLPZ-D03146PW | ଟ.୨,୮୦,୦୦୦/- |
| **ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକ୍‌ୟାର୍ଡ, ନଖରା, ଓଡିଶା, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧** | | | | |

**ନିଲାମ ସ୍ଥାନ : ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଏସ୍ଏଏମ୍‌ଡି ଡିପାର୍ଟମେଣ୍ଟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ : ମୋ.: ୭୯୭୮୯୧୧୭୪୭**
**ଗାଡିକୁ ତା.୨୫.୦୩.୨୦୨୬ରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ। ସମ୍ପୃକ୍ତ ଶାଖାରେ ମୁଦ ବିଡ୍ / ଟେଣ୍ଡର ଫର୍ମ ତା.୨୫.୦୩.୨୦୨୬ରିଖ ସୁଦ୍ଧା ଦାଖଲ କରିପାରିବେ।**
**ନିଲାମର ନିୟମ ଓ ସର୍ତ୍ତାବଳୀ:** ୧) ଗାଡ଼ିର ଖୋଲା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଇଚ୍ଛୁକ ନିଲାମଧାରୀମାନଙ୍କ ଠାରୁ ଡିମାଣ୍ଡ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ **୧୦,୦୦୦/- (ଦଶ ହଜାର)** ଟଙ୍କାର ଅମାନତ ରାଶି ସହିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ ଦର୍ଶାଇ, ମୁଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଗାଡ଼ି **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ / ମୂଳ ଆରସି ବୁକ୍ ବିନା ନିଲାମ କରାଯିବ। ୨) ଯଦି ନିଲାମଧାରୀ ଗୋଟିଏ ରୁ ଅଧିକ ଗାଡ଼ି ପାଇଁ ଆବେଦନ କରିଥାନ୍ତି ତେବେ, ଏପରି କ୍ଷେତ୍ରରେ ପ୍ରତ୍ୟେକ ଗାଡ଼ି ପାଇଁ ଅମାନତ ରାଶି ସହିତ ପୃଥକ ଆବେଦନ ଫର୍ମ ଏବଂ ଟେଣ୍ଡର ଫର୍ମ ଦାଖଲ କରାଯିବା ଉଚିତ୍। ୩) ଯେକୌଣସି ଟେଣ୍ଡର ସଂରକ୍ଷିତ ମୂଲ୍ୟରୁ କମ୍ ହେଲେ ଏହାକୁ ପ୍ରତ୍ୟାଖ୍ୟାନ କରାଯିବ। ୪) ଗ୍ରହଣ କରାଯାଇଥିବା ଟେଣ୍ଡର ଫର୍ମ ଗୁଡ଼ିକ ଉପରୋକ୍ତ ସମ୍ପୃକ୍ତ ଶାଖାର ନିଲାମଧାରୀ ଏବଂ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ଉଲ୍ଲେଖିତ ତାରିଖ ଏବଂ ସମୟ ଅନୁଯାୟୀ ଖୋଲାଯିବ। ୫) ଇଚ୍ଛୁକ ନିଲାମଧାରୀମାନେ ଉପରୋକ୍ତ ତାରିଖ ଏବଂ ସମୟ ଅନୁଯାୟୀ ସମ୍ପୃକ୍ତ ଶାଖାରେ ଶାଖା ପ୍ରବନ୍ଧକଙ୍କ ପ୍ରାକ୍ ଅନୁମତି ସହ ନିଜ ଖର୍ଚ୍ଚରେ ଗାଡ଼ିର ଯାଞ୍ଚ କରିପାରିବେ। ୬) ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମଧାରୀମାନେ ଗାଡିର ଭୌତିକ ଯାଞ୍ଚ କରିବା ଉଚିତ୍, କ୍ରେତାମାନେ ରୋଡ଼ ପରମିଟ୍, ବୀମା, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧରେ ଯାଞ୍ଚ କରି ନିଜେ ସନ୍ତୁଷ୍ଟ ହେବା ଉଚିତ୍ ଏବଂ ନିଲାମ ପରେ ଏହି ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ/ ଦାବି ଶୁଣାଯିବ ନାହିଁ। ୭) ବିଡ୍ ଦାଖଲ ସଫଳ ହେବା ପରେ ଗାଡ଼ିର ନିର୍ମାଣ ବର୍ଷ, କାଗଜାତ, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧୀୟ କୌଣସି ବିବାଦ ବିଚାରକୁ ନିଆଯିବ ନାହିଁ। ୮) ସଫଳ ନିଲାମଧାରୀମାନଙ୍କୁ ଥରେ ବିକ୍ରୟ କରାଯାଇଥିବା ଗାଡ଼ି ବ୍ୟାଙ୍କ ଦ୍ୱାରା ଫେରସ୍ତ ନିଆଯିବ ନାହିଁ ଏବଂ କୌଣସି ପରିସ୍ଥିତିରେ ଏହି ସମ୍ବନ୍ଧୀୟ କୌଣସି ଆପତ୍ତିକୁ ଗ୍ରହଣ କରାଯିବ ନାହିଁ। ୯) ନିଲାମ ରାଶି ମଧ୍ୟରେ କୌଣସି ବୈଧାନିକ ବକେୟା ଟିକସ ଏବଂ ପ୍ରଯୁଜ୍ୟ ଆରଟିଓ ଫି ଅନ୍ତର୍ଭୁକ୍ତ ନୁହେଁ। ସଫଳ ନିଲାମଧାରୀ ଆଇନ୍ ଅନୁଯାୟୀ ସମସ୍ତ ଦେୟ, ମାଲିକାନା ହସ୍ତାନ୍ତର/ବକେୟା ଦେୟ, ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ଏବଂ ପ୍ରଯୁଜ୍ୟ ଭ୍ୟାଟ/ବିକ୍ରୟ କର/ଜିଏସ୍‌ଟି, ଯଦି କିଛି ଥାଏ ତାହା ବହନ କରିବେ। ୧୦) ବିଡ଼ରମାନେ ବୈଧ ପରିଚୟ ପତ୍ର ସହିତ ବ୍ୟକ୍ତିଗତ ଭାବେ ଏହି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ଏବଂ କୌଣସି କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କୁ ନିଲାମଧାରୀଙ୍କ ତରଫରୁ ନିଲାମରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ। ୧୧) ଯଦି ଗୋଟିଏ ଗାଡ଼ି ପାଇଁ ଗୋଟିଏ ରୁ ଅଧିକ ବିଡ଼ ଗ୍ରହଣ କରାଯାଇଥାଏ, ତେବେ ନିଲାମଧାରୀଙ୍କ ମଧ୍ୟରେ ଖୋଲା ନିଲାମ କରାଯିବ ଏବଂ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। ୧୨) ଅସଫଳ ନିଲାମଧାରୀମାନଙ୍କ ଦ୍ୱାରା ଜମା କରାଯାଇଥିବା ଅମାନତ ରାଶି ନିଲାମ ପରେ ସେହିଦିନ ଫେରସ୍ତ ଦିଆଯିବ। ୧୩) ସଫଳ ନିଲାମଧାରୀମାନେ ସେହି ଦିନ ନିଲାମ ପ୍ରକ୍ରିୟା ପରେ ନିଲାମ ରାଶିର ୨୫% ଦାଖଲ କରିବେ (ଅମାନତ ରାଶି ସହିତ) ଏବଂ ଅବଶିଷ୍ଟ ରାଶି ୩ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ କରିବେ। ୧୪) ଯଦି ସଫଳ ନିଲାମଧାରୀମାନେ ୩ ଦିନର ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ବିଡ଼ ରାଶି ଜମା କରିବାରେ ବିଫଳ ହୁଅନ୍ତି, ବିନା କୌଣସି ନୋଟିସ୍‌ରେ ଦାଖଲ କରିଥିବା ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ। ୧୫) ସଫଳ ନିଲାମଧାରୀମାନେ ୩ ଦିନ ଅତିକ୍ରାନ୍ତ ପରେ ବକେୟା ରାଶି ଉପରେ ୧୨% ହାରରେ ବିଳମ୍ବିତ ସୁଧ ଏବଂ ସେଥିପାଇଁ ନିଲାମ ତାରିଖ ଠାରୁ ସର୍ବାଧିକ ୭ ଦିନର ଅବଧି ରହିବ। ୧୬) ୭ ଦିନର ଧାର୍ଯ୍ୟ ସମୟଠାରୁ ଦେୟରେ ଖିଲାପ ହେଲେ ନିଲାମ ପ୍ରକ୍ରିୟାକୁ ବାତିଲ କରାଯିବ ଏବଂ ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ ଏବଂ ସଫଳ ନିଲାମଧାରୀମାନଙ୍କୁ ପରବର୍ତ୍ତୀ ନୋଟିସ୍ ବିନା ଗାଡ଼ିକୁ ପୁନଃ ବିକ୍ରି କରାଯିବ। ୧୭) ପରବର୍ତ୍ତୀ ତାରିଖରେ ଦେୟ ଗ୍ରହଣ କରିବା ବ୍ୟାଙ୍କର ନିଷ୍ପତ୍ତି ଅନୁଯାୟୀ ବିବେଚନା କରାଯିବ। ୧୮) ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ବିଡ୍ ରାଶି ଦାଖଲ କରି ବିକ୍ରୟ ତାରିଖ ଠାରୁ ୨ ଦିନ ମଧ୍ୟରେ ପାର୍କିଂ ୟାର୍ଡର ସମସ୍ତ ଦେୟ ପ୍ରଦାନ କରି ଗାଡ଼ିକୁ ପାର୍କିଂ ୟାର୍ଡରୁ ଯାହା ଯେପରି ଅଛି, ଯାହା ଯେଉଁଠାରେ ଯେପରି ଅଛି ଭିତ୍ତିରେ ଗ୍ରହଣ କରିବେ। ଅନ୍ୟଥା ପାର୍କିଂ ଚାର୍ଜ ଟ.୩୦୦/- ସହିତ ପ୍ରତିଦିନ ଗାଡ଼ି ପ୍ରତି ପ୍ରଯୁଜ୍ୟ ଟ୍ୟାକ୍ସକୁ ବହନ କରିବେ। ୧୯) ବିକ୍ରୟ ବ୍ୟାଙ୍କ ଦ୍ୱାରା ଚୂଡାନ୍ତ ହେବା ଆବଶ୍ୟକ। ୨୦) ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଗାଡ଼ିକୁ ଗ୍ରହଣ/ନାକଚ/ବାତିଲ/ସ୍ଥଗିତ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ଏବଂ ଏହି ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ କେହି ଦାୟୀ କରିପାରିବେ ନାହିଁ। ୨୧) ସବିଶେଷ ବିବରଣୀ ଏବଂ କୌଣସି ତଥ୍ୟ ନିମନ୍ତେ ଆଗ୍ରହୀ ନିଲାମଧାରୀମାନଙ୍କୁ ସମ୍ପୃକ୍ତ ଶାଖା କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୬.୦୩.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ରେଜିଷ୍ଟ୍ରି ସଂ. ଡି.ଏଲ. ୩୩୦୦୪/୯୯ Regd. No. D.L. 33004/99

**भारत का राजपत्र**
**The Gazette of India**

ସି.ଜି.-ଡି.ଏଲ.-ଅ.-07022026-269925
CG-DL-E-07022026-269925
ଅସାଧାରଣ
(EXTRAORDINARY)
ଭାଗ ୨ - ଖଣ୍ଡ ୩ - ଉପ-ଖଣ୍ଡ (ii)
PART II-Section 3-Sub-section (ii)
ପ୍ରାଧିକାରୀଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ସଂ.୬୧୧] ନୂଆ ଦିଲ୍ଲୀ, ଶୁକ୍ରବାର, ଫେବୃଆରୀ ୬, ୨୦୨୬ / ମାଘ ୧୭, ୧୯୪୭
No.611] NEW DELHI, FRIDAY, FEBRUARY 6, 2026 / MAGHA 17, 1947

**ସଡକ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟ**
**ଅଧିସୂଚନା**
**ନୂଆ ଦିଲ୍ଲୀ, ୬ ଫେବୃଆରୀ, ୨୦୨୬**

ଏସ.ଓ.641(ଅ)- କେନ୍ଦ୍ର ସରକାର, ରାଷ୍ଟ୍ରୀୟ ରାଜମାର୍ଗ ଅଧିନିୟମ ୧୯୫୬ (୧୯୫୬ ର ୪୮) (ଏହା ପରଠାରୁ କଥିତ ଅଧିନିୟମ ରୂପେ ଦର୍ଶାଯାଇଛି) ର ଧାରା ୩(କ) ର ଉପଧାରା (୧) ଅନୁସାରେ କ୍ଷମତା ପ୍ରୟୋଗ ପୂର୍ବକ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ନିମ୍ନ ସୂଚୀ ପ୍ରକାରେ ଦିଆଯାଇଥିବା ସଂକ୍ଷିପ୍ତ ବିବରଣୀ ଅନୁସାରେ ଓଡିଶା ରାଜ୍ୟର ସୁନ୍ଦରଗଡ ଜିଲ୍ଲାର ଗ୍ରାମ ଗୁଡିକ- ସିମକୋ, ବାଙ୍କି, ଭାଲୁଲତା, ଇନ୍ଦ୍ରପୁର, ମୃଗଟୋଲି, ବ୍ରାହ୍ମଣମରା, ତଳସରା (ତହସିଲ ବିରମିତ୍ରପୁର) ରେ NH-143ର କି.ମି.0.000 ଠାରୁ କି.ମି.34.700 ପର୍ଯ୍ୟନ୍ତ ଜାତୀୟ ରାଜପଥର ନିର୍ମାଣ (ପ୍ରସସ୍ତି କରଣ/ପେଭଡ ସୋଲ୍ଡର ସହିତ ୨ ଲେନ/୪ ଲେନ ର ନିର୍ମାଣ ଇତ୍ୟାଦି) ରକ୍ଷଣ ବେକ୍ଷଣ, ପରିଚାଳନା ଏବଂ ସଂଚାଳନ ନିମନ୍ତେ ଉକ୍ତ ଜମିକୁ ଅର୍ଜନ କରିବା ପାଇଁ ନିଜ ଅଭିପ୍ରାୟ କୁ ଘୋଷଣା କରିଛନ୍ତି ।

କଥିତ ଜମି ଉପରେ ଯଦି କୌଣସି ବ୍ୟକ୍ତିଙ୍କର ଆଗ୍ରହ ରହିଥାଏ ତେବେ ଅଫିସିଆଲ ଗେଜେଟରେ ଉକ୍ତ ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ୨୧ ଦିନ ମଧ୍ୟରେ କଥିତ ଅଧିନିୟମ ଧାରା ୩(ଗ) ର ଉପଧାରା (୧) ଅଧୀନ ରେ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ସେ ପ୍ରକାର ଜମିର ଉପଯୋଗ ଉପରେ ତାଙ୍କର ଅଭିଯୋଗକୁ ଜଣାଇପାରିବେ ।

ଏ ପ୍ରକାର ସମସ୍ତ ଅଭିଯୋଗ କୁ ପ୍ରାଧିକୃତ କର୍ତ୍ତୃପକ୍ଷ ଯେପରିକି ଉପ-ଜିଲ୍ଲାପାଳ, ପାନପୋଷ ତଥା ପ୍ରାଧିକୃତ ଭୂ-ଅର୍ଜନ ଅଧିକାରୀ, ଜାତୀୟ ରାଜପଥ ନଂ ୧୪୩ଙ୍କୁ ଲିଖିତ ଆକାରରେ ଦର୍ଶାଇବାକୁ ହେବ ଓ ସେ ଏହାର ଭିତ୍ତିଭୂମି ପ୍ରସ୍ତୁତ କରିବେ ତଥା ପ୍ରାଧିକୃତ କର୍ତ୍ତୃପକ୍ଷ ଅଭିଯୋଗକାରୀଙ୍କ ପାଇଁ ବ୍ୟକ୍ତିଗତ ଭାବରେ କିମ୍ବା ଆଇନଜିବୀ ଙ୍କ ଜରିଆରେ ଏହାର ଶୁଣାଣି ପାଇଁ ସୁଯୋଗ ପ୍ରଦାନ କରିବେ ଏବଂ ସେ ପ୍ରକାର ସମସ୍ତ ପ୍ରତିବାଦ ଗୁଡିକ ଶୁଣାଣୀ ପରେ ଓ ସେ ପ୍ରକାର ପରବର୍ତ୍ତୀ ଅନୁସନ୍ଧାନ ପରେ, ଯଦି ଥାଏ, ପ୍ରାଧିକୃତ କର୍ତ୍ତୃପକ୍ଷ ଆବଶ୍ୟକ ମନେକଲେ ଏହି ସବୁ ପ୍ରତିବାଦ ଗୁଡିକୁ ଆଦେଶ ଦ୍ୱାରା ଗ୍ରହଣ କରିପାରିବେ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ ।

କଥିତ ଅଧିନିୟମ ଧାରା ୩(ଗ) ର ଉପଧାରା (୨) ଅଧୀନ ରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଯେକୌଣସି ଆଦେଶ କୁ ଅନ୍ତିମ ବୋଲି ବିବେଚନା କରାଯିବ ।

ଏହି ବିଜ୍ଞପ୍ତି ଅଧୀନରେ ଅଧିକୃତ ହେବାକୁ ଥିବା ଜମିର ନକ୍ସା ଓ ଅନ୍ୟାନ୍ୟ ବିବରଣୀ ଉକ୍ତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ ଓ ତାହାକୁ ଇଚ୍ଛୁକ ବ୍ୟକ୍ତି ମାନେ ଉକ୍ତ କାର୍ଯ୍ୟାଳୟରୁ ଅନୁସନ୍ଧାନ କରି ପାରିବେ ।

ସୂଚୀ

ଓଡିଶା ରାଜ୍ୟର ସୁନ୍ଦରଗଡ ଜିଲ୍ଲାର ଗ୍ରାମ ଗୁଡିକ- ସିମକୋ, ବାଙ୍କି, ଭାଲୁଲତା, ଇନ୍ଦ୍ରପୁର, ମୃଗଟୋଲି, ବ୍ରାହ୍ମଣମରା, ତଳସରା (ତହସିଲ ବିରମିତ୍ରପୁର) ରେ NH-143ର କି.ମି.0.000 ଠାରୁ କି.ମି.34.700 ପର୍ଯ୍ୟନ୍ତ ଅଧିଗ୍ରହଣ ହେବାକୁ ଥିବା ସଂରଚନା ରହିତ ଏବଂ ସଂରଚନା ସହିତ ଜମିର ସଂକ୍ଷିପ୍ତ ବିବରଣୀ ।

915 GI/2026

**ଜିଲ୍ଲା: ସୁନ୍ଦରଗଡ଼**
**https://egazette.gov.in**
**ପ୍ରକାଶନ ତାରିଖ: ୬ ଫେବୃଆରୀ ୨୦୨୬**
**https://egazette.gov.in**
**https://bhoomirashi.gov.in**

**ଫାଇଲ୍ ନମ୍ବର: NHAI/PIU/KJR/NH-143/3A**
**ଶେଖ ଆମିନ ଖାନ, ନିର୍ଦ୍ଦେଶକ**

ଟିପ୍ପଣୀ: ଏହି ସୂଚନାର ମୂଳ ପ୍ରତି CALA/PIU/PMU/RO/ED କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ଅଛି ଏବଂ ଜମି ମାଲିକମାନେ ସେଠାରେ ଯାଇ ଏହା ଦେଖିପାରିବେ ।

**AFFIDAVIT**

By an affidavit sworn before Notary Public, Bhograi, dated 02.03.2026, I Narendra Kumar Senapati, At/Po -Khairda, PS-Kamarda, District-Balsore, Odisha, declares that I have changed the name of my daughter from Harsika Senapati to Archita Senapati. Henceforth, she shall be known as **Archita Senapati** for all purposes.

**AFFIDAVIT**

By virtue of an Affidavit **No. 151(i), dtd. 06.03.2026** before the Executive Magistrate, Kantabanji, I, Heena Dash, D/o Anang Dash, Vill/P.O.–Kuibahal, P.S.–Turekela, Dist.–Balangir, Odisha, do hereby declare that my correct name is Heena Dash as per Aadhaar Card but it wrongly mentioned as Hena Das in my Bank Passbook. That Heena Dash & Hena Das is one and the same person i.e. myself. Henceforth, I shall be known as **Heena Dash** for all purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-06/03/2026. I, **Rushi Podha** (new name), aged about 67 years, S/o- Pandaba Podha, permanent & current resident of AT: Bramhana Pada, PO: Bolangir, Sub-Dist: Belpara, PS/Dist: Bolangir, State: Odisha, PIN: 767001 declare that I have changed my name from **Rusi Pati** to **Rushi Podha.** Henceforth, I shall be known as **Rushi Podha** (new name) for all future purposes.

**Rushi Podha**

**AFFIDAVIT**

By virtue of an affidavit (CF No.366/1, dtd- 17/02/2026) sworn before The Executive Magistrate, Gop. I, **Swopnarani Behera** (new name), D/o- Nrushinha Behera, permanent & current resident of At-Santaras, Po- Rahangagorada, Ps- Gop, Dist- Puri, PIN-752121, State- Odisha declare that I have changed my name from **Swapanrani Behera** to **Swopnarani Behera.** Henceforth, I shall be known as **Swopnarani Behera** (new name) for all purposes.

**Swopnarani Behera**

**FOR SALE**

**1 Number of Mahindra FURIO 16 (ICV)/ 2022, Registration No.- OD-01-AM-6778, Model-2022 , ENGINE NO – CMM4K96217, CHASSIS NO - MA1JACMWFM6K74779, For Details, contact –94375 60894, 94375 77758, SUNDARAM FINANCE LTD., First floor, Choudhury Complex , SAHADEVKHUNTA, BALASORE,756001, PH. NO-06782-266657**

**AFFIDAVIT**

I, Birendra Naik, resident At–Balangi, Po–Birikot, Ps–Th. Rampur, Dist.–Kalahandi, Odisha – 766037, do hereby declare that I have changed the name of my minor daughter from **Namrata Naik to Namitarani Naik** as per affidavit sworn before the **Executive Magistrate, Bhawanipatna, Kalahandi** on **06.03.2026.** Henceforth, she shall be known as **Namitarani Naik** for all purposes.

**Birendra Naik**

**AFFIDAVIT**

By virtue of an affidavit before the Executive Magistrate, Balangir, Vide Sl.No.308, Dt.06.03.2025, I Laxmi Meher, W/o- Gouranga Meher of Radharanipada, Balangir, Po/Ps- Balangir, Dist.- Balangir that my wholly renounce relinquish and abandon the use Lakshmee Meher in place of Laxmi Meher. I further declare that I shall all times in all records and all occasion whatsoever use and sign Laxmi Meher in place of Lakshmee Meher. Henceforth I shall be known as **Laxmi Meher** instead of Lakshmee Meher in all purposes.

**(Laxmi Meher)**


**AFFIDAVIT**

By Virtue of an affidavit Sl.No.- 77 , dated 05.03.2026 in the court of the Executive Magistrate , At: Alimaha, Po: Raikia , Dist. :- Kandhamal, I, Shalem Priyadarshini Nayak have changed my name from N.Salem Priyadarshini to Shalem Priyadarshini Nayak . Henceforth I will be known as **Shalem Priyadarshini Nayak** instead of N.Salem Priyadarshini for all purposes.

**Sd/-Shalem Priyadarshini Nayak**

# ପୁଲିସ ଆଗରେ ଚୋରା ମଦ ଚାଲାଣ

ବାଲେଶ୍ୱର, ୬।୩ (ସମିସ)



ବାଲେଶ୍ୱର ଜିଲ୍ଲାରେ ଚୋରା ଦେଶୀ ମଦ କାରବାର ଦିନକୁ ଦିନ ବେପରୁଆ ଭାବରେ ବଢ଼ୁଥିବାବେଳେ ପୁଲିସ ଓ ଅବକାରୀ ବିଭାଗର ଭୂମିକା ଉପରେ ଗୁରୁତର ପ୍ରଶ୍ନ ଛିଡ଼ା କରିଛି। ବାଲେଶ୍ୱରରୁ ଭଦ୍ରକ ଜିଲ୍ଲା ବାସୁଦେବପୁର ପର୍ଯ୍ୟନ୍ତ ଯାଉଥିବା ବାଲେଶ୍ୱର ବାସୁଦେବପୁର ସଲଟ ରୋଡ଼ ମୁଖ୍ୟ ରାସ୍ତା ଏବେ ଚୋରା ମଦ ମାଫିଆଙ୍କ ପାଇଁ ସୁରକ୍ଷିତ ରୁଟ୍‌ରେ ପରିଣତ ହୋଇଥିବା ଅଭିଯୋଗ ହେଉଛି। ପ୍ରତିଦିନ ରାତିରେ ବିପୁଳ ପରିମାଣରେ ଦେଶୀ ମଦ ବାଇକ୍ ଓ ପିକଅପ ସହ ଅନ୍ୟ ଯାତ୍ରୀବାହୀ ଗାଡ଼ି ମାଧ୍ୟମରେ ଚୋରାଭାବେ ଚାଲାଣ ହୋଇ ଗ୍ରାମାଞ୍ଚଳରେ ବେପାରୀ ମାନଙ୍କ ନିକଟରେ ପହଁଚୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ପୋଲିସ ଦେଉଛି ଚୋରା ମଦ କାରବାରକୁ ସୁରକ୍ଷା, ସ୍ଥାଣୁ ପାଲଟିଛି ଅବକାରୀ ବିଭାଗ। ଯାହାର ଜ୍ୱଳନ୍ତ ପ୍ରମାଣ ଗୋପାଳପୁର ଥାନା ଗୋପାଳପୁର ବଜାରରୁ ସ୍ପଷ୍ଟ ହୋଇଛି। ଗୋପାଳପୁର ଥାନା ଅଧୀନ ଗୋପାଳପୁର ଛକରେ ରାତିରେ ଘଟିଥିବା ଘଟଣା ଏହି ଚୋରା ମଦ କାରବାରକୁ ନେଇ ନୂଆ ପ୍ରଶ୍ନ ଉଠାଇଛି। ତିନିଜଣ ପୁଲିସ କର୍ମଚାରୀ ରାତ୍ରି କାଳୀନ ଡ୍ୟୁଟିରେ ଛକ ଉପରେ ଥିବା ସତ୍ତ୍ୱେ ମଦ ମାଫିଆମାନେ ବାଇକ୍‌ରେ ବସ୍ତା ବସ୍ତା କରି ହଜାର ହଜାର ଲିଟର ଦେଶୀ ମଦ ନେଇ ନିର୍ଭୟରେ ସେଠାରୁ ଯାଉଥିବା ଦୃଶ୍ୟ ଫଟୋରେ କଏଦ ହୋଇଛି। ପୁଲିସ ସମ୍ମୁଖରେ ଏପରି ଭାବରେ ଚୋରା ମଦ ଚାଲାଣ ହେଉଥିବା ଘଟଣା ପୋଲିସର କାର୍ଯ୍ୟଶୈଳୀକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୁରୁଣା ବାଲେଶ୍ୱର ଅଞ୍ଚଳରୁ ପ୍ରତିଦିନ ରାତିରେ ବହୁ ପରିମାଣରେ ଦେଶୀ ମଦ ବାହାରି ବାଲେଶ୍ୱରବାସୁଦେବପୁର ରାସ୍ତାରେ ବିଭିନ୍ନ ଥାନା ଅଞ୍ଚଳର ବିଭିନ୍ନ ଗାଁକୁ ଯାଉଛି। ଯାହା ପୁରୁଣା ବାଲେଶ୍ୱରରୁ ବାହାରିବା ପରେ ବାଲେଶ୍ୱର ଟାଉନ ଥାନା ପରେ ସଦର ଥାନାର ଫାଣ୍ଡି ଓ ପରେ ଗୋପାଳପୁର ଥାନା, ଅନନ୍ତପୁର ଥାନା ଅଞ୍ଚଳରେ ବିଭିନ୍ନ ଗାଁରେ ଚୋରା ମଦ ବେପାରୀଙ୍କୁ ମଦ ପହଞ୍ଚା ଯାଉଛି। ଏମିତି କି ଏହି ମଦ ମାଫିଆ ମାନେ ଭଦ୍ରକ ଜିଲ୍ଲାକୁ ମଧ୍ୟ ଚାଲାଣ କରାଯାଉଛି। ଏହି ରାସ୍ତାରେ ପ୍ରତିଦିନ ଶତାଧିକ ବାଇକ୍, ପିକଅପ ସହ ଅନେକ ଯାତ୍ରିବାହୀ ଗାଡ଼ିରେ ବସ୍ତାରେ ଦେଶୀ ମଦ ବୋଝେଇ ହୋଇ ଚାଲାଣ ହେଉଥିବା ସତ୍ତ୍ୱେ ଏହାକୁ ରୋକିବା ପାଇଁ କୌଠର ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି। ଏହି ଅବୈଧ ମଦ କାରବାର ପଛରେ ପୋଲିସ ଏବଂ ମଦ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଏହି ନିଶା କାରବାର ବୃଦ୍ଧି ପାଉଛି ବୋଲି ଅଞ୍ଚଳରେ

## ● ବାଲେଶ୍ୱର-ବାସୁଦେବପୁର ରାସ୍ତା ପାଲଟିଲା ଅବୈଧ ନିଶା କାରବାରର କରିଡର
## ● ଡ୍ୟୁଟିରେ ପୁଲିସ, ରାସ୍ତାରେ ମଦ ମାଫିଆଙ୍କ ରାଜ

ଚର୍ଚ୍ଚା ଯୋର ଧରିଛି। ମାସିକ ଚାନ୍ଦା ବଦଳରେ କେତେକ ସ୍ଥାନରେ ମାଫିଆଙ୍କୁ ସମର୍ଥନ ମିଳୁଥିବାରୁ ମାଫିଆମାନେ ନିର୍ଭୟରେ ଏହି ଚାଲାଣ କରୁଥିବା ଅଭିଯୋଗ ମଧ୍ୟ ଉଠିଛି। ଯାହାର ଫଳରେ ଆଇନ ରକ୍ଷାର ଦାୟିତ୍ୱ ନେଇଥିବା ପୁଲିସ ମଧ୍ୟ ଏହାକୁ ଦେଖି ନ ଦେଖିବା ପରି ରହୁଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଏପଟେ ଜିଲ୍ଲା ଅବକାରୀ ବିଭାଗ ଚୋରା ନିଶା କାରବାର ରୋକିବାକୁ ବାରମ୍ବାର କଡା ପଦକ୍ଷେପ ନେଉଥିବା ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ଚିତ୍ର ତାହାର ପୂରା ବିପରୀତ ଥିବା ଦେଖାଯାଉଛି। ବାଲେଶ୍ୱର - ବାସୁଦେବପୁର ରାସ୍ତାରେ ପ୍ରତିଦିନ ଚୋରା ମଦ ଚାଲାଣ ହେଉଥିବା ସତ୍ତ୍ୱେ ଜିଲ୍ଲା ଅବକାରୀ ବିଭାଗ ଏବଂ ବିଭିନ୍ନ ଅବକାରୀ ଥାନା ପୋଲିସ ସ୍ଥାଣୁ ପାଲଟିବା ବିଭାଗର କାର୍ଯ୍ୟଶୈଳୀ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାମାଜିକ କର୍ମୀମାନଙ୍କ କହିବା ଅନୁଯାୟୀ, ଏହି ଅବୈଧ ମଦ କାରବାର ଫଳରେ ଗ୍ରାମାଞ୍ଚଳରେ ମଦ୍ୟପାନ ବଢ଼ୁଥିବା ସହ ପରିବାରିକ କଳହ, ଅପରାଧ ଓ ସାମାଜିକ ଅସନ୍ତୁଳନ ବଢ଼ୁଛି। ଯଦି ଏହାକୁ ତତ୍କାଳ ରୋକାଯାଇନଯାଏ ତେବେ ଆଗାମୀ ଦିନରେ ଏହା ଆହୁରି ଭୟାବହ ରୂପ ନେଇପାରେ ବୋଲି ମତ ପ୍ରକାଶ କରିଛନ୍ତି। ଏହି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଚୋରା ମଦ କାରବାର ପଛରେ ଥିବା ମାଫିଆ ମାନଙ୍କୁ ଧରିବା ସହ ମଦ କାରବାରକୁ ସୁରକ୍ଷା ଦେଉଥିବା ଏବଂ ମାଫିଆଙ୍କ ସହ ଚୋରା ସମ୍ପର୍କ ରଖିଥିବା ପୁଲିସ ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଲୋକମାନେ ଦାବି କରିଛନ୍ତି।

# ଓଲଟିଲା ପଥର ବୋଝେଇ ଟ୍ରକ

ନୀଳଗିରି, ୬।୩ (ସମିସ): ଶୁକ୍ରବାର ଭୋର ସମୟରେ ଘନ କୁହୁଡି ହେତୁ ମିତ୍ରପୁର -ନୀଳଗିରି ରାସ୍ତା ଆସୁଥିବା ଏକ ପଥର ବୋଝେଇ ଟ୍ରକ ଭାରସାମ୍ୟ ହରାଇ କେନ୍ଦୁଖୁଣ୍ଟା ଛକ ଉନ ପରିଡ଼ା ଘର ବାଡ଼ି ଭିତରକୁ ଯାଇ ଓଲଟି ପଡିଥିଲା। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଡ୍ରାଇଭର ଓ ହେଲ୍ପର ଗାଡି ଭିତରେ ରହି ଯାଇଥିଲେ। ସ୍ଥାନୀୟ ଲୋକ ଡ୍ରାଇଭର ଓ ହେଲ୍ପରକୁ ଉଦ୍ଧାର କରି ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ନୀଳଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ବରିଷ୍ଠ କମ୍ୟୁନିଷ୍ଟ ନେତା ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ଦେହାନ୍ତ

ନୀଳଗିରି, ୬।୩ (ସମିସ): ବାଲେଶ୍ୱର ଜିଲ୍ଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ତଥା ଔପଦା ଅଞ୍ଚଳର ବରିଷ୍ଠନେତା ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ଶୁକ୍ରବାର ଦିବା ୧୦ଘଟିକା ସମୟରେ ଦେହ ଅସୁସ୍ଥ କାରଣରୁ ଚିକିତ୍ସାପାଇଁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ଫକୀର ମୋହନ ଗୋଲାଇଠାରେ ଅସୁସ୍ଥ ହୋଇପଡ଼ିଥିଲେ। ସାଙ୍ଗରେ ଥିବା ସହଧର୍ମିଣୀ, ଏକମାତ୍ର ଝିଅର ଆକୁଳ କ୍ରନ୍ଦନଶୁଣି ସ୍ଥାନୀୟ ଲୋକ ହସ୍ପିଟାଲକୁ ନେଇଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବରପାଇ ସ୍ଥାନୀୟ ସିପିଆଇ ଜିଲ୍ଲାପରିଷଦ ସଦସ୍ୟ ଅନିରୁଦ୍ଧ ନାୟକ ତାଙ୍କ ବାସଭବନରେ ଉପସ୍ଥିତ ରହି ପାର୍ଥୀବ ଶରୀର ଉପରେ ଲାଲପତାକା ଅର୍ପଣ କରିଥିଲେ। ଖବରପାଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ, ବିଧାୟକ ପ୍ରାର୍ଥୀ ଅଜୟ ପଟ୍ଟନାୟକ, ଜିଲ୍ଲାପରିଷଦ ସଦସ୍ୟ ହରେକୃଷ୍ଣ ପଣ୍ଡିତ, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ନିର୍ମାଲ୍ୟ ପ୍ରଧାନ, ନିହାରରଞ୍ଜନ ଜେନା, ସଂଜୀବ ଦାସ ପ୍ରମୁଖ ଉପସ୍ଥିତ ରହି ପାର୍ଥୀବ ଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଦୁଃଖସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହ ସ୍ୱର୍ଗତ ମହାନ୍ତିଙ୍କ ଆର୍ଥିକ ପରିସ୍ଥିତି ଦୁର୍ବିସହ ଥିବାବେଳେ ଏକମାତ୍ର ଶିଶୁକନ୍ୟାର ଯତ୍ନରଖିବା ପାଇଁ ପାଖପଡୋଶୀଙ୍କ ସହିତ ଆଲୋଚନା କରିଥିଲେ।

# ଫରୱାର୍ଡ ବ୍ଲକର ଜିଲ୍ଲା ନେତା ସର୍ବେଶ୍ୱର ମିଶ୍ରଙ୍କ ଦେହାନ୍ତ

ବାଲେଶ୍ୱର,୬ ।୩(ସମିସ): ଫରୱାର୍ଡ ବ୍ଲକର ଜିଲ୍ଲା ନେତା ସର୍ବେଶ୍ୱର ମିଶ୍ରଙ୍କର ହଠାତ ଦେହାନ୍ତ ହୋଇଯାଇଛି। ଏ ନେଇ ସିପିଆଇଏମ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସମ୍ପାଦକ ଶିଶିର ହୁଇ ଗଭୀର ଶୋକ ବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛନ୍ତି। ସର୍ବେଶ୍ୱର ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ମୃତ ବରଣ କରିବା ଜିଲ୍ଲା ପାଇଁ ଏକ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେ ଜଣେ ମେଳାପୀ ଓ ଜନ ବତ୍ସଳ ନେତା ଥିଲେ। ଏପରିକି ସେ ଜିଲ୍ଲା ଓ ରାଜ୍ୟର ସମସ୍ତ ମିଳିତ ଆନ୍ଦୋଳନରେ ଆଗଧାଡିରେ ଠିଆ ହେଉଥିଲେ ବୋଲି କହିଛନ୍ତି। ଏହି ଶ୍ରଦ୍ଧାଞ୍ଜଳୀ ସମୟରେ ସିପିଆଇଏମର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# କୋର୍ଟ ପରିସରରୁ ବିଚାରାଧୀନ କଏଦୀ ଚମ୍ପଟ

ବାଲେଶ୍ୱର, ୬ ।୩ (ସମିସ): ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇ ବାଲେଶ୍ୱର ଜେଲରେ ଥିବା ଜଣେ ବିଚାରାଧୀନ କଏଦୀ ଆଜି ଅପରାହ୍ନରେ ପୁଲିସ ଏସ୍‌କଟକୁ ଚକମା ଦେଇ ଏସସିଏସଟି କୋର୍ଟ ପରିସରରୁ ଚମ୍ପଟ ମାରିଛି। କୋର୍ଟ ପରିସରରୁ ଫେରାର ହୋଇଯାଇଥିବା କଏଦୀ ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅର୍ନ୍ତଗତ ଗୋପୀନାଥପୁର ଅଞ୍ଚଳର ସେକ ଇସ୍ତେଖାର। ୨୦୨୫ ଏପ୍ରିଲ ୯ରେ ଜଣେ ଅନୁସୂଚିତ ଜନଜାତି ମହିଳାଙ୍କୁ ସେ ଦୁଷ୍କର୍ମ କରିଥିବା ନେଇ କଷାଫଳ ମେରାଇନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ମେରାଇନ ପୁଲିସ ଏକ ମାମଲା ରୁଜୁ କରି ସେକ ଇସ୍ତେଖାରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାଟି ଏସସିଏସଟି କୋର୍ଟରେ ବିଚାରଧୀନ ଥିଲା। ଗିରଫ ପରେ ଅଭିଯୁକ୍ତକୁ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜିଲ୍ଲା କାରଗାର ପଠାଇ ଦିଆଯାଇଥିଲା। ସେବେ ଠାରୁ ସେ ଜେଲରେ ବିଚାରଧୀନ କଏଦୀ ଭାବେ ରହୁଥିଲେ। ପ୍ରତି ତାରିଖ ଅନୁସାରେ ସେ କୋର୍ଟରେ ହାଜର ହୋଇ ପୁଣି ଜେଲକୁ ଫେରିଯାଆନ୍ତି। ଆଜି ମଧ୍ୟ ତାଙ୍କର କୋର୍ଟରେ ହାଜର ହେବାର ତାରିଖ ରହିଥିବା ବେଳେ ସେ କୋର୍ଟରେ ଜଣେ ପୁଲିସ ଏସକଟଙ୍କ ସହ ହାଜର ହୋଇଥିଲେ। ପୁଲିସ ଏସକଟ ଜଣଙ୍କ ତାଙ୍କ ହାତରେ ହ୍ୟାଣ୍ଡକପ ପକାଇନଥିଲେ। ସେକ ଇସ୍ତେଖାର ଆଜି ଅପରାହ୍ଣ ୧ଟାରୁ ୨ଟା ମଧ୍ୟରେ ତାଙ୍କୁ ଏସକଟରେ ଆଣିଥିବା ପୁଲିସ କର୍ମଚାରୀଙ୍କ ଅସାବଧାନତାର ସୁଯୋଗ ନେଇ କୋର୍ଟ ପରିସରରୁ ଚମ୍ପଟ ମାରିଥିଲେ। ସେ ଫେରାର ହୋଇଯିବା ପରେ ପୁଲିସର ଟେନସନ ବଢ଼ିଯାଇଥିବା ବେଳେ ୮ ଜଣିଆ ପୁଲିସ କର୍ମଚାରୀ ଏବେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଛନ୍ତି। ଅନ୍ୟପଟେ ଏସକଟରେ ଆଣିଥିବା ପୁଲିସ କର୍ମଚାରୀଙ୍କ ପାଇଁ ଅଡୁଆ ବଢ଼ି ଯାଇଛି।



ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିଲେ

# ନିରପେକ୍ଷ ତଦନ୍ତ ଓ ନିର୍ଦ୍ଦୋଷକୁ ତୁରନ୍ତ ମୁକ୍ତ କରିବା ପାଇଁ ସିପିଏମ୍‌ର ଦାବି




ଜଳେଶ୍ୱର, ୬।୩ (ସମିସ): ଗତ ଫେବୃଆରୀ ୨୫ ତାରିଖରେ ପିଲା ଚୋରକୁ ନେଇ ଓଲମରା ଗ୍ରାମ ପଂଚାୟତର ରାଜନଗର ଗ୍ରାମରେ ଘଟିଥିବା ଘଟଣାରେ ପୁଲିସ ଗ୍ରାମର ୭୨ଜଣ ଗ୍ରାମବାସୀଙ୍କୁ ଗିରଫ କରି ହାଜତକୁ ପଠାଇଛି। ମାତ୍ର ଏହି ଗିରଫଦାରୀ ମଧ୍ୟରେ ବହୁ ନିର୍ଦ୍ଦୋଷ ଲୋକଙ୍କ ନାମ ରହିଥିବାରୁ ନିରପେକ୍ଷ ତଦନ୍ତ ସହିତ ଗ୍ରାମରେ ସ୍ୱାଭାବିକ ପରିସ୍ଥିତି ଘୁରାଇ ଆଣିବାକୁ ସିପିଆଇ(ଏମ) ପକ୍ଷରୁ ପୁଲିସ ପ୍ରଶାସନ ପାଖରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ଦାବୀ ଉପସ୍ଥାପନ କରାଯାଇଛି। ସୂଚନା ଥାଉକି ଗତ ଫେବୃଆରୀ ୨୫ତାରିଖ ଦିନ ଉକ୍ତ ଗ୍ରାମରେ ଦୁଇଜଣ ଅଜଣା ବ୍ୟକ୍ତିଙ୍କୁ ପିଲା ଚୋର ଅଭିଯୋଗରେ ଅଟକ ରଖିବା ସହିତ ମାରଧର କରିଥିଲେ। ପରେ ପୋଲିସ ପହଂଚିବା ପରେ ଉତ୍ୟକ୍ତ ଲୋକେ ପୋଲିସକୁ ମଧ୍ୟ ଅଟକ ରଖିଥିଲେ। ଶେଷରେ ତହସିଲଦାର, ଏସଡିପିଓ, ସରପଂଚ ପ୍ରମୁଖଙ୍କ ହସ୍ତକ୍ଷେପ ଫଳରେ ଲୋକେ ଶାନ୍ତ ପଡିଥିଲେ ଓ ଦୁଇଜଣ ବ୍ୟକ୍ତିଙ୍କୁ ଉର୍ଦ୍ଧାର କରାଯାଇଥିଲା। ମାତ୍ର ରାତ୍ରୀରେ ପୋଲିସ ପକ୍ଷରୁ ଲୋକଙ୍କ ଘରର କବାଟ ଭାଙ୍ଗି ଶତାଧିକ ପୋଲିସ କର୍ମଚାରୀ ଗ୍ରାମର ୯୫ଜଣ ଲୋକଙ୍କୁ ଗିରଫ କରି ଥାନାକୁ ନେଇଯାଇଥିଲେ। ତା ମଧ୍ୟରେ ବହୁ ନିରପରାଧି ବରିଷ୍ଠ ନାଗରୀକ, ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ର, ବିବାହ ଭୋଜିରେ ଯୋଗଦେବାକୁ ଆସିଥିବା ବାହାର ରାଜ୍ୟ ଲୋକ, କୋଡିଏରୁ ଉର୍ଦ୍ଧ ମହିଳା ରହିଥିଲେ। ପରେ ତା ମଧ୍ୟରୁ ୨୪ଜଣଙ୍କ ଛାଡି ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ଜେଲ ପଠାଯାଇଛି। ମାତ୍ର ଏଥିନେଇ ଗ୍ରାମରେ କୋକୁଆ ଭୟ ଖେଳିଯାଇଛି। ଉକ୍ତ ଘଟଣା ସମ୍ପର୍କରେ ସିପିଆଇ(ଏମ) ତରଫରୁ ଅନୁଧ୍ୟାନ କରି କୁହାଯାଇଛି ଯେ ଏହା ଏକ ସଙ୍ଗୀନ ଘଟଣା। କିଛି ଲୋକ ଜାଣିଶୁଣି ଗୁଜବ ସୃଷ୍ଟି କରିଛନ୍ତି। ଯାହା ଫଳରେ ଗରିବ ଲୋକମାନେ ଶିକାର ହେବା ସହିତ ଆଇନକୁ ହାତକୁ ନେଇଥିଲେ। ସିପିଆଇ(ଏମ) ତରଫରୁ ଦାବୀ କରାଯାଇଛି ଯେ ଏହି ଘଟଣାର ନିରପେକ୍ଷ ତଦନ୍ତ ହେବା ସହିତ ପୁଲିସ ଜନତାଙ୍କ ଆସ୍ଥା ଭାଜନ ହେବା ସହିତ ଲୋକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଭୟକୁ ଦୂର କରିବାର ପ୍ରୟାସ କରିବା, ଗୁଜବକାରୀଙ୍କୁ ଗିରଫ କରିବା ସହିତ ନିର୍ଦ୍ଦୋଷିଙ୍କୁ ଚାର୍ଜ ସିଟରୁ ବାଦ ଦେବାକୁ ଦଳ ପକ୍ଷରୁ କୁହାଯାଇଛି। ଯଦି ପୁଲିସ ନିରୀହ ଲୋକଙ୍କୁ ହଇରାଣ ହରକତ କରେ ତେବେ ଦଳ ପକ୍ଷରୁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆଂଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ବରିଷ୍ଠ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତୀମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ପଲ୍ଟୁ ଦାସ, ମମି ପଣ୍ଡା, ଜୀବନ ପରିଡା, ରାଜିବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅଭ୍ୟାସଗତ ଅପରାଧୀ ଗିରଫ, ପିସ୍ତଲ ସହ ଅଫୁଟା ଗୁଳି ଜବତ

ବାଲେଶ୍ୱର,୬ ।୩(ସମିସ): ସହଦେବଖୁଣ୍ଟା ପୁଲିସ ଜଣେ ଅଭ୍ୟାସଗତ ଅପରାଧୀକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ହୋଇଥିବା ଅପରାଧି ଜଣକ ହେଉଛି ଟାଉନଥାନା ଅର୍ନ୍ତଗତ ଭୋଇସାହି ଅଂଚଳର ତନ୍ମୟ ଭୂୟାଁ (୨୬)। ତା ଠାରୁ ପୁଲିସ ଗୋଟିଏ ଅଟୋମେଟିକ ପିସ୍ତଲ ସହ ଗୋଟିଏ ଗୁଳି ଜବତ କରିଥିବା ବେଳେ ଗୋଟିଏ ମୋବାଇଲ ଏବଂ ଗୋଟିଏ ଗାଡିକୁ ମଧ୍ୟ ଜବତ କରିଛି। ଏ ନେଇ ୧୦୫/୨୬ନମ୍ବରରେ ଏକ ମାମଲା ରୁଜୁ କରି ପୁଲିସ ତାକୁ କୋର୍ଟ ଚାଲାଣ କରିଛି ବୋଲି ସହଦେବଖୁଣ୍ଟା ଥାନା ଅଧିକାରୀ ବିରଂଚି ସାହୁ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଗତ ୪ତାରିଖରେ ଆଜିମାବାଦସ୍ଥିତ ପେଟ୍ରୋଲ ଟାଙ୍କି ନିକଟରେ ଜଣେ ଯୁବକ ପିସ୍ତଲ ଦେଖାଇ ରାସ୍ତା ପାଶ୍ୱର୍ରେ ଥିବା ଦୋକାନୀମାନଙ୍କୁ ଟାର୍ଗେଟ କରୁଥିବା ବେଳେ ସେଠାରେ ଉତ୍ତେଜନା ସୃଷ୍ଟି କରୁଥିଲେ। ସହଦେବଖୁଣ୍ଟା ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳରେ ପହଁଚି ଉକ୍ତ ଯୁବକକୁ କାବୁ କରିଥିଲା। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା ଯେ ସେ ଜଣେ ଅଭ୍ୟାସଗତ ଅପରାଧୀ।

# ୮ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ଜଣେ ଗିରଫ

ଚନ୍ଦନେଶ୍ୱର, ୬।୩ (ସମିସ) : ଭୋଗରାଇ ଅବକାରୀ ବିଭାଗର ଅଚାନକ ଚଢାଉ ଫଳରେ ଓଡିଶା -ପଶ୍ଚିମବଙ୍ଗ ସୀମାନ୍ତରୁ ୮ ଲକ୍ଷ ଟଙ୍କାର ବ୍ରାଉନ ସୁଗର ଜବତ ହୋଇଛି। ଏଥିସହ କେଶ ନଂ ୨୨୯/୨୬ ରେ ଅଭିଯୁକ୍ତଙ୍କୁ ଜଳେଶ୍ୱରପୁର ଜେଏମଏଫସି ଗ୍ରାମ୍ୟ ନ୍ୟାୟାଳୟକୁ ପଠାଇ ଦିଆ ଯାଇଛି। ଗିରଫ ଯୁବକ ଜଣକ ହେଲେ ଜଗତସିଂହପୁର ଜିଲ୍ଲା ବାଲିକୁଦ ଥାନା ବରମୁଣ୍ଡଳୀ ପଞ୍ଚାୟତ ନକରା ଗାଁର ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ପୁଅ ସତ୍ୟବ୍ରତ ସ୍ୱାଇଁ(୨୮)ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶଶିକାନ୍ତ ଦତ୍ତଙ୍କ ନେତୃତ୍ୱରେ ଏକ ଟିମ ବିଶ୍ୱସ୍ତ ସୂତ୍ରରୁ ଖବର ତାଳସାରୀ ରାସ୍ତାରେ ଛକିଥିଲେ। ଗୁରୁବାର ସକାଳ ପ୍ରାୟ ୯ଟାରେ ଯୁବକଙ୍କୁ ଧରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଦୌଡି ଖସିଯିବାକୁ ଉଦ୍ୟମ କରିଥିଲେ। ମାତ୍ର ଅବକାରୀ ବିଭାଗର ଫାଶରୁ ବର୍ତ୍ତି ପାରି ନଥିଲେ। ତାକୁ କାବୁ କରି ଖୋଜାଖୋଜି କରିବାରୁ ଯୁବକଙ୍କ ପକେଟରୁ ୮୦ଗ୍ରାମ ବ୍ରାଉନ ସୁଗର ମିଳିଥିଲା। ଜଗତସିଂହପୁର ଜିଲ୍ଲାର ଯୁବକ ବାଲେଶ୍ୱର ଜିଲ୍ଲାର ସୀମାନ୍ତରେ ବ୍ରାଉନ ସୁଗର ସହିତ ଜବତ ହେବା ସମସ୍ତଙ୍କୁ ଚକିତ କରୁଛି। ଏହି ବେପାରରେ ସ୍ଥାନୀୟ ଅଞ୍ଚଳରେ କେତେଜଣ ସାମିଲ ଅଛନ୍ତି ତଦନ୍ତ ହେବା ଜରୁରୀ। ଏହି ଚଢାଉରେ ଭୋଗରାଇ ଅବକାରୀ ଓଆଇସି ସୁନୀଲ ଦତ୍ତ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।



# ଶଙ୍ଖାରୀ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା



ଚନ୍ଦନେଶ୍ୱର, ୬।୩ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ଶଙ୍ଖାରୀ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏ ନେଇ ଆୟୋଜିତ ସାଧାରଣ ସଭାକୁ ସମିତିର ସ୍ଥାୟୀ ସଭାପତି ତପନ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର ଯୋଗଦେଇ ସମିତିକୁ କୃଷିଭିତ୍ତିକ ଋଣ ଲଗାଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହାଛଡା ସମିତିକୁ ସୁଦୃଢ କରିବାକୁ ହେଲେ ସମସ୍ତଙ୍କୁ ଏକଜୁଟ ହୋଇ ସମସ୍ତଙ୍କର ସହଯୋଗିତା ଓ ସହାଭାଗିତାର ଆବଶ୍ୟକତା ରହିଛି ବୋଲି ଆହ୍ୱାନ ଦେଇଥିଲେ। ଭୋଗରାଇ ଶାଖାର ପରିଚାଳକ ଅନନ୍ତ କୁମାର ଦାସ, ପୂର୍ବତନ ସଭାପତି ନଗେନ୍ଦ୍ର ନାଥ ଜେନା, ପୂର୍ବତନ ସଭାପତି ନଗେନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ପ୍ରତିମା ଚାନ୍ଦ, ହୁଗୁଳି ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ବିଭୁତି ପ୍ରଧାନ, ସମିତି ସଭ୍ୟ ଗୋବିନ୍ଦ ଦାସ, ନିର୍ଦ୍ଦେଶକ ବ୍ରତ କୁମାର ପାଣିଗ୍ରାହୀ, ଭୋଳାନାଥ ବେହେରା, ଉପସଭାନେତ୍ରୀ ନମିତା ପାତ୍ର, ଶଙ୍ଖାରୀ ସରପଞ୍ଚ ସିଦ୍ଧେଶ୍ୱରୀ ପାତ୍ର, ସମିତି ସଭ୍ୟା ସୁବାସିନୀ ଜେନା,ଗୋଛିଦାତେଘରୀ ପଞ୍ଚାୟତର ସମିତି ସଭ୍ୟ ରାଧାଶ୍ୟାମ ଦେ, ସମାଜସେବୀ ସୁଧୀର ପାତ୍ର, ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ଦାସ, ଚକ୍ରଧର ପାତ୍ର, ଶିକ୍ଷାବିତ ରବୀନ୍ଦ୍ର ପ୍ରଧାନ ଯୋଗଦେଇ ସମବାୟର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।ଏଥିରେ ସମସ୍ତ ନିର୍ଦ୍ଦେଶକ ଓ ନିର୍ଦ୍ଦେଶିକା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।।ସମ୍ପାଦକ ସୁବ୍ରତ କୁମାର ଜେନା ବାର୍ଷିକ ବିବରଣୀ ପାଠ ଓ ପୂର୍ବତନ ସମ୍ପାଦକ ସୁଶାନ୍ତ କୁମାର ଦାସ ଆୟ ବ୍ୟୟର ଅଟକଳ ପାଠ କରିଥିଲେ।ଶେଷରେ ହରେକୃଷ୍ଣ ଦେ ଧନ୍ୟବାଦ ଦେଇଥିଲେ।

# ପୁଲିସ ଭୟରେ କେନାଲକୁ ଖସି ପଡ଼ିଲା ଚୋରା ମଦ ଭର୍ତ୍ତି କାର

ବାଲେଶ୍ୱର(ଉତ୍ତର) ୬।୩(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇରେ ଚୋରା ଦେଶୀ, ବିଦେଶୀ ମଦର ବ୍ୟବସାୟ ପସରା ମେଲିଛି। ଉତ୍ତର ବାଲେଶ୍ୱର ଅଞ୍ଚଳରେ ଚୋରା ନିଶା ସାମ୍ରାଜ୍ୟ ବିସ୍ତାର କରିଥିବା ତଥାକଥିତ ମଦ ମାଫିଆ ଠାରୁ ଆରମ୍ଭ କରି ପଶ୍ଚିମବଙ୍ଗରୁ ପ୍ରତିଦିନ ହଜାର ହଜାର ଲିଟର ମଦ ଭୋଗରାଇର ବିଭିନ୍ନ ଗ୍ରାମାଞ୍ଚଳ ର ବେପାରୀ ନିକଟକୁ ଆସୁଛି। ଗତକାଲି ବିଳମ୍ବିତ ରାତିରେ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜପଥ ଦେଇ ପଶ୍ଚିମବଙ୍ଗ ନମ୍ବର ଥିବା ଏକ ମଦ ବୋଝେଇ କାର ବାଟ ଗ୍ରାମ ଛକଠାରେ ପ୍ରହରାରତ ପୁଲିସ ଗାଡ଼ିକୁ ଦେଖି ଭୟରେ କେନାଲ ବନ୍ଧ ଦେଇ ଖସି ପଳାଇବାର ଚେଷ୍ଟା କରୁଥିଲା ବେଳେ ଉକ୍ତ ଗାଡିକୁ ପୋଲିସ ପିଛା କରିଥିଲା। ଫଳରେ କାରଟି ଦ୍ରୁତ ଗତିରେ ଯାଉଥିଲା ବେଳେ ମହେଶପୁର ପଞ୍ଚାୟତ ବ୍ରାହ୍ମଣଦା ଠାରେ ଭାରସାମ୍ୟ ହରାଇ କେନାଲକୁ ଖସି ପଡ଼ିଥିଲା। ଅପରପକ୍ଷରେ ଗାଡିକୁ ପିଛା କରୁଥିବା ପୋଲିସ ଭ୍ୟାନ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ କାର ଚଳାଉଥିବା ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିଲା। ପୁଲିସ ପାଣିରେ ବୁଡ଼ି ଯାଇଥିବା କାର ମଧ୍ୟରୁ ୮ଟି ଅଖା ଭର୍ତ୍ତି ଦେଶୀ ମଦ ଜବତ କରିଥିବା ଜଣା ପଡ଼ିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ କେତେକ ଚୋରା ମଦ ମାଫିଆଙ୍କ ମଧ୍ୟରେ ଶତ୍ରୁତା କାରଣରୁ ଏହି ମଦ ଭର୍ତ୍ତି କାର ଆସୁଥିବା ନେଇ ଭୋଗରାଇ ପୁଲିସ କୁ ଆଗୁଆ ଖବର ମିଳିଥିବା କାରଣ ରୁ ପୁଲିସ ଉକ୍ତ ମଦ କୁ ଧରିବାରେ ସକ୍ଷମ ହୋଇଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ ଗାଡ଼ିଟି କେଉଁଠୁ ଆସୁଥିଲା ଓ ତାର ମାଲିକ କିଏ ତାହା ଜଣା ପଡ଼ିନାହିଁ, ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଭୋଗରାଇ ଥାନା ଆଇ ଆଇ ସି ଜ୍ଞାନରଞ୍ଜନ ସାହୁ ସୂଚନା ଦେଇଛନ୍ତି।



# ବରି ସବ୍‌ମାଇନର କେନାଲର ଉନ୍ନତୀକରଣ ଶିଳାନ୍ୟାସ

ସିମୁଳିଆ, ୬।୩ (ସମିସ): ରାଣୀତାଲ ମୁଖ୍ୟ କେନାଲରୁ ବାହାରିଥିବା ବରି ସବ୍ ମାଇନର ଡିଷ୍ଟ୍ରି ବ୍ୟୁଟରର ଉନ୍ନତିକରଣ ନିମନ୍ତେ ଦୁଇ କୋଟି ସତେଶ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଥିବା ବେଳେ ଏହାକୁ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଶୁଭ ଶିଳାନ୍ୟାସ କରି ଚାଷୀଙ୍କ ପାଣି ପାଇଁ ଦୀର୍ଘ ଦିନର ସମସ୍ୟା ସମାଧାନ ହୋଇପାରିବ ବୋଲି କହିଥିଲେ। ୪ଟି ପଞ୍ଚାୟତର ଚାଷୀ ଦୀର୍ଘ ବର୍ଷ ଧରି ପାଣି ପାଇଁ ନାହିଁ ନଥିବ ଅସୁବିଧାରେ ସମ୍ମୁଖୀନ ହୋଇ ଆସୁଥିଲେ।



## ଫୁଲବଣୀରେ ରାସ୍ତା କାର୍ଯ୍ୟକୁ ବିରୋଧ ପ୍ରସଙ୍ଗ

# ତହସିଲଦାରଙ୍କ ହସ୍ତକ୍ଷେପ ପରେ ସମାଧାନର ବାଟ ଫିଟିଲା

ଚନ୍ଦନେଶ୍ୱର, ୬।୩ (ସମିସ)



ଭୋଗରଲର ଜଗନ୍ନାଥପୁର-ରଣକୋଠା ମୁଖ୍ୟ ରାସ୍ତାର ଟୁକୁରୀହାଳିର ପଞ୍ଚାୟତ ଅଧୀନ ଫୁଲବଣୀ ଖାସ ଠାରେ ରାସ୍ତା ନିର୍ମାଣକୁ ନେଇ ଉପୁଜିଥିବା ବିବାଦ ହଟିଛି। ରାସ୍ତାରେ କାଠ ପକାଇ ଗାଁ ଲୋକେ ଅବରୋଧ କରିବା ପରେ ସମାଧାନର ସୂତ୍ର ବାହାରିଛି। ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକଙ୍କ ହସ୍ତକ୍ଷେପ ପରେ ସମାଧାନର ବାଟ ଫିଟିଛି ବାଡ଼ ବସାଇ ରାସ୍ତା ନିର୍ମାଣକୁ ଅବରୋଧ କରିଥିବା ବ୍ୟକ୍ତି ଏବେ ଜାଗା ଛାଡିବାକୁ ରାଜି ହୋଇଥିବା ଜଣା ପଡିଛି। ବିବରଣୀରୁ ପ୍ରକାଶ, ଜଗନ୍ନାଥପୁର-ରଣକୋଠା ଏକ ମୁଖ୍ୟ ରାସ୍ତା ଭାବେ ଦୀର୍ଘ ଦିନରୁ ବ୍ୟବହାର ହୋଇ ଆସୁଥିଲା। ଏସିଆର ସର୍ବ ବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱରଙ୍କ ମନ୍ଦିରକୁ ଏହି ରାସ୍ତା ଲମ୍ବି ଥିବା ବେଳେ ଭୋଗରାଇର ଭାତହାଣ୍ଡି କୁହା ଯାଉଥିବା କୀର୍ତ୍ତନିଆ ଚାଷ ଜମିକୁ ମଧ୍ୟ ଲୋକେ ଯା'ଆସ କରନ୍ତି। ୨୦୦୪ରେ ଏହି ରାସ୍ତା କଂକ୍ରିଟ ହୋଇ ନିର୍ମାଣ ହୋଇଥିଲା। ମାତ୍ର ଏବେ ଭୋଗରାଇର ପୂର୍ବତନ ବିଧାୟକ ସୁଶାର ଚନ୍ଦଙ୍କ ଘର ପାଖରୁ ଏହି ରାସ୍ତାର ସମ୍ପ୍ରସାରଣ ପାଇଁ ଦେଖା ଦେଇଥିଲା ବିବାଦ। ଫୁଲବଣୀ ଖାସ ଗାଁର ସୁମିତ ସିଂ ଏବଂ ତାଙ୍କ ୩ଜଣ ପୁଅ ବ୍ୟକ୍ତିଗତ ଜାଗାରେ ରାସ୍ତା ନିର୍ମାଣକୁ ବିରୋଧ କରିଥିଲେ। ଗୁରୁବାର ଉକ୍ତ ରାସ୍ତାକୁ ମାପ କରା ଯାଇଥିଲା। ସେଥିରେ ମଧ୍ୟ ନିର୍ମାଣ ହେବାକୁ ଥିବା ଜାଗା ସୁମିତ ସିଂଙ୍କ ବୋଲି ଜଣା ପଡ଼ିଥିଲା। ଏହାକୁ ବିରୋଧ କରି ଗାଁ ଲୋକେ କାଠଗଣ୍ଡି ପକାଇ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଭୋଗରାଇ ତହସିଲଦାର ସୂର୍ଯ୍ୟ ନାୟକ,ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାହୁ ପ୍ରମୁଖ ପହଂଚି ଡାକ୍ତର ଅଜୟ କୁମାର ସିଂହ ଏବଂ ଅନ୍ୟ ମାନଙ୍କ ସହିତ ଆଲୋଚନା କରିଥିଲେ। ଏହାଛଡା ଟୁକୁରାହାଳିରା ସରପଂଚ ଉପେନ୍ଦ୍ର ନଅ ସହ ସମିତି ସଦସ୍ୟ ତଥା ଉପଧକ୍ଷାଙ୍କ ପ୍ରତିନିଧି ସନ୍ତୋଷ ସାସମଲ, ପୂର୍ବତନ ସମିତି ସଦସ୍ୟ ବିକ୍ରମ କେଶରୀ ଚନ୍ଦ ପ୍ରମୁଖଙ୍କ ସମେତ ଗାଁ ଲୋକ ପହଂଚି ସମାଧାନର ରାସ୍ତା ବାହାର କରିଥିଲେ। ବିବାଦୀୟ ସ୍ଥାନରେ ଥିବା ଅନ୍ୟ ସରକାରୀ ଜାଗାକୁ ମଧ୍ୟ ବହାର କରାଯିବାର ପ୍ରତିଶୃତି ଦେବା ପରେ ସମାଧାନର ରାସ୍ତା ବାହାରି ଥିଲା।

## ସୁବର୍ଣ୍ଣରେଖା କୂଳରେ ମାଫିଆ-ପ୍ରଶାସନର ଚୋରା ଗଠବନ୍ଧନ

# ରସଲପୁର ଓ ପନ୍ତାଇ ଘାଟରେ ଚାଲିଛି ବାଲି ଲୁଟ୍

ବାଲିଆପାଳ, ୬।୩ (ସମିସ)



ନିୟମ ଅଛି କିନ୍ତୁ ନିୟନ୍ତ୍ରଣ ନାହିଁ, କୋର୍ଟଙ୍କ ନିର୍ଦ୍ଦେଶ ଅଛି କିନ୍ତୁ କାର୍ଯ୍ୟାନୁଷ୍ଠାନ ନାହିଁ। ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ରସଲପୁର ଏବଂ ପନ୍ତାଇ ଘାଟ ରେ ଏବେ ଦୁର୍ନୀତିର ଏକ ପେଣ୍ଠ ପାଲଟିଛି। ଯେଉଁଠି ସରକାରୀ ବାବୁଙ୍କ ଆଶୀର୍ବାଦରେ ବାଲି ମାଫିଆମାନେ ମାନେ ନଦୀର ଛାତି ଚିରି ଦିନକୁ କୋଟି ଟଙ୍କାର ଦିନକୁ ବାଲି ଲୁଟ୍ କରୁଛନ୍ତି। ଅନ୍ୟପଟେ ସାଧାରଣ ଜନତା ପ୍ରଶାସନିକ ଅପାରଗତାର ଶିକାର ହୋଇ ନିଜର ଭିତ୍ତିଭୂମି ଓ ପରିବେଶ ହରାଉଛନ୍ତି। ଏହି ମହାଲୁଟ୍‌ର ରୂପରେଖ ଏତେ ଭୟଙ୍କର ଯେ, ଏହାକୁ ଦେଖିଲେ ମନେହେଉଛି ସତେ ଯେମିତି ସୁବର୍ଣ୍ଣରେଖା ନଦୀର ଅସ୍ତିତ୍ୱକୁ "ବାଲି'ରେ ପୋତି ଦେବା ପାଇଁ ପ୍ରଶାସନ ଓ ମାଫିଆ ଏକ ଚୋରା ଗଠବନ୍ଧନ କରିଛନ୍ତି। କ୍ଲଷ୍ଟର ନିୟମର ଖୋଲାଖୋଲି ଉଲ୍ଲଂଘନ ଓ ପ୍ରଶାସନିକ ନିରବତ ବୁଝାଉଛି ମାଫିଆ ପ୍ରଶାସନ ଗୋଟାଏ ମୁଦ୍ରାର ଦୁଇ ପାର୍ଶ୍ୱର ପରି। ବାଲି ଖଣି ପାଇଁ ଥିବା ପ୍ରବର୍ତ୍ତନ ଏବଂ ମନିଟରିଂ ନିର୍ଦ୍ଦେଶାବଳୀ( ଏମଜିଏସଏମ) ୨୦୨୦ ସ୍ପଷ୍ଟ କହୁଛି ଯେ ଯେଉଁଠାରେ ବାଲି ସୈରାତ ତ ଏକ କ୍ଲଷ୍ଟରର ଅଂଶବିଶେଷ ବିଶେଷ, ସେଠାରେ କ୍ଲଷ୍ଟର ପରିବେଶ ମଞ୍ଜୁରୀ ବିନା କୌଣସି ବ୍ୟକ୍ତି ବ୍ୟକ୍ତିଗତ ଲିଜଧାରୀ ଖଣି କାର୍ଯ୍ୟ କରିପାରିବେ ନାହିଁ । ମାତ୍ର ଆଶ୍ଚର୍ଯ୍ୟ କଥା ଏହି ଆଇନଗତ ବାଧ୍ୟବାଧକତାକୁ ସମ୍ପୂର୍ଣ୍ଣ ଅଣଦେଖା କରି ଏବଂ ସମ୍ପୃକ୍ତ ଲିଜଧାରୀମାନେ କୌଣସି ବୈଧ ମଞ୍ଜୁରୀ ନଥାଇ ଅବାଧ ବାଲି ଉତ୍ତଳନ ଜାରି ରଖିଛନ୍ତି। ଏହି ବେଆଇନ କାର୍ଯ୍ୟ କେବଳ ମାଫିଆଙ୍କ ଦ୍ୱାରା ହେଉନାହିଁ, ବରଂ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ସମର୍ଥନରେ ଚାଲିଥିବା ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କ ନାକ ତଳେ ଏହି ମହାଲୁଟ୍ ସେ କେଉଁ ସ୍ୱାର୍ଥରେ ଚୁପ୍ ରହିଛନ୍ତି, ତାହା ଏବେ ସନ୍ଦେହକୁ ଅଧିକ ଘନୀଭୂତ କରୁଛି। ଦିବାଲୋକରେ ନ୍ୟାୟିକ ଅବମାନନା ଓ ମାଫିଆଙ୍କ ମାତିବା ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନଜିଟି) କୋଲକାତା ବେଞ୍ଚ ଗତ ଜୁଲାଇ ୨୪, ୨୦୨୫ରେ ବାଲେଶ୍ୱରର ପୁରୁଣା ଡିଏସଆରକୁ ରଦ୍ଦ କରିଦେଇଥିଲେ। କୋର୍ଟଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ, ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଆଧାରରେ କୌଣସି ଖଣି କାର୍ଯ୍ୟ ହୋଇପାରିବ ନାହିଁ। ଏହା ସତ୍ତ୍ୱେ ବାଲିଆପାଳ ରେ ଖଣି କାର୍ଯ୍ୟ ଜାରି ରହିବା କେବଳ ଆଇନର ଉଲଗ୍ନନ ନୁହେଁ, ବରଂ ଏହା ସମଗ୍ର ନ୍ୟାୟିକ ବ୍ୟବସ୍ଥାକୁ ଏକ ଖୋଲା ଚ୍ୟାଲେଞ୍ଜ। ପ୍ରଶାସନ ଏଠାରେ 'ନିଦାବିଷ୍ଟ' ସାଜି କୋର୍ଟଙ୍କ ମର୍ଯ୍ୟାଦାକୁ ଧୂଳିସାତ କରୁଛି। ନଦୀ ଶଯ୍ୟାରେ କୌଣସି ସୀମା ସ୍ତମ୍ଭ (ବାଉଣ୍ଡାରି ପିଲାର) ନଥିବାରୁ ଲିଜ୍ ପରିସର ବାହାରୁ ମଧ ହଜାର ହଜାର ଟ୍ରକ୍ ବାଲି ଚୋରି କରାଯାଉଛି। ଅତ୍ୟଧିକ ଏବଂ ଯାନ୍ତ୍ରିକ ନିଷ୍କାସନ ଯୋଗୁଁ ନଦୀର ପରିସଂସ୍ଥା ନଷ୍ଟ ହେବା ସହ ନଦୀକୂଳ ଅସ୍ଥିର ହୋଇପଡ଼ିଛି। ଯାହାକି ଆଗାମୀ। ବନ୍ୟା ସମୟରେ ସ୍ଥାନୀୟ ଗ୍ରାମଗୁଡ଼ିକୁ ସମ୍ପୂର୍ଣ୍ଣ ଜଳମଗ୍ନ କରିବାର ଆଶଙ୍କା ସୃଷ୍ଟି କରିଛି। ଲିଜଧାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ କେବଳ ପରିବେଶ ନୁହେଁ, ବରଂ ଗ୍ରାମର ସରକାରୀ ସମ୍ପତି ମଧ ନଷ୍ଟ ହେବାରେ ଲାଗିଛି। ୧୦ ଟନ୍ରୁ କମ୍ କ୍ଷମତା ଥିବା ସଂକୀର୍ଣ୍ଣ ଗ୍ରାମ୍ୟ ରାସ୍ତା ଦେଇ ଦିନରାତି ୪୦-୫୦ ଟନ୍ର ଭାରୀଯାନ ଚଳାଚଳ କରୁଛି। ଫଳରେ ନବନିର୍ମିତ ପାଇଁ 'ବିଜୁ ସେତୁ' ଏବଂ ବାଲିଆପାଳ ର ସବୁ ମୁଖ୍ୟ ରାସ୍ତା ଏବେ ମରଣ ଯନ୍ତା ପାଲଟିଛି। ସାଧାରଣ ଲୋକଙ୍କ ତିଆରି ହୋଇଥିବା ରାସ୍ତାରେ ମାଫିଆଙ୍କ ହାଇୱା ଗାଡ଼ିଗୁଡ଼ିକ ରାଜ୍ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଜରୁରୀ ଯାଞ୍ଚ ହେଉନାହିଁ କି କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଉ ନାହିଁ। ସ୍ଥାନୀୟ ପ୍ରଶାସନ ଓ ଶାସକ ଦଳର ଛାମୁଆ ନେତାଙ୍କ ମିଳିତ ଆନୁକୂଲ୍ୟରେ ଏହି ବାଲି ଲୁଟ ଚାଲିଥିବା ଚର୍ଚ୍ଚା ହେଉଛି।

## ସହର ମଧ୍ୟରେ ଭାରୀଯାନ ଚଳାଚଳ ଯୋଗୁଁ ପ୍ରଦୂଷଣ



ପ୍ରତିକାର ଲାଗି ଦାବିପତ୍ର

ଜଳେଶ୍ୱର, ୬।୩ (ସମିସ): ବ୍ୟସ୍ତ ବହୁଳ ଚଳଚଞ୍ଚଳ ଜଳେଶ୍ୱର ସହରର ଅଣ ଓସାରିଆ ସଡକରେ ଭାରୀଯାନ ଓ ବାଲି ଟ୍ରାକ୍ଟର ଅବାଧ ଚଳାଚଳ ଯୋଗୁଁ ପରିବେଶ ଅଧିକ ପ୍ରଦୂଷିତ ହେଉଛି। ସଡକରେ ଦୁଇ ପଟେ ଦୋକାନୀ ମାନେ ମାଡି ଆସିବା ଓ ଅବୈଧ ପାର୍କିଂ ଯୋଗୁଁ ବହୁ ସମୟରେ ଟ୍ରାଫିକ ଜାମ ରହୁଛି। ଡମ୍ପର ଓ ଟ୍ରାକ୍ଟରରୁ ବାଲି ଧୂଳି ଉଡି ପଥଚାରୀ ଓ ସହରବାସୀ ଅଣନିଃଶ୍ୱାସୀ ହୋଇ ପଡିଲେଣି। ଗ୍ରୀଷ୍ମ ପ୍ରଭାବ ଆରମ୍ଭ ହୋଇଥିବା ବେଳେ ଅବୈଧ ଚଳାଚଳ ଯୋଗୁଁ ଧୂଳି ଉଡି ବାୟୁ ପ୍ରଦୂଷିତ ହେବା ସହିତ ଗରମ ଅଧିକ ଅନୁଭୂତ ହେଉଛି। ମ୍ୟୁନିସିପାଲଟି ପକ୍ଷରୁ ନୋଏଣ୍ଟ୍ରି କରାଯାଇଥିଲେ ମଧ ତାହା ଠିକ୍ ଭାବେ ପାଳନ ହେଉନାହିଁ। ପ୍ରଶାସନିକ ଉଦାସୀନତାକୁ ଦାୟୀ କରି ବିଜେଡି ପକ୍ଷରୁ ଆଜି ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂଙ୍କୁ ଭେଟି ଉପରୋକ୍ତ ସମସ୍ୟା ସମାଧାନ ସମ୍ପର୍କରେ ବିଜେଡି କର୍ମକର୍ତ୍ତାମାନେ ଅବଗତ କରାଇଥିଲେ। ଏହା ସହିତ ଜଳେଶ୍ୱର ବିଭିନ୍ନ ଛକ ସ୍ଥାନରେ ଜଳଛତ୍ର ସ୍ଥାପନ, ଧୂଳି ରେ ପାଣି ଛିଞ୍ଚନ ଓ ସମ୍ପର୍କରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ବିଜେଡି ନଗର ସଭାପତି ସୁରଜିତ ଘୋଷ, ଯୁବ ସଭାପତି ଆନନ୍ଦ କର, କାଉନସିଲର ଚିତ୍ତ ରଞ୍ଜନ ମହାନ୍ତି, କବିତା ଧଳ, ସତ୍ୟବତୀ ଗିରି, ସୂରଜ ଚୈରାସିୟା, ଏସ କେ ଶୈଫୁଦ୍ଦିନ୍, ମିର ଆବାସ ଅଲ୍ଲୀ, ସୁଶାନ୍ତ ସାହୁ, ସଞ୍ଜିବ ପାଳ, ରାଜେଶ୍ ଦେ,ବିଜୟ କାମିଲା, ଭରତ ଦତ୍ତ, ସମରେନ୍ଦ୍ର ପରିଡ଼ା, ଅମୂଲ୍ୟ ଦତ୍ତ, ରାମେଶ୍ୱର ପଣ୍ଡା ପ୍ରମୁଖ ଦାବି ପତ୍ର ମାଧ୍ୟମରେରେ ଜଣାଇଛନ୍ତି।

## ଆଜିଠୁ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଓ ଆଦିବାସୀ ଯାତ୍ରା



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୬।୩ (ସମିସ): ଆଦିବାସୀ ମେଳା କମିଟି ତରଫରୁ ଜଳେଶ୍ୱର ବଡବଜାର ସାଇ ମନ୍ଦିର ପଡିଆରେ ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଦୁଇଦିନ ବ୍ୟାପି ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଓ ଆଦିବାସୀ ଯାତ୍ରା। ଏହି ଉପଲକ୍ଷେ ଯାତ୍ରା ପଡିଆଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କମିଟିର ବରିଷ୍ଠ ଉପଦେଷ୍ଟା ଗୌରହରୀ ସାହୁ ଓ ସଭାପତି ରଘୁ ମୁର୍ମୁ। ୨୦୨୪ ମସିହାରୁ ଏହି ଆଦିବାସୀ ମେଳା କମିଟି ପକ୍ଷରୁ ଆଦିବାସୀ ସଂସ୍କୃତି, ପରମ୍ପାରା ଓ ସାହିତ୍ୟର ଉନ୍ନତି ଓ ସମାଜରେ ପରିପ୍ରକାଶ ସହିତ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପାଇଁ ପ୍ରତିବର୍ଷ ମେଳା ଅନୁଷ୍ଠିତ ହେଉଛି। ଚଳିତବର୍ଷ ୭ତାରିଖ ଓ ୮ତାରିଖ ଦୁଇ ଦିନବ୍ୟାପି ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ଖେଳରେ ୧୬ଟି ଟିମ ଭାଗ ନେଉଥିବା ବେଳେ ବାଲେଶ୍ୱର, ମୟୂରଭଞ୍ଜ ଓ ପଶ୍ଚିମବଙ୍ଗ ରାଜ୍ୟର ଫୁଟବଲ ଟିମ ଭାଗ ନେବେ। ଏହି ଖେଳକୁ ଓଡିଶାର ଫୁଟବଲ ଏସୋସିଏସନର ସଦସ୍ୟ ତଥା ରାଜ୍ୟ ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ସୁନାମ ଧନ୍ୟ ଗୋଲ କିପର ଗୋପବନ୍ଧୁ ସାହୁ ଯୋଗଦେଇ ଶୁଭ ଉଦ୍‌ଘାଟନ କରିବେ ବୋଲି ସୂଚନା ଦେଇଛନ୍ତି। ଉଦ୍‌ଯାପନୀ ଉତ୍ସବର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସୋନା ସିନ୍ଦୁର ମୁଣ୍ଡାରୀ ଅପେରାର ଆଦିବାସୀ ଯାତ୍ରା ଝିଅ ହଜିଗଲା ଦୋ ଛକି ରାସ୍ତାରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କମିଟିର ସଭାପତି ରଘୁ ମୁର୍ମୁ, ଉପସଭାପତି ସନାଇ ହେମ୍ବ୍ରମ, ସମ୍ପାଦକ ହରିଆ ମାରାଣ୍ଡି, କୋଷାଧ୍ୟକ୍ଷ କୁଆଁର ସିଂ, ସୋନାରାମ କିସ୍କୁ ଉପସ୍ଥିତ ଥିବା ବେଳେ ଆଦିବାସୀ ମହିଳା କମିଟିର ସଭାନେତ୍ରୀ ଗୀତା ହାଁସଦା, ସମ୍ପାଦିକା ଗୀତା ମୁର୍ମୁ, ମାଇନ ମୁର୍ମୁ, ପାନ ହାଁସଦା, ଛିତା ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

## ଗୁନିରାଣୀଙ୍କ ସ୍ମୃତିସଭା

ଲଙ୍ଗଳେଶ୍ୱର, ୬।୩ (ସମିସ): ସଦର ବ୍ଲକ ଅନ୍ତର୍ଗତ ସାର୍ଥା ଗ୍ରାମର ବିଦ୍ୟାଧର ମଲ୍ଲିକଙ୍କ ପତ୍ନୀ ଗୁନିରାଣୀ ମଲ୍ଲିକଙ୍କ ଏକାଦଶାହ ପାଳନ ଅବସରରେ ଏକ ସ୍ମୃତି ଚାରଣ ସଭା ଝାଡେଶ୍ୱର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଜଳନ୍ଧର ମଲ୍ଲିକ, ସାମ୍ବାଦିକ ଭିଷ୍ମ ଚରଣ ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଗୁନିରାଣୀଙ୍କ ନୀତି ଓ ଆଦର୍ଶ ଉପରେ ସ୍ମୃତି ଚାରଣ କରିଥିଲେ। ଦୁଷ୍ମନ୍ତ ମଲିକ, ପ୍ରଶାନ୍ତ ମଲ୍ଲିକ, ସ୍ୱର୍ଣ୍ଣଲତା ମଲ୍ଲିକ, ମଧୁ ମାଝୀ, ଅଂଶୁମାନ ମଲ୍ଲିକ, ମନୀଷ ମଲ୍ଲିକ,ଗୌରୀଶଙ୍କର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ମୃତି ଚାରଣ କରିଥିଲେ।

## ୧୮୪ ଶିକ୍ଷାର୍ଥୀଙ୍କୁ ଜଣେ ଶିକ୍ଷକ



ଜଳେଶ୍ୱର, ୬।୩ (ସମିସ): ଜଳେଶ୍ୱର ବ୍ଲକ ରାଇବଣିଆର ହାତୀଗଡ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ଜଣେ ଶିକ୍ଷକରେ ୧୮୪ ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ ହେଉଛି। ଫଳରେ ଆଦିବାସୀ ବହୁଳ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରରେ ରହିଛି। ଶିକ୍ଷକ ପୂରଣ ଲାଗି ଅଭିଭାବକ ମାନେ ବିଭିନ୍ନ ଫୋରମ୍ ରେ ଜଣାଇଲେ ମଧ ସରକାର ଏବଂ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାଁନ୍ତି। ଫଳରେ ଶିକ୍ଷକ ନିଯୁକ୍ତି ସହିତ ୩ ଦଫା ଦାବି ନେଇ ସ୍କୁଲ ସମ୍ମୁଖରେ ଶୁକ୍ରବାର ଆମରଣ ଅନଶନ ଆରମ୍ଭ ହୋଇଥିଲା। ପୂର୍ବ ଚେତାବନୀ ଅନୁସାରେ ସ୍କୁଲ୍ ଫାଟକରେ ତାଲା ଲଗାଇ ସର୍ବଶ୍ରୀ ତରୁଣ ପଟ୍ଟନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ପ୍ରଫୁଲ୍ଲ ସୁର, ଗଙ୍ଗାଧର ଦାସ, ଚନ୍ଦନ ଦାସ, ସତ୍ୟ ରଞ୍ଜନ ବିଶ୍ୱାଳ, ହିମାଂଶୁ ବିଶ୍ୱାଳ,ଅଖୟ ନାୟକ ସୁକାନ୍ତ ଦାସ, ସୁନିଲ ବିଶ୍ୱାଳ ଗୋପାଳ ଚନ୍ଦ୍ର ଜେନା ପ୍ରମୁଖ ଅନଶନରେ ବସିଥିଲେ। ଏହା ସହିତ ବହୁ ଅଭିଭାବକ ଓ ଗ୍ରାମବାସୀ ମଧ ଧାରଣା ରେ ସାମିଲ୍ ହୋଇଥିଲେ। ସୂଚନା ପାଇ ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ଜଳେଶ୍ୱର ଏସଡିପିଓ ସୁବ୍ରତ ବେହେରା ଘଟଣା ସ୍ଥଳ ରେ ପହଂଚି ଦାବି ଗୁଡିକ ସମ୍ପର୍କରେ ବୁଝିଥିଲେ। ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ଯୋଗାଯୋଗ କ୍ରମେ ଆସନ୍ତା ଆଠ ତାରିଖ ଦିନ ଏଗାରଟା ସମୟରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ସ୍କୁଲ ର ସମସ୍ୟା ସମାଧାନ କରିବେ ବୋଲି କହିଥିଲେ। ଏସମ୍ପର୍କରେ ଲିଖିତ ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଥିଲା।

### ଶିକ୍ଷକ ନିଯୁକ୍ତି ଲାଗି ଅଭିଭାବକଙ୍କ ଆମରଣ ଅନଶନ

## ବାହାଦଲପୁରରେ ସାର୍ବଜନୀନ ଚଉଦମାଦଳ ମହୋତ୍ସବ

ବାଲିଆପାଳ, ୬।୩ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ବାହାଦଲପୁର ହରିହାଟ ପଡିଆରେ



ସାର୍ବଜନୀନ ଚଉଦମାଦଳ ଓ ଜଗନ୍ନାଥଙ୍କ ୩୨ ବେଶ ମହୋତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି। ଏହି ଧାର୍ମିକ ଓ ସାଂସ୍କୃତିକ ମହୋତ୍ସବ ମାର୍ଚ୍ଚ ୫ରୁ ଆରମ୍ଭ ହୋଇ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଉତ୍ସବ ଅବସରରେ ପ୍ରତିଦିନ ହରିନାମ ସଂକୀର୍ତନ, ଯଜ୍ଞ ଉତ୍ସବ, ସନ୍ଧ୍ୟାରେ ଆଧାତ୍ମିକ ପ୍ରବଚନ, ଭଜନ ସନ୍ଧ୍ୟା ଓ ନୃତ୍ୟ ପ୍ରତିଯୋଗିତା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭକ୍ତ ମାନଙ୍କ ପାଇଁ ଆସନ୍ତା ୯ ତାରିଖ ସୋମବାର ଦିନ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଛି। ଉତ୍ସବରେ ପାତାଳପୁରୀ, ଇନ୍ଦ୍ରପୁରୀ ଓ ସ୍ୱର୍ଗପୁରୀ ଭଳି ଆକର୍ଷଣୀୟ ସାଜସଜା ସହିତ ୨୫ ଫୁଟ ଉଚ୍ଚତାର ହନୁମାନ ମୂର୍ତ୍ତି, ଜଗନ୍ନାଥଙ୍କ ସୁନାବେଶର ଦିବ୍ୟ ଦର୍ଶନ ଓ ଜଗନ୍ନାଥଙ୍କ ୩୨ ବେଶର ମନମୁଗ୍ଧକର ମୂର୍ତ୍ତି ଭକ୍ତମାନଙ୍କ ମନକୁ ଆକର୍ଷିତ କରୁଛି। ଏହାକୁ ଦେଖିବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବା ଦେଖାଯାଉଛି। ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବାହାଦଲପୁର ସାର୍ବଜନୀନ ମହୋତ୍ସବ କମିଟି ପକ୍ଷରୁ ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ଯଥାଚିତ ବ୍ୟବସ୍ଥା କରାଯାଇଛି।

## ଜଳିଗଲା ଘର, ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ

ବାଲିଆପାଳ, ୬।୩ (ସମିସ): ଏହି ବ୍ଲକ ବଳରାମପୁର ପଞ୍ଚାୟତ ଅନ୍ତର୍ଗତ ବଳରାମପୁର ଗ୍ରାମର ଅନନ୍ତ ଚରଣ ସାହୁଙ୍କ ଗୋଟିଏ ବଖରା ଘର ବିଳମ୍ବିତ ରାତି ରେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଅନନ୍ତଙ୍କ ପରିବାର ଲୋକ ଅନ୍ୟ ଏକ ଘରେ ଶୋଇଥିବା ବେଳେ ହଠାତ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳିବା ଆରମ୍ଭ କରିଥିଲା, ସାହି ପଡିଶା ନିଆଁ ଜଳୁଥିବାର ଦେଖି ପାଟି କରିବା ସହ ପାଣି ଢାଳି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ, ଅନନ୍ତ ବାଲିଆପାଳ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ ଘର ଟି ସମ୍ପୂର୍ଣ୍ଣ ଜଳି ଯାଇ ଥିଲା, ତା ଭିତରେ ଥିବା ଧାନ , ଚାଉଳ ସମେତ ଲକ୍ଷାଧିକ ଟଙ୍କା ର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ପରିବାର ପକ୍ଷରୁ ନିବେଦନ କରିଛନ୍ତି।

## ଶ୍ରବଣବାଧିତ ମୂଲ୍ୟାଙ୍କନ ଶିବିର



ବାଲିଆପାଳ, ୬।୩ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଟଗରା ଠାରେ ଥିବା ମଦର ଟେରେସା ସେବା ସଂଘ ବିଦ୍ୟାଳୟ ପରିସରରେ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଅନୁମୋଦିତ ଅଲ୍ଲୀ ୟାବର ଜଙ୍ଗ ରାଷ୍ଟ୍ରୀୟ ସଂଘ ଓ ଶ୍ରବଣ ବାଧିତ ସଂସ୍ଥା ପକ୍ଷରୁ ଶ୍ରବଣ ବାଧିତ ମୂଲ୍ୟାଙ୍କନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଶ୍ରବଣ ବାଧିତ ସଂସ୍ଥାର ଡେପୁଟି ଡାଇରେକ୍ଟର ପ୍ରଫେସର ଚନ୍ଦ୍ର ଚୋଡ ପାଣିଗ୍ରାହୀ ଏବଂ ତାଙ୍କର ଟିମ୍‌ଙ୍କ ଦ୍ୱାରା ବିଦ୍ୟାଳୟର ଅଧ୍ୟୟନ କରୁଥିବା ୧୫୦ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ୫୦ ଜଣ ଶ୍ରବଣ ବାଧିତଙ୍କର କାନ ପରୀକ୍ଷା କରାଯାଇ ମୁଲ୍ୟାଙ୍କନ କରାଯାଇଥିଲା। ଏଥି ନିମନ୍ତେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଡ. ଅନିରୁଦ୍ଧ ପାତ୍ରଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାନ ପରୀକ୍ଷା କରି ମୂଲ୍ୟାଙ୍କନ କରିବା ଏବଂ ଶ୍ରବଣ ବାଧିତ ଯନ୍ତ୍ର ପାଇବା ପାଇଁ ଗ୍ରାମାଞ୍ଚଳରେ ଲୋକ ମାନଙ୍କୁ ଅଧିକା ଖର୍ଚ୍ଚରୁ ବଞ୍ଚିତ କରିବା ଲକ୍ଷ୍ୟରେ ଏହି ଭଳି ଶିବିର ସରକାରଙ୍କ ଦ୍?ାରା କରାଯାଇଥାଏ ବୋଲି ଡ଼ ପାଣିଗ୍ରାହୀ ବୁଝାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷାବିତ ସୁବାଷ ଚୈଧୁରୀ, ଖବରଦାତା ରାଜଶ୍ରୀ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ ପରେଶ ପ୍ରଧାନ ଏହି ସଭାରେ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ମହେଶ୍ୱର ଜେନା, ପ୍ରମୋଦ କୁମାର ସେନାପତି, ବେଣୁଧର ମହୁରି, ବଳରାମ ନାୟକ, ସାଧୁ ଚରଣ ସାହୁ, ଚିତ୍ତରଞ୍ଜନ ଜେନା, ଶମ୍ଭୁନାଥ ପରଡା, ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ଭୂୟାଁ, ପ୍ରଭାତି ପାତ୍ର, ପ୍ରୀୟଙ୍କା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

● ସନ୍ଦେହ ଘେରରେ ଖଇରା ପୁଲିସର ଭୂମିକା

## ସକାଳେ ଜବତ ବସ୍‌କୁ ସନ୍ଧ୍ୟାରେ ଛାଡ଼ିଦେଲା

ଖଇରା,୬।୩ (ସମିସ): ବାଲେଶ୍ୱର ଜିଲା ଅଧୀନ ଖଇରା ପୁଲିସର କାର୍ଯ୍ୟକୁ ନେଇ ଖଇରାବାସୀଙ୍କ ମନରେ ଅସନ୍ତୋଷ ବଢିବାରେ ଲାଗିଛି। ଗତ ୬ମାସ ଧରି ଚୋରୀ ଡକାୟତି ଦୈନିକ ଘଟଣାରେ ପରିଣତ ହୋଇଥିବା ବେଳେ ଜଣେ ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ଅକ୍ଷମ। ସର୍ବୋପରି ଗୁରୁବାର ଦିନ ଏକ ବସ ଦୁର୍ଘଟଣାରେ ଦୁର୍ଘଟଣା ଘଟାଇଥିବା ବସକୁ ପୁଲିସ ସକାଳେ ଜବତ କରି ସଂଧ୍ୟାରେ ଛାଡିବା ଘଟଣାରେ ପୋଲିସ ଉପରୁ ସାଧାରଣ ଲେକଙ୍କ ଭରସା ତୁଟି ଯାଇଛି। ଗୁରୁବାର ସକାଳେ ବାଲେଶ୍ୱରରୁ କୁପାରୀ ଯାଉଥିବା ଅନନ୍ୟା ନାମକ ବସ ଖଇରା ବଜାର ପ୍ରାଣୀ ଚିକିତ୍ସାକେନ୍ଦ୍ର ନିକଟରେ ଡ୍ରାଇଭରଙ୍କ ଅସାବଧାନତା ଯୋଗୁଁ ଏକ ଚାଉମିନ ଦୋକାନ ଉପରକୁ ମାଡି ଯାଇଥିଲା। ଏଥିରେ ନନ୍ଦୁର ଗ୍ରାମର ମାଳତୀ ମହାନ୍ତି ନାମକ ମହିଳା ଗୁରୁତର ଆହତ ହୋଇଥିବା ବେଳେ ପାଖାପାଖି ୫ଜଣ ମଧ ସାମାନ୍ୟ ଆହତ ହୋଇଥିଲେ। ଆଳଦା ଗ୍ରାମର ମଣ୍ଟୁ ଦାସଙ୍କ ଦୋକାନ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା। ଖବରପାଇ ଖଇରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଥିଲା। ଡ୍ରାଇଭରଙ୍କ ଅବହେଳା ଯୋଗୁଁ ଘଟିଥିବା ଏହି ଦୁର୍ଘଟଣାରେ ନିଶ୍ଚୟ ମାମଲା ରୁଜୁ ହେବ ବୋଲି ସମସ୍ତେ ଆଶା ପ୍ରକଟ କରିଥିଲେ। ହେଲେ ହଠାତ ସଂଧ୍ୟାରେ ବସଟିକୁ ଥାନାରୁ ମୁକୁଳାଇବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୁଲିସର ଏଭଳି ତରବରିଆ ନିଷ୍ପତ୍ତିକୁ ନେଇ ନାନାକଥା ଶୁଣିବାକୁ ମିଳୁଛି। ବଡଧରଣର ଅର୍ଥ




କାରବାର ହୋଇଥିବା ନେଇ ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଗୁରୁବାର ଖଇରା ଥାନା ଦାୟିତ୍ୱରେ ଥିବା ଔପଦା ଥାନା ଅଧିକାରୀ ପ୍ରମୋଦ ଦାସଙ୍କୁ ଯୋଗାଯୋଗ କରିବାରେ ଯାହାର ଦୋକାନ ଭାଙ୍ଗିଥିଲା କିମ୍ବା ଯେଉଁମାନେ ଆହତ ହୋଇଥିଲେ ସେମାନଙ୍କ ତରଫରୁ କୌଣସୀ ଅଭିଯୋଗ ନଆସିବାରୁ ଗାଡି ଛାଡିଦିଆଯାଇଥିବା ପ୍ରକାଶ କରିଛନ୍ତି।

## ଅରଖପୁର ଗାଁରେ ଜଣ୍ଡିସ ପ୍ରକୋପ, ୬ ସ୍କୁଲ ପିଲା ଆକ୍ରାନ୍ତ

● ଖଇରା ମେଡିକାଲ ଟିମ୍ ପକ୍ଷରୁ ସଚେତନତା

ଖଇରା,୬।୩ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅଧୀନ ଅରଖପଦା ଗାଁରେ ଜଣ୍ଡିସ ଆକ୍ରାନ୍ତ ଯୋଗୁଁ ଗ୍ରାମରେ କୋକୁଆଭୟ ସୃଷ୍ଟି ହୋଇଛି। ପ୍ରଥମେ ଅରଖପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ ଛାତ୍ରୀଛାତ୍ରଙ୍କୁ ଆକ୍ରାନ୍ତ ହେବା ପରେ ବାନ୍ତି ହୋଇଥିଲା। ପରୀକ୍ଷା ପରେ ଏହା ଜଣ୍ଡିସ ବୋଲି ଜଣାପଡିଥିଲା। ଧିରେ ଧିରେ ଏହା କାୟା ବିସ୍ତାର କରି ପାଚିକା ପୂଜା ଦାସ, କାଜଲ ଜେନା ଇତ୍ୟାଦିଙ୍କୁ ବ୍ୟାପି ଥିଲା। ପାଇପ ପାଣିରୁ ଏହା ବ୍ୟାପୁଥିବା ନେଇ ଗ୍ରାମବାସୀ



ଉପଲବ୍ଧି କରିବା ପରେ ପାଇପ ଜଳ ଯୋଗାଣ ପ୍ରକଳ୍ପଙ୍କୁ ବନ୍ଦ ରଖାଯାଇଛି। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ବାରିକ ଏ ସମ୍ପର୍କରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅବଗତ କରାଯିବା ପରେ ଶୁକ୍ରବାର ଡା ମାନସ କୁମାର ଦାସ ଓ ସୋମବାର ଡା. ଜ୍ୟୋତି ରଞ୍ଜନ ଶିଅଳଙ୍କ ନେତୃତ୍ୱରେ ପୃଥକ ପୃଥକ ଟିମ ବିଦ୍ୟାଳୟକୁ ଯାଇ ନମୁନା ସଂଗ୍ରହ କରିବା ସହ ପ୍ରତିଷେଧକ ଏବଂ ସଚେତନ କରାଇଛନ୍ତି। ଏହି ରୋଗ ବ୍ୟାପିବା ପରେ ଏବେ ସମଗ୍ର ଗ୍ରାମକୁ ଏହା ବ୍ୟାପିବାକୁ ଆରମ୍ଭ କରିଛି। ପାଖାପାଖି ୭ଦିନ ତଳେ ୫ମ ଶ୍ରେଣୀର ଛାତ୍ର ଅଶୋକ ଜେନା, ୩ୟ ଶ୍ରେଣୀର ରୁଦ୍ର ପ୍ରତାପ ଜେନା,୭ମ ଶ୍ରେଣୀର ଜ୍ୟୋସ୍ନାରାଣି ଦାସ, କିଶୋର କୁମାର ଜେନା ଓ ଶୁଭଲକ୍ଷ୍ମୀ ଜେନା ଜ୍ୱରରେ

## ବାଲିଆପାଳରେ ଭୂତଳ ଜଳସ୍ତର ହ୍ରାସ

ଉତ୍କଟ ଜଳସଙ୍କଟ ଆଶଙ୍କା

କାଳିପଦା, ୬।୩ (ସମିସ)



ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଏବେ ଭୂତଳ ଜଳ ସ୍ତର ହ୍ରାସ ପାଇବାରେ ଲାଗିଛି। ଏଭଳି ଯଦି ଲାଗି ରହେ ତାହାଲେ ଆଗାମୀ ଦିନରେ ପିଇବା ପାଣି ସଙ୍କଟ ଏଠାରେ ଉତ୍କଟ ହେବ। ଏହି ଆଶଙ୍କାରେ ଲୋକେ ରହିଛନ୍ତି। ଗତ କେତେ ବର୍ଷ ପୂର୍ବେ ଭୂତଳ ଜଳ ବିଭାଗ ଜଳ ସଂରକ୍ଷଣ ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ସାଧାରଣତଃ ବର୍ଷା ଜଳକୁ ପୋଖରୀ, ଗାଡ଼ିଆ, ନାଳ, ଜୋର, କେନାଲ, ବନ୍ଧ ମାଧ୍ୟମରେ ସଂରକ୍ଷଣ କରାଯାଇଥାଏ। ଚଳିତ ବର୍ଷ ବର୍ଷା ଓ ବନ୍ୟା ଜଳ ସେମିତି ଭାବେ ସଂରକ୍ଷିତ ହୋଇ ପାରି ନାହିଁ। ବର୍ଷା ଯେଉଁ ପରିମାଣରେ ହେବା କଥା ତାହା ମଧ ହୋଇ ନାହିଁ। ବନ୍ୟା ସେହିପରି ହୋଇଛି। ସାଧାରଣତଃ ଭୂପୃଷ୍ଠରେ ବର୍ଷା ହେଲେ ବର୍ଷା ପାଣି ମୃତ୍ତିକା ଭେଦ କରି ଭୂପୃଷ୍ଠ ତଳେ ଜମା ହୋଇ ରହେ। ଅପର ପକ୍ଷରେ ଚଳିତ ବର୍ଷ ବାଲିଆପାଳ ବ୍ଲକରେ ପ୍ରାୟେ ୨୮ ଟି ପଞ୍ଚାୟତରେ ୪୦ରୁ ୫୦ ପ୍ରତିଶତ ଜମିରେ ହାଇ ଇଲଡିଂ ଧାନ ଚାଷ ହୋଇଛି। ସରକାରୀ ଉଠା ଜଳ ସେଚନ ପଏଣ୍ଟ କୁ ଛାଡି ଏ ଅଞ୍ଚଳରେ ଶହ ଶହ ଘରୋଇ ସେଲୋ ପଏଣ୍ଟ ରହିଛି। ପ୍ରତିଦିନ ଚାଷରେ ଯେତେ ପାଣି ବିନିଯୋଗ ହେଉଛି ତାଠୁ ଅଧିକ ପାଣି ନଷ୍ଟ ହେଉଛି। ପାଣି ନଷ୍ଟକୁ ରୋକିବା ପାଇଁ କୌଣସି ସ୍ତରରେ ଉଦ୍ୟମ ନାହିଁ। ଗତ ପାଞ୍ଚବର୍ଷ ତଳେ ଏକ ବିଶେଷଜ୍ଞ ଟିମ ବାଲିଆପାଳର ଭୂତଳ ଜଳକୁ ପରୀକ୍ଷା କରିବା ପାଇଁ ଆସିଥିଲେ। ଜଳ ନମୁନା ନେଇ ଲ୍ୟାବରେ ପରୀକ୍ଷା ନିରୀକ୍ଷା କରିଥିଲେ। ପରୀକ୍ଷାରୁ ଜଣା ପଡିଥିଲା ଯେ ବାଲିଆପାଳ ବ୍ଲକର ଜାମକୁଣ୍ଡା, ବଡାଶ, ଉଗରା, ଚୌମୁଖ, ବେତଗଡିଆ, ରତାଇ, ନୂଆଗାଁ, ପଞ୍ଚୁପାଲି, ଜାମ୍ବୀରାଇ, କୁଣ୍ଡୁଳି, ବଣିଆଡିହା ଆଦି ପଞ୍ଚାୟତର ଭୂତଳ ଜଳ କ୍ଷାରଯୁକ୍ତ। ଏହି ପାଣି ପିଇବା ପାଇଁ ସଂପୂର୍ଣ୍ଣ ଅନୁପଯୁକ୍ତ। ସରକାର ଏହି ସବୁ ଅଞ୍ଚଳରେ ଘରୋଇ ସେଲୋ ପଏଣ୍ଟ ବସାଇବାକୁ ସେତେବେଳେ ନିଷେଧ କରିଥିଲେ। କିଏ ମାନୁଛି ସେହି ନିୟମ କୁ? ଏବେ ବାଲିଆପାଳ ଅଞ୍ଚଳରେ ଭୂତଳ ଜଳ ସ୍ତର ୬୦ରୁ ୮୦ ଫୁଟ ତଳକୁ ଖସି ଯାଇଛି। ଫଳରେ ଛୋଟ ଛୋଟ ହ୍ୟାଣ୍ଡ ପମ୍ପ ଅଚଳ ହୋଇ ପଡିଛି। ସେଲୋ ପଏଣ୍ଟ ଅବସ୍ଥା ମଧ ତଦ୍ରୁପ। ଏବେ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇ ଥିବାବେଳେ ଆଗକୁ ପିଇବା ପାଣି ସମସ୍ୟା ଉତ୍କଟ ହେବ ବୋଲି ଜଗନ୍ନାଥ ଦେ, ମହେଶ୍ୱର ନାୟକ, ପୂର୍ଣ୍ଣିମା ସେଠୀ, ଗଗନ ବାରିକ, ମୁରଲୀ ମୋହନ ଜେନା, ଅମୀୟ ରଞ୍ଜନ ପାତ୍ର, ଭୀଷ୍ମ ଚରଣ ମଲ୍ଲିକ, ଜନାର୍ଦ୍ଦନ ପତି ପ୍ରମୁଖ କହିଛନ୍ତି। ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ତେନ୍ତୁଲିମୁଣ୍ଡା ଓ ବେଗୁନିଆବଣୀ ହାଟ ପ୍ରସଙ୍ଗ

# ହାଇକୋର୍ଟଙ୍କ ରାୟ ପରେ ତେନ୍ତୁଲିମୁଣ୍ଡା ଗ୍ରାମବାସୀ ଆଶ୍ୱସ୍ତ

ବଡ଼ସାହି, ୬।୩(ସମିସ)

ବଡସାହି ବ୍ଲକ୍ ଅଧୀନ ପଟିସାରୀ ପଞ୍ଚାୟତର ତେନ୍ତୁଲିମୁଣ୍ଡା ଓ ବେଗୁନିଆବଣୀ ଗ୍ରାମବାସୀଙ୍କ ମଧ୍ୟରେ ଏକ ହାଟକୁ ନେଇ ୧୦ ମାସ ଧରି ଚାଲିଥିବା ବିବାଦର ସମାଧାନ ହୋଇପାରୁନି। ଏ ସମ୍ପର୍କରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ବିଡିଓ ଓ ତହସିଲଦାରଙ୍କ ନିକଟରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଅଧିକାରୀ ଗ୍ରାମକୁ ଯାଇ ସମାଧାନ କରିବାକୁ ଚେଷ୍ଟା କରିଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ। ଏପରିକି ୧୪୪ ଧାରା ଜାରି ହେବା , ବ୍ଲକ୍ ସଭାଗୃହରେ ଏପିଡି, ତହସିଲଦାର, ଏବିଡିଓ ଓ ଥାନା ଅଧିକାରିଣୀଙ୍କ ଉପସ୍ଥିତିରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ସମାଧାନ କରାଯିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସଫଳ ହୋଇନାହିଁ। ଉଭୟ ପକ୍ଷ ନିଜ ନିଜ ଜିଦରେ ଅଟଳ ଥିବାବେଳେ ଉତ୍ତେଜନା ଲାଗି ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ହାଇକୋର୍ଟରେ ପହଞ୍ଚିଛି। ଉଭୟ ପକ୍ଷର ଅଭିଯୋଗ ଓ ପ୍ରତିଅଭିଯୋଗକୁ ନେଇ ହାଇକୋର୍ଟ ଜିଲ୍ଲାପାଳଙ୍କୁ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିବାବେଳେ

## ରାୟ କାର୍ଯ୍ୟକାରୀ ବିଳମ୍ବକୁ ନେଇ ଅସନ୍ତୋଷ

ତେନ୍ତୁଲିମୁଣ୍ଡା ହାଟ ସରକାରୀ ଭାବେ ପଞ୍ଚାୟତ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବାରୁ ଏହାକୁ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଫଳରେ ପ୍ରଶାସନ ସ୍ତରରେ ତତ୍ପରତା ପ୍ରକାଶ ପାଇଛି।

ତହସିଲଦାର, ବିଡିଓ, ଥାନା ଅଧିକାରିଣୀ ଓ ପଞ୍ଚାୟତକୁ ଚିଠି କରାଯାଇଥିବାବେଳେ ପଞ୍ଚାୟତ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ବେଗୁନିଆବଣୀ ହାଟ ବନ୍ଦ କରିବା ପାଇଁ ପ୍ରଚାର କରାଯାଇଛି। ଶୁକ୍ରବାର ପୁଲିସ ବେଗୁନିଆବଣୀ ଗ୍ରାମରେ ହାଟ ହେଉଥିବା ସ୍ଥାନରେ ଜଗି ରହିଥିବାବେଳେ ଦୋକାନୀ କିନ୍ତୁ ସେଠାରେ ନ ବସି ଅନ୍ୟତ୍ର ସ୍କୁଲ ପଛରେ ବସିଥିବା ଜଣାଯାଇଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ କଡା ଅଭିମୁଖ୍ୟ ଗ୍ରହଣ କରିବାକୁ ତେନ୍ତୁଲିମୁଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ତେନ୍ତୁଲିମୁଣ୍ଡା ହାଟ ମଙ୍ଗଳବାର ଓ ଶୁକ୍ରବାର ହେଉଥିବାବେଳେ ଚଳିତ ବର୍ଷ ୭୬ ହଜାର ଟଙ୍କାରେ ନିଲାମ ହୋଇଥିଲା। ଏହି ନିଲାମ ଗ୍ରାମ କମିଟି ଜରିଆରେ ଜଣେ ମହିଳାଙ୍କ ନାମରେ ନିଆଯାଇଥିବା ଜଣାଯାଇଛି। ଏ ସଂକ୍ରାନ୍ତରେ କମିଟି ପକ୍ଷରୁ ୪୦ ହଜାର ଟଙ୍କା ପଞ୍ଚାୟତରେ ଜିମା ଦିଆଯାଇଥିବାବେଳେ ବାକି ଟଙ୍କା ୧୫ ଦିନ ମଧ୍ୟରେ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ମାତ୍ର ମହାସୁଲ ଆଦାୟକୁ ନେଇ ବିବାଦ ଦେଖାଦେଇଥିବାରୁ ଏହି ହାଟକୁ ବେପାରୀ ନ ଆସି ନିକଟସ୍ଥ ବେଗୁନିଆବଣୀ ନିକଟରେ ବସିବାରୁ ବିବାଦର ସୂତ୍ରପାତ ହୋଇଥିଲା। ଏହାର ଫାଇଦା ନେଇ ବେଗୁନିଆବଣୀ ଗ୍ରାମବାସୀ ସେଠାରେ ନୂତନ ହାଟ ସ୍ଥାପନ ପାଇଁ ଅଣ୍ଟା ଭିଡିଥିଲେ। ବେଗୁନିଆବଣୀ ଗ୍ରାମବାସୀ ସେହି ଶୁକ୍ରବାର ଓ ମଙ୍ଗଳବାର ହାଟ କରିବା ପାଇଁ ସିଦ୍ଧାନ୍ତ ନେଇଥିବାରୁ ବିବାଦ ଆରମ୍ଭ ହୋଇଥିଲା। ତେଣୁ ହାଇକୋର୍ଟର ରାୟ ପରେ ଜିଲ୍ଲାପାଳ ନେଇଥିବା ସିଦ୍ଧାନ୍ତକୁ ଠିକ୍ ଭାବେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି।

## କାର୍-ବାଇକ୍ ଧକ୍କା; ଜଣେ ଗୁରୁତର

ହାଟଡ଼ିହୀ, ୬।୩(ସମିସ): ନନ୍ଦିପଦା ଥାନା ଅଧୀନ ଚଣ୍ଡିଆବିରଞ୍ଚିପୁର ନିକଟରେ ଆଜି ମଧ୍ୟାହ୍ନ ସମୟରେ ଏକ କାର ସହିତ ଜଣେ ବାଇକ୍ ଆରୋହୀଙ୍କ ଧକ୍କା ହୋଇଛି। ଫଳରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଜେଏଚ୍-୦୫-ଡ଼ିୱାଇ-୦୦୧୨ ନମ୍ବର ବିଶିଷ୍ଟ ଏକ ସ୍କର୍ପିଓ କାର ଆନନ୍ଦପୁର ଅଭିମୁଖେ ଯାଉଥିବା ବେଳେ ଓଡ଼ି-୦୯-ଏସ୍-୨୪୦୨ନମ୍ବର ବିଶିଷ୍ଟ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। କାରଟି ଝାଡ଼ଖଣ୍ଡ ଅଞ୍ଚଳର ହୋଇଥିବା ବେଳେ ବାଇକ୍ ଆରୋହୀଙ୍କ ନାମ ଦିଲ୍ଲୀପ ନାଏକ ଏବଂ ତାଙ୍କ ଘର ପାଟଣା ଥାନା ଦହିବାହାଳି ଗାଁରେ ବୋଲି ଜଣାପଡ଼ିଛି। ପୁଲିସ ଉଭୟ କାର ସହ ବାଇକ୍ ଜବତ କରି ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଛି।

## ଘର ଭିତରେ ଖବରକାଗଜ ବିତରକ ଜୀବନ୍ତ ଦଗ୍ଧ

ଆନନ୍ଦପୁର, ୬।୩ (ସମିସ): ଆନନ୍ଦପୁର ଥାନା ସନ୍ନିକଟ ବଡ଼ଦାଣ୍ଡ ସାହିରେ ଗତ ଗୁରୁବାର ବିଳମ୍ବିତ ରାତିରେ ଏକ ବଡ଼ଧରଣର ଅଘଟଣ ଘଟି ଯାଇଛି। କୌଣସି କାରଣରୁ ଶୋଇଥିବା ଅବସ୍ଥାରେ ଯୁବକ ଦେବେନ୍ଦ୍ର ମିଶ୍ର (୪୮) ପୋଡ଼ି ହୋଇ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ପରିବାର ଲୋକେ ଜାଣିବା ବେଳକୁ ଘର ଜଳୁଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ କୌଣସି ସମ୍ପତ୍ତି ଉଦ୍ଧାର କରି ପାରି ନଥିଲେ। ପୁଲିସ ଘଟଣାସ୍ଥଳରେ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ ଚଳାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିଲା ବେଳେ ପୁଲିସ ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିବା ସହ ତଦନ୍ତ ଜାରି ରଖିଛି। ମୃତ ଦେବେନ୍ଦ୍ର ଜଣେ ଲୋକପ୍ରିୟ ଖବରକାଗଜ ବିତରକ ଭାବେ ଜଣାଶୁଣା। ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। ଏହି ଘଟଣାରେ ଆନନ୍ଦପୁର ଖବରକାଗଜ ବିତରକଙ୍କ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

## ଝୁଲନ୍ତା ଶବ ଉଦ୍ଧାର

କେନ୍ଦୁଝର, ୬।୩(ସମିସ): କେନ୍ଦୁଝର ସଦର ଥାନା ଶୁଆକାଟି ଫାଣ୍ଡି ଅନ୍ତର୍ଗତ ଶୁଆକାଟି କେସିସି କ୍ୟାମ୍ପ ଜଙ୍ଗଲ ନିକଟରୁ ଜଣେ ଯୁବକଙ୍କ ଝୁଲନ୍ତା ଶବ ପୁଲିସ ଜବତ କରିଛି। ତାଙ୍କ ପରିଚୟ ମିଳିପାରିନାହିଁ। ପାଖାପାଖି ୧୦ଦିନ ହେବ ଶବ ଝୁଲି ରହିଥିବାବେଳେ ମୁହଁ ସମେତ ଶରୀର ପଚିଶଢି ଯାଇଥିବାରୁ ତାଙ୍କୁ ଚିହ୍ନଟ କରାଯାଇ ପାରୁନି। ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ରାଉତରାୟ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏନେଇ ଏକ ମାମଲା ରୁଜୁ ହୋଇଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ମୃତ ଯୁବକଙ୍କ ବୟସ ୩୫ ପାଖାପାଖି ହେବ।

## ଗଛକୁ ପିଟିଲା ବାଇକ୍; ଯୁବକ ଗୁରୁତର

ତେଲକୋଇ, ୬।୩(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ତେଲକୋଇ-ମଧୁସୁଦନପୁର-ତାଳପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଗୁଣ୍ଡୁରୀ ଯୋଡ଼ା ଅସନଘାଟି ବାଙ୍କରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଖମାର ଥାନା ଆଲୋରି ଗ୍ରାମର ଈଶ୍ୱର ମୁଣ୍ଡା ( ୩୭) ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ଅଗ୍ନିଶମ ବିଭାଗ ଗାଡ଼ିରେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସୂଚନା ଅନୁସାରେ, ଭାଇ-ଭଉଣୀ ତେଲକୋଇ ଥାନା ଅନ୍ତର୍ଗତ ଶିବନାରାୟଣପୁର ଗୋଡ଼ା ଗ୍ରାମକୁ କୁଣିଆଁ ଯାଉଥିଲେ। ଏହି ରାସ୍ତାଟି ଦୀର୍ଘଦିନ ହେବ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ପ୍ରତ୍ୟେକଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଯାତାୟାତ କରୁଥିବା ଲୋକ ଅସୁରକ୍ଷିତ ମଣୁଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

ତେଲକୋଇ, ୬।୩(ସମିସ): ତେଲକୋଇ ଥାନା ଜଗମୋହନପୁର ପଞ୍ଚାୟତ ଅଧୀନ ଟୁଙ୍ଗୁରୁବାହାଳ ଗ୍ରାମରେ ଶୁକ୍ରବାର ସକାଳେ ଜଳଧର ପ୍ରଧାନ(୪୨) ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଗଭୀର ପାଣିରେ ଅସାବଧାନତା ଯୋଗୁଁ ଗୋଡ଼ ଖସିଯିବା ଯୋଗୁଁ ବୁଡି ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗାଁ ଲୋକେ ମିଶି ଖୋଜାଖୋଜି କରିଥିଲେ। ପରେ ପୋଖରୀ ହୁଡ଼ାରେ ଜଳଧରଙ୍କ ଗାଧୋଇବା ପୋଷାକ ଦେଖି ସନ୍ଦେହ ହୋଇଥିଲା। ଏନେଇ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଜଳଧରଙ୍କ ଶବକୁ ଉଦ୍ଧାର କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଖୁଣ୍ଟାପଡ଼ାରେ ହାତୀ ଉପଦ୍ରବ

ତେଲକୋଇ, ୬।୩(ସମିସ): ତେଲକୋଇ ରେଞ୍ଜରେ ଥମୁନି ହାତୀ ଉପଦ୍ରବ। ଗତ ତିନିଦିନ ଧରି ଉଦୟଗିରି, ବନବିହାରୀପୁର ଉପଦ୍ରବ ଜାରି ରଖିଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ଖୁଣ୍ଟାପଡା ଗାଁର ଗୋଠଛଡ଼ା ଦନ୍ତା ଉପଦ୍ରବ ଚଳାଇଥିଲା। ଗ୍ରାମର କାହ୍ନୁଚରଣ ପ୍ରଧାନଙ୍କ ଘରର କବାଟ ଭାଙ୍ଗି ଧାନ ଖାଇବା ସହ ଘରର ଡିଶ ଆଣ୍ଟିନାକୁ ଟାଣି ଭାଙ୍ଗି ଦେଇଥିଲା। ସେପଟେ ଗିରିଶଚନ୍ଦ୍ର ପ୍ରଧାନଙ୍କ କଦଳୀ ଗଛ ସହ ପନିପରିବା ଫସଲକୁ ଖାଇବା ସହ ଦଳି ମକଚି ନଷ୍ଟ କରିଦେଇଛି।

## କରଞ୍ଜିଆରେ ବଢ଼ିଚାଲିଛି ଚୋରି, ଲୋକେ ଆତଙ୍କିତ

କରଞ୍ଜିଆ, ୬।୩(ସମିସ): କରଞ୍ଜିଆ ଅଞ୍ଚଳରେ ଲଗାତର ଚୋରି ଘଟଣା ଘଟୁଥିବା ଖବର ସାମ୍ନାକୁ ଆସୁଛି। ନିକଟରେ ଏକ ହୋଟେଲ ଆଗରେ ରଖାଯାଇଥିବା ଗାଡ଼ି ଡିକି ଭାଙ୍ଗି ଦୁର୍ବୃତ୍ତ ୪୦ ହଜାର ଟଙ୍କା, ମୋବାଇ, ଏଟିଏମ୍ କାର୍ଡ ଚୋରି କରିନେଇଥିଲେ। ଏ ନେଇ ୧୨ନଂ ୱାର୍ଡର ବାସିନ୍ଦା ଦିବ୍ୟରଞ୍ଜନ ରାୟ କରଞ୍ଜିଆ ଥାନାରେ ଏତଲା ଦେଇଥିଲେ। ପୁଲିସ ତଦନ୍ତ କରି ସନ୍ଦେହରେ ଆକାଶ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଆକାଶ ପ୍ରଧାନ ଯାଜପୁର ଅଞ୍ଚଳର ବାସିନ୍ଦା ଓ ସେ ପୂର୍ବରୁ କରଞ୍ଜିଆ ଅଞ୍ଚଳରେ ସୁନା ଚେନ ଚୋରି, ଖିଚିଂ ମନ୍ଦିରର ଦାନବାକ୍ସ ଚୋରି ଆଦି ଅନେକ ଘଟଣା ସହ ଜଡିତ ଥିବା ଅଭିଯୋଗ ରହିଛି। ଏହାସହିତ ତାଙ୍କର ଏକ ଚୋର ଦଳ ଥିବା କୁହାଯାଉଛି। ଯାହାର ମୁଖ୍ୟ ଭାବେ ଆକାଶ ପ୍ରଧାନ କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକ ଆଲୋଚନା କରୁଛନ୍ତି।

## ଚଢ଼ିଗଲା ଧାନ ଟ୍ରାକ୍ଟର; ଜଣେ ମୃତ

ହାଟଡ଼ିହୀ, ୬।୩(ସମିସ): ସୋସୋ ଥାନା ପୁରୁଣାପାଣି ନିକଟରେ ଏକ ଧାନ ବୋଝେଇ ଟ୍ରାକ୍ଟର ଚଢ଼ିଯିବାରୁ ଆନନ୍ଦପୁର ଥାନା ଗୟଳମୁଣ୍ଡା ପଞ୍ଚାୟତ ଭାଲୁଘେରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ପୁଅ ରାମଜନଙ୍କ ମୃତ୍ୟୁ ଘଟିଛି। ଏକ ଟ୍ରାକ୍ଟର ଯୋଗେ ବୀରଭଦ୍ର ରାଇସ୍ ମିଲକୁ ଧାନ ଧରି ଆସୁଥିଲେ। ଖରା ଯୋଗୁଁ ରାମଜାନଙ୍କ ଦେହ ଝାଇଁମରା ହେବାରୁ ସେ ଟ୍ରାକ୍ଟରରୁ ଖସି ପଡ଼ିଥିଲେ ବୋଲି ତାଙ୍କ ସମ୍ପର୍କୀୟ କହିଛନ୍ତି। ଉକ୍ତ ଟ୍ରାକ୍ଟରର ପଛ ଚକ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇ ଥିଲାବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାଯାଇଛି। ମିଲର ମଣ୍ଡିରୁ ଧାନ ଆଣିବାର ବ୍ୟବସ୍ଥା ଥିଲାବେଳେ ଚାଷୀ ୫୦କିମି ଦୂର ମିଲକୁ ନିଜେ ଧାନ ଆଣିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ହେଉଛି। ଧାନ କିଣା ପାଇଁ ସରକାରଙ୍କ ଏତେ ବ୍ୟବସ୍ଥା ପରେ ଚାଷୀର ମୃତ୍ୟୁ ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ସୋସୋ ପୁଲିସ ଘଟଣାସ୍ଥଳରେ ରହି ତଦନ୍ତ ଜାରି ରଖିଥିବା ଜଣାଯାଇଛି।

## ବଡ଼ପୁରୁଣାପାଣିକୁ ପଞ୍ଚାୟତ ମାନ୍ୟତା ଦାବି



ଶରତ/ଆନନ୍ଦପୁର/କେନ୍ଦୁଝର, ୬।୩(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଆନନ୍ଦପୁର ବ୍ଲକ ଅଧୀନ ଗୟଳମୁଣ୍ଡା ପଞ୍ଚାୟତର ବଡ଼ପୁରୁଣାପାଣି ରାଜସ୍ୱ ଗ୍ରାମକୁ ନୂତନ ଭାବେ ଗ୍ରାମ ପଞ୍ଚାୟତ ମାନ୍ୟତା ପ୍ରଦାନ କରାଯିବା ଦାବିରେ ପଞ୍ଚାୟତବାସୀ ଆଜି କେନ୍ଦୁଝର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୧ ଜନଗଣନା ଅନୁସାରେ ଜିଲ୍ଲାର ଏହି ପଞ୍ଚାୟତରେ ୮୮୬୭ ଜନସଂଖ୍ୟା ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ଜନସଂଖ୍ୟା ପ୍ରାୟ ୨୦,୦୦୦ ହଜାରରୁ ଅଧିକ ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପଞ୍ଚାୟତରେ ବସବାସ କରୁଥିବା ଅଧିକାଂଶ ପରିବାର ଅନୁସୂଚିତ ଜାତି ଓ ଜନଜାତିର ଅଟନ୍ତି ବୋଲି ଦର୍ଶାଯାଇଛି। ପଞ୍ଚାୟତରେ ୧୪ଟି ରାଜସ୍ୱ ଗ୍ରାମ ଗୟଳମୁଣ୍ଡା, ବଡ଼ପୁରୁଣାପାଣି, ବାଦୁଡିଘର, ଦେଓଝରଣ, ଧବଣୀ, କନ୍ତଲା, କୋଲଡିହା, ମାନଙ୍କବେଡା, ମରଣଡିହି, ଫୁଟାଝରୀ, ଉଲେକୁଣ୍ଡି ଓ ଉଲିବସା ରହିଛି।

ଗୟଳମୁଣ୍ଡା ପଞ୍ଚାୟତ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଗ୍ରାମରୁ ଆନନ୍ଦପୁର ଉପଖଣ୍ଡ ୩୫ କିମି ଦୂରତାରେ ଥିବାବେଳେ ସେମାନେ ତାଙ୍କ ଗ୍ରାମ ପାଖରୁ ୧୫ କିମି ଦୂରତାରେ ଥିବା ଠାକୁରମୁଣ୍ଡା ବଜାର ଉପରେ ନିର୍ଭରଶୀଳ। ପଞ୍ଚାୟତରେ ବର୍ଦ୍ଧିତ ଜନସଂଖ୍ୟା ହୋଇଥିବା କାରଣରୁ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ପଞ୍ଚାୟତ ପ୍ରଶାସନ ବିଫଳ ହେଉଥିବା ଓ ଯୋଜନାରେ ପଞ୍ଚାୟତବାସୀ ଉପକୃତ ହୋଇ ପାରୁ ନ ଥିବା ଅଭିଯୋଗ କରିଛନ୍ତି। ଏପରିକି ଅନେକ ହିତାଧିକାରୀ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା, ଖାଦ୍ୟ ସୁରକ୍ଷା ଆଇନରୁ ବଞ୍ଚିତ ହେଉଛନ୍ତି। ତେଣୁ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ-୧୯୬୪ ଅନୁସାରେ ନୂତନ ପଞ୍ଚାୟତ ଗଠନ କରାଯିବାକୁ ବଡ଼ପୁରୁଣାପାଣିବାସୀ ଦାବି କରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ବାଲକ୍ରିଷ୍ଣା ହୋ, ଗୋପୀନାଥ ଟୁଡୁ, ଦିପୁନ ସୟ, ସମାଜସେବୀ ଗାମାଏ ରୀମିଲ ସିଂ ଗୋଇପାଇ, ନବୀନ ମୁଣ୍ଡୁରୀ, ସାଧୁ ଚରଣ ଗାଗାରାଇ, ବିରେନ୍ଦ୍ର ସିର୍କା, ସଂଜୀବ ଦଙ୍ଗ, ମହେଶ୍ୱର ବିରୁଆ, ମାଙ୍ଗାତା ପୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## 'ଆଞ୍ଚଳିକ କୃଷି ମେଳାରେ ମହିନ୍ଦ୍ରା ଟ୍ରାକ୍ଟରର ରହିଛି ଚାହିଦା'



ବାରିପଦା, ୬।୩(ସମିସ): ବାରିପଦା ଛଉ ପଡ଼ିଆରେ ଆୟୋଜିତ ଆଞ୍ଚଳିକ କୃଷି ମେଳା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ପାଇଁ ଅନୁଷ୍ଠିତ ହୋଇଛି। ଉକ୍ତ ମେଳାରେ ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚାଷୀ ଉନ୍ନତ ମାନର କୃଷି ଯନ୍ତ୍ରପାତିର ସହାୟତାରେ ଚାଷ କରିବା ଫଳରେ ଭାରତର ଅର୍ଥନୀତି ଆଗକୁ ବଢ଼ି ଆଜି ବିଶ୍ୱରେ ୪ର୍ଥ ସ୍ଥାନକୁ ପହଞ୍ଚି ପାରିଛି। କୃଷକର ଉନ୍ନତି ହେଲେ ହିଁ କେବଳ ରାଜ୍ୟ ଓ ଦେଶର ଉନ୍ନତି ସମ୍ଭବ ବୋଲି କହିଥିଲେ। ଚାଷୀଙ୍କ ଉନ୍ନତି ଦ୍ୱାରା ଆଜି ଭାରତ ଆଧୁନିକ ଅର୍ଥନୀତିରେ ବିଶ୍ୱର ୪ର୍ଥ ସ୍ଥାନକୁ ପହଞ୍ଚି ପାରିଛି ବୋଲି କହିଥିଲେ। ମୟୁରଭଞ୍ଜ ଜିଲ୍ଲା କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ଧଳ ଧନ୍ୟବାଦ ଦେଇଥିଲେ। ମେଳାରେ ମହିନ୍ଦ୍ରା ଟ୍ରାକ୍ଟରର ଚାହିଦା ଅଧିକ ଥିବା ନେଇ ମୟୂର ଏଣ୍ଟରପ୍ରାଇଜେସର ମୁଖ୍ୟ ସନତ କୁମାର ଦାଶ କହିଛନ୍ତି। ଚଳିତ ବର୍ଷ ଏପର୍ଯ୍ୟନ୍ତ ଜିଲ୍ଲାରେ ୪୦୦ରୁ ଅଧିକ ଚାଷୀ ଗ୍ରାହକ ହୋଇଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି।

## ୯ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

ରାଇରଙ୍ଗପୁର, ୬।୩ (ସମିସ): ଆସନ୍ତା ୯ ତାରିଖରେ ବାମନଘାଟି ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଉକ୍ତ ଶିବିରରେ ବାମନଘାଟୀ ଉପଖଣ୍ଡର ସମସ୍ତ ଉପଖଣ୍ଡସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ସିଡିପିଓ, ବାମନଘାଟୀ ଉପଖଣ୍ଡ ଅଧୀନସ୍ଥ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଅଭିଯୋଗର ଶୁଣାଣି କରାଯିବ।

### କେନ୍ଦ୍ରୀୟ ଜୋନାଲ କୁଳପତି ସମ୍ମିଳନୀ

## ଏମ୍ଏସ୍ସିବିର 'ପବିତ୍ର କୁଞ୍ଜ' ପୋଷ୍ଟର ପ୍ରଥମ

ବାରିପଦା, ୬।୩(ସମିସ): ଫେବୃୟାରୀ ୧୯ ଓ ୨୦ ତାରିଖରେ ଅନୁଷ୍ଠିତ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର କେନ୍ଦ୍ରୀୟ ଜୋନାଲ୍ କୁଳପତି ସମ୍ମିଳନୀରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଦର୍ଶିତ ପୋଷ୍ଟର ପ୍ରଥମ ସ୍ଥାନ ଅଧିକାର କରିଛି। ଏହାର ମାନପତ୍ର ବିଶ୍ୱବିଦ୍ୟାଳୟକୁ ହସ୍ତଗତ ହୋଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଅବସ୍ଥିତ ପବିତ୍ର କୁଞ୍ଜ (ସାକ୍ରେଡ୍ ଗ୍ରୋଭ୍)କୁ ସର୍ବୋତ୍ତମ ପ୍ରଥା (ବେଷ୍ଟ ପ୍ରାକ୍ଟିସ୍) ଭାବେ ଦର୍ଶାଇ ତିଆରି ହୋଇଥିବା ପୋଷ୍ଟରକୁ ଏହି ସମ୍ମାନ ଦେଇଥିବାରୁ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଏଆଇୟୁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ପୋଷ୍ଟର ଡିଜାଇନର କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଶୋୟୀ ଓ ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ ଯତୀନ୍ଦ୍ରନାଥ ବେଶ୍ରାଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି। ମୟୂରଭଞ୍ଜର ଜନଜାତିଙ୍କ ଧାର୍ମିକ ପ୍ରଥା ଓ ସାଂସ୍କୃତିକ ପରମ୍ପରାର ଭିତ୍ତିକୁ ସଂରକ୍ଷଣ କରିବାର ଏକ ମହତ୍ କାର୍ଯ୍ୟ ସାଧନ ରୂପେ ପବିତ୍ର କୁଞ୍ଜର ପରିକଳ୍ପନା କରାଯାଇଛି। ଏହା ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ, ସାଂସ୍କୃତିକ ଦୃଷ୍ଟିରୁ ସମ୍ବେଦନଶୀଳ ଓ ଆଞ୍ଚଳିକ ଜୈବ ବିବିଧତା ସଂରକ୍ଷଣରେ ଆଧ୍ୟାତ୍ମିକ ଭାବେ ଗୁରୁତ୍ୱପୂର୍ଣ୍ଣ। ପ୍ରାକୃତିକ ସମ୍ପଦର ସମ୍ପ୍ରଦାୟ ଭିତ୍ତିକ ପରିଚାଳନାର ଏକ ସର୍ବୋତ୍ତମ ଉଦାହରଣ। ଏହି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଖବର ମିଳିବା ପରେ ବିଶ୍ୱବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି।

## ସିଭିଲ ସର୍ଭିସରେ ସାତ୍ତ୍ୱିକଙ୍କ କୃତିତ୍ୱ

ହାଟଡ଼ିହୀ, ୬।୩(ସମିସ): ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ଆଣିଲେ ସାତ୍ତ୍ୱିକ। କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ପଞ୍ଚାୟତ ଜଳକଲଙ୍ଗ ଗ୍ରାମର ଗୋସ୍ୱାମୀ ଗୋଲାମ୍ ଦେବତାଙ୍କ ପୁଅ ସାତ୍ତ୍ୱିକ ସତ୍ୟକାମ ଦେବତା ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୦୦ ନମ୍ବରରେ ରହିଛନ୍ତି। ଏନେଇ ପରିବାର, ବନ୍ଧୁବାନ୍ଧବଙ୍କ ସହ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସାତ୍ତ୍ୱିକଙ୍କ କୃତିତ୍ୱ ପାଇଁ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛା ଛୁଟିଛି।

## ଦୋଳ ମେଳଣକୁ ନେଇ ସାଇଁକୁଳା ଉତ୍ସବ ମୁଖର

କୁଆମରା, ୬।୩(ସମିସ): ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳାରେ ୧୨୨ ବର୍ଷରେ ପଦାର୍ପଣ କରିଛି ପ୍ରସିଦ୍ଧ ଦୋଳ ମେଳଣ। ଉତ୍ସବ ମୁଖର ହୋଇଉଠିଛି ସାଇଁକୁଳା ଅଞ୍ଚଳ। ଏହି ମେଳଣ ମୟୂରଭଞ୍ଜ ଓ ପଡ଼ୋଶୀ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସୁସଜ୍ଜିତ ବିମାନର ମିଳନ ସ୍ଥଳରେ ୩୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ଦେଖିବାକୁ ମିଳିଥିଲା। ଗ୍ରାମର ଦୁଇ ସାମରାୟ, ଦୁଇ ରାହାସ ବିହାରୀଜୀଉ, ଗୋବିନ୍ଦ ଗୋପାଳଜୀଉ, ଦୁଇ ରାଧାମୋହନ ଜୀଉ, ବ୍ରଜ ବିନୋଦ ରାୟ ପ୍ରଭୃତି ସାତ ଠାକୁର ପୂଜା ମଣ୍ଡପକୁ ବିଜେ କରିଥିଲେ। ୯ ଦିନ ପୂଜା ମଣ୍ଡପରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଚଳିତ ବର୍ଷ ବିମାନ ମଣ୍ଡପରେ ୧୩୦ ରାଧାକୃଷ୍ଣଙ୍କ ବିଗ୍ରହ ଆସି ମିଳିତ ହୋଇଥିଲେ। କମିଟି ସଭାପତି ବୈଦ୍ୟନାଥ ମିଶ୍ର ଓ ସଂପାଦକ ଚନ୍ଦ୍ରଶେଖର ଦାସଙ୍କ ସମେତ ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ମେଳା ଶେଷ ପର୍ଯ୍ୟନ୍ତ ଏଠାରେ ଏକ ଅସ୍ଥାୟୀ ଫାଣ୍ଡି ପ୍ରତିଷ୍ଠା ହୋଇଛି। ମେଳାରେ ଶୃଙ୍ଖଳା ପାଇଁ ଉଦଳା ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାୟକ, ବାରିପଦା ଥାନା ଇନ୍ସପେକ୍ଟର ରାମହରି ସେଠୀ, ଖୁଣ୍ଟା ଥାନା ସେକେଣ୍ଡ ଅଫିସର ଲିଲି ବେହେରା, ଉଦଳା ଥାନା ସବ୍ ଇନ୍ସପେକ୍ଟର ଜଗନ୍ନାଥ ପୋଇ, କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତିଙ୍କ ସମେତ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଅତିରିକ୍ତ ତହସିଲଦାର ଶୁଭନ ନାୟକ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅଛନ୍ତି।

## ପରିକ୍ରମା ପକ୍ଷରୁ ବସନ୍ତ ଉତ୍ସବ




ରାଇରଙ୍ଗପୁର, ୬।୩(ସମିସ): ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ପରିକ୍ରମା ପକ୍ଷରୁ ବସନ୍ତ ଉତ୍ସବ ରଙ୍ଗ ରଙ୍ଗୋଲି ଅନୁଷ୍ଠିତ ହୋଇଛି। ସ୍ଥାନୀୟ କୁଚେଇବୁଡୀସ୍ଥ ଦୁର୍ଗା ମଣ୍ଡପରେ ଅନୁଷ୍ଠାନର ଅଧ୍ୟକ୍ଷ ଈଶାନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମାରୋହରେ ଅତିଥି ଭାବେ ଉଦ୍ୟୋଗପତି ଜଗଦୀଶ ମିଶ୍ର, ସମାଜସେବୀ ପ୍ରସନ୍ନ ସାହୁ, ପୂର୍ବତନ ବିଧାୟକ ସାଇବା ସୁଶୀଲ ହାଁସଦା, ଶ୍ୟାମଚରଣ ହାଁସଦା, ରାଇରଙ୍ଗପୁର ବାର୍ ଆସୋସିଏସନ ସଭାପତି ଅକ୍ଷୟ ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ମନୋଜ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ସୁବାସ ମଣ୍ଡଳ ମଞ୍ଚାସୀନ ଥିଲେ। ଏ ଅବସରରେ ବିଚ୍ଛିନ୍ନାଞ୍ଚଳ ଷଢ଼େଇକଳାର ଓଡ଼ିଆ ଭାଷା ସୁରକ୍ଷାର ଅଗ୍ରଣୀ କର୍ମୀ, ସାମ୍ବାଦିକ ଓ ସ୍ତମ୍ଭକାର କାର୍ତ୍ତିକ ପରିଚ୍ଛାଙ୍କୁ ପ୍ରତିବେଶୀ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଶିକ୍ଷାବିତ ଡ. ଭାଗବତ ଲେଙ୍କାଙ୍କୁ ଶିକ୍ଷାବିତ ଅନନ୍ତ ମିଶ୍ର ସ୍ମୃତି ସମ୍ମାନ, ସାମାଜିକ କର୍ମୀ ଦୁଷ୍ମନ୍ତ ଦାସଙ୍କୁ ଦ୍ରୁପଦ ଚନ୍ଦ୍ର ଉଗରା ସ୍ମୃତି ସମ୍ମାନ, ଲୋକପ୍ରିୟ କଣ୍ଠଶିଳ୍ପୀ ପୁଷ୍ପା ପଣ୍ଡାଙ୍କୁ ଗୀତିକବି ଜିତେନ୍ଦ୍ର ପଟ୍ଟନାୟକ ସ୍ମୃତି ସମ୍ମାନ, ଲୋକଗୀତ କଣ୍ଠଶିଳ୍ପୀ ଦେବକୀ ମହାନ୍ତଙ୍କୁ ଝୁମର ବିଶାରଦ ଗିରୀଶ ଚନ୍ଦ୍ର ମହାନ୍ତ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଥମ ଅଧିବେଶନରେ କବିତା ଆସର ଫଗୁଣର ଫଗୁରେ ବହୁ ନୂତନ ଓ ପୁରାତନ କବି କବୟିତ୍ରୀ ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହାକୁ କବି ଦିଗମ୍ବର ଗିରି ସଂଯୋଜନା କରିଥିବାବେଳେ ଅତିଥି ଭାବେ ସଚିକାନ୍ତ କର, ଲଳିତ ମହାନ୍ତ ଓ ରମେଶ୍ୱରୀ ପଟ୍ଟନାୟକ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ କୁଇଜ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କୁଇଜ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାସୁଦେବ ବରାଳଙ୍କ ନିର୍ଦ୍ଦେଶନାରେ ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ସମାରୋହକୁ ରଞ୍ଜନ ନନ୍ଦ ସଂଯୋଜନା କରିଥିଲେ। ସମସ୍ତ ଅତିଥି ଓ ଶୁଭେଚ୍ଛୁଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରୀତି ଉପହାର ପ୍ରଦାନ କରାଯାଇଥିଲା। ଦୁଷ୍ମନ୍ତ ଦାସ, ବାପୁ କାନୁନଗୋ, ନାଟୁ ଦାସ, ବାବୁ ମହାନ୍ତି, କିଶୋର ମଲ୍ଲିକ, ଗୋପୀ ପଟ୍ଟନାୟକ, ଜନାର୍ଦ୍ଦନ ରାମ, ପୁଷ୍ପଶ୍ରୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଂଗ୍ରେସର ଜନ ଅଧିକାର ସମାବେଶ

ଯୋଡ଼ା, ୬।୩(ସମିସ)




ଜିଲ୍ଲା କଂଗ୍ରେସ ସଭାପତି ଇଂ ମନୋଜ ଜେନାଙ୍କ ଆହ୍ୱାନକ୍ରମେ ନଗର ସଭାପତି ସୁବ୍ରତ ନାୟକଙ୍କ ତତ୍ତ୍ୱାବଧାନରେ ଯୋଡ଼ାସ୍ଥିତ ବଣେଇକଳା ଦୁର୍ଗା ମଣ୍ଡପ ପଡ଼ିଆରେ ଏକ ବିରାଟ ଜନ ଅଧିକାର ସମାବେଶ ଅନୁଷ୍ଠିତ ହୋଇଯାଇଛି ପୂର୍ବତନ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା ସାଂସଦ ଯଶୋବନ୍ତ ସିଂ ଲାଗୁରି ଏବଂ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲୁଲୁ, ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରୀ, ସୁବର୍ଣ୍ଣ ନାଏକ, ରାମଚନ୍ଦ୍ର କଡନ ପ୍ରମୁଖ ଜିଲ୍ଲାର ବିଭିନ୍ନ ବ୍ଲକରୁ ହଜାର ହଜାର ସଂଖ୍ୟାରେ ମହିଳା ପୁରୁଷଙ୍କୁ ଉଦବୋଧନ ଦେଇଥିଲେ। ରାଜ୍ୟ ଆଦିବାସୀ ସେଲ ଅଧ୍ୟକ୍ଷ ଯଶୋବନ୍ତ ନାରାୟଣ ସିଂ ଲାଗୁରି ସଭା ପରିଚାଳନା କରିଥିଲେ। ଏ ଅଞ୍ଚଳରୁ ପ୍ରତିଦିନ କୋଟି କୋଟି ଟଙ୍କାର ଲୁହାପଥର ରପ୍ତାନି ହେଉଥିବା ବେଳେ ଏଠିକାର ଆଦିବାସୀ ନିଜ ଅଧିକାରରୁ ବଞ୍ଚିତ ହେବା ଘଟଣା ବରଦାସ୍ତ କରାଯିବ ନାହିଁ। ଏଠିକାର ଅନେକ ବେକାର ଯୁବକ ଯୁବତୀ ଦାଦନ ଖଟିବାକୁ ଯିବା ଦୁର୍ଭାଗ୍ୟ ଜନକ ବୋଲି ଶ୍ରୀ ଦାସ କହିଥିଲେ। ଶ୍ରୀ ଦାସ ଆଗକୁ ନ୍ୟାୟ ପାଇଁ ଜୋରଦାର ଲଢେଇ କରିବାକୁ ଆଗଭର ହେବାକୁ ଯୁବପିଢ଼ିଙ୍କୁ ପ୍ରବାର୍ତ୍ତାଇଥିଲେ। ପିସିସି ସଭାପତି ଜୟଦେବ ଜେନା କାନପୁର ଡ୍ୟାମ ବିଷୟରେ କହିଥିଲେ ଯେ ୩୦ ବର୍ଷ ହେଲାଣି ତାହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ବିଦ୍ୟାଳୟ ଓ ଡାକ୍ତରଖାନା ଅବସ୍ଥା ଶୋଚନୀୟ ହୋଇପଡିଛି ବୋଲି କହିବା ସହ ସରକାର ସବୁ ଦେଖି ଶୁଣି ଚୁପ ରହି ଜନସାଧାରଣଙ୍କ ସହ ପ୍ରତାରଣା କରୁଥିବା କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କ ସହାୟତା ମିଳିବ।

**ବୃଷ:** ଉଧାର ଟଙ୍କା ଫେରି ପାଇବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ଯାନବାହନ କିଣିପାରନ୍ତି। ମନ ପ୍ରସନ୍ନ ରହିବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମିଥୁନ:** ସଫଳତା ପାଇବା ପାଇଁ ପରିଶ୍ରମ କରନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ। ଦୀର୍ଘ ଦିନର ଆଶା ପୂରଣ ହେବ।

**କର୍କଟ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ପୁରୁଣା ବନ୍ଧୁ ଦେଖା ହୋଇପାରନ୍ତି। ଅଯଥା ଖର୍ଚ୍ଚ ବୃଦ୍ଧି ପାଇପାରେ।

**ସିଂହ:** କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଚାକିରିରେ ସଫଳତା ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**କନ୍ୟା:** ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ଅଚାନକ ଖୁସି ଖବର ପାଇପାରନ୍ତି।

**ତୁଳା:** ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ।

**ବିଛା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ଧନୁ:** ଅତ୍ୟଧିକ ଚିନ୍ତା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଯୋଜନା ମୁତାବକ କାମ ହେବ। ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ।

**ମକର:** ମଜାମସ୍ତିରେ ଦିନ ବିତିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଧୈର୍ଯ୍ୟ ରଖି କାମ କରିବା ଭଲ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଘରେ ପୂଜାପାଠ ଆୟୋଜନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

## ଆଜିର ଇତିହାସ

- ୧୯୦୬-ଫିନ୍‌ଲ୍ୟାଣ୍ଡରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୬୧- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଦେହାନ୍ତ।
- ୧୯୬୯- ଗୋଲ୍‌ଡା ମୀର ଇସ୍ରାଏଲର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୮ - ମହାକାଶଯାତ୍ରୀମାନେ ମଙ୍ଗଳଗ୍ରହରେ ହ୍ରଦ ଠାବ କଲେ।


# କ୍ୟାଟ୍ରିନା, କିଆରା ପରଦାକୁ ଫେରିବା ମୁସ୍କିଲ- ଶୋଭା



ବଲିଉଡ୍‌ରେ ସିଫ୍ଟରେ ଘଣ୍ଟା ଘଣ୍ଟା ଧରି କାମ କରିବା କଥାକୁ ନେଇ ଅନେକ ଦିନରୁ ବାଦ ବିବାଦ ଦେଖା ଦେଇଛି। ଅଭିନେତ୍ରୀ ଦୀପିକା ପାଦୁକୋନ୍ ୮ ଘଣ୍ଟା ସିଫ୍ଟରେ କାମ କରିବା ପାଇଁ ଦାବି ରଖି 'ସ୍ପିରିଟ୍' ଓ 'କଲ୍‌କି ୨୮୯୮ ଏଡି ୨'ରୁ ଓହରି ଯାଇଥିଲେ। ଇତିମଧ୍ୟରେ ଲେଖିକା ଶୋଭା ଦେ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି। ଶୋଭାଙ୍କ କହିବା ଅନୁଯାୟୀ, 'ବଲିଉଡ୍‌ରେ ସମସ୍ତେ ଏଭଳି ସର୍ତ୍ତ ରଖି ପାରିବେ ନାହିଁ। ଭବିଷ୍ୟତରେ ରାଧିକା ଆପ୍ଟେ ଯଦି ଏଭଳି ସର୍ତ୍ତ ରଖିବେ ପ୍ରଯୋଜକ ତୁରନ୍ତ ତାଙ୍କୁ ଫିଲ୍ମରୁ ବାହାର କରିଦେବେ। ସେ ଆହୁରି ମଧ୍ୟ କହିଛନ୍ତି, 'କ୍ୟାଟ୍ରିନା କୈଫ୍, କିଆରା ଆଡଭାନୀ ମା' ହେବା ପରେ ଇଣ୍ଡଷ୍ଟ୍ରୀକୁ ଫେରିବା ମୁସ୍କିଲ। ଫିଲ୍ମ ଇଣ୍ଡଷ୍ଟ୍ରୀରେ ନିଜ ଇଚ୍ଛାନୁସାରେ କାମ କରିବା ସାହସ କେବଳ ହାତଗଣତି କେତେଜଣ କଳାକାରଙ୍କ ପାଖରେ ରହିଛି। ଦୀପିକା ପାଦୁକୋନ୍, ପ୍ରିୟଙ୍କା ଚୋପ୍ରା ଭଳି ହିରୋଇନ୍‌ମାନେ ପ୍ରଯୋଜକଙ୍କ ସହ ଡିଲ୍ କରିପାରିବେ। ମୋତେ ଲାଗୁନି ଅନ୍ୟ ନାୟିକାମାନେ ଏଭଳି ସର୍ତ୍ତ ରଖିପାରିବେ। ସିନେମା ଏକ ବିଜିନେସ୍। ଦର୍ଶକଙ୍କୁ ସିନେମା ହଲ୍ ପର୍ଯ୍ୟନ୍ତ ଆଣି ଟଙ୍କା ରୋଜଗାର କରିବା କିଛି କଳାକାର ହିଁ କରିପାରିବେ। ପ୍ରତ୍ୟେକ ଅଭିନେତ୍ରୀ ମା' ହେବା ପରେ ପୂର୍ବଭଳି ସଫଳତା ହାସଲ କରିପାରିବା ମୁସ୍କିଲ। ମା' ହେବା ପରେ କ୍ୟାଟ୍ରିନା, କିଆରା ପୂର୍ବଭଳି କ୍ୟାରିୟରରେ ସଫଳତା ହାସଲ କରି ପାରିବେ ମୋତେ ସନ୍ଦେହ ହେଉଛି। ଆଲିଆ ଭଟ୍ଟ ମା' ହେବା ପରେ ଖୁବ୍‌ଶୀଘ୍ର ପରଦାକୁ ଫେରି ଆସିଲେ। । ତେଣୁ ଏହା ତାଙ୍କ କ୍ୟାରିୟର ଉପରେ ସେତେଟା ପ୍ରଭାବ ପକାଇ ପାରିଲାନି। ଆଲିଆ ନିଜ ସର୍ତ୍ତାନୁସାରେ କାମ କରିବା ଜାଣିଛନ୍ତି।' ସେହିଭଳି ଶୋଭା କାର୍ତ୍ତିକ୍‌ଙ୍କ ଅଭିନୟର ପ୍ରଶଂସା କରିବା ସହ ତାଙ୍କ ଭବିଷ୍ୟତକୁ ନେଇ ସେ ଅନିଶ୍ଚିତ ଥିବା କହିଛନ୍ତି।


# ଭିନ୍ନ ଏକ ଗାଁ ପ୍ରତିଟି ଲୋକ ଜାଣନ୍ତି ରଶି ଉପରେ ଚାଲିବା

ପ୍ରତ୍ୟେକ ଗାଁ ତା'ର ନିଜସ୍ୱ ସ୍ୱତନ୍ତ୍ରତା ତଥା ଭିନ୍ନତା ପାଇଁ ପ୍ରସିଦ୍ଧି ଲାଭ କରିଥାଏ। ସେମିତି ଏକ ଗାଁ ହେଲା ରୁଷର ତ୍ସୋବକ୍ରା ୧। ଗ୍ରେଟର୍ କାକେଶସ୍ ପର୍ବତମାଳା ମଧ୍ୟରେ ଥିବା ଏହି ଗାଁର ସ୍ୱତନ୍ତ୍ରତା ହେଉଛି, ପ୍ରତ୍ୟେକ ଗ୍ରାମବାସୀ ଏଠାରେ ରଶି ଉପରେ ଚାଲିବା କଳା ଶିଖିଛନ୍ତି। ଦୀର୍ଘ ୧୦୦ ବର୍ଷ ହେଲାଣି ଏଠାରେ ରଶି ଉପରେ ଚାଲିବା ପରମ୍ପରା ଚାଲି ଆସୁଛି। ଏଠାକାର ପାଖାପାଖି ୧୭ ଜଣ କଳାକାର ରୁଷର ନାମୀଦାମୀ ସର୍କସଗୁଡ଼ିକରେ ନାଁ କମାଇଛନ୍ତି। ଯଦିଓ ଏବେ ଗାଁର ଜନସଂଖ୍ୟା ୪୦୦ରୁ କମ୍ ରହିଛି, ଏଠାରେ କୁନି କୁନି ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକ ପର୍ଯ୍ୟନ୍ତ ସମସ୍ତେ ନିୟମିତ ରଶି ଉପରେ ଚାଲିବା ଅଭ୍ୟାସ କରନ୍ତି। ତେବେ ଏଭଳି ପରମ୍ପରା ପ୍ରେମରୁ ଆରମ୍ଭ ହୋଇଥିବା କୁହାଯାଏ। ଏହି ଗାଁରେ ଯୁବକମାନେ ପାହାଡ଼ ପଡ଼ୋଶୀ ଗାଁରେ ଥିବା ଯୁବତୀମାନଙ୍କୁ ପ୍ରେମ ନିବେଦନ କରିବାକୁ ଅନେକ ଦିନ ଚାଲି ଚାଲି ଯାଉଥିଲେ। ଏହାପରେ ଯୁବକମାନେ ରଶି ଦ୍ୱାରା ଶୀଘ୍ର ସେମାନଙ୍କ ପ୍ରେମିକାମାନଙ୍କ ପାଖରେ ପହଞ୍ଚିବା ପାଇଁ ଉପାୟ ବାହାର କଲେ। ହେଲେ ଏହି କଥାକୁ ଗାଁର କିଛି ଲୋକ ମାନନ୍ତି ନାହିଁ। ସେମାନଙ୍କ କହିବା କଥା, ଏହି ଅଞ୍ଚଳରେ ପୋଲଗୁଡ଼ିକ ଭାଙ୍ଗି ଯାଉଥିବାରୁ ଲୋକେ ରଶି ସାହାଯ୍ୟରେ ଚାଲୁଥିଲେ। ଧୀରେ ଧୀରେ ଏହି ଆବଶ୍ୟକତା ଏକ କଳାରେ ପରିଣତ ହେଲା। ଏହାପରେ ଏହି ଗାଁର ଲୋକେ ସେମାନଙ୍କ କଳାକୁ ଅନ୍ୟ ଆଖାପାଖ ଗାଁର ଲୋକଙ୍କୁ ପ୍ରଦର୍ଶନ କଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସୋଭିଏତ୍ ସର୍କସ ଯେବେ ଲୋକପ୍ରିୟ ହେଲା, ସେତେବେଳେ ଏଠାକାର କଳାକାରମାନେ ସାରା ଦେଶରେ ଚର୍ଚ୍ଚିତ ହେବାକୁ ଲାଗିଲେ। ହେଲେ ଏବେ ଏଠାକାର ଯୁବପିଢ଼ି କାର୍ଯ୍ୟ ସନ୍ଧାନରେ ବାହାରକୁ ଚାଲି ଯାଉଥିବାରୁ ଏହି ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି।



## ଆଜି ବାହୁଡ଼ିଥିଲେ

# କର୍ମବୀର ଗୌରୀଶଙ୍କର ରାୟ



ଊନବିଂଶ ଶତାବ୍ଦୀରେ ଓଡ଼ିଆ ନବଜାଗରଣର ପୁରୋଧା ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କର ଅବଦାନ ଥିଲା ଅତୁଳନୀୟ। ତାଙ୍କ ନିଷ୍ଠାପର କର୍ମପାଇଁ ତାଙ୍କୁ 'କର୍ମବୀର' ଆଖ୍ୟା ଦିଆଯାଇଥିଲା। ସେ ଏକାଧାରରେ ଥିଲେ ଜଣେ ନିଷ୍ଠାପର ସମାଜ ସଂସ୍କାରକ, ଦକ୍ଷ ସଂଗଠକ, ଓଡ଼ିଆ ସାମ୍ବାଦିକତାର ଜନକ, ପ୍ରଚଣ୍ଡ ଜାତୀୟତାବାଦୀ ନେତା ତଥା ଶିକ୍ଷା ଓ ସଂସ୍କୃତି ପ୍ରେମୀ। ଓଡ଼ିଶାରେ ସାମ୍ବାଦିକତା, ସାହିତ୍ୟ ଏବଂ ସ୍ୱାଭିମାନକୁ ସେ ପରିପୁଷ୍ଟ କରିଥିଲେ। ସେ ଥିଲେ ଓଡ଼ିଶାର ପ୍ରଥମ ଖବରକାଗଜ 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା ସମ୍ପାଦକ। 'ଉତ୍କଳ ଦୀପିକା' ତତ୍‌କଳୀନ ଓଡ଼ିଶାକୁ ସାମାଜିକ, ନୈତିକ ତଥା ରାଜନୈତିକ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେବାରେ ସଫଳ ହୋଇଥିଲା। ୧୮୩୮ ମସିହା ଜୁଲାଇ ୧୩ ତାରିଖରେ କଟକ ଜିଲ୍ଲା ଅସୁରେଶ୍ୱର ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଗାଁ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ କଟକରେ ହାଇସ୍କୁଲ ଏବଂ ପରେ ଉଚ୍ଚଶିକ୍ଷା ପାଇଁ ହୁଗୁଳି ଯାଇଥିଲେ। ଶିକ୍ଷା ଶେଷ ହେବା ପରେ ସେ ପ୍ରଥମେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା କରୁଥିଲେ। ମାସକୁ ୨୦ଟଙ୍କା ବେତନ ପାଉଥିଲେ। ଶିକ୍ଷକତା ଛାଡ଼ି କଟକ କମିସନରଙ୍କ କାର୍ଯ୍ୟାଳୟରେ କିରାଣୀ ଚାକିରି କରିଥିଲେ। ଗୌରୀଶଙ୍କର ଓ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ ୧୮୬୪ ମସିହାରେ କଟକରେ ପ୍ରିଣ୍ଟିଂ କମ୍ପାନି ଗଢିଥିଲେ। ୪ ଅଗଷ୍ଟ ୧୮୬୬ରେ ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା। ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶିତ ହେଉଥିଲା। ଗୌରୀଶଙ୍କର ପାଖାପାଖି ୫୨ ବର୍ଷ ଧରି ଏହାର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ଉତ୍କଳ ଦୀପିକା ଯେଉଁ ବର୍ଷ ଆରମ୍ଭ ହୋଇଥିଲା ସେହି ବର୍ଷ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷରେ ୧୦ ଲକ୍ଷ ଲୋକ ଅନାହାରରେ ମରିଥିଲେ। ଦୁର୍ଭିକ୍ଷ ଓ ପରବର୍ତ୍ତୀ ଭୟାବହତା ବିଷୟରେ ଗୌରୀଶଙ୍କର 'ଉତ୍କଳ ଦୀପିକା'ରେ ନିୟମିତ ଭାବେ ଲେଖା ପ୍ରକାଶ କରି ଇଂରେଜ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସରକାରୀ ଚାକିରି କରିଥିଲେ ମଧ୍ୟ ସରକାରଙ୍କ ବିରୋଧରେ ଏଥିରେ ସ୍ୱର ଉତ୍ତୋଳନ କରିବାକୁ ସେ ପଛାଉ ନ ଥିଲେ। ସେ ନୀତିନିଷ୍ଠ ଏବଂ କର୍ମପ୍ରବଣ ବ୍ୟକ୍ତିତ୍ୱ ଥିଲେ। ବଙ୍ଗୀୟ ପରିବାରରେ ଜନ୍ମ ହୋଇଥିଲେ ସୁଦ୍ଧା ସେ ଓଡ଼ିଆକୁ ମାତୃଭାଷା ଭାବେ ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଜୀବନରେ ଗୌରୀଶଙ୍କର ଥିଲେ ଉଦାରବାଦୀ। ଜୀବନର ମଧ୍ୟାହ୍ନରେ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ। ଶୃଙ୍ଖଳା ଓ ନିୟମାନୁବର୍ତ୍ତିତା ଥିଲା ତାଙ୍କର ବିଶେଷ ଗୁଣ। ୧୯୧୭ ଆଜିର ଦିନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ଧରାକୁ ଖରା ଆସିଛି ଧାଇଁ





ସୁଜିତ କୁମାର ମିଶ୍ର

ଧରାକୁ ଖରା ଆସିଛି ଧାଇଁ
ଶୀତ ଲୁଚିଲା ପରେ,
ସୂରୁଜ ତେଜ ବଢ଼ି ଗଲାଣି
ମୂରୁଜ ବୁଣି ଧୀରେ ।
ଗଛ ପତର ପଡୁଛି ଝଡ଼ି
ଜେଜିମା ଦାନ୍ତ ପରି,
ଖରା ହସୁଛି ଖିଲିଖିଲିକା
ତାତିଲା ବେଶ ଧରି ।
ଘାସରେ ନାହିଁ କାକର ବିନ୍ଦୁ
ମାତିଲା ପରେ ଖରା,
କ୍ଷେତରୁ କିଏ ଚୋରି କରିଛି
ସବୁଜ ରଙ୍ଗ ଧାରା।
ପଙ୍ଖା, ବିଞ୍ଚଣା ଲୋଡ଼ା ହେଲାଣି
ତାତିରୁ ମୁକ୍ତି ପାଇଁ,
ଖରା ଧାରୁଆ ଛୁରୀ ପାଲଟି
ଦେଉଛି ପରା ଛୁଇଁ ।
ଖରା ଆସିଛି ବୋଲି ଶୁଖୁଛି
ପୋଖରୀ, ନଈ, ନାଳ
ଦେହରୁ ଝରେ ଦିନ ଓ ରାତି
ଯାତନା ଭରା ଝାଳ ।
ଖରାର କୋପ ବଢ଼ିଲେ ସିନା
ଲାଗଇ ଭାରି ଡର,
କଅଁଳ ଖରା ସୁଆଦ କିନ୍ତୁ
ଜୀବସାରର ଝର ।
ଲାଗୁଛି ସିନା ଖରା ଆସିଛି
ହୋଇ ତାତିର ବେଶ,
ସୁଖଦୁଃଖରେ ସାଥୀ ହେଉଛି
କିନ୍ତୁ ସେ ବର୍ଷ, ମାସ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର

## ପ୍ରହେଳିକା



- ମାର୍ଚ୍ଚ ମାସ ଆଠ ତାରିଖ ଦିନ
ନାରୀଙ୍କୁ ଦିଅନ୍ତି ସର୍ବେ ସମ୍ମାନ
ନାରୀ ଯଶ କୀର୍ତ୍ତି ଓ ଅଧିକାର
ସମାନତା ପାଇଁ ହୁଏ ବିଚାର
ନାରୀଙ୍କ ବିକାଶ ପାଇଁ
ସେହି ଦିବସଟି ବିଶ୍ୱେ ପରିଚିତ
କୁହ'ତ ତା'ନାମ କେହି।

ଉତ୍ତର-ବିଶ୍ୱ ମହିଳା ଦିବସ

- ଝିଅ ବୋହୂ ଅବା ଗେହ୍ଲି ଭଉଣୀ
କେବେ ସାଜେ ପୁଣି ସହଧର୍ମିଣୀ
ମାଆ ସାଜି ସିଏ ମମତା ଦିଏ
ଆଈ ସାଜି ନିତି ଗପ ଶୁଣାଏ
ଶକ୍ତି ସ୍ୱରୂପିଣୀ ସିଏ
ଧର୍ମ ସଂସାରର ଚଳନ୍ତି ଦେବୀ ସେ
କୁହ ଦେଖି ସିଏ କିଏ।

ଉତ୍ତର-ନାରୀ

- ଯାହା କୋଳେ ଆମେ ଜନମ ନେଲୁ
ଯା'ର ହାତ ଧରି ଚାଲି ଶିଖିଲୁ
ଯିଏ ଶିଖାଇଲା କଥା କହିବା
ସିଲଟରେ ବ୍ରହ୍ମା ବିଷ୍ଣୁ ଲେଖିବା
ମମତାର ଝର ସିଏ
ନିଜେ ନ ଖାଇ ସେ ଆମକୁ ଖୁଆଏ
କୁହ ତା'ର ନାମ କିଏ।

ଉତ୍ତର-ମାଆ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର

# ଏକର କ୍ରମିକ ଯୋଗ



ଦୀନବନ୍ଧୁ ପୋଇ

ଏକ ଏକ ଦୁଇ
ମାଆ ପାଖରେ ବସି ତୁମେ
ଖାଅ ମୁଠେ ଖଇ।
ଦୁଇ ଏକ ତିନି
ଏବେଠୁ ଅଜା କମାଇ ଦିଅ
ଖାଉଥିଲେ ଚିନି।
ତିନି ଏକ ଚାରି
ଆମ ଗାଆଁରେ ନାହାନ୍ତି କେହି
ମୋ ଆଇଠୁ ସୁନ୍ଦରୀ।
ଚାରି ଏକ ପାଞ୍ଚ
ଜୀବନରେ ଦେବାନି ଆମେ
କାହାକୁ ଯେ ଲାଞ୍ଚ ।
ପାଞ୍ଚ ଏକ ଛଅ
ଅନ୍ଧ ଭିକାରି ଦେଖିଲେ ତୁମେ
ଭିକ ମୁଠେ ଦିଅ।
ଛଅ ଏକ ସାତ
ମିଛ ନୁହେଁ, କହିବା ଆମେ
ସବୁବେଳେ ସତ।
ସାତ ଏକ ଆଠ
ମନ ଦେଇ ପଢ଼ିବା ଆମେ
ଆମ ଓଡ଼ିଆ ପାଠ।
ଆଠ ଏକ ନଅ
ସୌରମଣ୍ଡଳେ କେତେ ଗ୍ରହ?
ଦେଖି ଗଣି ଦିଅ ।
ନଅ ଏକ ଦଶ
କାନ୍ଦୁଛି ଯିଏ ତା' ମୁହଁରେ
ଫୁଟାଇ ଦେବା ହସ।

ଚରଣରେଣୁ ନିବାସ
ଗୋରଡାପାଳ,
କରମୂଳ, ଢେଙ୍କାନାଳ

## ସୁମନ

# ହଳଦୀବସନ୍ତ ଓ ଲାଲ୍‌ଟୁ





ଶିବ ପ୍ରସାଦ ରାଉତ

ବସନ୍ତ ଋତୁ ଆସିଛି । କଅଁଳପତ୍ର ଓ ସୁନ୍ଦର ଫୁଲରେ ଗଛଗୁଡ଼ିକ ଲଦି ହୋଇଯାଇଛି। ନାନାଜାତିର ପକ୍ଷୀରେ ଭରିଯାଇଛି ଗାଁ ପରିବେଶ। ବସନ୍ତ ଋତୁରେ ତ ନାନାଜାତି ପକ୍ଷୀ ଅଣ୍ଡା ଦେଇଥାନ୍ତି। ଲାଲ୍‌ଟୁ ଗାଁ ପୋଖରୀ ପାର ହୋଇ ଚାଲୁଚାଲୁ ତୋଟା ଆରପଟେ ବୁଦୁବୁଦିକିଆ ବଣ ଆଡ଼େ ଚାଲି ଯାଇଥାଏ। ବୁଲି ବୁଲି ପ୍ରାକୃତିକ ପରିବେଶ, ଗଛପତ୍ର, ସୁନ୍ଦର ସୁନ୍ଦର ପକ୍ଷୀମାନଙ୍କୁ ଦେଖି ଖୁସି ହେଉଥାଏ। ସେ ବଣରେ ଅନ୍ୟ ଚଢ଼େଇଙ୍କ ସହ ହଳଦୀବସନ୍ତ ବି ସାହାଡ଼ା ଗଛ ଡାଳରେ ବସା କରି ଅଣ୍ଡା ଦେଇଥାଏ। କିଛିଦିନ ପରେ ଦୁଇଟା ଗୁଲୁଗୁଲିଆ ଛୁଆ ମଧ୍ୟ ଫୁଟାଇଥାଏ। ପିଲା ଦୁଇଟିକୁ ପାଇ ମା' ହଳଦୀବସନ୍ତ ଖୁସିରେ ଫାଟି ପଡୁଥାଏ। ହେଲେ ତା'ର ଦୁଃଖ ତା'ସାଥୀରେ ରହୁଥିବା ଅଣ୍ଡିରା ହଳଦୀବସନ୍ତଟା କୁଆଡ଼େ ଚାଲି ଯାଇଛି, ଆଉ ଫେରୁନି। ଏକା ଏକା ଛୁଆ ଦୁଇଟାକୁ ପାଳିବା ଭାରି କଷ୍ଟ ହେଉଛି। ନା ବସାରେ ରହି ପିଲାଙ୍କୁ ଜଗି ପାରୁଛି, ନା ଅଧାର ଖୋଜି ଆଣି ପିଲାଙ୍କ ପେଟ ପୂରାଇ ପାରୁଛି। ତଥାପି ସେ ଛୁଆଙ୍କୁ ବସାରେ ଛାଡ଼ିଦେଇ ଖାଦ୍ୟ ଖୋଜି ଯାଏ। ହେଲେ ଖାଦ୍ୟ କ'ଣ ମିଳିବା ଏତେ ସହଜ ! ସବୁ ପକ୍ଷୀ ତ ଏକାବେଳେ ଏ ବସନ୍ତ ଋତୁରେ ଛୁଆ ଫୁଟାଇ ଅଧାର ଖୋଜନ୍ତି ନା। ଏଣୁ ହଳଦୀବସନ୍ତ ଛୁଆଙ୍କୁ ବସାରେ ଛାଡ଼ି ଖାଦ୍ୟ ଅଣ୍ଡାଳି ଯାଏ । ହେଲେ ମନ ତା'ର ବସାରେ ଥାଏ । ଅଣ୍ଡିରା ହଳଦୀବସନ୍ତଟା ଥାଆନ୍ତା ସିନା ... ।

ଦିନେ ହଳଦୀବସନ୍ତ ଦେଖିଲା, ଅନ୍ୟ ଗଛରୁ ସିନା ଫଳ, କୋଳି ସରିଯାଇଛି । ହେଲେ ଏ ଶଗଡ଼ବାଟୁଆ କୋଳି ଗଛରେ ତ ବହୁତ କୋଳି ପାଚିଛି । କେହି ପକ୍ଷୀ ଦେଖି ନାହାନ୍ତି ନା କ'ଣ ? ଏହାକୁ ନେଉନାହାନ୍ତି କାହିଁକି ? ଏମିତି ଭାବି ଭାବି ହଳଦୀବସନ୍ତ ଶଗଡ଼ବାଟୁଆ କୋଳି ଗଛରେ ବସି ଚାରି ପାଞ୍ଚଟା କୋଳି ପିଲାଙ୍କ ପାଇଁ ଧରିଛି କି ନାହିଁ, ଡାଳୁଆ ସାପଟା ଗଛଡାଳରେ ଥାଇ ମା' ହଳଦୀବସନ୍ତର ଲାଞ୍ଜକୁ କାମୁଡି ଧରିଲା । ଅଚାନକ ବିପଦରେ ପଡ଼ି ହଳଦୀବସନ୍ତ ଫଡ଼୍‌ଫଡ଼୍ ହେଉଥାଏ । ଚିଁ ଚିଁ ଶବ୍ଦ କରି ଡାଳୁଆ ସାପ କବଳରୁ ଖସିବାକୁ ଚେଷ୍ଟା କରୁଥାଏ । ସାପ ସହ ହଳଦୀବସନ୍ତଟା ତଳକୁ ଖସିପଡ଼ିଲା। ଲାଲଟୁ ସେହି ପାଖରେ ଥାଏ । ଫଡ଼୍‌ଫଡ଼୍ ଶବ୍ଦ ଶୁଣି ଚାହିଁ ଦେଖିଲା, ହଳଦୀବସନ୍ତଟା ତଳେ ପଡ଼ି ଛାଟିପିଟି ହେଉଛି । ଲାଲ୍‌ଟୁର ହଳଦୀବସନ୍ତ ଭାରି ପ୍ରିୟ । ଦୌଡ଼ିଗଲା ଲାଲ୍‌ଟୁ ହଳଦୀବସନ୍ତ ନିକଟକୁ । ସେ ନଇଁପଡ଼ି ହଳଦୀବସନ୍ତକୁ ତଳୁ ଉଠାଇବାକୁ ଚେଷ୍ଟା କଲା। ଲାଲ୍‌ଟୁ ସେ ପର୍ଯ୍ୟନ୍ତ ସାପଟାକୁ ଦେଖି ନ ଥିଲା । ସାପ ଅଚାନକ ହଳଦୀବସନ୍ତକୁ ଛାଡ଼ିଦେଇ ଲାଲଟୁର ହାତକୁ କାମୁଡ଼ି ଦେଲା । ଲାଲ୍‌ଟୁ ଚମକି ପଡିଲା,ହଳଦୀବସନ୍ତ ଉଡ଼ିଗଲା । ଦୌଡ଼ି ଦୌଡ଼ି ଲାଲ୍‌ଟୁ ହାତକୁ ମୁଠାଇ ଧରି ଘରକୁ ଧାଉଁଥାଏ । ହାତଟା ଜଳି ପୋଡ଼ି ଯାଉଛି । ଯନ୍ତ୍ରଣାରେ ଲାଲ୍‌ଟୁ ଚିତ୍କାର କରୁଥାଏ । ତାକୁ ଦେଖି ବାପା, ମା', କକା ଦୌଡ଼ି ଆସିଲେ, କ'ଣ ହେଲା ପଚାରିବାରୁ ଲାଲଟୁ କହିଲା,'ସାପ କାମୁଡ଼ି ଦେଲା।' ଜେଜେ ବାପା ପହଁଚି ଯାଇ କହିଲେ, "ଆରେ ଦେଖୁଛ କ'ଣ ହାତ ଉପରକୁ କରି ବାନ୍ଧିଦିଅ, ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପାଖକୁ ନେଇଯାଅ। ଡାକ୍ତରଙ୍କ ପାଖକୁ ଯାଇ ପରୀକ୍ଷା କରି ଔଷଧ, ଇଞ୍ଜେକସନ୍ ନେବାରୁ ଲାଲଟୁ ସୁସ୍ଥ ହୋଇଗଲା । ଘରକୁ ଫେରିଲା ଓ ସବୁ କଥା କହିଲା। ଘରେ ବାପା ସମସ୍ତଙ୍କ ଆଗରେ ଲାଲ୍‌ଟୁକୁ ପ୍ରଶଂସା କରି କହିଲେ,'ଲାଲଟୁ ଭଲ କାମଟିଏ କଲୁ। ତୋ ପାଇଁ ହଳଦୀବସନ୍ତ ବଞ୍ଚିଗଲା। ସବୁ ଜୀବଜନ୍ତୁଙ୍କୁ ଦୟା ଦେଖାଇବା ଉଚିତ। ହେଲେ ଟିକେ ସର୍ତକ ରହିବା କଥା ନା। ବୁଝି ବିଚାରି କାମ କଲେ, ପ୍ରମାଦ ନ ପଡ଼ଇ ଭଲେ"।


ବଛଦା, ବାସୁଦେବପୁର,ଭଦ୍ରକ

## କୁନି ଆଙ୍କନ






**ସ୍ମିତି ସଂସ୍କୃତି**
ଦ୍ୱିତୀୟ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା,ପୁରୀ






**ପ୍ରଜ୍ଞାରାଣୀ ଦଳାଇ**
ସପ୍ତମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଜୋବ୍ରା,କଟକ





**ଅଲିଭାରାଣୀ ପାତ୍ର**
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଖୁଣ୍ଟା, ମୟୂରଭଞ୍ଜ





**ସାଇ ନମ୍ରତା ମହାପାତ୍ର**
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା, ପୁରୀ

# ଭାରତର ସେମିଫାଇନାଲ ବିଜୟରେ ୩ଟି ଟର୍ଣ୍ଣିଂ ପଏଣ୍ଟ



ମୁମ୍ବଇ,୬।୩(ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୨୦୨୬ ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ବେଶ ରୋମାଞ୍ଚକ ହୋଇଥିଲା। ଏଥିରେ ଭାରତ ୭ ରନ୍‌ରେ ବିଜୟ ହାସଲ କରି ଚତୁର୍ଥଥର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌ଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। କିନ୍ତୁ ଏହି ମ୍ୟାଚ୍‌ରେ ତିନୋଟି ଏଭଳି ଘଟଣା ଘଟିଥିଲା ଯାହାକୁ ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ନଚେତ୍ ଭାରତ ଏହି ମ୍ୟାଚ୍‌ରେ ଜିତିବା କଷ୍ଟକର ହୋଇଥାନ୍ତା। ପ୍ଲେୟର ଅଫ୍ ଦି ମ୍ୟାଚ୍ ସଞ୍ଜୁ ସାମସନଙ୍କ ମତରେ ଏଠାରେ କେତେ ରନ୍ ସ୍କୋର କଲେ ଡିଫେଣ୍ଡ କରିହେବ ତାହା କହିବା ମୁସ୍କିଲ। କିନ୍ତୁ ଯଶପ୍ରୀତ୍ ବୁମ୍‌ରା ହିଁ ଏହି ବିଜୟର ମୁଖ୍ୟ ନାୟକ। ବୁମ୍‌ରା ନ ଥିଲେ ମୁଁ ଏହି ପୁରସ୍କାର (ପ୍ଲେୟର ଅଫ୍ ଦି ମ୍ୟାଚ୍) ନେବାକୁ ଏଠାରେ ପହଞ୍ଚି ପାରି ନ ଥାନ୍ତି। ଏଣୁ ମୋ ମତରେ ବୁମ୍‌ରା ହିଁ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି। ଭାରତର ବିଜୟରେ ଯେଉଁ ୩ଟି କାରଣ ଗୁରୁତ ବହନ କରୁଛି, ସେ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରାଯିବା ଜରୁରୀ।

**ଉତ୍ତେଜନାରେ ବୁମ୍‌ରାଙ୍କ ଶାନ୍ତସ୍ୱଭାବ**

ଭାରତ-ଇଂଲଣ୍ଡ ମ୍ୟାଚ୍‌ରେ ୫୦୦ରୁ ଉର୍ଦ୍ଧ୍ୱ ରନ୍ କେବଳ ୪୦ ଓଭରରେ ସ୍କୋର ହୋଇଛି। କିନ୍ତୁ ଯଶପ୍ରୀତ୍ ବୁମ୍‌ରା ଏକମାତ୍ର ବୋଲର ଯିଏ କି ନିଜ ବୋଲିଂ ଉପରେ ନିୟନ୍ତ୍ରଣ ରଖି ଭାରତକୁ ମ୍ୟାଚ୍ ଜିତାଇଛନ୍ତି। ଏହି ମ୍ୟାଚ୍‌ରେ ସେ ୪ ଓଭର ବୋଲିଂ କରି ୩୩ ରନ୍‌ରେ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଯେଉଁ ପିଚ୍‌ରେ ଓଭର ପ୍ରତି ୧୨ରୁ ଊର୍ଦ୍ଧ୍ୱ ରନ୍ ମିଳିଥିଲା ବୁମ୍‌ରା ସେଠାରେ ମାତ୍ର ୮.୨୫ ରନ୍ ବ୍ୟୟ କରିଥିଲେ। ଓପନିଂ ବୋଲରଭାବେ ଖେଳୁଥିବା ବୁମ୍‌ରା ଏହି ମ୍ୟାଚରେ ଇଂଲଣ୍ଡ ଇନିଂସର ୫ମ, ୧୧ତମ, ୧୬ତମ ଓ ୧୮ତମ ଓଭର ବୋଲିଂ କରିଥିଲେ। ସେ ତାଙ୍କ ବୋଲିଂରେ କ୍ରମାଗତ ୟର୍କର ପକାଇବା ସହ ଚତୁରତାର ସହ ମନ୍ଥର ଗତିରେ ବଲ ପକାଇ ଇଂଲଣ୍ଡ ବ୍ୟାଟରଙ୍କ ରିଦମ ଭାଙ୍ଗିଦେଇଥିଲେ। ଇଂଲଣ୍ଡ ବ୍ୟାଟିଂ ଲାଇନ୍ ଏହି ଟୁର୍ଣ୍ଣାମେଣ୍ଟରେ ସବୁଠାରୁ ଶକ୍ତିଶାଳୀ ଓ ଏହାର ନଂ-୧୧ ବ୍ୟାଟର ମଧ୍ୟ କିଛି ରନ୍ କରିବାର ରେକର୍ଡ ରଖିଛନ୍ତି। ଏହା ସତ୍ତ୍ୱେ ବୁମ୍‌ରା ରନ୍ ରେଟ୍‌କୁ ନିୟନ୍ତ୍ରଣ କରିବା ଫଳରେ ଭାରତ ବିଜୟର ହକ୍‌ଦାର ହୋଇପାରିଥିଲା।

**ଅକ୍ଷର ପଟେଲଙ୍କ ଚମତ୍କାର ଫିଲ୍ଡିଂ**

ଦଳର ଉପଅଧିନାୟକ ଅକ୍ଷର ପଟେଲ ଏହି ମ୍ୟାଚ୍‌ରେ ତାଙ୍କ ବୋଲିଂ ହେଉ କିମ୍ବା ବ୍ୟାଟିଂ କୌଣସି ବିଭାଗରେ ପ୍ରଭାବୀ ପ୍ରଦର୍ଶନ କରିନାହାନ୍ତି। କିନ୍ତୁ ଫିଲ୍ଡିଂରେ ସେ ଏପରି ୨ଟି କ୍ୟାଚ୍ ନେଇଛନ୍ତି ଯେଉଁଥିରେ ଭାରତର ବିଜୟ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ପ୍ରଥମେ ସେ ଇଂଲଣ୍ଡ ଅଧିନାୟକ ହ୍ୟାରୀ ବ୍ରୁକ୍‌ଙ୍କୁ କ୍ୟାଚ୍ ଆଉଟ କରିବା। ଏକଷ୍ଟ୍ରା କଭର ଅଞ୍ଚଳରେ ବ୍ରୁକ୍ ମାରିଥିବା ଏକ ସଟ୍‌କୁ ଅକ୍ଷର ଦ୍ରୁତଗତିରେ ପଛକୁ ଦୌଡି ଦୌଡି ଚମତ୍କାର କ୍ୟାଚ୍ ନେଇଥିଲେ। ଯାହା ଫଳରେ ଇଂଲଣ୍ଡର ସବୁଠାରୁ ଦମ୍‌ଦାର ବ୍ୟାଟର ମାତ୍ର ୭ ରନ୍‌ରେ ଆଉଟ ହୋଇଥିଲେ।

ଦ୍ୱିତୀୟ କ୍ୟାଚଟି ଆହୁରି ନାଟକୀୟ ହୋଇଥିଲା। ଜ୍ୟାକବ ବେଥେଲ ଓ ୱିଲ ଜ୍ୟାକ୍ସଙ୍କ ଭାଗିଦାରୀ ଯେତେବେଳେ ଭାରତ ନିକଟରୁ ମ୍ୟାଚ୍ ଛଡ଼ାଇବାର ଆଶଙ୍କା ସୃଷ୍ଟି କରିଥିଲେ, ଠିକ ସେତିକିବେଳେ ଅକ୍ଷରଙ୍କ ନାଟକୀୟ କ୍ୟାଚ୍ ଏହି ଯୋଡିକୁ ଭାଙ୍ଗିଦେଇଥିଲା। ଦମ୍‌ର ସହ ବ୍ୟାଟିଂ କରୁଥିବା ଜ୍ୟାକ୍ସ ଏକ ବଡ଼ ସଟ୍ ମାରିଥିଲେ। ଏହାକୁ କ୍ୟାଚ୍ କରିବା ଲାଗି ଡିପ୍ ମିଡ୍ ୱିକେଟରୁ ପାଖାପାଖି ୩୫ ମିଟର ଦୌଡ଼ିଥିଲେ ଅକ୍ଷର। କ୍ୟାଚ୍ ଧରିଥିଲେ ମଧ୍ୟ ସେ ତାଙ୍କ ବଡି ଉପରେ ନିୟନ୍ତ୍ରଣ ହରାଇ ବାଉଣ୍ଡାରୀ ବାହାରକୁ ଚାଲିଯାଇଥିଲେ। ବାହାରକୁ ଯିବା ପୂର୍ବରୁ ତାଙ୍କ ପଛେ ପଛେ ଦୌଡୁଥିବା ଶିବମ ଦୁବେଙ୍କୁ ସେ ବଲ ଦେଇଥିଲେ ଓ ଦୁବେ କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ କ୍ୟାଚ୍‌ଟି ଧରିନେଇଥିଲେ। ଫଳରେ ବେଥେଲ-ଜ୍ୟାକ୍ସଙ୍କ ମଧ୍ୟରେ ୩୯ ବଲ୍‌ରୁ ହୋଇଥିବା ୭୭ ରନ୍‌ର ପାର୍ଟନରସିପ୍ ଭାଙ୍ଗିଯାଇଥିଲା। ଏହି ଦୁଇଟି କ୍ୟାଚ୍‌ରେ ଅକ୍ଷର ପଟେଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

**ଶିବମ ଦୁବେଙ୍କ ପ୍ରତ୍ୟାକ୍ରମଣ**

ସଞ୍ଜୁ ସାମସନ ଦମ୍‌ଦାର ୮୯ ରନ୍‌ରେ ଆଉଟ ହେବା ପରେ ଭାରତର ରନ୍ ସଂଗ୍ରହ ହାରରେ କିଛି ସମୟ ବ୍ରେକ୍ ଲାଗିଥିଲା। ଏହି ସମୟରେ ବ୍ୟାଟିଂରେ ପ୍ରମୋସନ ପାଇଥିବା ଶିବମ ଦୁବେ ପ୍ରତ୍ୟାକ୍ରମଣ କରିଥିଲେ। ବିଶେଷ କରି ଇଂଲଣ୍ଡ ସ୍ପିନରଙ୍କୁ ମୁକାବିଲା କରିବାକୁ ଆସିଥିବା ଦୁବେ ୨୫ ବଲ୍‌ରେ ୪୩ ରନ୍ କରି ଉପଯୁକ୍ତ ଦାୟିତ୍ୱ ନିଭାଇଥିଲେ।



ଇଂଲଣ୍ଡର ପ୍ରମୁଖ ସ୍ପିନର ରଶିଦ୍‌ଙ୍କୁ ସେ ୩ଟି ଛକା ମାରିଥିଲେ। ଲିଆମ୍ ଡାୱସନଙ୍କ ଗୋଟିଏ ଓଭରରୁ ଦୁବେ ୧୯ ରନ୍ ଉଠାଇବା ପରେ ତାଙ୍କୁ ଆଉ ବୋଲିଂ ଦିଆଯାଇ ନ ଥିଲା। ଦୁବେଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ପରବର୍ତ୍ତୀ ବ୍ୟାଟରମାନେ ହାତଖୋଲା ସଟ୍ ଖେଳିଥିଲେ। ତିଲକ ବର୍ମା ୭ ବଲ୍‌ରୁ ୨୧ ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୨ ବଲ୍‌ରୁ ୨୭ ରନ୍ କରି ଭାରତର ସ୍କୋରକୁ ୨୫୦ ରନ୍ ଅତିକ୍ରମ କରାଇଥିଲେ।

# ହୋଟେଲ ଓ ଡ୍ରେସିଂ ରୁମ୍ ବଦଳାଇଲା ଟିମ୍ ଇଣ୍ଡିଆ

ଅହମ୍ମଦାବାଦ୍,୬।୩(ଏଜେନ୍ସି): ଦୁର୍ଭାଗ୍ୟ ହେଉ କିମ୍ବା ସଂଯୋଗ ଟିମ୍ ଇଣ୍ଡିଆ ପୂର୍ବରୁ ରହୁଥିବା ହୋଟେଲ ବଦଳାଇଛି। ୨୦୨୩ ନଭେମ୍ବର ୧୯ରେ ଅଷ୍ଟ୍ରେଲିଆ ସହ ଏଠାରେ ଦିନିକିଆ ବିଶ୍ୱକପ୍ ଫାଇନାଲ ମୁକାବିଲା ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ସମସ୍ତ ମ୍ୟାଚ୍ ଜିତିଥିବା ଭାରତ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ହାରିଥିଲା। ସେହିପରି ଏବେ ଟି-୨୦ ବିଶ୍ୱକପ୍‌ରେ ଭାରତ କ୍ରମାଗତ ୯ଟି ମ୍ୟାଚ୍ ଜିତିବା ପରେ ଦକ୍ଷିଣ ଆଫ୍ରିକା ସହ ଫେବୃଆରୀ ୨୬ ତାରିଖରେ ଏଠାରେ ଲିଗ୍ ମ୍ୟାଚ୍ ଖେଳିଥିଲା। ଏଥିରେ ମଧ୍ୟ ଭାରତ ହାରିଥିଲା। ୧ ଲକ୍ଷ ୩୦ ହଜାର ଦର୍ଶକ ବସିପାରୁଥିବା ବିଶ୍ୱର ସର୍ବବୃହତ କ୍ରିକେଟ ଷ୍ଟାଡିୟମ୍‌ରେ ଭାରତର ବିଜୟଧାରା ଦୁଇଥର ଭାଙ୍ଗିଛି। ଭାରତ ଏଠାରେ ଦୁଇଥରଯାକ ଆଇଟିସି ନର୍ମଦା ହୋଟେଲରେ ରହିଥିଲା। ଏଥର କିନ୍ତୁ ଦଳ ତାଜ୍ ସ୍କାଇ ଲାଇନ୍‌ରେ ରହୁଛି। ସେହିପରି ଘରୋଇ ଦଳ ଲାଗି ଷ୍ଟାଡିୟମ୍‌ରେ ଥିବା ଡ୍ରେସିଂ ରୁମ୍‌ରେ ବସିବ ନାହିଁ ବୋଲି ସୂଚନା ମିଳିଛି। ଭ୍ରମଣକାରୀ ଟିମ୍ ଲାଗି ପ୍ରସ୍ତୁତ ଡ୍ରେସିଂ ରୁମ୍‌ରେ ଟିମ୍ ଇଣ୍ଡିଆ ବସିବ ବୋଲି ସ୍ଥିର ହୋଇଛି। କ୍ରମାଗତ ଦୁଇଥର ଦଳର ବିଜୟଧାରା ଭାଙ୍ଗିଥିବାରୁ ଏଠାରେ ମାନସିକ ଭାବେ ଖେଳାଳିଙ୍କୁ ଫିଟ୍ ଓ ସୁସ୍ଥ ରଖିବା ଲାଗି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଉଛି। ନିକଟରେ ମୁମ୍ବଇରେ ଘଟିଥିବା ଏକ ଘଟଣା ଟିମ୍ ଇଣ୍ଡିଆର ମାନସିକତାକୁ ହୋଟେଲ ଓ ଡ୍ରେସିଂ ରୁମ୍ ବଦଳାଇବାକୁ ପ୍ରୋତ୍ସାହିତ କରିଛି ବୋଲି କୁହାଯାଉଛି। ମୁମ୍ବଇରେ ଚନ୍ଦ୍ରଗ୍ରହଣ ଛାଡ଼ିବା ପରେ ଖେଳାଳିମାନେ ଅଭ୍ୟାସ କରିବାକୁ ଆସିଥିଲେ। ଏହା ଏକ ଅନ୍ଧବିଶ୍ୱାସ ବୋଲି କୁହାଯାଉଛି।

ଆଉ ଏକ ସୂତ୍ରରୁ ଜଣାଯାଇଛି ଅହମ୍ମଦାବାଦ୍‌ରେ ଫାଇନାଲ ମ୍ୟାଚ୍ ଲାଗି ଆଇସିସି ଦୁଇଟି ହୋଟେଲ ଆଇଟିସି ନର୍ମଦା ଓ ତାଜ୍ ସ୍କାଇଲାଇନ୍‌ରେ ହୋଟେଲ ବୁକ୍ କରିଥିଲା। ନ୍ୟୁଜିଲାଣ୍ଡ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିବାରୁ ଏହାକୁ ନର୍ମଦାରେ ରଖାଯାଇଥିଲା। ଏହା ଫଳରେ ଟିମ୍ ଇଣ୍ଡିଆକୁ ତାଜ୍‌ରେ ରହିବା ଛଡ଼ା ଅନ୍ୟ କିଛି ଉପାୟ ନ ଥିଲା। ଡ୍ରେସିଂ ରୁମ୍ ବଦଳ କରିଥିବା ରିପୋର୍ଟ ଆସିଛି। ମ୍ୟାଚ୍ ବେଳକୁ ଏହା ବଦଳ ହୋଇଛି କି ନାହିଁ ତାହା ଜଣାପଡ଼ିବ।

**ଟି-୨୦ ବିଶ୍ୱକପ୍ ଫାଇନାଲ୍**
**ଭାରତ - ନ୍ୟୁଜିଲାଣ୍ଡ**
ଭେନ୍ୟୁ: ଅହମ୍ମଦାବାଦ
ତାରିଖ : ମାର୍ଚ୍ଚ ୮
ଖେଳ ଆରମ୍ଭ: ରାତି ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଫାଇନାଲରେ ଅଭିଷେକ, ନା ରିଙ୍କୁ

ମୁମ୍ବଇ,୬।୩(ଏଜେନ୍ସି): ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତ ସହ ନ୍ୟୁଜିଲାଣ୍ଡର ମୁକାବିଲା ହେବ। ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଏହି ମୁକାବିଲାଟି ମାର୍ଚ୍ଚ ୮ ତାରିଖରେ ଖେଳାଯିବ। ଏହି ଫାଇନାଲ ପୂର୍ବରୁ ଦଳରେ ୧୧ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ନେବା ଲାଗି ସମର୍ଥକ ଦାବି କରିଛନ୍ତି। ଏହି ଦାବିର କଥା ହେଲା, ଫାଇନାଲରେ ଭାରତ ଫ୍ଲପ୍ ଓପନର ଅଭିଷେକ ଶର୍ମାଙ୍କୁ ଖେଳାଇବ ନା ରିଙ୍କୁ ସିଂଙ୍କୁ ସୁଯୋଗ ଦେବ। ଏହାକୁ ନେଇ ଏବେ ସମର୍ଥକଙ୍କ ମଧ୍ୟରେ ସୋସିଆଲ ମିଡିଆରେ ଢେର ବିତର୍କ ଆରମ୍ଭ ହୋଇଯାଇଛି।





ଏହାର କାରଣ ହେଲେ ଅଭିଷେକଙ୍କ ଫର୍ମ। ଆହତ ସମସ୍ୟାକୁ ଫେରିବା ପରେ ଅଭିଷେକ ଏଯାଏ ୮ଟି ମ୍ୟାଚ୍ ଖେଳିସାରିଲେଣି। ଏହି ୮ଟି ମ୍ୟାଚ୍‌ରେ ସେ ମାତ୍ର ୮୯ ରନ୍ କରିବାରେ ସମର୍ଥ ହୋଇଛନ୍ତି। ମ୍ୟାଚ୍ ପ୍ରତି ହାରହାରି ରନ୍ ହେଲା ୧୨.୭୧। ଗତ ୮ଟି ମ୍ୟାଚ୍‌ରେ ସେ ଯଥାକ୍ରମେ ୦, ୦, ୦, ୧୫, ୫୫, ୧୦ ଓ ୯ ରନ୍ କରିଛନ୍ତି। ଜିମ୍ବାୱେ ବିପକ୍ଷରେ ସେ ଏକମାତ୍ର ଅର୍ଦ୍ଧଶତକ ହାସଲ କରିଛନ୍ତି। ଏଭଳି ଫର୍ମରେ ତାଙ୍କୁ ଫାଇନାଲ ମ୍ୟାଚ୍‌ରେ ନ ଖେଳାଇବାକୁ କିଛି ସମର୍ଥକ ସୋସିଆଲ ମିଡିଆରେ ଦାବି କରିଛନ୍ତି। ସେମାନଙ୍କ କହିବା କଥା ହେଲା ନ୍ୟୁଜିଲାଣ୍ଡ ଦଳ ଅଭିଷେକଙ୍କୁ କିପରି ସହଜରେ ଆଉଟ କରିହେବ ତାହାର ସୂତ୍ର ପାଇସାରିଛନ୍ତି। ଏଣୁ ସେ ଆଦୌ ପ୍ରଭାବ ବିସ୍ତାର କରିପାରିବେ ନାହିଁ। ତାଙ୍କ ବଦଳରେ ରିଙ୍କୁ ସିଂଙ୍କୁ ଫାଇନାଲ ମ୍ୟାଚ୍‌ରେ ଖେଳାଇବାକୁ ଦାମି କରାଯାଇଛି। ଭାରତୀୟ ସମାଜ ଓ ଟିମ୍ ଇଣ୍ଡିଆର ମନୋଭାବ ପ୍ରାୟ ସମାନ। ଏମାନେ କୌଣସି ବିଜୟୀ ଦଳକୁ ଅଲଗା କରିବାକୁ ଚାହିଁବେ ନାହିଁ। ଏହାର କିପରି ଭରଣା କରିହେବ ତାହା ଉପରେ ବରଂ ଗୁରୁତ୍ୱ ଦେବେ କିନ୍ତୁ ଅଭିଷେକଙ୍କୁ ଫାଇନାଲରେ ଖେଳାଇବେ। ସେହିପରି କୁଲଦୀପ ଯାଦବ ମଧ୍ୟ ଫାଇନାଲରେ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

# ଟି-୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡକୁ ହରାଇନି ଭାରତ

ନୂଆଦିଲ୍ଲୀ,୬।୩ (ଏଜେନ୍ସି): ଟି-୨୦ ବିଶ୍ୱକପରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୩ଥର ମୁକାବିଲା ହୋଇଛି। ଏ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିଜୟ ହାସଲ କରିଛି। ଏଥର ବିଶ୍ୱକପ୍ ଫାଇନାଲ ମୁକାବିଲା ଚତୁର୍ଥ ମ୍ୟାଚ୍ ହେବ। ଏଥିରେ କିଏ ବିଜୟୀ ହେବ ତାହା ମାର୍ଚ୍ଚ ୮ରେ ଜଣାପଡ଼ିବ।

ଉଭୟଙ୍କ ମଧ୍ୟରେ ମୋଟ ୩୦ଟି ଟି-୨୦ ମୁକାବିଲା ହୋଇଛି। ଏହା ମଧ୍ୟରୁ ଭାରତ ୧୮ଟିରେ ଓ ନ୍ୟୁଜିଲାଣ୍ଡ ୧୧ଟିରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ୍ ଟାଇ ରହିଛି। ଭାରତୀୟ ମାଟିରେ ଭାରତ ୧୧ଟି ମ୍ୟାଚ୍ ଜିତିଥିଲାବେଳେ ନ୍ୟୁଜିଲାଣ୍ଡ ମାତ୍ର ୪ଟିରେ ବିଜୟୀ ହୋଇଛି। ନ୍ୟୁଜିଲାଣ୍ଡରେ ମଧ୍ୟ ଭାରତ ୭ଟିରେ ଜିତିଛି ଓ ୫ଟିରେ ହାରିଛି। ବିଶ୍ୱକପକୁ ବାଦ୍ ଦେଲେ ଅନ୍ୟ ସବୁଥିରେ ଭାରତର ରେକର୍ଡ ଭଲ ରହିଛି। ତେବେ ଫାଇନାଲ ମ୍ୟାଚ୍ ହେଉଛି ସ୍ୱତନ୍ତ୍ର। ଏଥିରେ ଚାପକୁ ମୁକାବିଲା କରିପାରୁଥିବା ଦଳ ହିଁ ବିଜୟୀ ହେବ ବୋଲି ଧରିନେବାକୁ ପଡ଼ିବ।

**୨୦୦୭:** ଟି-୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ୨୦୦୭ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହୋଇଥିଲା। ଏହି ସଂସ୍କରଣର ସୁପର ଏଟ୍‌ରେ ନ୍ୟୁଜିଲାଣ୍ଡ ୧୦ ରନ୍‌ରେ ଜିତିଥିଲା। ୧୯୧ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଭାରତ ଏକଦା ବିନା ୱିକେଟରେ ୭୬ ରନ୍ କରିଥିଲା। ଏହି ସମୟରେ ବାମହାତୀ ସ୍ପିନର ଡାନିଏଲ ଭିଟୋରୀ ୪ ୱିକେଟ ନେବା ଫଳେ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା ଓ ମ୍ୟାଚ୍ ହାରିଯାଇଥିଲା।

**୨୦୧୬:** ବିଶ୍ୱକପ୍‌ରେ ୯ ବର୍ଷ ପରେ ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଘରୋଇ ମାଟିରେ ଖେଳିଥିଲା ଭାରତ। ଏଥିରେ ମିଚେଲ ସାଣ୍ଟନର ଓ ଇସ୍ ସୋଧିଙ୍କ ସ୍ପିନ୍‌କୁ ଉଚିତ ମୁକାବିଲା କରି ନ ପାରି ଭାରତ ୪୭ ରନ୍‌ରେ ହାରିଥିଲା। ୧୨୮ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଭାରତ ୭୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା।

**୨୦୨୧:** କର ଅବା ମର ମ୍ୟାଚ୍‌ରେ ଭାରତୀୟ ବ୍ୟାଟରଙ୍କଠାରୁ ଆଉ ଏକ ଫ୍ଲପ୍ ଶୋ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ଟ୍ରେଣ୍ଟ ବୋଲ୍ଟ ଓ ଇସ୍ ସୋଧିଙ୍କ ଚମତ୍କାର ବୋଲିଂ ଯୋଗୁ ଭାରତ ୭ ୱିକେଟରେ ୧୧୦ ରନ୍‌ରେ ସୀମିତ ରହିଥିଲା। ନ୍ୟୁଜିଲାଣ୍ଡ ଏହି ମ୍ୟାଚ୍‌କୁ ୮ ୱିକେଟରେ ଜିତିନେଇଥିଲା।

**୨୦୨୬:** ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ହରାଇ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଛି। ସେହିପରି ଇଂଲଣ୍ଡକୁ କଷ୍ଟେମଷ୍ଟେ ହରାଇ ଭାରତ ଟାଇଟଲ ରକ୍ଷା ଅଭିଯାନରେ ରହିଛି।

# ୨୫ରୁ ଛତିଶଗଡ଼ରେ ପ୍ରଥମ କେଆଇଟିଜି

ରାଇପୁର, ୬।୩ (ଏଜେନ୍ସି): ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସ (କେଆଇଟିଜି)ର ପ୍ରଥମ ସଂସ୍କରଣ ଛତିଶଗଡ଼ରେ ମାର୍ଚ୍ଚ ୨୫ରୁ ଆରମ୍ଭ ହେବ। ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଆଦିବାସୀ କ୍ରୀଡ଼ା ଛତିଶଗଡ଼ର ୩ଟି ସହର ରାଇପୁର, ଜଗଦଲପୁର ଓ ସରଗୁଜାରେ ଆୟୋଜିତ ହେବ। ଆଥ୍ଲେଟିକ୍ସ, ଫୁଟବଲ, ହକି, ଭାରୋତ୍ତୋଳନ, ତୀରନ୍ଦାଜୀ, ସନ୍ତରଣ ଓ ରେସଲିଂ ଭଳି ୭ଟି କ୍ରୀଡ଼ାରେ ପଦକ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ତେବେ ମାଲଖମ୍ବ ଓ କବାଡ଼ିରେ ପଦକ ପ୍ରଦାନ କରାଯିବ ନାହିଁ। ଏହା କେବଳ ପ୍ରଦର୍ଶନୀ କ୍ରୀଡ଼ା ହେବ। ପାଖାପାଖି ୨ ସପ୍ତାହ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟର ଖେଳାଳିମାନେ ଅଂଶଗ୍ରହଣ କରିବେ। ଆଦିବାସୀ ସମ୍ପ୍ରଦାୟରୁ ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରି ଲୋକଲୋଚନକୁ ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି।

# ୟୁରୋପିଆନ ଲିଗ୍‌ରେ ଦଳ କିଣିବେ ଦ୍ରାବିଡ-ଅଶ୍ୱିନ

ନୂଆଦିଲ୍ଲୀ, ୬।୩ (ଏଜେନ୍ସି): କ୍ରିକେଟ୍‌ରୁ ଅବସର ନେଇ ସାରିଥିବା ଦୁଇ ଭାରତୀୟ ମହାନ ଖେଳାଳି ରାହୁଲ ଦ୍ରାବିଡ୍ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଏବେ ନୂଆ ଭୂମିକାରେ ଦେଖିବାକୁ ମିଳିବ। ୟୁରୋପିଆନ ଟି-୨୦ ପ୍ରିମିଅର ଲିଗ୍‌ରେ ଦ୍ରାବିଡ୍ ଓ ଅଶ୍ୱିନ ଏକାଠି ମିଶି ଦଳ କିଣିବେ ବୋଲି ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ଏକ ଭାରତୀୟ କମ୍ପାନୀ ସହ ମିଶି ଉଭୟ ସ୍କଟଲାଣ୍ଡର ଗ୍ଲାସଗୋ ଟିମ୍‌କୁ କ୍ରୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଛ’ ଦଳୀୟ ୟୁରୋପିଆନ ପ୍ରିମିଅର ଲିଗ୍ ଆଗାମୀ ଗ୍ରୀଷ୍ମ ଋତୁରେ ଆରମ୍ଭ ହେବ। ଦକ୍ଷିଣ ଆଫ୍ରିକାର ପୂର୍ବତନ ଖେଳାଳି ଫାଫ୍ ଡୁ ପ୍ଲେସିସ, ହେନରିଚ କ୍ଲାସେନ ଓ ଜଣ୍ଟି ରୋଡ୍ସ ମଧ୍ୟ ମିଳିତ ଭାବେ ଏହି ଲିଗ୍‌ରେ ଅନ୍ୟ ଏକ ଟିମ୍ କିଣିବେ ବୋଲି ଜଣାପଡ଼ିଛି। ଚଳିତ ମାସ ଶେଷ ଭାଗରେ ନୂଆ ଫ୍ରାଞ୍ଚାଇଜ ଓ ଏହାର ମାଲିକଙ୍କ ନାମ ଘୋଷଣା କରାଯିବ। ଦ୍ରାବିଡ୍ ୨୦୦୩ରେ ଇଂଲଣ୍ଡର ଦିନିକିଆ ଘରୋଇ ଟୁର୍ଣ୍ଣାମେଣ୍ଟରେ ଏକ ସ୍କଟିଶ ଟିମ୍ ପକ୍ଷରୁ ୧୧ଟି ମ୍ୟାଚ୍ ଖେଳୁଥିଲେ। ଅଶ୍ୱିନ ମାଲିକ ଭାବେ ନିଜ ଦଳ ପକ୍ଷରୁ ଖେଳିବାର ଚର୍ଚ୍ଚା ଜୋର ଧରିଛି।

# ଆଇପିଏଲ୍-୧୯ : ସିଏସକେ, ଏମଆଇ ଜର୍ସି ଉନ୍ମୋଚିତ





ଚେନ୍ନଇ, ୬।୩ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ପୂର୍ବରୁ ଶୁକ୍ରବାର ସର୍ବାଧିକ ୫ଥରର ବିଜେତା ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ) ଓ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ)ର ଜର୍ସି ଉନ୍ମୋଚିତ ହୋଇଯାଇଛି। ଅଧିନାୟକ ଋତୁରାଜ ଗାଏକୱାଡଙ୍କ ସମେତ ବ୍ୟାଟର ଆୟୁଷ ମହାତ୍ରେ, ଏମ୍‌ଡି ଓ ସିଇଓ ଶିନୁ ଅଗରୱାଲ ଚେୟାରମ୍ୟାନ ଧୀରଜ ହିନ୍ଦୁଜା ପ୍ରମୁଖଙ୍କ ଉପସ୍ଥିତିରେ ଚେନ୍ନଇରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସିଏସକେ ଜର୍ସି ଉନ୍ମୋଚନ କରାଯାଇଥିଲା। ଅଫିସିଆଲ୍ ପ୍ରାୟୋଜକ ‘ଅଶୋକ ଲିଲାଣ୍ଡ’ର ଲୋଗୋ ସିଏସକେ ଜର୍ସିର ଛାତିର ଡାହାଣ ପାଶ୍ୱର୍ରେ ରହିଛି। ସିଏସକେ ଦଳ ଗତ ସପ୍ତାହରୁ ଏହା ପ୍ରି-ସିଜନ କ୍ୟାମ୍ପ ଆରମ୍ଭ କରିସାରିଛି। ଯେଉଁଥିରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ସାମିଲ ହୋଇଛନ୍ତି। ଅପରପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଏହାର ଚିରାଚରିତ ନୀଳ ରଙ୍ଗକୁ ବଜାୟ ରଖିଛି। ଜର୍ସିର ଚତୁଃପାଶ୍ୱର୍ରେ ଗୋଲ୍ଡେନ ରଙ୍ଗର ପଟ ରହିଛି। ମାର୍ଚ୍ଚ ୧୨ରୁ ମୁମ୍ବାଇ ଏହାର ପ୍ରି-ସିଜନ କ୍ୟାମ୍ପ ଆରମ୍ଭ କରିବ ବୋଲି ଜଣପଡ଼ିଛି।

**ଆଇଏସ୍‌ଏଲ୍-୧୨: ଓଡ଼ିଶା ଏଫ୍‌ସିର ପ୍ରଥମ ପରାଜୟ**

# ମୋହନ ବାଗାନର ୪ର୍ଥ ବିଜୟ



କୋଲକାତା, ୬।୩ (ଏଜେନ୍ସି): ଚଳିତ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ)ର ଦ୍ୱାଦଶ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଦଳ ପ୍ରଥମ ପରାଜୟବରଣ କରିଛି। ଶୁକ୍ରବାର ସନ୍ଧ୍ୟାରେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଏକପାଖିଆ ମୁକାବିଲାରେ ଘରୋଇ ମୋହନ ବାଗାନ ସୁପର୍ ଜାଏଣ୍ଟ୍‌ସ ୫-୧ ଗୋଲ୍‌ରେ ଓଡ଼ିଶା ଏଫ୍‌ସିକୁ ହରାଇଦେଇଛି। ଅଷ୍ଟ୍ରେଲୀୟ ଷ୍ଟ୍ରାଇକର ଜେମି ମ୍ୟାକ୍‌ଲରେନ ହ୍ୟାଟ୍ରିକ ସହ ସର୍ବାଧିକ ୪ଟି ଗୋଲ୍ ଦେଇ ମୋହନ ବାଗାନକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜେମି ମ୍ୟାଚର ପ୍ରଥମାର୍ଦ୍ଧରେ ୩ଟି (୧୪ତମ, ୨୪ତମ ଓ ୪୫+୨ତମ ମିନିଟ) ଓ ଦ୍ୱିତୀୟାର୍ଦ୍ଧ (୮୮ତମ)ରେ ଆଉ ଏକ ଗୋଲ୍ ଦେଇଥିଲେ। ଆଲବର୍ଟ ରୋଡ୍ରିଗ୍ସ ମୋହନ ବାଗାନ ପାଇଁ ଅନ୍ୟତମ ଗୋଲଟି ଦେଇଥିଲେ। ଅପରପକ୍ଷରେ ୪୩ତମ ମିନିଟରେ ଭ୍ରମଣକାରୀ ଓଡ଼ିଶା ଏଫ୍‌ସି ପକ୍ଷରୁ ରହିମ ଅଲି ଏକମାତ୍ର ଗୋଲଟି ଶୁଝି ଦେଇଥିଲେ।

ଚଳିତ ସିଜନରେ ମୋହନ ବାଗାନର ଏହା ୪ର୍ଥ ମ୍ୟାଚରୁ ୪ର୍ଥ ବିଜୟ ଥିଲା। ମୋଟ୍ ୧୨ ପଏଣ୍ଟ ସହ ମୋହନ ବାଗାନ ୧୪ ଦଳୀୟ ଟେବଲ୍ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଅପରପକ୍ଷରେ ଓଡ଼ିଶା ଏଫ୍‌ସିର ଏହା ୩ୟ ମ୍ୟାଚରୁ ପ୍ରଥମ ପରାଜୟ। ଅନ୍ୟ ଦୁଇଟି ମ୍ୟାଚ୍ ଡ୍ର ରଖିଥିବା ଓଡ଼ିଶା ୨ ପଏଣ୍ଟ ପାଇ ୧୦ମ ସ୍ଥାନକୁ ଖସିଯାଇଛି। ଓଡ଼ିଶା ଏଫ୍‌ସି ପରବର୍ତ୍ତୀ ମ୍ୟାଚରେ ମାର୍ଚ୍ଚ ୧୩ରେ ସ୍ପୋର୍ଟିଂ ଦିଲ୍ଲୀକୁ ଭେଟିବ।

**ଭାରତ-ଅଷ୍ଟ୍ରେଲିଆ ଏକମାତ୍ର ମହିଳା ପିଙ୍କବଲ୍ ଟେଷ୍ଟ**

# ପ୍ରଥମ ଦିବସରେ ୧୩ ୱିକେଟ୍ ପତନ



ପର୍ଥ, ୬।୩ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଏକମାତ୍ର ୪ ଦିବସୀୟ ପିଙ୍କବଲ୍ ଟେଷ୍ଟ ମ୍ୟାଚ୍ ଶୁକ୍ରବାରଠାରୁ ପର୍ଥରେ ଆରମ୍ଭ ହୋଇଛି। ୱାକା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଟେଷ୍ଟ ମ୍ୟାଚର ପ୍ରଥମ ଦିବସରେ ୧୩ଟି ୱିକେଟ୍ ପତନ ଘଟିଛି। ଘରୋଇ ଅଷ୍ଟ୍ରେଲିଆ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୬ଷ୍ଠ ଓଭରରେ ନିର୍ଭରଯୋଗ୍ୟ ବ୍ୟାଟର ସ୍ମୃତି ମନ୍ଧାନା (୪ ରନ)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଭାରତ ୬୨.୪ ଓଭରରେ ୧୯୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଜେମିମା ରୋଡ୍ରିଗ୍ସ ୮୪ ବଲରେ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେଫାଳି ବର୍ମା ୩୫, ପ୍ରତୀକା ରାୱଲ ୧୮, ଅଧିନାୟିକା ହରମନପ୍ରୀତ୍ କୌର ୧୯, ଦୀପ୍ତି ଶର୍ମା ୭, ରିଚା ଘୋଷ ୧୧, ସ୍ନେହ ରାଣା ୫, ଶାୟଲୀ ସତଘରେ ୭, କ୍ରାନ୍ତି ଗୌଡ଼ ୧ ରନ କରିଥିଲେ। ତେବେ ୯ମ ସ୍ଥାନରେ ଆସିଥିବା କାଶଭୀ ଗୌତମ ଅପରାଜିତ ୩୪ ରନର ପାଳି ଖେଳିବା ଯୋଗୁ ଭାରତ ସ୍କୋର ୨୦୦ ରନ ନିକଟତର ହୋଇପାରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆନାବେଲ୍ ସଦରଲାଣ୍ଡ ୪, ଲୁସି ହାମିଲଟନ ୩, ଡାରସି ବ୍ରାଉନ ୨ଟି ୱିକେଟ୍ ନେଇଥିଲେ।

ଜବାବରେ ଅଷ୍ଟ୍ରେଲିଆ ମହିଳା ଦଳ ୨୭ ଓଭରରେ ୩ ୱିକେଟ ହରାଇ ୯୬ ରନ ସଂଗ୍ରହ କରିଛି। ଏଲିସେ ପେରୀ ୪୩ ଓ ସଦରଲାଣ୍ଡ ୨୦ ରନ କରି ଅପରାଜିତ ରହିଛନ୍ତି। ଅଧିନାୟିକା ଆଲିସା ହେଲୀ ୧୩, ଫୋଏବ ଲିଚଫିଲ୍ଡ ୯ ଓ ଜର୍ଜିଆ ଭଲ୍ ୨ ରନରେ ଆଉଟ ହୋଇଛନ୍ତି। ସାୟଲୀଙ୍କୁ ୨ଟି ଓ କ୍ରାନ୍ତିଙ୍କୁ ଗୋଟିଏ ୱିକେଟ ମିଳିଛି। ବଳକା ୭ ୱିକେଟରେ ଅଗ୍ରଣୀ ଲାଗି ଅଷ୍ଟ୍ରେଲିଆ ଆଉ ୧୦୩ ରନ ଆବଶ୍ୟକ କରୁଛି।

**୪ ଭାରତୀୟଙ୍କ ପଦାର୍ପଣ**

ଏହି ମ୍ୟାଚ୍ ଖେଳି ୪ଜଣ ଭାରତୀୟ ମହିଳା କ୍ରିକେଟର୍ ଟେଷ୍ଟ କ୍ୟାରିୟର ଆରମ୍ଭ କରିଛନ୍ତି। ସେମାନେ ହେଲେ ୩ ଦ୍ରୁତ ବୋଲର କାଶଭୀ ଗୌତମ, କ୍ରାନ୍ତି ଗୌଡ଼ ଓ ସାୟଲୀ ସତଘରେ ଏବଂ ବ୍ୟାଟର ପ୍ରତିକା ରାୱଲ। ସାୟଲୀ ପୂର୍ବରୁ ୩ଟି ଦିନିକିଆ, କାଶଭୀ ୬ଟି ଦିନିକିଆ, କ୍ରାନ୍ତି ୧୭ଟି ଦିନିକିଆ ଓ ୬ଟି ଟି-୨୦ ଏବଂ ପ୍ରତୀକା ୨୭ଟି ଦିନିକିଆ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଛି। କିନ୍ତୁ ଏମାନେ କେହି ଟେଷ୍ଟ ସୁଯୋଗ ପାଇ ନ ଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS